

# ବ୍ରହ୍ମବିଦ୍ୟା ସମିତି ଓ ତା'ର ମାର୍ଗଦର୍ଶକ

ସଂ. ମିତାଲିନୀ ଚୌଧୁରୀ

ଉତ୍କଳ ବ୍ରହ୍ମବିଦ୍ୟା ସଂଘ

# ବ୍ରହ୍ମବିଦ୍ୟା ସମିତି ଓ ତା'ର ମାର୍ଗଦର୍ଶକ

ସଂ. ମିତାଲିନୀ ଚୌଧୁରୀ

**ଉତ୍କଳ ବ୍ରହ୍ମବିଦ୍ୟା ସଂଘ**
୩୪୬, ଗୌତମନଗର, ଭୁବନେଶ୍ୱର-୭୫୧୦୧୪

# ବ୍ରହ୍ମବିଦ୍ୟା ସମିତି ଓ
# ତା'ର ମାର୍ଗଦର୍ଶକ

---

**ସଂ. ମିତାଲିନୀ ଚୌଧୁରୀ**

ପ୍ରକାଶକ : **ଉତ୍କଳ ବ୍ରହ୍ମବିଦ୍ୟା ସଂଘ**
୩୪୬, ଗୌତମନଗର, ଭୁବନେଶ୍ୱର-୭୫୧୦୧୪
ପ୍ରକାଶକାଳ :୨୦୨୬
ମୁଦ୍ରଣ : ପଣ୍ଡା ଗ୍ରାଫିକ୍ସ, କଟକ-୯
ମୂଲ୍ୟ : ୧୦୦ଟଙ୍କା

# ମୁଖବନ୍ଧ

ବ୍ରହ୍ମବିଦ୍ୟା ସମିତିର ଗଠନ, ବିକାଶ ଓ ବ୍ରହ୍ମବିଦ୍ୟାର ପ୍ରଚାର ଏବଂ ପ୍ରସାର କରିବାରେ ଅନେକ ସାଧକ ନିଜର ଜୀବନକୁ ଉତ୍ସର୍ଗ କରିଛନ୍ତି । ବ୍ରହ୍ମବିଦ୍ୟା ଜ୍ଞାନର ଗୂଢ଼ ତତ୍ତ୍ୱକୁ ହୃଦୟଙ୍ଗମ କରି ନିଜ ଜୀବନରେ ପ୍ରତିଫଳିତ କରିଛନ୍ତି । ସେମାନେ ନିଜର ନିଷ୍ଠା, ଭକ୍ତି, ସେବା ଓ ସାଧନା ବଳରେ ପ୍ରକୃତିର ଅବ୍ୟାଖ୍ୟାତ ନିୟମ ଓ ମନୁଷ୍ୟର ଅନ୍ତର୍ନିହିତ ଶକ୍ତିକୁ ପ୍ରତ୍ୟକ୍ଷ ଭାବେ ଉପଲବ୍ଧି କରି ତଦନୁସାରେ ସମଗ୍ର ମାନବତାର ଆଧ୍ୟାତ୍ମିକ ଉନ୍ନତି ପାଇଁ ଆପ୍ରାଣ ଉଦ୍ୟମ କରିଛନ୍ତି । ଆଜି ସେମାନେ ସ୍ଥୂଳ ଶରୀରରେ ଆମ୍ଭ ନିକଟରେ ନାହାନ୍ତି ସତ, କିନ୍ତୁ ସେମାନଙ୍କଦ୍ୱାରା ଲିଖିତ ପୁସ୍ତକଗୁଡ଼ିକ ଆମ୍ଭଙ୍କୁ ଦିଗ୍‌ଦର୍ଶନ ଦେଉଅଛି ।

ସେମାନଙ୍କର ତ୍ୟାଗପୂର୍ଣ୍ଣ ଜୀବନ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ । ଏବର୍ଷ ବ୍ରହ୍ମବିଦ୍ୟା ସମିତିର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବ୍ରହ୍ମବିଦ୍ୟାର ସଭ୍ୟମାନେ ଅନେକ ସଭାର ଆୟୋଜନ କରାଇଛନ୍ତି। ବ୍ରହ୍ମବିଦ୍ୟା, ବ୍ରହ୍ମବିଦ୍ୟା ସମିତି ଓ ଏହାର ମାର୍ଗଦର୍ଶକମାନଙ୍କ ବିଷୟରେ ଆଲୋଚନା କରାଯାଇଛି । ଏହି ଅବସରରେ ଉତ୍କଳ ବ୍ରହ୍ମବିଦ୍ୟା ସମିତିର ଆନୁକୂଲ୍ୟରେ ମଧ୍ୟ ନଭେମ୍ବର ୧୭, ବ୍ରହ୍ମବିଦ୍ୟା ସମିତିର ପ୍ରତିଷ୍ଠା ଦିବସରେ ବ୍ରହ୍ମବିଦ୍ୟା ସମିତିର ଗଠନ, ଲକ୍ଷ୍ୟ ଓ ତା'ର ମାର୍ଗଦର୍ଶକମାନଙ୍କ ବିଷୟରେ ଆଲୋଚନା କରାଯାଇଥିଲା । କିନ୍ତୁ ଅଧିକ ସମୟସାପେକ୍ଷ ହେଉଥିବା ହେତୁ ଅନେକ ମାର୍ଗଦର୍ଶକଙ୍କର ଜୀବନୀ ବିଷୟରେ ଆଲୋଚନା ହୋଇପାରିନଥିଲା । ହଠାତ୍ ମନକୁ ଆସିଲା ଆଭାସୀ ଆଲୋଚନା ମାଧ୍ୟମରେ ସେମାନଙ୍କର ଜୀବନୀ ଓ କୃତି ବିଷୟରେ କିଞ୍ଚିତ୍ ଆଲୋଚନା କରିପାରିବା । ସଙ୍ଗେସଙ୍ଗେ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଦେଇ କେତେଜଣ ଭାଇ ଓ ଭଉଣୀଙ୍କୁ ଅନୁରୋଧ କରିଥିଲି ଉକ୍ତ ବିଷୟରେ ଅଧ୍ୟୟନ କରି କହିବାକୁ । ଯାହାହେଉ, ସମସ୍ତେ ସମ୍ମତି ଜଣାଇ ନିଜ ନିଜର ବିଷୟ ଭଲ

ଭାବରେ ପ୍ରସ୍ତୁତ କରି ଅନ୍‌ଲାଇନ୍ କ୍ଲାସ୍‌ରେ ତାହାକୁ ଉପସ୍ଥାପନ କଲେ । ସେଥିପାଇଁ ସମସ୍ତ ବକ୍ତାଙ୍କୁ ମୁଁ ହୃଦୟରୁ କୃତଜ୍ଞତା ଜ୍ଞାପନ କରୁଛି ।

ଡକ୍ଟର ଚିନ୍ମୟୀ ମହାପାତ୍ରଙ୍କ ନିକଟରେ ମୁଁ ଅଧିକ କୃତଜ୍ଞ କାହିଁକି ନା ତାଙ୍କୁ ଯେଉଁ ଦୁଇଜଣ ମାର୍ଗଦର୍ଶକଙ୍କ ଜୀବନୀ ବିଷୟରେ କହିବାକୁ ହେଲା, ସେ ବିଷୟରେ ପୁସ୍ତକ ଭାବରେ କିଛି ନଥିଲା ବା ଆମ୍ଭେ କେବେ ସେ ବିଷୟରେ ଆଲୋଚନା କରିନଥିଲୁ । କିନ୍ତୁ ସେ ସୁନ୍ଦର ଭାବରେ ପ୍ରସ୍ତୁତ କରି ଆଲୋଚନା କରିଥିଲେ । ଦୁଇଦିନ ଲାଗି ଯେଉଁ କ୍ଲାସ୍ କରାଗଲା, ତାହା ନିଶ୍ଚିତ ଭାବରେ ଶ୍ରୋତାମାନଙ୍କୁ ପ୍ରଭାବିତ କରିଥିଲା । ଭାବିଲି ଏ ସମସ୍ତ ବିଷୟକୁ ଯଦି ପୁସ୍ତକ ଆକାରରେ ପ୍ରକାଶ କରିଦେବା, ତା'ହେଲେ ଭବିଷ୍ୟତ ପାଇଁ ଅନେକ ତଥ୍ୟ ମଧ୍ୟ ରହିଯିବ । ଯଦିଓ ପୂର୍ବରୁ ମ୍ୟାଡାମ୍ ବ୍ଲାଭାଟ୍‌ସ୍କି, କର୍ଣ୍ଣେଲ୍ ଅଲ୍‌କଟ୍, ଓ ଆନି ବେସାନ୍ତ୍‌ଙ୍କ ଜୀବନୀ ବିଷୟରେ ପୁସ୍ତକ ଥିଲା, ଅନ୍ୟମାନଙ୍କ ବିଷୟରେ ଓଡ଼ିଆରେ ଲିଖିତ ଭାବରେ ନଥିଲା । ଯାହାହେଉ, ସମସ୍ତ ବକ୍ତା ନିଜ ନିଜର ଲେଖା ଦେବାରୁ ବହିଟି ପ୍ରସ୍ତୁତ କରିବା ସମ୍ଭବ ହେଲା । ଆମର ସଭାପତି ଡ. ଚିତ୍ତରଞ୍ଜନ ଶତପଥୀ ଏବଂ ଉପସଭାପତି ଶ୍ରୀ ପ୍ରଦୀପ କୁମାର ମହାପାତ୍ର ପୁସ୍ତକ ଆକାରରେ ପ୍ରକାଶ କରିବାକୁ ଅନୁମତି ପ୍ରଦାନ କରିଥିବାରୁ ତାଙ୍କୁ ମଧ୍ୟ କୃତଜ୍ଞତା ଜଣାଉଛି । ଡ. ଚିନ୍ମୟୀ ମହାପାତ୍ର ତାଙ୍କର ଅମୂଲ୍ୟ ସମୟ ଦେଇ ବିଷୟବସ୍ତୁଗୁଡ଼ିକୁ ପାଠ କରି ସଂଶୋଧିତ କରିଥିବାରୁ ମୁଁ ତାଙ୍କ ନିକଟରେ ଚିରଋଣୀ ।

ବ୍ରହ୍ମବିଦ୍ୟା ସମିତିର ମାର୍ଗଦର୍ଶକମାନଙ୍କର ଜୀବନୀ ଯଦି ପାଠକ-ପାଠିକାଙ୍କୁ କିଛି ମାତ୍ରାରେ ପ୍ରଭାବିତ କରିବ, ତା'ହେଲେ ଆମ୍ଭମାନଙ୍କର ଶ୍ରମ ସାର୍ଥକ ହେବ ।

**ମିତାଲିନୀ ଚୌଧୁରୀ**
ସଂପାଦିକା, ଉତ୍କଳ ବ୍ରହ୍ମବିଦ୍ୟା ସମିତି
ଭୁବନେଶ୍ୱର

❖❖❖

# ସୂଚୀପତ୍ର

**ବ୍ରହ୍ମବିଦ୍ୟା, ବ୍ରହ୍ମବିଦ୍ୟା ସମିତି ଓ ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ**
ପ୍ରଦୀପ କୁମାର ମହାପାତ୍ର ॥ ୭

**ହେଲେନା ପେଟ୍ରୋଭ୍‌ନା ବ୍ଲାଭାଟ୍‌ସ୍କି ଓ ଥିଓସୋଫି ପ୍ରତି ତାଙ୍କର ଅବଦାନ**
ପୌର୍ଣ୍ଣମାସୀ ପଟ୍ଟନାୟକ ॥ ୧୭

**କର୍ଣ୍ଣେଲ୍ ଅଲ୍‌କଟ୍**
ମିତାଲିନୀ ଚୌଧୁରୀ ॥ ୨୯

**ମହାମନୀଷୀ ଆନି ବେସାନ୍ତ**
ଡକ୍ଟର ଚିନ୍ମୟୀ ମହାପାତ୍ର ॥ ୩୭

**ଚାର୍ଲ୍‌ସ୍ ୱେବ୍‌ଷ୍ଟର୍ ଲେଡ୍‌ବିଟର୍**
ମିତାଲିନୀ ଚୌଧୁରୀ ॥ ୫୫

**ଡକ୍ଟର ଜର୍ଜ୍ ସିଡ୍‌ନି ଅରୁଣ୍ଡେଲ୍**
ଡକ୍ଟର ଚିନ୍ମୟୀ ମହାପାତ୍ର ॥ ୬୪

**ସି. ଜିନାରାଜାଦାସା - ଏକ ଅସାଧାରଣ ମାନବଜୀବନର ଯାତ୍ରା**
ଶୁଭ୍ରଲୀନା ମହାନ୍ତି ॥ ୭୩

**ଯୋଗଜନ୍ମା ନୀଳକଣ୍ଠ ଶ୍ରୀରାମ**
ଡକ୍ଟର ପାର୍ଥସାରଥୀ ପ୍ରସାଦ ଷଡ଼ଙ୍ଗୀ ॥ ୮୧

**ଜନ୍ ବାଲ୍‌ଫୋର୍ ସିମିଂଟନ୍ କୋଟ୍‌ସ୍**
ଡକ୍ଟର ଚିନ୍ମୟୀ ମହାପାତ୍ର ॥ ୯୦

**ରାଧାଜୀ**
ଚିତ୍ତରଞ୍ଜନ ଶତପଥୀ ॥ ୯୮

**ଇକ୍‌ବାଲ୍ କିଷନ୍ ଟାଇମ୍ନି ଓ ବ୍ରହ୍ମବିଦ୍ୟା ସମିତି**
ଧ୍ରୁବ ପ୍ରସାଦ ପଣ୍ଡା ॥ ୧୧୫

**ଉତ୍କଳ ବ୍ରହ୍ମବିଦ୍ୟା ସମିତି ଏବଂ ତାର ମାର୍ଗଦର୍ଶକ**
ମିତାଲିନୀ ଚୌଧୁରୀ ॥ ୧୨୮

❖❖❖

# ବ୍ରହ୍ମବିଦ୍ୟା, ବ୍ରହ୍ମବିଦ୍ୟା ସମିତି ଓ ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ

ପ୍ରଦୀପ କୁମାର ମହାପାତ୍ର

ବ୍ରହ୍ମବିଦ୍ୟା କହିଲେ ଈଶ୍ୱରଙ୍କ ସମ୍ବନ୍ଧୀୟ ଜ୍ଞାନକୁ ବୁଝାଏ । ସଂସାରର ଘାତ-ପ୍ରତିଘାତ ଭିତରେ ଗତି କଲାବେଳେ ମନୁଷ୍ୟ ମନରେ ବହୁ ଜଟିଳ ପ୍ରଶ୍ନ ଜାଗି ଉଠିଥାଏ । ସୃଷ୍ଟିର ରହସ୍ୟ କ'ଣ ? ଏହା କେଉଁଠୁ ଏବଂ କିପରି ଉତ୍ପତ୍ତି ଲାଭ କରିଛି ? ମନୁଷ୍ୟର ସ୍ୱରୂପ କ'ଣ ? ଆମ୍ଭେମାନେ କେଉଁଠାରୁ ଆସିଅଛୁ ଏବଂ ମୃତ୍ୟୁପରେ କେଉଁଠାକୁ ଯିବୁ ? କାହିଁକି ଜଣେ ଦୁଃଖକଷ୍ଟ ଭୋଗକରୁଛି ତ କାହିଁକି ଜଣେ ସୁଖସମ୍ପଦ ଲାଭ କରୁଛି ଇତ୍ୟାଦି । ଏହିସବୁ ଗୂଢ଼ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ବ୍ରହ୍ମବିଦ୍ୟା ହିଁ ଦେଇଥାଏ । ବ୍ରହ୍ମବିଦ୍ୟା ଧର୍ମାଚାର ଓ ଅନ୍ଧବିଶ୍ୱାସରୁ ମୁକ୍ତ । ବୈଜ୍ଞାନିକ ଉପାୟରେ ବୁଝାଯାଇଥିବା ପ୍ରତ୍ୟେକ ବିଷୟ ଆଜିର ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ଆକର୍ଷିତ କରିପାରିଛି । ଏହାର ସିଦ୍ଧାନ୍ତଗୁଡ଼ିକ ଧର୍ମମାନଙ୍କର ମୂଳଭିତ୍ତି । ସେଗୁଡ଼ିକ ହେଲା—

୧. ଏକ ଅନନ୍ତ, ଅସୀମ ଓ ଚିରନ୍ତନ ସତ୍ୟ ରହିଛି, ଏହାର ଅସ୍ତିତ୍ୱକୁ ବୌଦ୍ଧିକ ସ୍ତରରେ ଉପଲବ୍ଧି କରି ହୁଏନାହିଁ, କାରଣ ଏହା ଅବ୍ୟକ୍ତ ।

୨. ଏହି ଅବ୍ୟକ୍ତରୁ ବ୍ୟକ୍ତ ସୃଷ୍ଟିର ଉତ୍ପତ୍ତି । ପ୍ରଥମେ ଏହା ଏକତ୍ୱରୁ ଦ୍ୱୈତ ଓ ଦ୍ୱୈତରୁ ତ୍ରିବିଧ ଭାବରେ ପ୍ରକାଶିତ ହୁଏ ।

୩. ସମଗ୍ର ବିଶ୍ୱ ଓ ଏହାମଧ୍ୟରେ ଥିବା ପ୍ରତ୍ୟେକ ପଦାର୍ଥ ଈଶ୍ୱରଙ୍କର ଆତ୍ମପ୍ରକାଶ ମାତ୍ର ।

୪. ଅସାଧାରଣ ଶକ୍ତିସମ୍ପନ୍ନ, ଶୁଦ୍ଧ, ମୁକ୍ତ, ମହାପୁରୁଷମାନେ ସୃଷ୍ଟିର ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ ଭଗବାନଙ୍କର ପ୍ରତିନିଧି ଭାବରେ କାର୍ଯ୍ୟ କରନ୍ତି ।

୫. ଭଗବାନଙ୍କ ପରି ମନୁଷ୍ୟର ଅନ୍ତର୍ନିହିତ ସତ୍ତା ବା ଆତ୍ମା ମଧ୍ୟ ଚିରନ୍ତନ ଓ ଐଶୀ ଶକ୍ତିସମ୍ପନ୍ନ ।

୬. ପୁନର୍ଜନ୍ମଦ୍ୱାରା ମନୁଷ୍ୟର ଆଧ୍ୟାତ୍ମିକ କ୍ରମବିକାଶ ହୁଏ । ଏହି ପୁନର୍ଜନ୍ମ ମନୁଷ୍ୟର କାମନା ବାସନା ହେତୁ ହୋଇଥାଏ ଓ ଏହା କର୍ମର ନିୟମ ଅନୁସାରେ ଭୂଲୋକ, କାମଲୋକ ଓ ସ୍ୱର୍ଗଲୋକ ମଧ୍ୟ ଦେଇ ଗତି କରୁଥାଏ । ଆଧ୍ୟାତ୍ମିକ ଜ୍ଞାନ ଓ ତ୍ୟାଗମୟ ଜୀବନଦ୍ୱାରା ମନୁଷ୍ୟ ମୁକ୍ତିଲାଭ କରେ । ଅର୍ଥାତ୍ ଯେଉଁ ଐଶୀଶକ୍ତି ପ୍ରଚ୍ଛନ୍ନ ଭାବରେ ରହିଥାଏ ତାହା ପୂର୍ଣ୍ଣଭାବରେ ପ୍ରକାଶିତ ହୁଏ ।

୭. ଉଲ୍ଲିଖିତ ତଥ୍ୟଗୁଡ଼ିକ ଅଧ୍ୟୟନ କରି ଅନ୍ତର୍ନିହିତ ସୁପ୍ତ ଆଧ୍ୟାତ୍ମିକ ଶକ୍ତିର କ୍ଷିପ୍ର ବିକାଶ ପାଇଁ ଦେହ, ମନ ଓ ପ୍ରାଣକୁ ନିୟନ୍ତ୍ରଣ କରିବା ହିଁ ମନୁଷ୍ୟର ପ୍ରଧାନ କର୍ତ୍ତବ୍ୟ ।

## ବ୍ରହ୍ମବିଦ୍ୟାର ତିନୋଟି ସତ୍ୟ :

୧. ମନୁଷ୍ୟର ଆତ୍ମା ଅବିନଶ୍ୱର ଏବଂ ଏହାର ଭବିଷ୍ୟତ ଏପରି ଏକ ବସ୍ତୁ ବା ବିଷୟର ଭବିଷ୍ୟତ ଯାହାର କ୍ରମବର୍ଦ୍ଧନ ଏବଂ ଦୀପ୍ତିର କୌଣସି ସୀମା ନାହିଁ।

୨. ଜୀବନଦାୟୀ ତତ୍ତ୍ୱ ଆମ ଭିତରେ ଓ ବାହାରେ ସର୍ବତ୍ର ବିରାଜିତ । ଏହି ତତ୍ତ୍ୱ ଅବିନାଶୀ ଓ ଶାଶ୍ୱତ, ଚିରକଲ୍ୟାଣମୟ ଅଟେ । ଏହାକୁ ନା ଶୁଣାଯାଇପାରେ, ନା ଦେଖାଯାଇପାରେ ନା ଆଘ୍ରାଣ କରାଯାଇପାରେ; କିନ୍ତୁ ଯେ ତାକୁ ଜାଣିବାକୁ ଚାହିଁବ ସେ ତାକୁ ଜାଣିପାରେ ।

୩. ପ୍ରତ୍ୟେକ ମଣିଷ ତା' ନିଜ ପାଇଁ ସଂପୂର୍ଣ୍ଣ ନିୟମ ପ୍ରଦାୟକ, ତା' ନିଜ ପାଇଁ ଗୌରବ ଅଥବା ବିଷାଦର ବିତରକ; ତା'ର ପୁରସ୍କାର ବା ତା'ର ଦଣ୍ଡବିଧାନର ବିଧାନକର୍ତ୍ତା ।

## ବ୍ରହ୍ମବିଦ୍ୟା ଏକ ଧର୍ମ ନୁହେଁ :

ବ୍ରହ୍ମବିଦ୍ୟା ଏକ ଧର୍ମ ନୁହେଁ; କିନ୍ତୁ ଏହା ସବୁଧର୍ମର ମୂଳତତ୍ତ୍ୱ । ଯୁଗ ଯୁଗ ଧରି ମାନବଜାତି କ୍ରମବିକାଶ ପଥରେ ଆଗେଇ ଚାଲିବାଦ୍ୱାରା ସେମାନଙ୍କର ମାନସ ଏବଂ ବୁଦ୍ଧିର ସ୍ତର ବହୁତ ଉନ୍ନତ ହୋଇଚାଲୁଛି । ସେମାନଙ୍କର ମାନସ ଏବଂ ବୁଦ୍ଧିର ସ୍ତରକୁ ଦେଖି ସମୟାନୁକ୍ରମେ ଧର୍ମର ଆବଶ୍ୟକତା ହୋଇଥାଏ । ବର୍ତ୍ତମାନ ମାନବର ମାନସ ଏବଂ ବୁଦ୍ଧିର ସ୍ତର ତାର ପୂର୍ବପୁରୁଷଙ୍କଠାରୁ ବହୁତ ଉନ୍ନତ ।

ଏଥିଲାଗି ସେମାନଙ୍କର ପୂର୍ବପୁରୁଷମାନଙ୍କ ଅପେକ୍ଷା ସେମାନେ ଉଚ୍ଚତର ସତ୍ୟସବୁ ଅଧିକ ଭଲଭାବରେ ବୁଝିପାରୁଛନ୍ତି । ସେମାନଙ୍କ ପାଇଁ କର୍ମକାଣ୍ଡ, ବାହ୍ୟଆଡ଼ମ୍ବର ଏବଂ ଅନ୍ଧବିଶ୍ୱାସରୁ ମୁକ୍ତ ହୋଇ ସବୁଧର୍ମର ମୂଳତତ୍ତ୍ୱକୁ ନେଇ ଗଢ଼ିଉଠିଛି ବ୍ରହ୍ମବିଦ୍ୟା । ସବୁ ଧର୍ମରେ ସେହି ଏକପ୍ରକାର ନୀତିବାଣୀ ଓ ଆଧ୍ୟାତ୍ମିକତା ଉପରେ ଜୋର ଦିଆଯାଇଛି ଯଦ୍ଦ୍ୱାରା ମାନବସମାଜ ନିଷ୍କପଟ, ନିଃସ୍ୱାର୍ଥପର ଓ ନିର୍ମଳ ଜୀବନଯାପନ କରି ଆତ୍ମାକୁ ଉପଲବ୍ଧି କରିପାରିବ ଓ ସମଗ୍ର ସୃଷ୍ଟି ଓ ସ୍ରଷ୍ଟାଙ୍କ ମଧ୍ୟରେ ଏକତ୍ୱ ଅନୁଭବ କରି ସାର୍ବଜନୀନ ପ୍ରେମରେ ଉଦ୍‌ବୁଦ୍ଧ ହେବ ।

## ବ୍ରହ୍ମବିଦ୍ୟା ସମିତି :

୧୮୭୫ ମସିହା ନଭେମ୍ବର ୧୭ ତାରିଖ ଦିନ ନ୍ୟୁୟର୍କ ମହାନଗରୀରେ ବ୍ରହ୍ମବିଦ୍ୟା ସମିତିର ଭିତ୍ତି ସ୍ଥାପନ କରାଯାଇଥିଲା । ଏହି ସମିତି ସ୍ଥାପନା କରିବା ପଛରେ ଶ୍ୱେତରଷିସଂଘର ଦୁଇଜଣ ମହାନ୍ ଋଷିଙ୍କର ହାତ ଥିଲା । ସେ ଦୁହେଁ ହେଉଛନ୍ତି ଋଷି ଦେବାପି ଏବଂ ଋଷି ମରୁ । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ମାନବ ନିଜର ମୂଳମନ୍ତ୍ରକୁ ଭୁଲି ଅତ୍ୟଧିକ ବସ୍ତୁବାଦୀ ହୋଇଉଠିଲା । ଆଧ୍ୟାତ୍ମିକ ଜ୍ଞାନର ମୂଳପୀଠ ପ୍ରାଚ୍ୟ ଦେଶମାନେ ମଧ୍ୟ ଏହି ବସ୍ତୁବାଦୀ ସଭ୍ୟତାକୁ ଗ୍ରହଣ କରିବାକୁ ଲାଗିଲେ । ଧର୍ମ ନାମରେ କୁସଂସ୍କାର, ମତାନ୍ଧତା, ସାମ୍ପ୍ରଦାୟିକତାର ପ୍ରସାର ହେତୁ ତାହା ଭୌତିକ ସଭ୍ୟତାର ପଥରୋଧ କରିପାରିଲା ନାହିଁ । ପୃଥିବୀବାସୀଙ୍କ ପାଇଁ ଏହା ଘୋର ଦୁର୍ଦ୍ଦିନର କାରଣ ହୋଇଉଠିଥିଲା । ସେଥିପାଇଁ ପୃଥିବୀର ଆଭ୍ୟନ୍ତରୀଣ ଶାସକ ଗୋଷ୍ଠୀ ପୃଥିବୀବାସୀଙ୍କୁ ଏଥିରୁ ରକ୍ଷା କରିବା ପାଇଁ ଏବଂ ଚିରନ୍ତନ ସତ୍ୟର ଏକ ନୂତନ ଦିଗ୍‌ଦର୍ଶନ ଦେବାପାଇଁ ପ୍ରଗାଢ଼ ଉଦ୍ୟମ କରିଚାଲିଲେ । ଏହି ମହାନ୍ ଋଷିଦ୍ୱୟ କାର୍ଯ୍ୟର ଭାର ବହନ କଲେ । ସାରା ପୃଥିବୀରେ ଏହି କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ସେ ଉପଯୁକ୍ତ ଶିଷ୍ୟ ଖୋଜିଲେ । ସେପରି ଉପଯୁକ୍ତ ଶିଷ୍ୟ ଯାହାର କୌଣସି ଧର୍ମ, ଜାତି, ଦେଶ ପ୍ରତି ବିଦ୍ୱେଷଭାବ ନ ଥିବ ଖୋଜିବାକୁ ତାଙ୍କୁ ପ୍ରାୟ ଶହେ ବର୍ଷ ଲାଗିଯାଇଥିଲା । ଶେଷରେ ଜଣେ ଋଷୀୟ ମହିଳା ମ୍ୟାଡାମ୍ ବ୍ଲାଭଟ୍‌ସ୍କି ଏବଂ ଆମେରିକୀୟ ଭଦ୍ରବ୍ୟକ୍ତି କର୍ଣ୍ଣେଲ ଅଲ୍‌କଟ୍‌ଙ୍କୁ କାର୍ଯ୍ୟର ଭାର ଦେଇଥିଲେ । ମ୍ୟାଡାମ୍ ବ୍ଲାଭାଟ୍‌ସ୍କି ଏବଂ କର୍ଣ୍ଣେଲ୍ ଅଲ୍‌କଟ୍ ଯେଭଳି ନିଃସ୍ୱାର୍ଥପର ସେଭଳି ସାହସୀ ଓ ପ୍ରେମମୟ । ସେମାନଙ୍କର ପ୍ରଗାଢ଼ ଉଦ୍ୟମ ଓ ଦୃଢ଼ସଂକଳ୍ପ ବଳରେ ପୃଥିବୀର

ବହୁ ଦେଶରେ ଏହି ସମିତିର ଶାଖା ସ୍ଥାପନ କରାଯାଇଥିଲା । ସମୟକ୍ରମେ ବହୁ ମହାନ୍ ଆତ୍ମା ଏ କାର୍ଯ୍ୟକୁ ଆଗେଇ ନେଇଥିଲେ । ସେମାନଙ୍କ ମଧ୍ୟରେ ଆନି ବେସାନ୍ତ୍, ଲେଡ୍‌ବିଟର୍, ଟି. ସୁବାରାଓ, ଅରୁଣ୍ଡେଲ୍, ସି ଜିନାରାଜାଦାସା, ଜନ୍ କୋଟ୍‌ସ୍, ଏନ୍. ଶ୍ରୀରାମ, ରାଧା ବର୍ଣ୍ଣିୟର ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ ।

**ବ୍ରହ୍ମବିଦ୍ୟା ସମିତିର ଲକ୍ଷ୍ୟ :**

୧. ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ମନୁଷ୍ୟ ଜାତିର ସାର୍ବଜନୀନ ଭ୍ରାତୃତ୍ୱର ମୂଳଦୁଆ ପକାଇବା ।

୨. ଦର୍ଶନ, ବିଜ୍ଞାନ ଓ ବିଭିନ୍ନ ଧର୍ମଶାସ୍ତ୍ରମାନଙ୍କର ତୁଳନାତ୍ମକ ଅଧ୍ୟୟନକୁ ଉତ୍ସାହିତ କରିବା ।

୩. ପ୍ରକୃତିର ଅବ୍ୟାଖ୍ୟାତ ନିୟମ ସବୁର ଓ ମନୁଷ୍ୟର ଅନ୍ତର୍ନିହିତ ଶକ୍ତିର ଅନୁଧ୍ୟାନ ଓ ଅନୁଶୀଳନ କରିବା ।

ଯେଉଁମାନେ ସମିତିର ୩ଟି ମୂଳଲକ୍ଷ୍ୟ ସହିତ ଏକମତ ହୁଅନ୍ତି, ସେମାନଙ୍କୁ ହିଁ ସମିତିର ସଦସ୍ୟ ହେବା ପାଇଁ ଗ୍ରହଣ କରାଯାଏ । ବ୍ରହ୍ମବିଦ୍ୟା ସମିତି ଏକ ବିଶ୍ୱବ୍ୟାପୀ ସଂଗଠନ, ଯେଉଁଥିରେ କି ବିଶ୍ୱର ସମସ୍ତ ଦେଶର ନାଗରିକ ସଦସ୍ୟ ଅଛନ୍ତି । ସଦସ୍ୟ ହେବାପାଇଁ ଜାତି, ଧର୍ମ, ବର୍ଣ୍ଣ ଓ ଶ୍ରେଣୀର ବିଚାର ନାହିଁ । ବ୍ରହ୍ମବିଦ୍ୟା ସମିତିର ସଦସ୍ୟମାନେ ସମିତିର ୩ଟି ମୂଳଲକ୍ଷ୍ୟଦ୍ୱାରା ଏକ ହୋଇ ସଦ୍‌ଗ୍ରନ୍ଥ ପଠନ କରିଥା'ନ୍ତି ଓ ଆହରଣ କରୁଥିବା ସତ୍ୟ ଓ ଜ୍ଞାନକୁ ନିଜ ନିଜ ମଧ୍ୟରେ ଆଦାନପ୍ରଦାନ କରନ୍ତି ।

'ସତ୍ୟାତ୍ ନାସ୍ତି ପରୋଧର୍ମ', ବାସ୍ତବରେ ସତ୍ୟଠାରୁ ବଳି ବଡ଼ଧର୍ମ ନାହିଁ । -(There is no religion higher than truth) ଏହାକୁ କର୍ଣ୍ଣେଲ ଅଲ୍‌କଟ୍ ମୁଖ୍ୟ ଆଭିମୁଖ୍ୟ ରୂପେ ସ୍ୱୀକାର କରିଥିଲେ ।

**ଚିନ୍ତାର ଅପ୍ରତିହତ ସ୍ୱାଧୀନତା :**

ଏହି ସମିତିର ଆନୁଷ୍ଠାନିକ ପ୍ରସ୍ତାବରେ (Resolution) ସ୍ପଷ୍ଟ କରିଦିଆଯାଇଛି ଯେ, ଏହା କୌଣସି ବ୍ୟକ୍ତିଙ୍କ ମତକୁ ଶେଷ ସିଦ୍ଧାନ୍ତ ଭାବରେ ଗ୍ରହଣ କରେ ନାହିଁ । ସେ ପ୍ରତିଷ୍ଠାତ୍ରୀ ମାନନୀୟା ଏଚ୍.ପି.ବି. ହୁଅନ୍ତୁ ବା ଡ. ଆନିବେସାନ୍ତ ହୁଅନ୍ତୁ । ଏହାର

କାରଣ ହେଉଛି କୌଣସି ମତକୁ ଅନ୍ଧ ଭାବରେ ଅନୁସରଣ କରିବା ମନୁଷ୍ୟର ବୁଦ୍ଧି ବିକାଶର ପରିପନ୍ଥୀ ।

ପ୍ରତ୍ୟେକ ସଭ୍ୟ ନିଜେ ନିଜର ଅଧ୍ୟୟନ, ବିଚାରଶକ୍ତି, ଅଭିଜ୍ଞତା ଓ ଅନ୍ତର୍ଜ୍ଞାନ ଦ୍ୱାରା କୌଣସି ତଥ୍ୟର ସତ୍ୟାସତ୍ୟ ନିର୍ଣ୍ଣୟ କରାଇବେ । ପ୍ରତ୍ୟେକ ସଭ୍ୟ ନିଜେ ନିଜର ମତରେ ସ୍ୱାଧୀନ ରହିବା ସଙ୍ଗେସଙ୍ଗେ ଅନ୍ୟକୁ ମଧ୍ୟ ସେ ସୁଯୋଗରୁ ବଞ୍ଚିତ କରାଇବେ ନାହିଁ । ସେଥିପାଇଁ ବ୍ରହ୍ମବିଦ୍ୟାର ୩ଟି ସୁବର୍ଣ୍ଣ ପୁସ୍ତିକାର ପ୍ରଥମ ପୁସ୍ତକ 'At the Feet of the Master' ରେ ଲେଖାଅଛି– "ତୁମ ନିଜ ଶକ୍ତିରେ ବିଶ୍ୱାସ ରଖିବା ସର୍ବଥା କର୍ତ୍ତବ୍ୟ । ତୁମେ ଭାବୁଛ ତୁମେ ନିଜକୁ ଖୁବ୍ ଭଲ ଭାବରେ ଜାଣିଛ ? ଯଦି ତୁମେ ଏପରି ଭାବୁଥାଅ ତେବେ ତୁମେ ନିଜକୁ ଜାଣିନାହଁ । କେବଳ ତୁମର ବାହାରର ଦୁର୍ବଳ ଆସ୍ତରଣଟିକୁ ତୁମେ ଜାଣିଛ, ଯାହା ଅତୀତରେ ବହୁ କର୍ଦ୍ଦମରେ ପତିତ ଓ ଲିପ୍ତ ହୋଇଯାଇଛି । କିନ୍ତୁ ବ୍ରହ୍ମାଗ୍ନିର ସ୍ଫୁଲିଙ୍ଗ ଯେଉଁ ତୁମେ, ଯାହା ଭିତରେ ସର୍ବଶକ୍ତିମାନ ପରମାତ୍ମା ବିରାଜିତ ଅଛନ୍ତି, ସେହି ତୁମେ ଇଚ୍ଛା କଲେ କ'ଣ ନ କରିପାରିବ, ଏପରି କିଛି ଅଛି ? ତୁମେ ନିଜକୁ କୁହ, "ମନୁଷ୍ୟ ମାତ୍ରେ ହିଁ ତାହା କରିପାରେ । ମୁଁ କେବଳ ଜଣେ ମନୁଷ୍ୟ ନୁହେଁ, ଅନ୍ତରରେ ଈଶ୍ୱରଙ୍କୁ ବହନ କରୁଥିବା ଏକ ମନୁଷ୍ୟ । ମୁଁ ଏ କାର୍ଯ୍ୟ କରିପାରିବି ଏବଂ ନିଶ୍ଚୟ କରିବି ।"

**କର୍ମକର୍ତ୍ତା :**

ବ୍ରହ୍ମବିଦ୍ୟା ସମିତି ଏକ ଆନ୍ତର୍ଜାତିକ ସମିତି (Internation Theosophical Society) ଏହି ସମିତିର ଶାଖା (Section) ଅନେକ ଦେଶରେ ଅଛି । ଏହି ଶାଖା (Section) ଅଧୀନରେ ବିଭିନ୍ନ ପ୍ରାଦେଶିକ ସଂଘ (Federation) ଅଛି । ଏପରି ପ୍ରାଦେଶିକ ସଂଘ (Federation) ଅଧୀନରେ ଅନେକଗୁଡ଼ିଏ ଲଜ୍ (Lodge) ଥାଏ । ପ୍ରତ୍ୟେକ ଲଜ୍ ଏକ ଏକ ସ୍ୱତନ୍ତ୍ର ଅନୁଷ୍ଠାନ । ପ୍ରତ୍ୟେକ ଲଜ୍ ନିଜ ନିଜର ନିୟମ, ସମିତିର ମୂଳ ଲକ୍ଷ୍ୟକୁ ଆଦର୍ଶ କରି ତିଆରି କରନ୍ତି । ଏହି ସମିତିର ସଭ୍ୟମାନେ ନିଜ ନିଜର କର୍ମକର୍ତ୍ତା ନିର୍ବାଚନ କରନ୍ତି, ଯେଉଁମାନେ କି ସମିତିର ମୂଳ ଲକ୍ଷ୍ୟକୁ ନେଇ କାର୍ଯ୍ୟ କରନ୍ତି । ଲଜ୍, ପ୍ରାଦେଶିକ ସଂଘ, ଦେଶର ଶାଖା ସବୁ ସ୍ୱୟଂସଂପୂର୍ଣ୍ଣ ହେଲେ ହେଁ ସଭ୍ୟମାନଙ୍କ ଭିତରେ ଭଲ ସଂପର୍କ ଥାଏ, ଏଠାରେ ଉଚ୍ଚ କର୍ମକର୍ତ୍ତା ଏବଂ ସଭ୍ୟମାନଙ୍କ ଭିତରେ ଉଚ୍ଚନୀଚର ଭେଦଭାବ ନ

ଥାଏ । ସେମାନଙ୍କ ପାଇଁ ଫୁଲତୋଡ଼ା, ଆଲୋକ ସଜ୍ଜା ବା ମଖମଲ ଆସନର ଆବଶ୍ୟକତା ନ ଥାଏ । ତାଙ୍କର ବେଶପୋଷାକ ମଧ୍ୟ ସାଧାରଣ ଜନତାଙ୍କ ପରି । ସାଧାରଣ ଜନତାଙ୍କ ଭିତରେ ସେ ମିଶିଯାନ୍ତି । ସବୁରି ଭିତରେ ସେ ନିଜକୁ ଦେଖନ୍ତି । ତେଣୁ ଏଠାରେ ଉଚ୍ଚନୀଚର ପ୍ରଶ୍ନ ନାହିଁ । ଯେଉଁଠି ଉଚ୍ଚନୀଚର ଭେଦଭାବ ନାହିଁ, ଯେଉଁଠି ଏକ ଜୀବନ କାର୍ଯ୍ୟ କରିଥାଏ ସେଠାରେ ସମ୍ମାନ ଏବଂ ସାଷ୍ଟାଙ୍ଗ ପ୍ରଣିପାତର ସ୍ଥାନ ନାହିଁ । ବିଶ୍ୱଭ୍ରାତୃତ୍ୱର ଜ୍ୱଳନ୍ତ ଦୃଷ୍ଟାନ୍ତ ବ୍ରହ୍ମବିଦ୍ୟା ସମିତିରେ ଦେଖିବାକୁ ମିଳେ।

ଆନ୍ତର୍ଜାତିକ ବ୍ରହ୍ମବିଦ୍ୟା ସମିତିର ସଭାପତି ପ୍ରତି ୭ ବର୍ଷରେ ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । କର୍ଣ୍ଣେଲ ଏଚ୍.ଏସ୍.ଅଲ୍‌କଟ୍ ବ୍ରହ୍ମବିଦ୍ୟା ସମିତିର ପ୍ରଥମ ସଭାପତି । ସମୟାନୁକ୍ରମେ ଆନି ବେସାନ୍ତ୍ (୧୧୯୦୭-୧୯୩୩) ଜି.ଏସ୍.ଅରୁଣ୍ଡେଲ୍ (୧୯୩୪-୧୯୪୫), ସି ଜିନାରାଜାଦାସା (୧୯୪୭-୧୯୫୩), ଏନ୍ ଶ୍ରୀରାମ୍ (୧୯୫୩-୧୯୭୩), ଜନ୍ ବି.ଏସ୍. କୋଟସ୍ (୧୯୭୩-୧୯୭୯) ଓ ଶ୍ରୀମତୀ ରାଧା ବର୍ଣ୍ଣିୟର୍ (୧୯୮୦-୨୦୧୩) ସଭାପତି ଥିଲେ । ଶ୍ରୀ ଟିମ୍ ବୟଡ଼ ୨୦୧୩ ମସିହାଠାରୁ ସଭାପତି ଅଛନ୍ତି ।

ସଭାପତିଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଉପସଭାପତି, ସେକ୍ରେଟାରୀ ଇତ୍ୟାଦି ରହିଅଛନ୍ତି । ଆମ ଦେଶରେ ବ୍ରହ୍ମବିଦ୍ୟା ସମିତି ବାରାଣସୀର କାମାଛାଠାରେ ୧୮୯୦ ମସିହା ନଭେମ୍ବର ୧୭ ତାରିଖରେ ବିଧିବଦ୍ଧ ଭାବରେ ଖୋଲାଯାଇଥିଲା ।

## ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ :

ବ୍ରହ୍ମବିଦ୍ୟା ସମିତିର ମୁଖ୍ୟ କାର୍ଯ୍ୟାଳୟ ଚେନ୍ନାଇ ମହାନଗରୀର ଆଡ଼ାୟାରରେ ଅବସ୍ଥିତ । ତିନିଶହ ଏକରରୁ ଉର୍ଦ୍ଧ୍ୱ ସବୁଜବନାନୀ-ବେଷ୍ଟିତ ଏହି ସ୍ଥାନର ଗୋଟିଏ ପାର୍ଶ୍ୱରେ ଆଡାୟାର ନଦୀ ଏବଂ ଅନ୍ୟ ପାର୍ଶ୍ୱରେ ବଙ୍ଗୋପସାଗର । କେତେ ଶିଳା ପ୍ରସ୍ତର ଭେଦକରି ନଦୀ ତାର ଲକ୍ଷ୍ୟପଥରେ ଆଗେଇଯାଇ ଏହିଠାରେ ସମୁଦ୍ର ସହିତ ଏକାକାର ହୋଇଯାଇଛି । ସେହିପରି ବହୁ ଆଧ୍ୟାତ୍ମିକ ଅଭୀପ୍ସୁଗଣ ବହୁ ଘାତପ୍ରତିଘାତ ସହ୍ୟ କରି କଠୋର ସାଧନା ବଳରେ ଏହିଠାରେ ଆତ୍ମୋପଲବ୍ଧି କରିପାରିଛନ୍ତି । ଶାନ୍ତ, ସୁନ୍ଦର, ଆନନ୍ଦମୟ ଏହି ସ୍ଥାନଟି ଅଧିକ ପ୍ରଭାବଶାଳୀ ହୋଇଉଠିଥିଲା ବହୁ ମହାମନୀଷୀମାନଙ୍କର ତପସ୍ୟା ବଳରେ । ଯଦି କୌଣସି ସ୍ଥାନରେ କେହି ମହାତ୍ମା ବା ମହାପୁରୁଷ ବହୁକାଳ ବାସ କରି ଧର୍ମ, ଦର୍ଶନ ଇତ୍ୟାଦି ଚର୍ଚ୍ଚା ଏବଂ ସାଧନା

କରନ୍ତି, ତେବେ ସେ ସ୍ଥାନର ଏକ ମାହାତ୍ମ୍ୟ ରହିଯାଏ, ଯଦ୍ଦ୍ୱାରା ସେ ସ୍ଥାନକୁ ଯାଉଥିବା ଲୋକମାନେ ପ୍ରଭାବିତ ହୁଅନ୍ତି । ଆଡାୟାରରେ ସେପରି ପ୍ରଭାବିତ ହେବାର ଅନେକେ କୁହନ୍ତି ।

ପ୍ରତିବର୍ଷ ଡିସେମ୍ବର ୨୬ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଏଠାରେ ଆନ୍ତର୍ଜାତିକ ବ୍ରହ୍ମବିଦ୍ୟା ସମିତିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଥିଲା । ବର୍ତ୍ତମାନ ଡିସେମ୍ବର ୩୧ତାରିଖଠୁ ଜାନୁୟାରୀ ୫ ତାରିଖ ପର୍ଯ୍ୟନ୍ତ ଆଡାୟାର ଥିଏଟରରେ ସବୁଦେଶର ସଭ୍ୟ ଏକତ୍ରିତ ହୋଇ ସବୁଧର୍ମର ପ୍ରାର୍ଥନାର ଆବୃତ୍ତି କରନ୍ତି । ଶେଷରେ ସଭାପତି ଆନି ବେସାନ୍ତ୍‌ଙ୍କ ଲିଖିତ ସାର୍ବାଜନୀନ ପ୍ରାର୍ଥନା (Universla Prayer) କରନ୍ତି ଓ ଅନ୍ୟମାନେ ତାଙ୍କର ଅନୁସରଣ କରନ୍ତି ।

ତତ୍‌ପରେ ଧର୍ମ, ଦର୍ଶନ ଉପରେ ଆଲୋଚନା ହୁଏ । ବିଭିନ୍ନ ଦେଶର ସଭାପତି, ସେକ୍ରେଟାରୀ ଏବଂ ଜାତୀୟ ପ୍ରବକ୍ତା ଇତ୍ୟାଦି ଧର୍ମ, ଦର୍ଶନ ଏବଂ ବିଜ୍ଞାନ ଉପରେ ଆଲୋଚନା କରନ୍ତି ।

ବିଭିନ୍ନ କାର୍ଯ୍ୟ ପାଇଁ ଆଡ୍ୟାର୍‌ରେ ଥିବା ଅଟ୍ଟାଳିକା ଭିତରୁ Headquarters Building, Blavastky Bungalow,Leadbeater chambers, Bhojanasala, Library Building, Theosophical Publishing House ପ୍ରଧାନ ।

ଏହାଛଡ଼ା The Buddhist shrine, Garden of Remembrance ଓ ସବୁ ଧର୍ମର ପୂଜାସ୍ଥଳୀଗୁଡ଼ିକ ଆଡାୟାରର ଦର୍ଶନୀୟ ସ୍ଥାନ ଭିତରେ ଗଣାଯାଏ ।

**Headquarters Building :**

ଏହି ଗୃହଟି ଯେପରି ସୁନ୍ଦର ସେପରି ଗୁରୁତ୍ୱପୂର୍ଣ୍ଣ । ଏଠାରେ ଯେଉଁ ଯେଉଁ ଦେଶରେ ସମିତିର ଶାଖା ଅଛି ସେସବୁ ଦେଶର ଜାତୀୟ ପତାକା ଏବଂ ସବୁଧର୍ମର ପ୍ରବର୍ତ୍ତକଙ୍କ ମୂର୍ତ୍ତି ରହିଅଛି । ଆମର ପ୍ରତିଷ୍ଠାତ୍ରୀ ମ୍ୟାଡାମ୍ ବ୍ଲାଭାଟ୍‌ସ୍କି ଏବଂ ପ୍ରଥମ ସଭାପତି କର୍ଣ୍ଣେଲ୍ ଅଲ୍‌କଟ୍‌ଙ୍କ ମୂର୍ତ୍ତି ମଧ୍ୟ ରହିଅଛି । ଏହିଠାରେ ବହୁ ମହାମନୀଷୀଙ୍କର ସମାବେଶରେ ଅଧ୍ୟାତ୍ମିକ ଆଲୋଚନା ହୋଇଆସୁଛି । ଏହାର ଗୋଟିଏ ପାର୍ଶ୍ୱରେ ବହୁ ପୁରାତନ ମୂଲ୍ୟବାନ ଜିନିଷ, ଲେଖା, ଫଟୋ ରଖାଯାଇଅଛି । ଏହି ଗୃହର ଉପର ମହଲାରେ ମାନନୀୟା ବ୍ଲାଭାଟ୍‌ସ୍କି, କର୍ଣ୍ଣେଲ ଅଲ୍‌କଟ୍, ଆନି ବେସାନ୍ତ୍ ଏବଂ

ଜେ. କ୍ରିଷ୍ଣମୂର୍ତ୍ତି ବାସ କରୁଥିଲେ । ସେମାନଙ୍କର ଆସବାବପତ୍ର ଏବେ ମଧ୍ୟ ସାଇତା ହୋଇ ରଖାଯାଇଛି ।

**Blavatsky Bungalow :**

ଅତି ପୁରାତନ ଏବଂ ବିସ୍ତାରିତ ବଟବୃକ୍ଷର ନିକଟରେ ଏହି ଅଟ୍ଟାଳିକା ଅବସ୍ଥିତ । ଏହି ଅଟ୍ଟାଳିକାଟି ଯେପରି ଆକର୍ଷଣୀୟ ସେହିପରି ପ୍ରଭାବଶାଳୀ । ଏଠାରେ ସି. ଜିନାରାଜାଦାସା, (ଚତୁର୍ଥ ଆନ୍ତର୍ଜାତୀୟ ଅଧ୍ୟକ୍ଷ) ୧୯୪୯ ମସିହାରେ School of Wisdom Class ଆରମ୍ଭ କରିଥିଲେ । କାଳକ୍ରମେ ଏନ୍. ଶ୍ରୀରାମ, ଜନ୍ କୋଟ୍ସ୍ ଏବଂ ଶ୍ରୀମତୀ ରାଧା ବର୍ଣ୍ଣିୟରଙ୍କ ତତ୍ତ୍ୱାବଧାନରେ School of Wisdom ଚାଲିଅଛି । ପୃଥିବୀର ବହୁ ଆଧ୍ୟାତ୍ମିକ ଅଭୀପ୍ସୁ ଏଥିରେ ଯୋଗ ଦେଇ ମନୁଷ୍ୟ ଜୀବନର ଗୂଢ଼ରହସ୍ୟ ଓ ସୃଷ୍ଟି-ସ୍ରଷ୍ଟାଙ୍କ ବିଷୟରେ ଶିକ୍ଷା ଲାଭ କରନ୍ତି । ଆନ୍ତର୍ଜାତିକ ବାର୍ଷିକ ଉତ୍ସବ ସମୟରେ ଏଠାରେ ବହୁ ସଭ୍ୟ ରହିଥାନ୍ତି ।

**Leadbeater Chambers :**

୧୯୧୦ ମସିହାରେ ତିନିମହଲା ବିଶିଷ୍ଟ ଏହି ସୁନ୍ଦର ଗୃହଟି ନିର୍ମାଣ କରାଯାଇଥିଲା । ଏହି ଗୃହର ଚତୁପାର୍ଶ୍ୱର ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର । ଏଠାରେ ଖରା କି ଶୀତର ପ୍ରଖର ପ୍ରଭାବ ନ ଥାଏ । ସମୁଦ୍ର, ନଦୀ ଏବଂ ସବୁଜ ବନାନୀର ମଳୟ ପବନ ପ୍ରଭାବିତ ହୋଇ ସ୍ଥାନଟିକୁ ସତେଜ ଏବଂ ଋଦ୍ଧିମନ୍ତ କରି ତୋଳେ ।

**Library :**

Adyar Library ପୃଥିବୀ ପ୍ରସିଦ୍ଧ । ଏଠାରେ ସବୁ ଧର୍ମ, ଦର୍ଶନ ଏବଂ ସବୁ ଭାଷାର ବହୁ ପୁରାତନ ଗ୍ରନ୍ଥ ରହିଅଛି । ବିଭିନ୍ନ ଦେଶରୁ ସଂଗୃହୀତ ୨୦,୦୦୦ରୁ ଊର୍ଦ୍ଧ୍ୱ ତାଳପତ୍ର ପୋଥି ମଧ୍ୟ ରହିଅଛି । ଧର୍ମ, ଦର୍ଶନ, ବିଜ୍ଞାନ ଇତ୍ୟାଦି ଗବେଷଣାର ଏହା କେନ୍ଦ୍ରସ୍ଥଳ । କର୍ଣ୍ଣେଲ ଅଲ୍‌କଟ୍ ଭାରତବର୍ଷ, ଶ୍ରୀଲଙ୍କା, ଜାପାନରେ ବ୍ରହ୍ମବିଦ୍ୟା ପ୍ରଚାର କରି ପ୍ରତି ରାଜ୍ୟକୁ ଯାଇଥିଲେ । ରାଜା, ମହାରାଜାମାନଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ । ସେମାନେ ତାଙ୍କ ନିକଟରେ ଥିବା ପୁରାତନ ଗ୍ରନ୍ଥ, ପୁରାଣ ଇତ୍ୟାଦି ଭେଟି ଦେଇଥିଲେ । ଜାପାନ ଏବଂ ଶ୍ରୀଲଙ୍କାରୁ ମଧ୍ୟ ବୁଦ୍ଧଙ୍କର ତ୍ରିପିଟକ ଏବଂ ମୂର୍ତ୍ତି ଦେଇଥିଲେ ଯାହା ସାଇତା ହୋଇ ରଖାଯାଇଛି ।

ସବୁ ଧର୍ମକୁ ସମ୍ମାନ ଦେଇ ଏବଂ ସବୁଧର୍ମର ଲୋକଙ୍କୁ ସ୍ୱାଧୀନତା ଦେଇ ଆଡାୟାରରେ ଗଢ଼ିଉଠିଛି ଭାରତ ସମାଜ ପୂଜା ମନ୍ଦିର, ମସ୍‌ଜିଦ୍, ଗୀର୍ଜା ଏବଂ ଚର୍ଚ୍ଚ୍ । ଏହିଠାରେ ଯିଏ ଯାହାର ଇଷ୍ଟଙ୍କର ଉପାସନା କରନ୍ତି । ଏପରି ଏକ ସ୍ଥାନ ପୃଥିବୀରେ ବିରଳ । ବିଶ୍ୱଭ୍ରାତୃତ୍ୱର ପ୍ରକୃତ ରୂପାୟନ ଏହିଠାରେ ହିଁ ହୋଇପାରିଛି ।

ଦୀନ ଦରିଦ୍ର ଓ ଅସହାୟ ପିଲାମାନଙ୍କର ଶିକ୍ଷା ପାଇଁ ଅଲ୍‌କଟ୍ ସ୍କୁଲ୍ ଏବଂ ବ୍ଲାଭାଟ୍‌ସ୍କି ଛାତ୍ରାବାସ ସ୍ଥାପନା କରାଯାଇଛି । ପିଲାମାନଙ୍କୁ ପାଠପଢ଼ା ସହିତ ବହୁ ବୈଷୟିକ ଏବଂ ଆଧ୍ୟାତ୍ମିକ ବିଦ୍ୟା ମଧ୍ୟ ଶିକ୍ଷା ଦିଆଯାଏ । ଦେଶ-ବିଦେଶର ସଭ୍ୟମାନଙ୍କର ସାହାଯ୍ୟରେ ଏହି ଅନୁଷ୍ଠାନଟି କାର୍ଯ୍ୟକାରୀ ହେଉଅଛି ।

ବ୍ରହ୍ମବିଦ୍ୟା ସମିତି କେବଳ ଯେ ମଣିଷର ଉନ୍ନତି ଲାଗି ପ୍ରୟାସ କରେ ତାହା ନୁହେଁ, ପଶୁ, ପକ୍ଷୀ, ଉଦ୍ଭିଦମାନଙ୍କର ଉନ୍ନତି ପାଇଁ ମଧ୍ୟ ବହୁ କାର୍ଯ୍ୟ କରିଥାଏ । ରୁଗ୍‌ଣ ପଶୁପକ୍ଷୀମାନଙ୍କର ଯତ୍ନ ନେଇ ତାଙ୍କୁ ଭଲ କରି ମୁକ୍ତ କରି ଦିଆଯାଏ । ବହୁ ପୁରୁଣା ବଡ଼ବଡ଼ ବୃକ୍ଷ ଏଠାରେ ଦେଖିବାକୁ ମିଳେ । କୌଣସି କାରଣରୁ ଭାଙ୍ଗିଯାଇଥିବା ବୃକ୍ଷର ଡାଳଗୁଡ଼ିକୁ ଯତ୍ନର ସହିତ ବାନ୍ଧି ତଳୁ ଭାରା ଦିଆଯାଇ ଯୋଡ଼ି ଦିଆଯାଇଥାଏ । ପୃଥିବୀର ପ୍ରସିଦ୍ଧ ବଟବୃକ୍ଷ ଏହିଠାରେ ରହିଅଛି ।

୪୫୦ ବର୍ଷରୁ ଊର୍ଦ୍ଧ୍ୱ ବରଗଛଟି ବହୁ ଆଗନ୍ତୁକଙ୍କୁ ଆକର୍ଷିତ କରିଥାଏ । ଗଛଟିର ମୁଖ୍ୟ ଚେର କେବେଠାରୁ ବିଲୀନ ହୋଇଗଲାଣି । ତଥାପି ଗଛଟିର ବିସ୍ତାର ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ।

ଏହି ଗଛ ମୂଳରେ ଶହଶହ ଲୋକ ଏକଜୁଟ୍ ହୋଇ ବହୁବାର ଆଧ୍ୟାତ୍ମିକ ଆଲୋଚନା କରିଛନ୍ତି । ୧୯୦୯ ମସିହାରେ ଡ. ଆନି ବେସାନ୍ତ୍ ଏହିଠାରେ ତାଙ୍କର ଭାଷଣ ଦେଇଥିଲେ । ୧୯୩୫ ମସିହାରେ ଏହିଠାରେ Diamond Jubilee Convention ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଭାରତରେ ପ୍ରଥମ ଥର ପାଇଁ Loud speaker ର ବ୍ୟବହାର ହୋଇଥିଲା । ଜେ. କ୍ରିଷ୍ଣମୂର୍ତ୍ତି, ମହାତ୍ମାଗାନ୍ଧୀ, ଦଲାଇଲାମା ପ୍ରଭୃତି ମହାତ୍ମାମାନେ ଏଠାରେ ବକ୍ତୃତା ଦେଇଥିଲେ ଏବଂ ଶୁଣୁଥିଲେ ମଧ୍ୟ । Baden Powell ଡ. ଆନିବେସାନ୍ତଙ୍କୁ ସ୍କାଉଟ୍‌ର୍ ପ୍ରବର୍ତ୍ତକ ସ୍ୱରୂପ 'Silver wolf' ସମ୍ମାନରେ ସମ୍ମାନିତ କରିଥିଲେ । ମହାନ୍ ଆତ୍ମାମାନଙ୍କର ପ୍ରଭାବରେ

ପ୍ରଭାବିତ ହୋଇ ଆଜି ପର୍ଯ୍ୟନ୍ତ ବହୁ ପଥିକଙ୍କୁ ଶାନ୍ତି ଆନନ୍ଦ ଦେଇଚାଲିଛି ଏହି ସୁନ୍ଦର ଶାନ୍ତ ବିଶାଳ ବୃକ୍ଷଟି ।

ପ୍ରକୃତିର ସୌନ୍ଦର୍ଯ୍ୟରେ ଭରପୂର ଏହି ଶାନ୍ତ, ନିରୋଳା ସ୍ଥାନଟି ବହୁ ଆଧ୍ୟାତ୍ମିକ ଅଭୀପ୍ସୁଙ୍କୁ ସାହାଯ୍ୟ କରିଛି ତାଙ୍କର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ।

ଡ. ଆନି ବେସାନ୍ତ୍ କହିଛନ୍ତି – Adyar is a heart of peace, resting on the Power, Wisdom and Activity that rule our world and outgoing in vibrant streams, energizing every good activity.

ଜେ. କ୍ରିଷ୍ଣମୂର୍ତ୍ତି କହିଛନ୍ତି – " I have visited many wonderful lands and seen many a famous sight, but there is none equal to the extraordinary intangible something of our Adyar. There is an atmosphere there that does not exist in many a Church and temple and there is a presence there that we expect to perceive in a sacred shrine. One can become a God or a pitiful sinner at Adyar. It is a wonderous spot and it must be maintained as though it were a holy shrine."

ସଭାପତି ମାନନୀୟ ରାଧା ବର୍ଣ୍ଣିୟର କହିଛନ୍ତି – "Adyar has proved to be true asrama for within it there has always existed the presence, example and instruction to dissipate doubt and fear. Its atmosphere gives stability to those inner movements in the individual which take him nearer to the reailization of peace and freedom. There is something of the atmosphere of the Eternal in its tranquality."

ସବୁ ବର୍ଷ ଫେବୃୟାରୀ ୧୭ ତାରିଖକୁ ବ୍ରହ୍ମବିଦ୍ୟା ସମିତିରେ 'ଆଡାୟାର ଦିବସ' ଭାବେ ପାଳନ କରାଯାଏ । ସେଦିନ ସଭ୍ୟମାନେ ସ୍ନେହ-ଶ୍ରଦ୍ଧାର ସହିତ ଆଡାୟାର କଥା ମନେପକାଇଥାନ୍ତି ।

**ବ୍ରହ୍ମବିଦ୍ୟା ପୁସ୍ତକରୁ ଗୃହୀତ**

❖❖❖



# ହେଲେନା ପେଟ୍ରୋଭ୍ନା ବ୍ଲାଭାଟ୍‌ସ୍କି ଓ ଥିଓସୋଫି ପ୍ରତି ତାଙ୍କର ଅବଦାନ

ପୌର୍ଣ୍ଣମାସୀ ପଟ୍ଟନାୟକ

ଊନବିଂଶ ଶତାବ୍ଦୀର ଆଧ୍ୟାତ୍ମିକ, ଧର୍ମ ଓ ଦର୍ଶନ ଜଗତରେ ଯେଉଁ କେତେକ ମହାନ୍ ବ୍ୟକ୍ତିତ୍ୱ ସାରା ପୃଥିବୀର ଚିନ୍ତାଧାରାକୁ ଗଭୀର ଭାବେ ପ୍ରଭାବିତ କରି ବିଜ୍ଞାନ-ଧର୍ମ-ଦର୍ଶନର ସମନ୍ୱୟଭିତ୍ତିକ ଜ୍ଞାନ ପ୍ରଦାନ କରି ମାନବ ସମାଜକୁ ଉଦ୍‌ବୁଦ୍ଧ କରିଛନ୍ତି, ସେମାନଙ୍କ ମଧ୍ୟରେ ହେଲେନା ପେଟ୍ରୋଭ୍ନା ବ୍ଲାଭାଟ୍‌ସ୍କି ଅନ୍ୟତମ । ଏହି ଋଷୀୟ ମହିୟସୀ ମହିଳା ଆମେରିକାବାସୀ କର୍ଣ୍ଣେଲ ହେନେରୀ ଷ୍ଟିଲ୍ ଅଲ୍‌କଟ୍ ଓ ଅନ୍ୟାନ୍ୟ ୧୬ ଜଣ ସହଯୋଗୀଙ୍କ ସହିତ ମିଳିତ ଭାବେ ୧୮୭୫ ମସିହାରେ ଥିଓସୋଫିକାଲ୍ ସୋସାଇଟିର ସ୍ଥାପନା କରି ଏହା ମାଧ୍ୟମରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶର ଆଧ୍ୟାତ୍ମିକ ଜ୍ଞାନକୁ ଏକ ସୂତ୍ରରେ ଗ୍ରଥିତ କରି ମାନବତାକୁ ଏକତା, ସହିଷ୍ଣୁତା, ବିଶ୍ୱଭ୍ରାତୃତ୍ୱ ଓ ଆତ୍ମଜ୍ଞାନର ପଥ ଦେଖାଇଥିଲେ ।

ଚଳିତ ବର୍ଷ ଏହି ଥିଓସୋଫିକରାଲ ସୋସାଇଟିର ୧୫୦ ବର୍ଷର ଗୌରବମୟ ଉତ୍ତରାଧିକାର ଉତ୍ସବ ଆନ୍ତର୍ଜାତିକ, ଜାତୀୟ ଓ ରାଜ୍ୟସ୍ତରରେ ବ୍ରହ୍ମବିଦ୍ୟା ସମିତିର

ସଭ୍ୟ-ସଭ୍ୟାବୃନ୍ଦଙ୍କଦ୍ୱାରା ବିଭିନ୍ନ ଆଲୋଚନାଚକ୍ର, ଅଧ୍ୟୟନ ଶିବିର, ବ୍ରହ୍ମବିଦ୍ୟା ସମ୍ବନ୍ଧୀୟ ପୁସ୍ତକ ଉନ୍ମୋଚନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହେଉଛି ।

ଥିଓସୋଫିକାଲ ସୋସାଇଟିର ପ୍ରତିଷ୍ଠାତ୍ରୀ ହେଲେନା ପେଟ୍ରୋଭ୍ନା ବ୍ଲାଭାଟ୍‌ସ୍କି ମ୍ୟାଡାମ୍ ବ୍ଲାଭାଟ୍‌ସ୍କି ବା ଏଚ୍.ପି.ବି. ନାମରେ ବିଶେଷ ଭାବେ ଆଦୃତ । ଏହି ଯୋଗଜନ୍ମା, ସତ୍ୟଦର୍ଶୀ, ଅତୀନ୍ଦ୍ରିୟଶକ୍ତିସମ୍ପନ୍ନା, ତ୍ୟାଗମୟୀ, ନିର୍ଭୀକା, ପ୍ରେମମୟୀ ପରମସାଧିକା ମହିଳାଙ୍କ ଜନ୍ମ ୧୮୩୧ ମସିହା ଅଗଷ୍ଟ ୧୨ ତାରିଖ ଋଷର ଏକାଟ୍ରିନୋସ୍ଲାଭରେ ହୋଇଥିଲା । ପିତା ପିଟର୍ ଆଲେକ୍ସିଭିଚ୍ ବାନ୍‌ହାନ୍ ସୀମାବାହିନୀର କର୍ଣ୍ଣେଲ୍ ଥିଲେ ଓ ମାତା ହେଲେନା ଆଣ୍ଡ୍ରେଭ୍ନା ଜଣେ ପ୍ରସିଦ୍ଧ ଔପନ୍ୟାସିକା ଥିଲେ । ମାତାଙ୍କର ସାହିତ୍ୟ ପ୍ରତିଭା ଓ ପିତାଙ୍କର ଶାସକ ପୃଷ୍ଠଭୂମି ତାଙ୍କ ଜୀବନ ଗଢ଼ିବାରେ ପ୍ରଭାବ ପକାଇଥିଲା । ଶିଶୁ ବୟସରୁ ବ୍ଲାଭାଟ୍‌ସ୍କି ଅସାଧାରଣ ଜିଜ୍ଞାସାପରାୟଣ ଓ ଅତ୍ୟନ୍ତ ସାହସୀ ଥିଲେ । ସେ ଅଜଣା ବିଷୟ ପ୍ରତି ଆଗ୍ରହ ପ୍ରଦର୍ଶନ କରୁଥିଲେ । ଅନ୍ୟ ଶିଶୁମାନେ ଯେତେବେଳେ ସାଧାରଣ କଣ୍ଢେଇ ଖେଳ ଇତ୍ୟାଦିରେ ମନ ଦେଉଥିଲେ, ବ୍ଲାଭାଟ୍‌ସ୍କି ପୁରାତନ କଥା, ପ୍ରାକୃତିକ ରହସ୍ୟ, ଆତ୍ମା ଓ ଜୀବନର ଗୁପ୍ତତତ୍ତ୍ୱ, ଭୂତପ୍ରେତ ଓ ଅଦୃଶ୍ୟ ଜଗତ ବିଷୟରେ ଶୁଣିବାକୁ ବେଶି ଆକର୍ଷିତ ହେଉଥିଲେ । ପିଲାଦିନରୁ ସେ ଜଣେ ପ୍ରତିଭାବାନ୍ ପିଆନୋବାଦିକା ଭାବେ ପରିଚିତ ଥିଲେ । ତାଙ୍କର ଔପଚାରିକ ଶିକ୍ଷା ସୀମିତ ଥିଲା । ତାଙ୍କର ସ୍ୱାଧୀନ ତଥା ନିର୍ଭୀକ ମନୋବୃତ୍ତି ତାଙ୍କୁ ବିଧିବଦ୍ଧ ଶିକ୍ଷାରୁ ନିବୃତ୍ତ କରିଥିଲା । ସେ ଘଣ୍ଟା ଘଣ୍ଟା ଧରି ତାଙ୍କ ଘରର ବଗିଚା ମଧ୍ୟରେ ଥିବା ଭଙ୍ଗାଘର ଓ ଭଙ୍ଗା ମନ୍ଦିର ଭିତରେ ବସି ଅଦୃଶ୍ୟ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରୁଥିଲେ । ମୃତ ପଶୁପକ୍ଷୀଙ୍କ କଙ୍କାଳ ପାଖରେ ବସି ସେଗୁଡ଼ିକ ସହ ନିଜର ଆତ୍ମୀୟ ଭଳି କଥାବାର୍ତ୍ତା କରୁଥିଲେ । ବ୍ଲାଭାଟ୍‌ସ୍କିଙ୍କର ଆଉ ଏକ ରହସ୍ୟମୟ ଦିଗ ହେଉଛି ଯେ ସେ ପାଶ୍ଚାତ୍ୟ ଦେଶରେ ଜନ୍ମ ହୋଇଥିଲେ ମଧ୍ୟ ପ୍ରାଚ୍ୟର ସିଦ୍ଧପୁରୁଷଙ୍କ ସମ୍ବନ୍ଧରେ ବହୁ ତଥ୍ୟ ପ୍ରକାଶ କରୁଥିଲେ । ଜଣେ ସିଦ୍ଧପୁରୁଷ ତାଙ୍କୁ ପିଲାବେଳୁ ଅନେକ ବିପଦରୁ ରକ୍ଷା କରୁଥିଲେ । ମାତ୍ର ୧୪ ବର୍ଷ ବୟସରେ ଥରେ ଯେ ଘୋଡ଼ା ଚଢ଼ି ଯାଉଥିବାବେଳେ ହଠାତ୍ ଘୋଡ଼ାରୁ ପଡ଼ିଯାଉଥିଲାବେଳେ ସେ ଅନୁଭବ କରିଥିଲେ, ଯେପରି ଜଣେ ଅଜ୍ଞାତ ବ୍ୟକ୍ତି ତାଙ୍କୁ ଶୂନ୍ୟରୁ ଧରିଛନ୍ତି ଓ ତାଙ୍କୁ ତଳେ ପଡ଼ିଯିବାକୁ ଦେଉନାହାନ୍ତି । ତାଙ୍କର ଜୀବନୀ

ପାଠ କଲେ ଏହିପରି ଅନେକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳେ । ୧୮୪୮ ମସିହାରେ ମାତ୍ର ୧୬ ବର୍ଷ ବୟସରେ ତାଙ୍କର ବିବାହ ଜଣେ ଋଷୀୟ ବୟସ୍କ ସାମରିକ ଅଫିସର ଜେନେରାଲ୍ ନିକିଫର୍ ବ୍ଲାଭାଟ୍‌ସ୍କିଙ୍କ ସହ ହୋଇଥିଲା; କିନ୍ତୁ ଏହା ଅତ୍ୟନ୍ତ ସ୍ୱଳ୍ପ ସମୟ ପାଇଁ ତିଷ୍ଠି ରହିଥିଲା । ସ୍ୱାଧୀନତା ପ୍ରତି ତୀବ୍ର ଆକାଂକ୍ଷା ଓ ଭବିଷ୍ୟତରେ ତାଙ୍କଦ୍ୱାରା ମାନବ ସମାଜ ଲାଗି ଯେଉଁ ବିରାଟ କାର୍ଯ୍ୟ ସମ୍ପାଦନ ହେବ ସେଥିପାଇଁ ବୋଧହୁଏ ତାଙ୍କର ବୈବାହିକ ଜୀବନର ଅନ୍ତ ଘଟିଥିଲା । ସେ ନିଜକୁ ତାଙ୍କ ଘରୋଇ ଜୀବନରୁ ଦୂରେଇ ନେଇ ଜ୍ଞାନ ସନ୍ଧାନରେ ଭ୍ରମଣକୁ ନିଜ ଜୀବନର ଲକ୍ଷ୍ୟ ରୂପେ ଗ୍ରହଣ କରିଥିଲେ ।

ମ୍ୟାଡାମ୍ ବ୍ଲାଭାଟ୍‌ସ୍କିଙ୍କ ଜୀବନର ସବୁଠାରୁ ଭିନ୍ନ ଓ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ତାଙ୍କର ବ୍ୟାପକ ବିଶ୍ୱଭ୍ରମଣ । ସେ ଇଉରୋପ, ଆମେରିକା, ମିଶର, ଗ୍ରୀସ୍, ତୁର୍କୀ, ପର୍ସିଆ, ତିବ୍ବତ ଓ ଭାରତ ଇତ୍ୟାଦି ଦେଶରେ ଭ୍ରମଣ କରିଥିଲେ । ଏହି ଯାତ୍ରାଗୁଡ଼ିକର ଉଦ୍ଦେଶ୍ୟ କେବଳ ଦେଶଭ୍ରମଣ ନୁହେଁ, ବରଂ ପୁରାତନ ଆଧ୍ୟାତ୍ମିକ ଜ୍ଞାନର ଅନ୍ୱେଷଣ ଥିଲା । ତାଙ୍କର ଏହି ଯାତ୍ରା ଆଧୁନିକ ବିଶ୍ୱରେ ପ୍ରାଚୀନ ଜ୍ଞାନର ଆଲୋକ ପ୍ରଜ୍ୱଳିତ କରିଥିଲା । ଯେଉଁ ସମୟରେ ବସ୍ତୁବାଦ ପ୍ରବଳ ରୂପେ ପ୍ରଭାବ ବିସ୍ତାର କରିଥିଲା ଏବଂ ଧର୍ମ ଓ ବିଜ୍ଞାନ ପରସ୍ପରର ବିରୋଧୀ ଭାବରେ ଦେଖାଯାଉଥିଲା, ବ୍ଲାଭାଟ୍‌ସ୍କି ସେଥିମଧ୍ୟରେ ଏକ ସେତୁ ନିର୍ମାଣ କରିବାକୁ ଚେଷ୍ଟା କରିଥିଲେ ।

ମ୍ୟାଡାମ୍ ବ୍ଲାଭାଟ୍‌ସ୍କି ୧୮୪୮-୧୮୪୯ ମସିହାରେ ଇଜିପ୍ଟରେ ଜଣେ ଅଭିଜ୍ଞ ସାଧକଙ୍କ ପାଖରୁ ଯାଦୁବିଦ୍ୟା ଶିକ୍ଷାଲାଭ କରିଥିଲେ । ୧୮୪୯ ମସିହାରେ ସେ ଲେବାନନ୍‌ସ୍ଥିତ ଏକ ଗୁହ୍ୟ ଅନୁଷ୍ଠାନରେ ଯୋଗଦେଇଥିଲେ ।

୧୮୫୧ ମସିହାରେ ତାଙ୍କୁ ଯେତେବେଳେ ୨୦ ବର୍ଷ ବୟସ ହୋଇଥିଲା ସେ ତାଙ୍କ ପିତାଙ୍କ ସହ ଲଣ୍ଡନରେ ରହୁଥିଲେ । ଥରେ ସେ ଲଣ୍ଡନର Hyde Park ରେ ଭ୍ରମଣ କରୁଥିବା ସମୟରେ ତାଙ୍କର ବାଲ୍ୟକାଳରେ ବହୁବାର ସ୍ୱପ୍ନରେ ଦେଖିଥିବା ଜଣେ ଦୀର୍ଘକାୟ ହିନ୍ଦୁ ରାଜପୁତ୍ ବ୍ୟକ୍ତିଙ୍କ ସହ ଭେଟ ହୋଇଥିଲା । ଏହି ମହାନ୍ ବ୍ୟକ୍ତିଙ୍କୁ ବ୍ଲାଭାଟ୍‌ସ୍କି ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । କାରଣ ଏ ସେହି ମହାତ୍ମା ଯେ କି ତାଙ୍କୁ ବାଲ୍ୟକାଳରୁ ଆଜିପର୍ଯ୍ୟନ୍ତ ବିଭିନ୍ନ ବିଷମ ପରିସ୍ଥିତି ଓ ବିପଦରୁ ରକ୍ଷା କରି ଆସୁଥିଲେ । ସେହି ବ୍ୟକ୍ତି ପ୍ରକୃତରେ ତାଙ୍କର ଗୁରୁଦେବ ଥିଲେ । Hyde

Park ରେ ଗୁରୁଦେବ ତାଙ୍କୁ କହିଥିଲେ ଯେ ସେ କେତେକ ଭାରତୀୟ ରାଜକୁମାରଙ୍କ ସହ ଏକ ମହତ୍ତ୍ୱପୂର୍ଣ୍ଣ ଅଭିଯାନରେ ଆସିଛନ୍ତି ଓ ସେହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସମ୍ପାଦନ ପାଇଁ ପ୍ରସ୍ତୁତ ରହିବାକୁ ତାଙ୍କୁ ସୂଚନା ଦେଇଥିଲେ । ସେହିଠାରେ ଥିଓସୋଫିକାଲ୍ ସୋସାଇଟିର ସ୍ଥାପନା କିପରି କରାଯିବ ସେ ସମ୍ବନ୍ଧରେ ସୂଚନା ଦେଇ ବିଶ୍ୱବ୍ୟାପୀ କାର୍ଯ୍ୟର ରୂପରେଖ ବିଷୟରେ ଆଲୋଚନା କରିଥିଲେ । ଏହା ମଧ୍ୟ କହିଥିଲେ– "ତୁମ୍ଭର ଜନ୍ମ ସଂସାରର କଲ୍ୟାଣ ପାଇଁ ହୋଇଅଛି । ତୁମକୁ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିବ । ଏଥିପାଇଁ ତୁମକୁ ଭବିଷ୍ୟତରେ ଅନେକ କଠିନ ସମସ୍ୟା ଓ ବିଷମ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ । ଏପରିକି ବିଭିନ୍ନ ନିର୍ଯ୍ୟାତନା ଓ ମାନସିକ ଉତ୍ପୀଡ଼ନ ମଧ୍ୟ ଦେଇ ଗତି କରିବାକୁ ପଡ଼ିବ ଓ ଏଥିପାଇଁ ତୁମକୁ ପ୍ରଶିକ୍ଷଣ ନେବାପାଇଁ ତିବ୍ବତ ଯିବାକୁ ପଡ଼ିବ । ଅଦମ୍ୟ ସାହସୀ ଓ ତ୍ୟାଗମୟୀ ମ୍ୟାଡାମ୍ ବ୍ଲାଭାଟ୍‌ସ୍କି ଗୁରୁଦେବଙ୍କ ନିକଟରେ ତାଙ୍କର ସହମତି ପ୍ରକାଶ କରିଥିଲେ । ଏହିଠାରେ ହିଁ ଆରମ୍ଭ ହୋଇଥିଲା ଥିଓସୋଫିକାଲ ସୋସାଇଟି ପ୍ରତିଷ୍ଠାର ବୀଜରୋପଣ ଓ ତାଙ୍କର ନିରବଚ୍ଛିନ୍ନ ଆଧ୍ୟାତ୍ମିକ ଯାତ୍ରା ।

ବ୍ଲାଭାଟ୍‌ସ୍କି, ହିମାଳୟର ଶ୍ୱେତଋଷି ସଂଘର ମହାତ୍ମାଗଣଙ୍କ କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ଏକ ମାଧ୍ୟମ (Channel) ସଦୃଶ ଥିଲେ । ମହାତ୍ମାଗଣଙ୍କୁ (ଗୁରୁମଣ୍ଡଳୀ) ତାଙ୍କୁ ମନୋନୀତ କରିବା ନିମନ୍ତେ ପ୍ରାୟ ଏକଶତ ବର୍ଷ ଲାଗିଥିଲା । ସେମାନେ ଜାଣିଥିଲେ ଯେ କିଛି ଅପରିପକ୍ୱତା ସତ୍ତ୍ୱେ ପ୍ରାଚ୍ୟ ଜ୍ଞାନର ସତ୍ୟ ପଶ୍ଚିମ ଦେଶରେ ପ୍ରସାର ନିମନ୍ତେ ବ୍ଲାଭାଟ୍‌ସ୍କିଙ୍କ ଠାରୁ ଆଉ କେହି ଅଧିକ ଦକ୍ଷ ବ୍ୟକ୍ତି ସେହି ସମୟରେ ପୃଥିବୀରେ ଉପଲବ୍ଧ ନାହାନ୍ତି । ତାଙ୍କର ଅଦମ୍ୟ ସାହସ, ସତ୍ୟ ପ୍ରତି ଗଭୀର ଅନୁରାଗ, ନିଷ୍ଠା, ଅଧ୍ୟବସାୟ, ତ୍ୟାଗ, ସାଧନା, ନିଃସ୍ୱାର୍ଥପରତା ଓ ଆତ୍ମତ୍ୟାଗ ଇତ୍ୟାଦି ଗୁଣଗୁଡ଼ିକ ଗୁରୁମଣ୍ଡଳୀଙ୍କ କାର୍ଯ୍ୟ ସମ୍ପାଦନରେ ବିଶେଷ ସହାୟକ ଥିଲା । ଏହି ପରିପ୍ରେକ୍ଷୀରେ ଜଣେ ମହାତ୍ମା ଲେଖିଛନ୍ତି– "ବାହ୍ୟ ରୁକ୍ଷ ପ୍ରକୃତି ଅନ୍ତରାଳରେ ଏକ ପବିତ୍ର, ଶୁଦ୍ଧ, ଆତ୍ମା.... ଶରୀରର ବାହ୍ୟ ଆବରଣର ତ୍ୱଚା ତଳେ ଛପି ରହିଥିବା ଦିବ୍ୟ ପ୍ରକାଶର ଆଭାରେ ଯେକୌଣସି ବ୍ୟକ୍ତି ଆଚମ୍ବିତ ହୋଇଯିବ । ସତ୍ୟର ମହାନ୍ ଆଦର୍ଶ ପ୍ରତି ପୂର୍ଣ୍ଣ ସମର୍ପଣ ସହ ସେ ନିଜ ହୃଦୟର ରକ୍ତରେ ନିଜକୁ ବଳିଦାନ କରି ଦେଇଛନ୍ତି ।" ଗୁରୁଦେବଙ୍କର ନିର୍ଦ୍ଦେଶ ପାଇବା

ପରେ ବ୍ଲାଭାଟ୍‌ସ୍କି ତିବ୍ବତରେ ପ୍ରବେଶ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ୧୮୫୨ରୁ ୧୮୬୯ ମସିହା ମଧ୍ୟରେ ବ୍ଲାଭାଟ୍‌ସ୍କି ପ୍ରକୃତିର ବିଭିନ୍ନ ଗୂଢ଼ତତ୍ତ୍ୱକୁ ଅନୁସନ୍ଧାନ କରି ନିଜ ମଧ୍ୟରେ ଥିବା ଅତିନ୍ଦ୍ରୀୟ ତଥା ଐଶ୍ୱରୀୟ ଶକ୍ତିକୁ ନିଜ ଇଚ୍ଛାନୁଯାୟୀ ବିନିଯୋଗ କରିବାର ସାମର୍ଥ୍ୟ ଲାଭ କରିଥିଲେ । ବିଭିନ୍ନ ଦାର୍ଶନିକ ସଂଗଠନ ସହ ଜଡ଼ିତ ରହି ମନୁଷ୍ୟ ଓ ବିଶ୍ୱ ମଧ୍ୟରେ ଥିବା ଗଭୀର ସମ୍ପର୍କ ବିଷୟରେ ଅନୁଧ୍ୟାନ କରି ମାନବସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ । ବ୍ଲାଭାଟ୍‌ସ୍କି ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ସେ ଜଣେ ଉଚ୍ଚକୋଟୀର ଚିତ୍ରକଳାକାର, ଲେଖିକା, ବ୍ୟଙ୍ଗ ଅଭିନେତ୍ରୀ ରୂପେ ବେଶ୍ ପରିଚିତ ଥିଲେ । ଏହା ବ୍ୟତୀତ ସେ ଅତୀନ୍ଦ୍ରୀୟ ଶକ୍ତିର ଅଧିକାରିଣୀ ହୋଇଥିବାରୁ ଅନ୍ୟ ଲୋକଙ୍କର ମନୋଭାବକୁ ପଢ଼ି ବା ସେ କ'ଣ ଚିନ୍ତା କରୁଛି ତାହା ଲୋକଟିକୁ ଚାହିଁ କହିପାରୁଥିଲେ । ବ୍ଲାଭାଟ୍‌ସ୍କି କହୁଥିଲେ ଯେ ଶାରୀରିକ ଶକ୍ତି ଅପେକ୍ଷା ମାନସିକ ଶକ୍ତିର ପ୍ରଭାବ ଅଧିକ । ଏହି ନିୟମଦ୍ୱାରା ସେ ହାଲୁକା ଜିନିଷକୁ ଓଜନିଆ କରିପାରୁଥିଲେ ।

ବ୍ଲାଭାଟ୍‌ସ୍କି ତାଙ୍କ ପିତାଙ୍କୁ ହାନ୍ ବଂଶର ଇତିହାସ ଲେଖିବାରେ ସାହାଯ୍ୟ କରିଥିଲେ । ତାଙ୍କର ଅଲୌକିକ ଶକ୍ତି ବଳରେ ଅତୀତର ହାନ୍ ବଂଶର ଇତିହାସ ଧାରାବାହିକ ଭାବେ ପୁନରୁଦ୍ଧାର କରିଥିଲେ । ହାନ୍‌ବଂଶର ଅତୀତର ବହୁ ଘଟଣାବଳୀ ମାସ, ଦିନ ଓ ତାରିଖ ସହ ପୂର୍ବପୁରୁଷମାନଙ୍କ ସଠିକ୍ ନାମ ମଧ୍ୟ କହିପାରିଥିଲେ, ଯାହାକି ଜଣେ ସାଧାରଣ ମାନବ ପକ୍ଷେ ସମ୍ଭବ ନୁହେଁ ।

ବ୍ଲାଭାଟ୍‌ସ୍କି ବିଭିନ୍ନ ସ୍ଥାନ ଭ୍ରମଣ କରି ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସି ସେମାନଙ୍କୁ ଅନେକ ଅଲୌକିକ କାର୍ଯ୍ୟକଳାପ ଦେଖାଇ ଶେଷରେ ନିଜ ଘରକୁ ଫେରି ପୁନର୍ବାର ଗୁରୁଦେବଙ୍କ ନିର୍ଦ୍ଦେଶରେ ନିଉୟର୍କ୍ ଯାତ୍ରା କଲେ । ଯାତ୍ରା ଆରମ୍ଭରେ ସେ ଜଣେ ସାଧାରଣ, ଦୁଃସ୍ଥ ମହିଳା ଓ ତାର ଚାରୋଟି ସନ୍ତାନ ସହିତ ବସି କରୁଣ କ୍ରନ୍ଦନ କରୁଥିବାର ଦେଖିଥିଲେ । ତାକୁ ପଚାରି ଜାଣିବାକୁ ପାଇଲେ, ସେ ଆମେରିକା ଯିବା ପାଇଁ ଯେଉଁ ଟିକେଟ କରିଥିଲେ, ତାହା ନକଲି ଥିଲା । ଏହାଶୁଣି ବ୍ଲାଭାଟ୍‌ସ୍କି ତାଙ୍କର ପ୍ରଥମ ଶ୍ରେଣୀ ଟିକେଟକୁ ଫେରସ୍ତ କରି ତାହା ବଦଳରେ ସମସ୍ତଙ୍କ ପାଇଁ ନିମ୍ନଶ୍ରେଣୀର ଟିକେଟ କରି ସେମାନଙ୍କ ସହ ନିଜେ ମଧ୍ୟ ନିମ୍ନଶ୍ରେଣୀ ଟିକେଟରେ ଯାତ୍ରା କରିଥିଲେ । ବ୍ଲାଭାସ୍କି ନିୟୁର୍କରେ ପହଞ୍ଚିବା ସମୟରେ ତାଙ୍କ ନିକଟରେ ଚଳିବା

ନିମନ୍ତେ ନିଜ ପାଖରେ କିଛି ଅର୍ଥ ନ ଥିଲା । ସେଠାରେ ସେ ସାର୍ଟ୍‌ର କଲର ଡିଜାଇନ୍ କରି ଓ ଲେଖାଲେଖି କରି ନିଜର ଭରଣପୋଷଣ କରୁଥିଲେ । ସେ ଯେଉଁ ଭଡ଼ା ଗୃହରେ ରହୁଥିଲେ ସେଠାରେ ଚାଳିଶ ଜଣ କାର୍ଯ୍ୟରତ ମହିଳା ବାସ କରୁଥିଲେ । ସେମାନଙ୍କ ମଧ୍ୟରେ ବ୍ଲାଭାଟ୍‌ସ୍କି ଅତ୍ୟନ୍ତ ଲୋକପ୍ରିୟ ଥିଲେ । ସେ ସେହି ମହିଳାମାନଙ୍କୁ ନିଜର ଭ୍ରମଣ ବୃତ୍ତାନ୍ତ କହି ଶୁଣାଉଥିଲେ । ଏହି ସମୟରେ ସେ ଚାର୍ଲସ୍ ଡିକନ୍‌ସ୍‌ଙ୍କ ଅସମାପ୍ତ ଉପନ୍ୟାସ 'ଏଡଓ୍ୱିନ୍‌ଉଡ୍'ର ଋଷୀୟ ଅନୁବାଦ କରିଥିଲେ । ୧୮୭୪ ମସିହାରେ ନିଉୟର୍କ୍‌ର ସମ୍ବାଦପତ୍ର 'ଡେଲିଗ୍ରାଫ୍'ରେ କର୍ଣ୍ଣେଲ୍ ଅଲ୍‌କଟ୍‌ଙ୍କ ଲେଖା 'ଆଧ୍ୟାତ୍ମବାଦର ସଫଳ ପ୍ରୟୋଗ' ପ୍ରକାଶିତ ହୋଇଥିଲା । ବ୍ଲାଭାଟ୍‌ସ୍କି ସେହି ତଥ୍ୟ ସମ୍ବଳିତ ଲେଖା ପଢ଼ି ତାଙ୍କୁ ଭେଟିବାକୁ ଏହି ଫାର୍ମକୁ ଗଲେ। ଗୁରୁଦେବ ବ୍ଲାଭାସ୍କିଙ୍କୁ ପୂର୍ବରୁ ଏହି ବ୍ୟକ୍ତିଙ୍କୁ ଭେଟିବାକୁ କହିଥିଲେ ଯେ କି ଭବିଷ୍ୟତ କର୍ମପନ୍ଥାରେ ତାଙ୍କୁ ସାହାଯ୍ୟ ସହଯୋଗ କରିବେ । ଏହିଠାରୁ ଆରମ୍ଭ ହୋଇଥିଲା ଥିଓସୋଫିକାଲ୍ ସୋସାଇଟିର ଜନ୍ମକାହାଣୀ ।

**ଦୁଇଜଣ ସିଦ୍ଧ ପୁରୁଷ :** ମହାତ୍ମା ମୌର୍ଯ୍ୟ ଓ ମହାତ୍ମା କୁତ୍‌ହୁମୀଙ୍କ ପ୍ରଛନ୍ନ ନିର୍ଦ୍ଦେଶରେ ୧୮୭୫ ମସିହା ନଭେମ୍ବର ୧୭ ତାରିଖରେ ନିଉୟର୍କ ସହରରେ ହେଲେନା ପେଟ୍ରୋଭନା ବ୍ଲାଭାଟ୍‌ସ୍କି ଓ କର୍ଣ୍ଣେଲ୍ ହେନେରୀ ଷ୍ଟିଲ୍ ଅଲ୍‌କଟ୍ ଥିଓସୋଫିକାଲ ସୋସାଇଟି ସ୍ଥାପନା କରିଥିଲେ । ଏହି ଆନ୍ତର୍ଜାତିକ ସଂସ୍ଥାର ଆଦର୍ଶ (Motto) ହେଲା– "ସତ୍ୟଠାରୁ ଶ୍ରେଷ୍ଠ କୌଣସି ଧର୍ମ ନାହିଁ" (There is no religion higher than truth) । ଥିଓସୋଫିକାଲ୍ ସୋସାଇଟିର ତିନିଗୋଟି ମୂଳ ଉଦ୍ଦେଶ୍ୟ ହେଉଛି–

(୧) ଜାତି, ଧର୍ମ, ଲିଙ୍ଗ, ବର୍ଣ୍ଣ କିମ୍ବା ରଙ୍ଗର ଭେଦଭାବ ବିନା ମାନବତାର ସାର୍ବଜନୀନ ଭ୍ରାତୃତ୍ୱର ଏକ ବୀଜକେନ୍ଦ୍ର ସ୍ଥାପନ କରିବା ।

(୨) ଧର୍ମ, ଦର୍ଶନ ଓ ବିଜ୍ଞାନର ତୁଳନାତ୍ମକ ଅଧ୍ୟୟନକୁ ପ୍ରୋତ୍ସାହିତ କରିବା ।

(୩) ପ୍ରକୃତିର ଅବ୍ୟାଖ୍ୟାତ ନିୟମ ଓ ମାନବର ଲୁକ୍କାୟିତ ଶକ୍ତିର ଅନୁସନ୍ଧାନ କରିବା।

ଥିଓସୋଫି ଶବ୍ଦଟି ଗ୍ରୀକ୍ ଭାଷାରୁ ଆସିଛି । ଥିଓସ୍‌ର ଅର୍ଥ ଈଶ୍ୱର ଓ 'ସୋଫିଆ' ଅର୍ଥାତ୍ ଜ୍ଞାନ । ତେଣୁ ଥିଓସଫିର ଅର୍ଥ 'ଈଶ୍ୱରୀୟ ଜ୍ଞାନ' ବା 'ବ୍ରହ୍ମବିଦ୍ୟା' ।

ଥିଓସୋଫି କେବଳ ଏକ ସିଦ୍ଧାନ୍ତ ନୁହେଁ, ଏହାଏକ ଜୀବନପଦ୍ଧତି । ଥିଓସୋଫି କୁହେ ଯେ ସମସ୍ତ ଧର୍ମର ମୂଳରେ ଏକ ସାର୍ବଜନୀନ ସତ୍ୟ ଲୁଚି ରହିଛି । ହିନ୍ଦୁଧର୍ମର ବେଦ-ବେଦାନ୍ତ, ବୌଦ୍ଧଧର୍ମର ଦର୍ଶନ, ଖ୍ରୀଷ୍ଟିୟାନ ରହସ୍ୟବାଦ ଓ ଇସଲାମର ସୁଫି ପରମ୍ପରା - ସବୁ ଏକ ସାଧାରଣ ଆଧ୍ୟାତ୍ମିକ ସତ୍ୟର ବିଭିନ୍ନ ଅଭିବ୍ୟକ୍ତି ।

କୁହାଯାଏ, ମ୍ୟାଡାମ୍ ବ୍ଲାଭାଟ୍‌ସ୍କି ବିଶ୍ୱକୁ ଦେଇଛନ୍ତି ଥିଓସୋଫି ଓ କର୍ଣ୍ଣେଲ ଅଲ୍‌କଟ୍ ଦେଇଛନ୍ତି ଥିଓସୋଫିକାଲ୍ ସୋସାଇଟି । ମ୍ୟାଡାମ୍ ବ୍ଲାଭାଟ୍‌ସ୍କି ୧୮୭୬ ମସିହାରେ ଆଇସିସ୍ ଅନଭେଲ୍‌ଡ୍ (Isis Unveiled) ପୁସ୍ତକ ଲେଖିବା ଆରମ୍ଭ କରିଥିଲେ ଓ ୧୮୭୭ ମସିହାର ଶେଷଭାଗରେ ଏହି ପୁସ୍ତକଟି ଦୁଇଟି ଭାଗରେ ପ୍ରକାଶିତ ହୋଇଥିଲା । ଏହି ପୁସ୍ତକ ପ୍ରାଚୀନ ଓ ଆଧୁନିକ ଜ୍ଞାନର ଭଣ୍ଡାର ତଥା ବିଜ୍ଞାନ ଓ ଆଧ୍ୟାତ୍ମିତାକୁ ପ୍ରତିପାଦନ କରୁଥିବା ବିଭିନ୍ନ ସିଦ୍ଧାନ୍ତରେ ପରିପୂର୍ଣ୍ଣ । ପ୍ରଥମ ଭାଗରେ ବିଜ୍ଞାନର ପ୍ରାଚୀନ ଦାର୍ଶନିକ ପ୍ରଣାଳୀ ତଥା ଗୂଢ଼ ବିଜ୍ଞାନର ରହସ୍ୟ ଉଦ୍‌ଘାଟନ କରାଯାଇଛି । ଦ୍ୱିତୀୟ ଖଣ୍ଡ (Theology) ରେ ବୈଦିକ କାଳର ପୂର୍ବବର୍ତ୍ତୀ ପ୍ରାଚୀନ ଧର୍ମ, ଜୈନ, ବୌଦ୍ଧ, ମିଶରୀୟ ତଥା ଚାଲଦିଆନ ଶିକ୍ଷାର ଅନ୍ତର୍ନିହିତ ଗୁପ୍ତ ପରମ୍ପରାଗୁଡ଼ିକର ବର୍ଣ୍ଣନା କରାଯାଇଛି । ଏହି ଗ୍ରନ୍ଥଟି ବ୍ଲାଭାଟ୍‌ସ୍କିଙ୍କର ପ୍ରଥମ ପ୍ରମୁଖ କୃତି । ଏହି ଗ୍ରନ୍ଥ ପାଶ୍ଚାତ୍ୟ ବିଶ୍ୱରେ ଏକ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିଲା । ମାତ୍ର ୧୦ ଦିନରେ ୧୦୦୦ ପୁସ୍ତକ ବିକ୍ରି ହୋଇଯାଇଥିଲା । ବ୍ଲାଭାଟ୍‌ସ୍କିଙ୍କ ଜୀବନ କାଳରେ ଏହି ପୁସ୍ତକ ୧୪ ଥର ପୁନଃମୁଦ୍ରିତ ହୋଇଥିଲା । ସେ ଏହି ପୁସ୍ତକରେ ପ୍ରତିପାଦନ କରିଥିଲେ ଯେ ଯାଦୁବିଦ୍ୟା ଏକ ଆଧ୍ୟାତ୍ମିକ ଜ୍ଞାନ (Magic is a spiritual wisdom) । ପ୍ରତ୍ୟେକ ବସ୍ତୁର ଏକ ଜୀବନତତ୍ତ୍ୱ (Life principle) ଅଛି, ଯାହାକୁ ଜଣେ ସିଦ୍ଧିଲାଭ କରିଥିବା ବ୍ୟକ୍ତି ନିଜ ଇଚ୍ଛା ମୁତାବକ ନିୟନ୍ତ୍ରିତ କରିପାରିବ । Isis Unveiled ପୁସ୍ତକ ଲେଖୁଥିବା ସମୟରେ କର୍ଣ୍ଣେଲ୍ ଅଲ୍‌କଟ୍ ତାଙ୍କର ଅସାଧାରଣ କ୍ଷମତା ଦେଖି ବିସ୍ମିତ ହେଉଥିଲେ । ଏହି ପୁସ୍ତକ ଲେଖିବା ସମୟରେ ସେ ୧୩୩୯ ଖଣ୍ଡ ପୁସ୍ତକର ସହାୟତା ନେଇଥିଲେ । ଏତେଗୁଡ଼ିଏ ପୁସ୍ତକ ମଧ୍ୟରୁ ଉପଯୁକ୍ତ ପ୍ରସଙ୍ଗ ଖୋଜି ବାହାର କରିବା ସମୟ ସମୟରେ ଅସମ୍ଭବ ମନେହେଉଥିଲା । ସେହି ସମୟରେ ବ୍ଲାଭାଟ୍‌ସ୍କି ତାଙ୍କର ଅତିନ୍ଦ୍ରୀୟ ଶକ୍ତିର ଉପଯୋଗ କରୁଥିଲେ । ସେ 'Akashic Record' ପଢ଼ିବାରେ ସକ୍ଷମ

ଥିଲେ । ସେ କହୁଥିଲେ, 'Astral light' ରେ ଅଦୃଶ୍ୟ ରୂପେ ଅନନ୍ତକାଳର ବିବରଣୀ ଲିପିବଦ୍ଧ ହୋଇଅଛି । ଏପରିକି ମନୁଷ୍ୟର ବିଚାର ସମୂହ ଯାହାକିଛି ପୂର୍ବରୁ ଥିଲା ଓ ଭବିଷ୍ୟତରେ ଆସିବ ତାହା ସବୁ ଏହିଠାରେ ଲିପିବଦ୍ଧ ଅଛି ।

୧୮୭୮ ମସିହାରେ ବ୍ଲାଭାଟ୍‌ସ୍କି, କର୍ଣ୍ଣେଲ୍ ଅଲ୍‌କଟ୍‌ଙ୍କ ସହ ମିଶି ଭାରତ ଆସିଥିଲେ ଓ ବମ୍ବେରେ 'ଦି ଥିଓସୋଫିଷ୍ଟ' ପତ୍ରିକାର ସମ୍ପାଦନା ଆରମ୍ଭ କରିଥିଲେ । ଭାରତରେ ରହିବା ସମୟରେ ସେ ଅନେକ କୁତ୍ସାରଟନା ଓ ଅପବାଦର ଶିକାର ହୋଇଥିଲେ । ସେଥିମଧ୍ୟରୁ ଏମା ଓ ଏଲିକ୍ସ କୋଲମ୍ବ ଘଟଣା ଗୋଟିଏ । ଏହି କୋଲମ୍ବ ଦମ୍ପତି କେତେକ ଖ୍ରୀଷ୍ଟିୟାନ୍ ମିଶନାରୀମାନଙ୍କ ସହ ମିଶି ବ୍ଲାଭାଟ୍‌ସ୍କିଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ରଚାଇଥିଲେ । ସେମାନେ ପ୍ରଚାର କରିଥିଲେ ଯେ ମହାତ୍ମାଙ୍କ ନିକଟରୁ ଆସୁଥିବା ପତ୍ରଗୁଡ଼ିକ ବ୍ଲାଭାଟ୍‌ସ୍କିଙ୍କ ହାତଲେଖା ଓ ତେଣୁ ଜାଲ୍ ଅଟେ । ଏହି ମିଥ୍ୟା ପ୍ରଚାରରେ ସେ ବହୁତ ଆଘାତ ପାଇଥିଲେ ଓ ଅସୁସ୍ଥ ହୋଇପଡ଼ିଥିଲେ । ପରେ ଏହି ଘଟଣା ମିଥ୍ୟା ପ୍ରମାଣିତ ହୋଇଥିଲା । ଏହାପରେ ବ୍ଲାଭାଟ୍‌ସ୍କି ଲଣ୍ଡନ ଚାଲିଗଲେ ଓ ସେଠାରେ 'LUCIFER' ନାମକ ପତ୍ରିକା ପ୍ରକାଶିତ କଲେ । ଲଣ୍ଡନରେ ବ୍ଲାଭାଟ୍‌ସ୍କି 'ଦି ସିକ୍ରେଟ୍ ଡକ୍ଟ୍ରିନ୍' ଗ୍ରନ୍ଥ ଲେଖିବା ଆରମ୍ଭ କରିଥିଲେ ଓ ଏହା ୧୮୮୮ ମସିହାରେ ପ୍ରକାଶିତ ହୋଇଥିଲା । ବ୍ଲାଭାଟ୍‌ସ୍କିଙ୍କର ଏହା ହେଉଛି ସର୍ବଶ୍ରେଷ୍ଠ ଓ ମହାନ୍ କୃତି । ଏହି ଗ୍ରନ୍ଥ ମାଧ୍ୟମରେ ବ୍ଲାଭାଟସ୍କି ପ୍ରାଚୀନ ଜ୍ଞାନକୁ ପୁନର୍ବାର ଉପସ୍ଥାପିତ କରିଥିଲେ । ସେ କହିଥିଲେ ଯେ ବ୍ରହ୍ମାଣ୍ଡର ଉତ୍ପତ୍ତି ଓ ବିକାଶ ମାନବଜାତିର ବିକାଶ ଓ ଆତ୍ମାର କ୍ରମବିକାଶ - ଏ ସବୁ ଏକ ମହାଜାଗତିକ ନିୟମଦ୍ୱାରା ପରିଚାଳିତ । ଏହି ଗ୍ରନ୍ଥଟି ଦୁଇ ଭାଗରେ ବିଭକ୍ତ । ଏହି ଗ୍ରନ୍ଥର ପ୍ରଥମ ଭାଗରେ ସୃଷ୍ଟିତତ୍ତ୍ୱ ଓ (Cosmogenesis) ଓ ଦ୍ୱିତୀୟ ଭାଗରେ ମନୁଷ୍ୟର ଉଦ୍‌ଭବ ଓ ବିକାଶ (Anthropogenesis) ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ବିଶ୍ୱର ଉତ୍ପତ୍ତି ତଥା ମାନବର ଉଦ୍‌ଭବ ଓ ବିକାଶ ସମ୍ବନ୍ଧିତ ଯେଉଁ ଗୂଢ଼ଜ୍ଞାନ ସିକ୍ରେଟ୍ ଡକ୍‌ଟ୍ରିନ୍‌ରେ ବିଶଦଭାବେ ବର୍ଣ୍ଣନା କରାଯାଇଛି ତାହା ଏହାପୂର୍ବରୁ କୌଣସିଠାରେ ଦିଆଯାଇନାହିଁ । ଏହି ଗ୍ରନ୍ଥ ଧର୍ମ, ଦର୍ଶନ ଓ ବିଜ୍ଞାନର ସମନ୍ୱିତ ସ୍ୱରୂପ ଅଟେ । ବ୍ଲାଭାଟସ୍କି କୁହନ୍ତି, ଏହି ମହାନ୍ ଗ୍ରନ୍ଥର ରଚୟିତା ସେ ନୁହନ୍ତି ବରଂ ଏହି ଜ୍ଞାନ ଶ୍ୱେତଋଷି ସଂଘର ମହାନ୍ ଶିକ୍ଷକଦ୍ୱୟଙ୍କ ଦ୍ୱାରା ଦିଆଯାଇଥିବା ଜ୍ଞାନ ଅଟେ । ଏହି ଗ୍ରନ୍ଥ ଲେଖିବା

ସମୟରେ ବ୍ଲାଭାଟସ୍କିଙ୍କ ଦେହ ଅତ୍ୟନ୍ତ ଅସୁସ୍ଥ ଥିଲା । ମହାତ୍ମା ତାଙ୍କୁ ଦୁଇଟି ସର୍ତ୍ତରୁ ଗୋଟିଏକୁ ବାଛିବାକୁ ଦେଇଥିଲେ । ସେ କହିଥିଲେ– "ତୁମେ ସିକ୍ରେଟ୍ ଡକ୍ଟ୍ରିନ୍ ଗ୍ରନ୍ଥ ଲେଖା ଅସୁସ୍ଥ ଶରୀରରେ ଶେଷ କରିବାକୁ ଚାହଁ, ନା ତୁମ ଅସୁସ୍ଥ ଶରୀରରୁ ମୁକ୍ତି ଚାହଁ ?" ବ୍ଲାଭଟସ୍କି ମାନବ ସମାଜକୁ ନୂତନ ଆଲୋକ ପ୍ରଦାନ କରିବା ନିମନ୍ତେ 'ସିକ୍ରେଟ୍ ଡକ୍ଟ୍ରିନ୍' ପୁସ୍ତକର ଲେଖା ଶେଷ କରିବା ପାଇଁ ସେହି ରୁଗ୍ଣ ଶରୀରରେ ବଞ୍ଚି ରହିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଏହି ଘଟଣାରୁ ଜଣାପଡ଼େ ବ୍ଲାଭାଟସ୍କି କେତେ କଷ୍ଟସହିଷ୍ଣୁ, ସାହସୀ ଏବଂ ନିଃସ୍ୱାର୍ଥପର ବ୍ୟକ୍ତି ଥିଲେ ।

ଏହି ଗ୍ରନ୍ଥରେ ସେ ସୂଚାଇଥିଲେ ଯେ (୧) ପ୍ରକୃତିର ଆବିର୍ଭାବ କୌଣସି ଆକସ୍ମିକ ଘଟଣା ବା ଦୈବାତ୍ ଘଟେ ନାହିଁ । ବରଂ ଏସବୁ ଏକ ପ୍ରାକୃତିକ ନିୟମ ଅନୁସାରେ ପରିଚାଳିତ ଏବଂ ବିଶ୍ୱ ଯୋଜନାରେ ମାନବକୁ ତାର ଉପଯୁକ୍ତ ସ୍ଥାନ ନିରୂପଣ କରାଇବ । (୨) ଏକ ସର୍ବବ୍ୟାପୀ, ଶାଶ୍ୱତ, ଅସୀମ, ଅପରିବର୍ତ୍ତନୀୟ ତତ୍ତ୍ୱ ସମସ୍ତ ସୃଷ୍ଟିର ମୂଳ ହେଲେ ମଧ୍ୟ ନିଜେ ସୃଷ୍ଟିରେ ଲୀନ ହୁଏ ନାହିଁ । (୩) ବ୍ରହ୍ମାଣ୍ଡ ଏକ ଚକ୍ରାକାର ପ୍ରକ୍ରିୟାରେ ବିକଶିତ ହୁଏ । (୪) ସମସ୍ତ ଆତ୍ମା ପରମାତ୍ମାଙ୍କଠାରୁ ଅଭିନ୍ନ । ଅର୍ଥାତ୍ ସମସ୍ତ ଜୀବାତ୍ମା ମହାଜାଗତିକ ଆତ୍ମା (Universal oversoul) ର ଏକ ଅଂଶ । (୫) ପୁନର୍ଜନ୍ମ ଓ କର୍ମର ନିୟମ; ଯାହା ବୁଣିବ ତାହା କାଟିବାକୁ ପଡ଼େ । ଆତ୍ମା ବାରମ୍ବାର ଜନ୍ମ ନେଇ ଅଭିଜ୍ଞତା ସଂଗ୍ରହ କରେ ଓ ବିକାଶ ଲାଭ କରେ ।

ଏହି ପୁସ୍ତକରେ ପ୍ରକୃତିର ଖଣିଜ, ଉଦ୍ଭିଦ ଓ ପ୍ରାଣୀ ଜଗତର ବିକାଶ ଅନେକ ଚକ୍ର (Round) ମାଧ୍ୟମରେ ଉଚ୍ଚତମ ସ୍ଥିତି ପର୍ଯ୍ୟନ୍ତ ପହଞ୍ଚିବାର ସମ୍ଭାବନା ବିଷୟରେ ଉଲ୍ଲେଖ ରହିଛି । ପ୍ରତ୍ୟେକ ମନୁଷ୍ୟର ଜୀବନ ଉଚ୍ଚତମ ସିଦ୍ଧପୁରୁଷ (Adept) ପର୍ଯ୍ୟନ୍ତ କ୍ରମବିକାଶ ଯୋଜନା ମାଧ୍ୟମରେ ପହଞ୍ଚି ପାରିବ ଏବଂ ଏହାଠାରୁ ଊର୍ଦ୍ଧ୍ୱକୁ ମଧ୍ୟ ଯାଇପାରିବ । ଏହିପରି ଅନେକ ଯୁଗାନ୍ତକାରୀ ସିଦ୍ଧାନ୍ତ ଏହି ମହାନ୍ ଗ୍ରନ୍ଥରେ ଉଲ୍ଲେଖ ଅଛି । କୁହାଯାଏ, ଆଲ୍‌ବର୍ଟ୍ ଆଇନ୍‌ଷ୍ଟାଇନ୍ ଓ ରବର୍ଟ୍ ମିଲିକାନ୍ ପ୍ରଭୃତି ପ୍ରତିଭାଶାଳୀ ବୈଜ୍ଞାନିକ ସିକ୍ରେଟ ଡକ୍ଟ୍ରିନ୍ ଗ୍ରନ୍ଥକୁ ସଦାସର୍ବଦା ନିଜ ଟେବୁଲ ଉପରେ ରଖୁଥିଲେ । ଆଇନ୍‌ଷ୍ଟାଇନ୍ ଏ ପୁସ୍ତକ ସମ୍ବନ୍ଧରେ କହିଥିଲେ– "ଏହା ଏକ ଅଦ୍ଭୁତ ପୁସ୍ତକ । ଏଥିରେ ଅନେକ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଅଛି, ଯାହାକୁ ମୁଁ ପଢ଼ି ଅତ୍ୟନ୍ତ

ଆମୋଦିତ ହୁଏ ।” Secret Doctrine ପୁସ୍ତକଟି ଗୂଢ଼ତତ୍ତ୍ୱବିଦ୍‌ମାନଙ୍କ ନିମନ୍ତେ ଅମୂଲ୍ୟ ସମ୍ପଦ ଅଟେ । ସେହି ସମୟରେ ଅନେକ ବୈଜ୍ଞାନିକ, ସାହିତ୍ୟିକ, ଦାର୍ଶନିକ ତଥା ଆଧ୍ୟାତ୍ମବାଦୀ ଏହି ପୁସ୍ତକ ପଢ଼ିବାରେ ଆଗ୍ରହ ଦେଖାଇଥିଲେ ଓ ଉଚିତ୍ ମାର୍ଗଦର୍ଶନ ପାଇଥିଲେ ।

ଏହାପରେ ବ୍ଲାଭାସ୍କି ୧୮୮୯ ମସିହାରେ ‘ନୀରବତାର ନାଦ’ (The Voice of the Silence) ପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକ ଏକ ସୁନ୍ଦର ମାର୍ଗଦର୍ଶିକା । ବ୍ଲାଭାଟ୍‌ସ୍କି ଯେତେବେଳେ ତିବ୍ବତ ଯାଇଥିଲେ Golden Precepts ନାମକ ଏକ ପୁସ୍ତକର ୯୦ ଗୋଟି ନୀତିବାଣୀ ମଧ୍ୟରୁ ୩୯ ଗୋଟି ନୀତିବାଣୀକୁ ମନେରଖିଦେଇଥିଲେ, ଯାହା ତାଙ୍କର ଏହି କାବ୍ୟାତ୍ମକ ରଚନା “The Voice of the Silence’ ପୁସ୍ତକର ଆଧାର ଥିଲା । ଏହି ପୁସ୍ତକରେ ବୋଧିସତ୍ତ୍ୱ ପଥ (Boddhiswata Path) ବିଷୟରେ ଉଲ୍ଲେଖ ଅଛି । ସେ କହୁଥିଲେ– ପ୍ରକୃତ ବ୍ରହ୍ମବିଦ୍ୟା  ନିଃସ୍ୱାର୍ଥ ସେବା ଅଟେ । ଏହା ଭ୍ରାତୃଭାବ, ପରସ୍ପର ସହଯୋଗ ଓ ସତ୍ୟ ପ୍ରତି ଅତୁଟ ଏକନିଷ୍ଠ ଶ୍ରଦ୍ଧା ଅଟେ । ଏହି ପୁସ୍ତକଟିରେ ସାଧକର ଆଭ୍ୟନ୍ତରୀଣ ଯାତ୍ରା ସମ୍ବନ୍ଧରେ ଅନେକ ମାର୍ଗଦର୍ଶନ କରାଯାଇଛି ଯଥା – ସପ୍ତ ପାରମିତା ଇତ୍ୟାଦି ।

ଏହାପରେ ବ୍ଲାଭାଟ୍‌ସ୍କି ‘The Key to Theosophy’ ପୁସ୍ତକ ପ୍ରଶ୍ନୋତ୍ତର ମାଧ୍ୟମରେ ଲେଖିଥିଲେ । ଏଥିରେ ବ୍ରହ୍ମବିଦ୍ୟା କ’ଣ; ବ୍ରହ୍ମବିଦ୍ୟା ସମିତି କ’ଣ, ବ୍ରହ୍ମବିଦ୍ୟା ସଭ୍ୟମାନଙ୍କର କାର୍ଯ୍ୟ କ’ଣ, କର୍ମ, ପୁନର୍ଜନ୍ମ, କ୍ରମବିକାଶ, ଶ୍ୱେତଭ୍ରାତୃସଂଘ ଇତ୍ୟାଦି ବିଷୟରେ ପ୍ରଶ୍ନୋତ୍ତର ମାଧ୍ୟମରେ ଉଲ୍ଲେଖ ଅଛି । ଏହାକୁ ‘ବ୍ରହ୍ମବିଦ୍ୟା’ର ଦ୍ୱାର ଖୋଲିବାର ଚାବି ରୂପେ ବ୍ୟବହାର କରିବାକୁ କୁହାଯାଇଛି ।

ଏହାବ୍ୟତୀତ ବ୍ଲାଭାଟସ୍କି ‘Practical Occultism’ ପୁସ୍ତକ ଲେଖିଛନ୍ତି, ଯେଉଁଥିରେ ଚାରିଗୋଟି ବିଦ୍ୟା (ଗୁହ୍ୟବିଦ୍ୟା, ମନ୍ତ୍ରବିଦ୍ୟା, ଯାଦୁବିଦ୍ୟା ଓ ଆତ୍ମବିଦ୍ୟା) ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ସେଥିମଧ୍ୟରୁ ଆତ୍ମବିଦ୍ୟା ପ୍ରଧାନ ବୋଲି ସେ ବର୍ଣ୍ଣନା କରିଛନ୍ତି । ପ୍ରତ୍ୟହ ନିଜ ଜୀବନରେ ବ୍ରହ୍ମବିଦ୍ୟାକୁ କିପରି ପ୍ରୟୋଗ କରିବାକୁ ହେବ ତାହା ମଧ୍ୟ ଦର୍ଶାଇଛନ୍ତି ।

ବ୍ଲାଭାଟ୍‌ସ୍କିଙ୍କ ଦ୍ୱାରା ଲିଖିତ Caves and Jungles of Hindustan ପୁସ୍ତକରେ ଭାରତର ଅନେକ ପ୍ରାଚୀନ ଗୁମ୍ଫା, ଜଙ୍ଗଲ ଇତ୍ୟାଦିରେ ଭ୍ରମଣର କାହାଣୀ

ରାଧାବାଇ ନାମକ ଛଦ୍ମ ନାମରେ ବର୍ଣ୍ଣନା ହୋଇଅଛି । ସେ ଏହି ପୁସ୍ତକରେ ବିଭିନ୍ନ ସ୍ଥାନ ଭ୍ରମଣ କରି ଅନେକ ମୁନିଋଷି, ପଣ୍ଡିତ ଓ ବୌଦ୍ଧଭିକ୍ଷୁଙ୍କ ସହ ସାକ୍ଷାତ କରି ଲାଭ କରିଥିବା ଭାରତର ସଂସ୍କୃତି ତଥା ଆଧ୍ୟାତ୍ମିକ ଜ୍ଞାନ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି ।

୧୮୮୮ ମସିହାରେ ମ୍ୟାଡାମ୍ ବ୍ଲାଭାଟ୍‌ସ୍କି ବ୍ରହ୍ମବିଦ୍ୟା ସମିତିର ନିଷ୍ଠାପର ତଥା ସକ୍ରିୟ ସାଧନାରତ ସଦସ୍ୟମାନଙ୍କ ପାଇଁ Esoteric School of Theosophy (EST) ପ୍ରତିଷ୍ଠା କରିଥିଲେ । ଏହି ଗୁହ୍ୟଜ୍ଞାନ ବିଦ୍ୟାଳୟର ଉଦ୍ଦେଶ୍ୟ– ବ୍ରହ୍ମବିଦ୍ୟା ସମ୍ବନ୍ଧୀୟ ଜ୍ଞାନକୁ ନିଜ ଜୀବନରେ ପ୍ରତିଫଳିତ କରି ଏକ ପବିତ୍ର ଜୀବନ, ଶୁଦ୍ଧ ହୃଦୟ, ନିଃସ୍ୱାର୍ଥପର ସେବା, ଗୁରୁଙ୍କଠାରେ ଗଭୀର ଆସ୍ଥାପୂର୍ବକ ଆଜ୍ଞାନୁବର୍ତ୍ତିତା, ସହନଶୀଳତା, ମାନବଜାତିର ଆଦର୍ଶ, ପ୍ରଗତି ଓ ପରିପୂର୍ଣ୍ଣତା ପ୍ରତି ନିରବଚ୍ଛିନ୍ନ ଦୃଷ୍ଟି ରଖିବା । ଏହିସବୁ ଗୁଣଗୁଡ଼ିକୁ ସାଧକ ନିଜ ଜୀବନରେ ପାଳନ କରିବା ନିମନ୍ତେ ବ୍ଲାଭାଟ୍‌ସ୍କି Golden stair ଦେଇଯାଇଛନ୍ତି ।


ଏହାବ୍ୟତୀତ ବ୍ଲାଭାଟ୍‌ସ୍କି ସତ୍ୟ ଉପରେ ପ୍ରତିଷ୍ଠିତ ଅନେକ ପୁସ୍ତକ ଓ ପ୍ରବନ୍ଧ ଲେଖିଯାଇଛନ୍ତି, ଯାହାକୁ ତାଙ୍କର ତିରୋଧାନ ପରେ 'Collected Writings' ନାମରେ ୧୫ ଗୋଟି Volume ରେ ପ୍ରକାଶ କରାଯାଇଛି । ତାଙ୍କଦ୍ୱାରା ଲିଖିତ ସମସ୍ତ ଆଧ୍ୟାତ୍ମିକ ପୁସ୍ତକ ସମ୍ବନ୍ଧରେ ବିବରଣ ଦେବା ସମ୍ଭବ ନୁହେଁ । ଏହି ପରମ ସାଧିକା, ତତ୍ତ୍ୱଦର୍ଶୀ, ସତ୍ୟନିଷ୍ଠ, ତ୍ୟାଗମୟୀ, ମହିୟସୀ ମହିଳା ଥିଓସୋଫିକାଲ୍ ସୋସାଇଟି ମାଧ୍ୟମରେ ଯେଉଁ ଦିବ୍ୟଜ୍ଞାନ (Theosophy) ଦେଇଯାଇଛନ୍ତି ତାହା ଏହି ବସ୍ତୁବାଦ ଉପରେ ପ୍ରତିଷ୍ଠିତ ମାନବଜାତିକୁ ଏକ ନୂତନ ଦୃଷ୍ଟିକୋଣ ଦେଇଛି । ୧୫୦ ବର୍ଷର ଥିଓସୋଫିକାଲ୍ ସୋସାଇଟି ସାରା ବିଶ୍ୱରେ ଅସଂଖ୍ୟ ଲୋକଙ୍କ ଜୀବନକୁ ସ୍ପର୍ଶ କରିଛି । ଆଜି ଯେତେବେଳେ ବିଶ୍ୱ ବିଭାଜନ, ସଂଘର୍ଷ ଓ ଆଧ୍ୟାତ୍ମିକ ଶୂନ୍ୟତାର ସମ୍ମୁଖୀନ ହେଉଛି, ଥିଓସୋଫିର ବାର୍ତ୍ତା ଅଧିକ ପ୍ରାସଙ୍ଗିକ । ସାର୍ବଜନୀନ ଭ୍ରାତୃତ୍ୱର ଆଦର୍ଶ, ସମସ୍ତ ଧର୍ମପ୍ରତି ସହିଷ୍ଣୁତା ଓ ଆଧ୍ୟାତ୍ମିକ ଅନ୍ୱେଷଣର ଗୁରୁତ୍ୱ - ଏସବୁକୁ ଆଜିର ବିଶ୍ୱ ପାଇଁ ଅତ୍ୟନ୍ତ ଆବଶ୍ୟକୀୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଜଳବାୟୁ ପରିବର୍ତ୍ତନ, ଅର୍ଥନୈତିକ ବିଷମତା, ବର୍ଣ୍ଣବୈଷମ୍ୟ, ବାୟୁ ପ୍ରଦୂଷଣ, ସାମାଜିକ ଅନ୍ୟାୟ ଏହିସବୁ ସମସ୍ୟାର ସମାଧାନ ପାଇଁ ଗଭୀର ଆଧ୍ୟାତ୍ମିକତାବୋଧର

ଆବଶ୍ୟକତା ଅଛି । ଥିଓସୋଫି ଆମକୁ ଶିକ୍ଷା ଦିଏ ଯେ ସମସ୍ତ ଜୀବ ପରସ୍ପର ସହିତ ସଂଯୁକ୍ତ ଓ ନିର୍ଭରଶୀଳ । ଯେତେବେଳେ ଆମେ ଏହି ଏକତ୍ୱକୁ ଅନୁଭବ କରିବୁ, ଆମ ସମସ୍ୟାର ସମାଧାନ ସ୍ୱାଭାବିକ ଭାବେ ଉତ୍ପନ୍ନ ହେବ ।

ଏହି ଦିବ୍ୟଜ୍ଞାନର ଆଲୋକବର୍ତ୍ତିକା ମ୍ୟାଡାମ୍ ବ୍ଲାଭାଟ୍‌ସ୍କିଙ୍କର ୮ ମଇ ୧୮୯୧ ମସିହାରେ ମାତ୍ର ୬୦ ବର୍ଷ ବୟସରେ ଦେହାବସାନ ହୋଇଥିଲା ଏବଂ ତାଙ୍କ ପାର୍ଥିବ ଶରୀରକୁ Surrey (England) ରେ ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କ ମୃତ୍ୟୁ ସମାଚାର ସାରା ବିଶ୍ୱରେ ପ୍ରସାରିତ ହୋଇଥିଲା । ତା. ୧୦ ମଇ ମାସରେ NewYork Tribune ଲେଖିଥିଲା–"ଏତିକି କହିଲେ ପର୍ଯ୍ୟାପ୍ତ ହେବ ଯେ ସେ ତାଙ୍କ ଜୀବନର ୨୦ ବର୍ଷ ଉଚ୍ଚତମ, ନୈତିକ, ଚାରିତ୍ରିକ ନିର୍ମାଣର ସିଦ୍ଧାନ୍ତ ପ୍ରସାରରେ ନିୟୋଜିତ କରିଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ ମାନବର ପୁନରୁତ୍‌ଥାନ ଆଧ୍ୟାତ୍ମିକ ବିକାଶଦ୍ୱାରା ହିଁ ହୋଇପାରିବ । ମାଡାମ୍ ବ୍ଲାଭାଟ୍‌ସ୍କି କେତେ ମହାନ୍ ଆଦର୍ଶ ବିଶାଳ ଦୃଷ୍ଟିକୋଣର ଅଧିକାରୀ ଥିଲେ । ସେ ପ୍ରାଚ୍ୟ ବିଦ୍ୟାର ଦ୍ୱାର ଖୋଲି ପଶ୍ଚିମକୁ ଯଥାର୍ଥ ଦର୍ଶନ କରାଇଥିଲେ । ଆତ୍ମସଂଯମ ଓ ସେବା ତାଙ୍କ ଜୀବନର ଧ୍ୟେୟ ଥିଲା ।" ତାଙ୍କର ତ୍ୟାଗ ଓ ବଳିଦାନ ସମଗ୍ର ବିଶ୍ୱ ପାଇଁ ଚିରସ୍ମରଣୀୟ । ତାଙ୍କର ତିରୋଧାନ ଦିବସକୁ 'ଶ୍ୱେତପଦ୍ମ ଦିବସ' ରୂପେ ପାଳନ କରାଯାଏ । ସେ ପ୍ରକୃତରେ ଶ୍ୱେତପଦ୍ମ ସଦୃଶ ସମସ୍ତଙ୍କ ହୃଦୟରେ ଚିରଦିନ ପାଇଁ ବାସ କରିବେ ।

❖❖❖



# କର୍ଣ୍ଣେଲ୍ ଅଲ୍‌କଟ୍

## ମିତାଲିନୀ ଚୌଧୁରୀ

ସଂସାରରେ ଅନେକ ବ୍ୟକ୍ତି ବେଦ, ଉପନିଷଦ, ଗୀତା, ଭାଗବତ, ରାମାୟଣ, କୋରାନ୍, ବାଇବେଲ ଏବଂ ଗ୍ରନ୍ଥ ସାହେବ ଇତ୍ୟାଦି ଧର୍ମପୁସ୍ତକ ଅଧ୍ୟୟନ କରନ୍ତି । ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଏ ବିଷୟରେ ଭଲ ଭାବରେ ପ୍ରବଚନ ଦେଇପାରନ୍ତି । ଅନ୍ୟ କେତେକ ବ୍ୟକ୍ତି ମଧ୍ୟ ଏ ବିଷୟରେ ଅତି ସୁନ୍ଦର ଓ ସରଳ ଭାଷାରେ ଲେଖା ପ୍ରକାଶ କରିଥାନ୍ତି । କେତେକ ମଧ୍ୟ ଏ ବିଷୟରେ ବାରମ୍ବାର ଆଲୋଚନା କରନ୍ତି । ଉପରୋକ୍ତ ସମସ୍ତ ବ୍ୟକ୍ତିଙ୍କୁ କ'ଣ ବ୍ରହ୍ମବିତ୍ କହିବା ? ନା ଯେ ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହେବେ ସେ ବ୍ରହ୍ମବିତ୍ ? ବ୍ରହ୍ମ ବିଷୟରେ ପଢ଼ିବା, ଶୁଣିବା, ଆଲୋଚନା କରିବା, କହିବା ଓ ଲେଖିବା ଯେତିକି ସହଜ ହୋଇଥାଏ ବ୍ରହ୍ମବିତ୍ ହେବା ସେତିକି ସହଜ ନୁହେଁ । ଯେଉଁମାନେ ବ୍ରହ୍ମ ବିଷୟକୁ ହୃଦୟଙ୍ଗମ କରି ଦୃଢ଼ ମନୋବଳ ନେଇ ନିରନ୍ତର ସାଧନା କରି ନିଜକୁ ସେହିଭଳି ଗଢ଼ିଥାନ୍ତି, ସେହିମାନେ ସାଧନା କରି ବ୍ରହ୍ମବିତ୍ ହୋଇପାରନ୍ତି । ତାଙ୍କଠାରେ ଗୀତାରେ ବର୍ଣ୍ଣିତ

୨୬ଟି ଈଶ୍ୱରୀୟ ଗୁଣର ପରିପ୍ରକାଶ ହୋଇଥାଏ । ପ୍ରେମ, ସ୍ନେହ, ଦୟା ଓ କରୁଣାରେ ତାଙ୍କର ହୃଦୟ ପ୍ଲାବିତ । ସେ ସ୍ଥିତପ୍ରଜ୍ଞ । ସୁଖରେ ଉତ୍‌ଫୁଲ୍ଲିତ ବା ଦୁଃଖରେ କାତର ହୁଅନ୍ତି ନାହିଁ । ନିନ୍ଦା ଓ ପ୍ରଶଂସାରେ ସମଭାବାପନ୍ନ । ତାଙ୍କ ଦୃଷ୍ଟିରେ ସମସ୍ତେ ଏକ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ନିଃସ୍ୱାର୍ଥପର ଭାବରେ ସେବା କରିବା ହିଁ ତାଙ୍କର ଲକ୍ଷ୍ୟ । ବ୍ରହ୍ମବିତ୍‌ଙ୍କୁ ଇଂରାଜୀରେ Theosophist କୁହାଯାଏ ।

True Theosophist is a Philanthropist

not for himself but for the world he lives.

କର୍ଣ୍ଣେଲ ଅଲ୍‌କଟ୍‌ଙ୍କଠାରେ ଏସବୁ ଗୁଣ ପରିଲକ୍ଷିତ । ସେ ଜଣେ ଅସାଧାରଣ ପ୍ରତିଭାଶାଳୀ ପୁରୁଷ ଥିଲେ । ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ପାଇଁ ସେ ଦେଶ-ବିଦେଶରେ ଖ୍ୟାତି ଅର୍ଜନ କରିଥିଲେ । ଆମେରିକାର ନିଉଜରସିର ଅରେଞ୍ଜ୍‌ଠାରେ ତା. ୨.୮.୧୮୩୨ ମସିହାରେ ତାଙ୍କର ଜନ୍ମ । ତାଙ୍କର ପିତା ହେନେରୀ ଉଇକପ୍ ଅଲ୍‌କଟ୍ ଓ ମାତା ଏମିଲି ଷ୍ଟିଲ୍ ଅଲ୍‌କଟ୍ । ଛଅ ଭାଇଭଉଣୀ ମଧ୍ୟରୁ ଅଲ୍‌କଟ୍ ଥିଲେ ପ୍ରଥମ ସନ୍ତାନ । କଲେଜରେ ପାଠପଢ଼ା ସମାପ୍ତ କରି ସେ କିଛିଦିନ ବୈଜ୍ଞାନିକ ପ୍ରଣାଳୀରେ କୃଷି ବିଷୟରେ ଗବେଷଣା କରିଥିଲେ । କୃଷି-ବିଦ୍ୟାରେ ତାଙ୍କର ଏତେ ଯଶ ଲାଭ ହେଲା ଯେ ଗ୍ରୀସ୍‌ର ରାଜଧାନୀ ଏଥେନ୍‌ସ୍ ନଗରର କୃଷି ଅଧ୍ୟାପକ ପଦ ପାଇଁ ସେଠାକାର ସରକାର ତାଙ୍କୁ ନିମନ୍ତ୍ରଣ କରିଥିଲେ । କିନ୍ତୁ ସେ ଏହାକୁ ଅସ୍ୱୀକାର କରିଥିଲେ, କାରଣ ସେ ଚାହୁଁଥିଲେ ପ୍ରଥମେ ନିଜ ଦେଶର କୃଷିରେ ଉନ୍ନତି ଆଣିବା ପାଇଁ । ସେ ନିଜ ଦେଶରେ ବୈଜ୍ଞାନିକ ଶୈଳୀରେ କୃଷି ବିଷୟରେ ଶିକ୍ଷା ଦେବାପାଇଁ ସ୍କୁଲ୍ ଖୋଲିଲେ । କେତେକ ନୂତନ ଚାରାକୁ ବଦଳାଇଥିଲେ । କୃଷି ବିଷୟରେ ପତ୍ରିକା ପ୍ରକାଶ କରି ଦେଶର କୃଷିରେ ବେଶ୍ ଉନ୍ନତି ଆଣିଥିଲେ । ନିଜର ବୁଦ୍ଧି ଓ କର୍ତ୍ତବ୍ୟନିଷ୍ଠା ବଳରେ ନିଜ ରାଜ୍ୟ ଏବଂ ଦେଶରେ ସେ ବେଶ୍ ଯଶ ଲାଭ କଲେ ।

କୃଷିରେ ଉନ୍ନତି ଆଣି ସେ ସୈନ୍ୟବିଭାଗରେ ଯୋଗଦେଲେ । ସାହସ, ଶକ୍ତି ଓ ନିଃସ୍ୱାର୍ଥପର କାର୍ଯ୍ୟକରି ସେ କର୍ଣ୍ଣେଲ୍ ପଦ ଲାଭ କରିଥିଲେ । ଶାନ୍ତ କୃଷକ

ଓ ବୈଜ୍ଞାନିକଙ୍କର ସମର କ୍ଷେତ୍ରରେ ବିକ୍ରମ ଦେଖି ସମସ୍ତେ ବିସ୍ମିତ ହୋଇଥିଲେ । ତାଙ୍କର ଗୁଣରେ ମୁଗ୍ଧ ହୋଇ ଗଭର୍ଣ୍ଣମେଣ୍ଟ ତାଙ୍କୁ ଯୁଦ୍ଧ କ୍ଷେତ୍ରରେ ଅସ୍ତ୍ର ଚାଳନା ଅପେକ୍ଷା ଅଧିକ ସାହସିକ କାର୍ଯ୍ୟରେ ନିଯୁକ୍ତି ଦେଲେ । ସେ ସମୟରେ ସୈନ୍ୟବିଭାଗରେ ଭୟାନକ ଦୁର୍ନୀତି ଚାଲିଥାଏ । ଏହି ଦୁର୍ନୀତି ଉଚ୍ଛେଦର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଗଲା । ଏହି କଠିନ ଓ ବିପଦପୂର୍ଣ୍ଣ କାର୍ଯ୍ୟ କରିବାକୁ ସେ ତିଳେ ହେଲେ କୁଣ୍ଠାବୋଧ କରି ନଥିଲେ । ବରଂ ନିର୍ଭୟରେ କାର୍ଯ୍ୟ କରି ସୈନ୍ୟବିଭାଗର ଏହି କଳଙ୍କକୁ ଦୂର କରିଥିଲେ । ଯୁଦ୍ଧ ବିଭାଗର ବଡ଼ବଡ଼ ବ୍ୟକ୍ତି ତାଙ୍କୁ ଧମକ ଦେଇଥିଲେ ଗୁଳିକରି ମାରିଦେବା ପାଇଁ ।  କିନ୍ତୁ ତାଙ୍କର କାହାରି କଥାକୁ ଭ୍ରୂକ୍ଷେପ ନ ଥିଲା । ଦୁର୍ନୀତିର ପ୍ରଧାନ ନେତା ଯେତେବେଳେ ଧରାହୋଇ କାରାରୁଦ୍ଧ ହେଲେ ସେତେବେଳେ ଦେଶର ମହାନ୍ ବ୍ୟକ୍ତିଗଣ କର୍ଣ୍ଣେଲ୍ ଅଲ୍‌କଟ୍‌ଙ୍କର ଅବିଚଳିତ ସାହସ, ଅକ୍ଳାନ୍ତ ଉଦ୍ୟମ, ନିରପେକ୍ଷ ବିଚାର, ଦୃଢ଼  ପ୍ରତିଜ୍ଞାର ଭୂୟସୀ ପ୍ରଶଂସା କଲେ ।

ସମର ବିଭାଗର କାର୍ଯ୍ୟ ଶେଷ କରି କର୍ଣ୍ଣେଲ୍ ଅଲ୍‌କଟ୍ ଆଇନ ବ୍ୟବସାୟରେ ନିଯୁକ୍ତ ହେଲେ । ଏ କ୍ଷେତ୍ରରେ ମଧ୍ୟ ବହୁତ ଖ୍ୟାତି ଓ ଅର୍ଥ ଉପାର୍ଜନ କରିଥିଲେ । ଏହି ସମୟରେ ତାଙ୍କ ଜୀବନରେ ଘୋର ପରିବର୍ତ୍ତନ ଦେଖାଦେଲା । ଦିନେ ଏକାକୀ ବସି ତାଙ୍କର କାର୍ଯ୍ୟାଳୟରେ ଗୋଟିଏ ବଡ଼ ମକଦ୍ଦମା ବିଷୟରେ ଚିନ୍ତା କରୁକରୁ ହଠାତ୍ ତାଙ୍କ ମନରେ ପ୍ରଶ୍ନ ଉଠିଲା, ଏତେସବୁ ଜାଣିଲି; କିନ୍ତୁ ମୁଁ କିଏ, କାହିଁକି ଆସିଛି ଓ କେଉଁଠୁ ଆସିଛି ଏ ବିଷୟରେ ତ ମତେ କିଛି ଜଣାନାହିଁ । ଏହିସବୁ ପ୍ରଶ୍ନର ଉତ୍ତର ପାଇଁ ବଜାରକୁ ଧାଇଁଗଲେ ପୁସ୍ତକଟିଏ ଆଣିବା ପାଇଁ । ଆଧ୍ୟାତ୍ମିକ ପୁସ୍ତକଟିଏ କିଣି ପଢ଼ିବାକୁ ଲାଗିଲେ । ସେତେବେଳେ ଆମେରିକାର ଚିଟେନ୍ ଡ୍ରେନ୍‌ର ଉଇଲିୟମ୍  ଏଡିଙ୍କ ଘରେ ସୂକ୍ଷ୍ମ ଜଗତର ଅଶରୀରୀ ଆତ୍ମାକୁ ଡାକୁଥିବାର (spirit call) ଶୁଣି ସେଠାକୁ ଗଲେ । ପରୀକ୍ଷାନିରୀକ୍ଷା କରି ସବୁ ବୁଝି ସେ ବିଷୟରେ ଧାରାବାହିକ ଭାବରେ ସମ୍ବାଦପତ୍ରରେ ପ୍ରକାଶ କଲେ । ଏହି ବିଷୟରେ ଅଧ୍ୟୟନ ଓ ଅନ୍ୱେଷଣ କରିବା ସମୟରେ ଏଡିଙ୍କ ଫାର୍ମହାଉସ୍‌ରେ ବ୍ଲାଭାଟ୍‌ସ୍କିଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ପ୍ରଥମ ଦେଖାରେ ଦୁହେଁ ଅନୁଭବ କଲେ ଜୀବନର ନିବିଡ଼ ସମ୍ପର୍କକୁ । ଗୋଟିଏ ଜନ୍ମରେ ମ୍ୟାଡାମ୍ ବ୍ଲାଭାଟ୍‌ସ୍କି

ରାଜକୁମାର ଥିଲେ । କର୍ଣ୍ଣେଲ ଅଲ୍‌କଟ୍ ତାଙ୍କର ଦେହରକ୍ଷୀ ଥିଲେ । ଥରେ ହଠାତ୍ ରାଜକୁମାରଙ୍କୁ ଆକ୍ରମଣ ହେଲା । ଦେହରକ୍ଷୀ ନିଜ ଜୀବନକୁ ଜଳାଞ୍ଜଳି ଦେଇ ରାଜକୁମାରଙ୍କୁ ମୃତ୍ୟୁମୁଖରୁ ରକ୍ଷା କଲେ । ଏହା ଶୁଣି ରାଜା ତତ୍‌କ୍ଷଣାତ୍ ସେଠାରେ ଉପସ୍ଥିତ ହୋଇ ଦେହରକ୍ଷୀଙ୍କର ଅବସ୍ଥା ଦେଖି ତାଙ୍କୁ କହିଲେ, 'ତୁମେ କ'ଣ ମାଗୁଛ ମାଗ, ଯାହା ମାଗିବ ତାହା ଦେବାକୁ ମୁଁ ପ୍ରସ୍ତୁତ' । କିନ୍ତୁ ଦେହରକ୍ଷୀ ଅତି କଷ୍ଟରେ ଦୁଇହାତ ଯୋଡ଼ି ପ୍ରାର୍ଥନା କଲେ, 'ପ୍ରଭୁ ! ମୋତେ କେବଳ ଏତିକି ଆଜ୍ଞା ଦିଅନ୍ତୁ–ପରବର୍ତ୍ତୀ ଜୀବନରେ ମୁଁ, ଆପଣ ଏବଂ ଆପଣଙ୍କ ପୁତ୍ରଙ୍କର ସେବାରେ ଆସିବି' । ଦୁହେଁ ଏ ଜନ୍ମରେ ସାଙ୍ଗ ହୋଇ ସମଗ୍ର ମାନବ ସମାଜର ସେବାରେ କାର୍ଯ୍ୟ କରିଥିଲେ ।

କର୍ଣ୍ଣେଲ୍ ଅଲ୍‌କଟ୍ ଓ ମ୍ୟାଡାମ୍ ବ୍ଲାଭାଟ୍‌ସ୍କି ଦୁହେଁ ଏକତ୍ର ସତ୍ୟର ଅନ୍ୱେଷଣ ନିମନ୍ତେ ନିଷ୍ଠାର ସହିତ ପ୍ରୟାସ କରିଚାଲିଲେ । ମ୍ୟାଡାମ୍‌ଙ୍କର ପିଲାଟିବେଳୁ ଅତୀନ୍ଦ୍ରୀୟ ଶକ୍ତି ଥିଲା । ଏହି ଶକ୍ତି ବଳରେ ସେ ବହୁ ଗୂଢ଼ତତ୍ତ୍ୱ ଜାଣିପାରି ସେ ବିଷୟରେ ଅଲ୍‌କଟ୍‌ଙ୍କୁ ବୁଝାଇଥିଲେ । ଏହି ସ୍ଥୂଳଜଗତ ବ୍ୟତୀତ ଅନେକ ସୂକ୍ଷ୍ମଜଗତ ଓ ସୂକ୍ଷ୍ମ ଶରୀର ଅଛନ୍ତି । ମନୁଷ୍ୟର ଏପରି କ୍ଷମତା ଅଛି ଯେଉଁଥିରେ ସେ ଦେବତା ପଦବାଚ୍ୟ ହୋଇପାରେ । ଏହି ଜ୍ଞାନ-ବାକ୍ୟ ଅଲ୍‌କଟ୍‌ଙ୍କର ଆଖି ଖୋଲିଦେଲା । ଦୁହେଁ ଅଧିକରୁ ଅଧିକ ସମୟ ଦେଲେ ଏ ବିଷୟ ଜାଣିବା ପାଇଁ । ତାଙ୍କ ସହିତ କେତେକ ଶିକ୍ଷିତ ବ୍ୟକ୍ତି ମଧ୍ୟ ଯୋଗଦେଲେ । ତେଣୁ ମେ' ୧୮୭୫ ମସିହାରେ ପ୍ରଥମେ Miracle Club ପ୍ରତିଷ୍ଠା କଲେ । ଏହା ବେଶି ଦିନ କାର୍ଯ୍ୟ କରିପାରିଲା ନାହିଁ । ଶେଷରେ ଅନ୍ୟ କେତେକ ଉଚ୍ଚଶିକ୍ଷିତ ବ୍ୟକ୍ତି ଓ ବୈଜ୍ଞାନିକମାନେ ଇତିହାସ, ପୁରାଣ, ଜୀବତତ୍ତ୍ୱ, ଜଡ଼ଚୈତନ୍ୟ, ପ୍ରକୃତିର ଗୂଢ଼ତତ୍ତ୍ୱ ଆଲୋଚନା କଲେ । ଏହିଭଳି ୧୬ ଜଣ ବ୍ୟକ୍ତିଙ୍କୁ ନେଇ ୧୮୭୫ ମସିହା ନଭେମ୍ବର୧୭ ତାରିଖରେ ବ୍ରହ୍ମବିଦ୍ୟା ସମିତି ସ୍ଥାପନ କଲେ । ଏହି ସମିତିର ସ୍ଥାପନା ପାଇଁ ନିର୍ଦ୍ଦେଶ ଦେଇଥିଲେ ହିମାଳୟର ଦୁଇଜଣ ମହାତ୍ମା । ସମସ୍ତଙ୍କର ସମ୍ମତିକ୍ରମେ ଅଲ୍‌କଟ୍ ସମିତିର ପ୍ରଥମ ସଭାପତି ଓ ବ୍ଲାଭାଟ୍‌ସ୍କି ଲିପି ସଂପାଦିକା ରୂପେ ଦାୟିତ୍ୱ ନେଲେ । ସମିତିର ନିମ୍ନ ତିନୋଟି ମୁଖ୍ୟ ଲକ୍ଷ୍ୟ ରହିଲା–

୧. ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱଭ୍ରାତୃଭାବର ସ୍ଥାପନ କରିବା ।
୨. ଧର୍ମ, ଦର୍ଶନ ଓ ବିଜ୍ଞାନର ତୁଳନାତ୍ମକ ଅଧ୍ୟୟନ ପାଇଁ ପ୍ରୋତ୍ସାହିତ କରିବା ।
୩. ପ୍ରକୃତିର ଅନ୍ତର୍ନିହିତ ନିୟମାବଳୀ ଓ ମଣିଷର ଅନ୍ତର୍ନିହିତ ଶକ୍ତିର ଅନୁସନ୍ଧାନ କରିବା ।

ବ୍ରହ୍ମବିଦ୍ୟାର ପ୍ରଚାର ପାଇଁ ଦୁଇଜଣ ଅନେକ ଦେଶକୁ ଯାଇ ବ୍ରହ୍ମବିଦ୍ୟା ସମିତିର ଶାଖା ସ୍ଥାପନ କଲେ । ବ୍ରହ୍ମବିଦ୍ୟା ସମିତିର ମୁଖ୍ୟ ଆନ୍ତର୍ଜାତିକ କାର୍ଯ୍ୟାଳୟ ଭାରତରେ ସ୍ଥାପନ କରିବାକୁ ମନସ୍ଥ କଲେ । ଅଲ୍‌କଟ୍ ଜାଣିଥିଲେ ଭାରତ ସବୁବେଳେ ଆଧ୍ୟାତ୍ମିକ ଜ୍ଞାନରେ ସମୃଦ୍ଧ । ଋଷି, ମୁନି ଓ ମହାତ୍ମାମାନଙ୍କର ବାସ ଭାରତବର୍ଷରେ । ସେତେବେଳେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଲଣ୍ଡନ ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହୋଇଥିଲେ (୧୮୭୭) । ତାଙ୍କର ଆମନ୍ତ୍ରଣରେ କର୍ଣ୍ଣେଲ୍ ଅଲ୍‌କଟ୍ ଏବଂ ବ୍ଲାଭାଟ୍‌ସ୍କି ୧୮୭୮ ଡିସେମ୍ବର ୧୯ରେ ଯାତ୍ରା ଆରମ୍ଭ କରି ଭାରତ ଆସିବାକୁ ପ୍ରସ୍ତୁତ ହେଲେ । ଏହି ସମୟରେ ଅଲ୍‌କଟ୍ ମନରେ ଚିନ୍ତାକଲେ ମୁଁ ଗଲେ ମୋର ଦୁଇ ପୁତ୍ର କ'ଣ କରିବେ ? ମହାତ୍ମାଙ୍କର ନିର୍ଦ୍ଦେଶ ଆସିଲା, ତୁମର ମୁଖ୍ୟ ଉଦ୍ଦେଶ୍ୟ ପାଇଁ ଧ୍ୟାନ ଦିଅ । ତୁମର ସବୁ କାର୍ଯ୍ୟ ଠିକ୍ ହେବ । ଏହା ଶୁଣି ଅଲ୍‌କଟ୍ ଅବିଚଳିତ ଚିତ୍ତରେ ଯାତ୍ରା ଆରମ୍ଭ କଲେ । ଭାରତ ଆସିବାର ଦିନ ଯେତେ ନିକଟ ହେଉଥିଲା ଅଲ୍‌କଟ୍ ସେତେ ବେଶି ଆନନ୍ଦରେ ଉତ୍‌ଫୁଲ୍ଲିତ ହେଉଥିଲେ । ୧୮୭୯ ମସିହା ଫେବୃୟାରୀ୧୬ ତାରିଖରେ ଜାହାଜ ବମ୍ବେ ସହରର ଉପକୂଳରେ ଉପସ୍ଥିତ ହେଲା । ଭାରତଭୂମିରେ ପଦାର୍ପଣ କଲାମାତ୍ରେ ଅଲ୍‌କଟ୍ ସମୁଦ୍ରତଟରେ ଜାନୁ ପାତି ଭକ୍ତିପୂତ ପ୍ରଣାମ ଜଣାଇଲେ ଭାରତମାତାଙ୍କୁ ।

ବମ୍ବେରେ ପହଞ୍ଚିବା ପରଦିନଠାରୁ ସଭାସମିତିର ଆରମ୍ଭ ହେଲା । ଅନେକ ଉଚ୍ଚଶିକ୍ଷିତ ବ୍ୟକ୍ତି, ରାଜା, ମହାରାଜା ଉକ୍ତ ସଭାରେ ଉପସ୍ଥିତ ହେଲେ । ଅଲ୍‌କଟ୍‌ଙ୍କର ଭାଷଣ ଶୁଣି ସମସ୍ତେ ଭୂୟସୀ ପ୍ରଶଂସା କଲେ । ଭାରତବାସୀଙ୍କର ଆନ୍ତରିକତା ଓ ସହାନୁଭୂତି ପାଇ ସେ ନିଜକୁ କୃତାର୍ଥ ମନେକଲେ । ହିନ୍ଦୁମାନଙ୍କ ସହିତ ଅବାଧ ମିଳାମିଶା କରି ହିନ୍ଦୁଧର୍ମର ଅନେକ ଧର୍ମଶାସ୍ତ୍ର ଅଧ୍ୟୟନ କରି ଦେଶର ଧର୍ମ ଓ ସଂସ୍କୃତି କିପରି ବଜାୟ ରଖିବାକୁ ହେବ ସେ ବିଷୟରେ ଲୋକମାନଙ୍କୁ ବୁଝାଇଲେ । ବମ୍ବେରୁ

ଏଲ୍ଲାହାବାଦ ଗଲେ । କାଶୀ ରାଜାଙ୍କର ନିମନ୍ତ୍ରଣରେ ରାଜଦରବାରକୁ ଯାଇ ସେଠାରେ ଦେଖିଲେ ଲେଖା ରହିଛି ବ୍ରହ୍ମବିଦ୍ୟାର ଆଦର୍ଶବାଣୀ— "ସତ୍ୟାତ୍ ନାସ୍ତି ପରୋ ଧର୍ମ" । କାଶୀର ରାଜା ବଡ଼ ଧରଣର ଏକ ସଭାର ଆୟୋଜନ କରିଥିଲେ । ତତ୍‌ପରେ ସିମ୍‌ଲା, ଅମୃତସର, ଲାହୋର, ଜାମ୍ମୁ, କାଶ୍ମୀର, ଦାର୍ଜିଲିଂ, ସିକିମ୍, ବିହାର, ବେଙ୍ଗଲ୍, କଳିଙ୍ଗ, ବିଜୟନଗରମ୍, ବିଶଖାପାଟନା, କାକିନାଡ଼ା, ବିଜୟୱାଡ଼ା, ଗୁନ୍‌ଟୁର୍, ମଛଲିପଟନମ୍, ମହୀଶୂର, କର୍ଣ୍ଣାଟକ, ମାନ୍ଦ୍ରାଜ ଇତ୍ୟାଦି ସ୍ଥାନକୁ ଯାଇ ବ୍ରହ୍ମବିଦ୍ୟା ପ୍ରଚାର କରିଥିଲେ । ମାନ୍ଦ୍ରାଜର ଆଡ୍ୟାର ସ୍ଥାନଟିକୁ ଦେଖି ସେହି ସ୍ଥାନଟି ବ୍ରହ୍ମବିଦ୍ୟା ସମିତିର ମୁଖ୍ୟ କାର୍ଯ୍ୟାଳୟ ପାଇଁ ଉପଯୁକ୍ତ ହେବ ବୋଲି କହିଥିଲେ ।

ଆଡ୍ୟାର୍ ନଦୀ ଏହିଠାରେ ସମୁଦ୍ରରେ ମିଶିଯାଇଛି । ଏହି ତ୍ରିକୋଣଭୂମି ପ୍ରକୃତିର ବୈଭବରେ ଭରପୂର । ଏହି ସ୍ଥାନଟି କୋଳାହଳମୁକ୍ତ, ଶାନ୍ତ, ପବିତ୍ର ଅଟେ ଯାହାକି ସତ୍ୟ ଅନ୍ୱେଷଣକାରୀମାନଙ୍କ ପାଇଁ ସଂପୂର୍ଣ୍ଣ ଉପଯୋଗୀ । ଅଲ୍‌କଟ୍ ମାନ୍ଦ୍ରାଜରୁ ସିଂହଳ ଯାଇ ସେଠାରେ ବୌଦ୍ଧଧର୍ମର ଅଭ୍ୟୁତ୍‌ଥାନ ପାଇଁ କାର୍ଯ୍ୟ କରିଥିଲେ । ସେତେବେଳେ ଖ୍ରୀଷ୍ଟିୟାନ ପାଦ୍ରୀମାନେ ବୌଦ୍ଧ ଧର୍ମାବଲମ୍ବୀ ବାଳକ-ବାଳିକାମାନଙ୍କ ନିରାପତ୍ତା ଉପରେ ଗୁରୁତ୍ୱ ଦେଇ ସଭା କରୁଥିଲେ । ଅଲ୍‌କଟ୍ ସେଠାରେ ଅନେକ ସଭାସମିତିର ଆୟୋଜନ କରି ନିଜ ଧର୍ମ ପ୍ରତି କିଭଳି ସଜାଗ ରହିବାକୁ ହେବ ସେ ବିଷୟରେ ଭଲଭାବରେ ବୁଝାଇଥିଲେ । ବୌଦ୍ଧଧର୍ମର ବାଳକମାନଙ୍କ ପାଇଁ କେତେକ ସ୍କୁଲ ସ୍ଥାପନ କରି ମିଶନାରୀ ଶିକ୍ଷା କବଳରୁ ସେମାନଙ୍କୁ ରକ୍ଷା କଲେ । ପିଲାମାନଙ୍କର କିଭଳି ନୈତିକତାର ଉନ୍ନତି ହେବ ସେଥିପାଇଁ ସେ ସର୍ବଦା ଚେଷ୍ଟା କରୁଥିଲେ । ସେ ପିଲାମାନଙ୍କୁ ବହୁତ ଭଲ ପାଉଥିଲେ । ପିଲାମାନେ ମଧ୍ୟ ତାଙ୍କ ପାଖ ଛାଡ଼ି ଯାଉ ନ ଥିଲେ । ଗରିବ ଓ ଦଳିତ ପିଲାମାନଙ୍କର ଶିକ୍ଷା ପାଇଁ ଆଡ୍ୟାରଠାରେ ସେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।  ସେ ପ୍ରଥମେ ସ୍ୱଦେଶୀ ପ୍ରଦର୍ଶନୀ ଆରମ୍ଭ କରିଥିଲେ । ଏହି ପିଲାମାନଙ୍କୁ ସାହାଯ୍ୟ ଦେବାପାଇଁ  ଥରେ ଅଲ୍‌କଟ୍ ସିଂହଳର ଗୋଟିଏ ବିରାଟ ସଭାରେ ଭାଷଣ ଦେଇଥିଲେ । ଭାଷଣ ଶେଷରେ କେହି କରତାଳି  ନ ମାରି ଶାନ୍ତ ରହିଲେ । ଏହା ଦେଖି ଅଲ୍‌କଟ୍ ଜଣେ ସିଂହଳୀ ବନ୍ଧୁଙ୍କୁ ପଚାରିଲେ, କ'ଣ

ଭାଷଣ ଭଲ ଲାଗିଲା ନାହିଁ ? ବନ୍ଧୁ ଜଣକ କହିଲେ, ଏତେ ଭଲ, ହୃଦୟସ୍ପର୍ଶୀ ଥିଲା ଯେ ସମସ୍ତେ ଶାନ୍ତ ହୋଇଗଲେ । କରତାଳିରେ ସେହି ଶାନ୍ତ ପରିବେଶକୁ ନଷ୍ଟ କରିବା ଆବଶ୍ୟକ ନୁହେଁ । ସେହିଦିନଠାରୁ ବ୍ରହ୍ମବିଦ୍ୟା ସଭାରେ କରତାଳି କରାଯାଏ ନାହିଁ ।

ଅଲ୍‌କଟ୍ ନିଜର ସାଧନା ବଳରେ ଅଲୌକିକ ଶକ୍ତି ଲାଭ କରିଥିଲେ । ଏହି ଶକ୍ତିବଳରେ ସେ ଅନେକ ରୋଗୀଙ୍କୁ ରୋଗମୁକ୍ତ କରିଥିଲେ । ଅନ୍ଧକୁ ଚକ୍ଷୁଦାନ ଓ ଛୋଟା ଲେଙ୍ଗଡ଼ାଙ୍କୁ ଶକ୍ତି ଦେଇ ଚାଲିବାକୁ ସମର୍ଥ କରାଇଥିଲେ । ଯେତେବେଳେ ସୁବାରାଓ ଶଯ୍ୟାଶାୟୀ ଥିଲେ ସେ କର୍ଣ୍ଣେଲ୍‌ଙ୍କୁ ଘରକୁ ଡାକିଥିଲେ । କର୍ଣ୍ଣେଲ୍ ତାଙ୍କୁ ସ୍ପର୍ଶ କଲା ମାତ୍ରେ ସେ ଉଠି ଚାଲିଲେ । ଏସବୁ କାର୍ଯ୍ୟ ଛଡ଼ା ବ୍ରହ୍ମବିଦ୍ୟା ସମିତିର ଶାଖା ଗଠନ ଓ ବ୍ରହ୍ମବିଦ୍ୟା ପ୍ରଚାର ଥିଲା ତାଙ୍କର ପ୍ରଧାନ କାର୍ଯ୍ୟ । ସେତେବେଳେ ସେ ଶଗଡ଼ରେ ବୁଲିବୁଲି ଭାରତର ବିଭିନ୍ନ ଗାଁଗହଳିକୁ ଯାଇ ସବୁପ୍ରକାର ଲୋକଙ୍କ ସାଥିରେ ମିଶି, ଯେଉଁଠି ଯାହା ଖାଦ୍ୟ ମିଳିଲା, ତାହା ଖୁସିରେ ଗ୍ରହଣ କରି, ଯେଉଁଠି ଶୋଇବାକୁ ମିଳିଲା ସେଠାରେ ଶୋଇ ବ୍ରହ୍ମବିଦ୍ୟା ପ୍ରଚାର କରିଥିଲେ । ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ହିମାଳୟରେ ଥିବା ଦୁଇଜଣ ମହାତ୍ମା ତାଙ୍କୁ ବହୁବାର ଦେଖାଦେଇଥିଲେ । ଥରେ ଜଣେ ମହାତ୍ମାଙ୍କୁ ସାମ୍ନାରେ ଦେଖି ଅଲ୍‌କଟ୍ ଭାବୁଛନ୍ତି ମୁଁ ଯଦି କାଲି ସକାଳେ କହିବି ମହାତ୍ମା ଆସିଥିଲେ ବୋଲି କେହି ବିଶ୍ୱାସ କରିବେ କି ନାହିଁ । ମହାତ୍ମା ତାଙ୍କର ମନକଥା ଜାଣିପାରି ସଙ୍ଗେସଙ୍ଗେ ତାଙ୍କର ପଗଡ଼ିଟିକୁ କାଢ଼ି ଟେବୁଲ୍ ଉପରେ ଥୋଇଦେଲେ, ଯାହାକି ଅଡ୍ୟାୟାର ମ୍ୟୁଜିୟମ୍‌ରେ ରହିଅଛି । ଅଲ୍‌କଟ୍ ଥିଲେ ମହାତ୍ମାଙ୍କର ଅନ୍ତରଙ୍ଗ ଭକ୍ତ । ମହାତ୍ମା କହିଛନ୍ତି ଏପରି ଭକ୍ତିଭାବ ଆମେ ଆଉ କାହା ପାଖରେ ଦେଖି ନାହୁଁ । ସେ ସବୁ କାର୍ଯ୍ୟ ଅତି ଆଗ୍ରହରେ କରିଯାନ୍ତି । ନିଜର ଭୁଲ୍‌କୁ ସ୍ୱୀକାର କରିବାକୁ ତିଳେ ହେଲେ କୁଣ୍ଠାବୋଧ କରନ୍ତି ନାହିଁ । ଧନୀ-ଦରିଦ୍ର, ଉଚ୍ଚ-ନୀଚ, ଶିକ୍ଷିତ-ଅଶିକ୍ଷିତ ସମସ୍ତଙ୍କର ସେବା ଥିଲା ତାଙ୍କର ପ୍ରଧାନ ଲକ୍ଷ୍ୟ । ପ୍ରଶଂସା ବା ନିନ୍ଦା କୌଣସିଥିରେ ସେ ବିଚଳିତ ହୁଅନ୍ତି ନାହିଁ ।

୧୯୦୬ ଆନ୍ତର୍ଜାତିକ ବାର୍ଷିକ ଅଧିବେଶନ ସମୟରେ ତାଙ୍କର ଶରୀର ଅସୁସ୍ଥ ଥାଏ । ତାଙ୍କ ପରେ କିଏ ସଭାପତି ହେବେ ଚିନ୍ତାରେ ରହିଥାନ୍ତି । ଏହି ସମୟରେ

ଦୁଇଜଣ ମହାତ୍ମା ଆସି ତାଙ୍କୁ ଦେଖା ଦେଇ ତାଙ୍କର ଚିନ୍ତା ଦୂର କଲେ । ସେମାନେ କହିଥିଲେ ଆନି ବେସାନ୍ତ୍ ହିଁ ତୁମ ପରେ ସଭାପତି ହେବେ । ତତ୍‌ପରେ ତାଙ୍କର ଶରୀର କ୍ଷୀଣ ହେବାକୁ ଲାଗିଲା । ଫେବୃୟାରୀ ୧୭ ତାରିଖ ୧୯୦୬ ମସିହା ସକାଳ ୭.୨୭ ମିନିଟ୍‌ରେ ସେ ପାର୍ଥିବ ଶରୀର ତ୍ୟାଗ କଲେ । ଶରୀରତ୍ୟାଗ ସମୟରେ ମହାତ୍ମାଙ୍କ ସହିତ ମ୍ୟାଡାମ୍ ବ୍ଲାଭାଟ୍‌ସ୍କି ଏବଂ ଦାମୋଦର କେ. ମାଉଲଙ୍କର ସେଠାରେ ସୂକ୍ଷ୍ମଶରୀରରେ ଉପସ୍ଥିତ ଥିବାର ଉଲ୍ଲେଖ ଅଛି । ମ୍ୟାଡାମ୍ ବ୍ଲାଭାଟ୍‌ସ୍କି କହିଉଠିଲେ, 'ଡୋରି ଛିଣ୍ଡିଗଲା', 'ସେ ବର୍ତ୍ତମାନ ମୁକ୍ତ' । ୧୮୭୫ ରୁ ୧୯୦୬ ପର୍ଯ୍ୟନ୍ତ ସଭାପତି ଭାବରେ ଅକ୍ଳାନ୍ତ ଉଦ୍ୟମ କରି, ନିଜର ସବୁକିଛି ଜଳାଞ୍ଜଳି ଦେଇ କର୍ଣ୍ଣେଲ୍ ଅଲ୍‌କଟ୍ ବ୍ରହ୍ମବିଦ୍ୟାର ପ୍ରଚାର-ପ୍ରସାର କରିଥିଲେ । ସେ ୮୯୩ଟି Charter Issue କରିଥିଲେ ।

ଆନି ବେସାନ୍ତ୍ କହିଛନ୍ତି– H.P.B gave the world thesophy, but H.S.O. gave to the world T.S.. Each was choosen by the master. The T.S. is what it is, organised in its present form with so many autonomous sections and Lodges with freedom for every individual member to think along his own lines because of H.S.O.. It was his life's mission to stand by H.P.B., to protect her and make it possible for her to give out what she had to give.

ତାଙ୍କର ଗଭୀର ଜ୍ଞାନ ଓ ହୃଦୟସ୍ପର୍ଶୀ ଭାଷଣ ଦ୍ୱାରା ସେ ଅନେକଙ୍କ ଜୀବନରେ ଶାନ୍ତି ଓ ଆନନ୍ଦ ଆଣିଦେଇଛନ୍ତି । ତାଙ୍କର ସାହାଯ୍ୟ ଓ ସହାନୁଭୂତିରେ ଅନେକ ଦଳିତ ଗରିବ ପିଲା ଶିକ୍ଷିତ ହୋଇ ବଡ଼ ପଦବୀ ଲାଭକରି ନିଜ ପରିବାର ତଥା ଦେଶର ଉନ୍ନତି କରିପାରିଛନ୍ତି । ତାଙ୍କର କାର୍ଯ୍ୟ ଓ ତ୍ୟାଗପୂତ ଜୀବନ ପାଇଁ ସେ ଚିରସ୍ମରଣୀୟ ।

❖❖❖



# ମହାମନୀଷୀ ଆନି ବେସାନ୍ତ

## ଡକ୍ଟର ଚିନ୍ମୟୀ ମହାପାତ୍ର

ସମଗ୍ର ବିଶ୍ୱକୁ ଜ୍ଞାନର ବର୍ତ୍ତିକା ଦେଖାଇଥିବା ଆର୍ଯ୍ୟଭୂମି ଭାରତବର୍ଷ ଶହଶହ ବର୍ଷର ପରାଧୀନତାର ଅନ୍ଧକାରରେ ଦିଗହରା ହୋଇପଡ଼ିଥିଲା । ଏ ମାଟିର ସନ୍ତାନମାନେ ଦୀର୍ଘ ଆଧ୍ୟାତ୍ମିକ ପରମ୍ପରାର ମହତ୍ତ୍ୱ, କର୍ମ, ଜ୍ଞାନ, ଭକ୍ତିର ମହନୀୟ ଦିଗ୍‌ଦର୍ଶନକୁ ବିସ୍ମୃତ ହୋଇ ହତଜ୍ଞାନ ହୋଇପଡ଼ିଥିଲେ । ଏମିତି ଏକ ଦୁଃସମୟରେ ଭାରତୀୟ ପ୍ରାଚୀନ ଜ୍ଞାନ (Ancient wisdom) ଓ ମାନବୀୟ ସତ୍ୟାଦର୍ଶର ପ୍ରତିଭୂ ସାଜି ଆଗକୁ ଆସିଥିଲେ ଜଣେ ବିଦେଶାଗତା ମହିଳା— ଆନି ବେସାନ୍ତ୍ । ଶରୀରର ଉଚ୍ଚତା କମ୍ ଥିଲେ ହେଁ ବ୍ୟକ୍ତିତ୍ୱର ଦୃଢ଼ତା ଓ ଚିନ୍ତନର ଉଚ୍ଚତା ତାଙ୍କୁ ଲକ୍ଷ ଲକ୍ଷ ହୃଦୟରେ ମା'ର ଆସନରେ ଅଧିଷ୍ଠିତ କରାଇଥିଲା । ଜନଜୀବନକୁ ମା'ର ମମତ୍ୱସ୍ନିଗ୍ଧ ଦିଗ୍‌ଦର୍ଶନ ଦେଇ, ଏକାଧାରରେ ଗୁରୁ ଓ ସଂସ୍କାରକର ଭୂମିକା ନିର୍ବାହ କରି ଏ ଜାତିର ଇତିହାସରେ ସେ ଅବିସ୍ମରଣୀୟ ହୋଇ ରହିଗଲେ ।

୧୮୪୭ ମସିହା ଅକ୍ଟୋବର ପହିଲା ଦିନ ଲଣ୍ଡନର କ୍ଲାପ୍‌ହାମ୍ ଟାଉନ୍‌ଠାରେ ୱିଲିୟମ୍ ଉଡ୍ ଓ ଏମିଲି ମୋରିସ୍‌ଙ୍କ କନ୍ୟା ଆନି ଉଡ୍‌ଙ୍କର ଜନ୍ମ ହୋଇଥିଲା । ପିତା ୱିଲିୟମ୍ ଜଣେ ବହୁଭାଷାବିତ୍ ଓ ପ୍ରବୀଣ ଗଣିତ ଶିକ୍ଷକ ଥିଲେ । ମାତ୍ର ଆନିଙ୍କ ବୟସ ମାତ୍ର ପାଞ୍ଚ ବର୍ଷ ଥିଲାବେଳେ ଯକ୍ଷ୍ମା ରୋଗରେ ପୀଡ଼ିତ ପିତାଙ୍କର ମୃତ୍ୟୁ ହେଲା । ମାତା ଏମିଲି ବହୁ କଷ୍ଟରେ କନ୍ୟାର ଭରଣପୋଷଣ କଲେ । କୋଡ଼ିଏ ବର୍ଷ ବୟସରେ ରେଭେରେଣ୍ଡ୍ ଫ୍ରାଙ୍କ୍ ବେସାନ୍ତ୍‌ଙ୍କ ସହ ବିବାହ ପରେ ଆନି ଉଡ୍‌ଙ୍କର ପରିବର୍ତ୍ତିତ ପରିଚୟ ହେଲା ଆନି ବେସାନ୍ତ୍ । ବିବାହର ତିନିବର୍ଷ ଭିତରେ ସେ ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନର ଜନନୀ ମଧ୍ୟ ହେଲେ । ମାତ୍ର ମାନବସମାଜର ବିପୁଳ ପରିସରକୁ ସେବା ଓ କଲ୍ୟାଣରେ ଧନ୍ୟ କରିବା ଯାହାଙ୍କ ଜୀବନର ଉଦ୍ଦେଶ୍ୟ, ଗୃହ-ପରିବାରର ସୀମିତ ପରିସର ତାଙ୍କ ପାଇଁ ଶାନ୍ତିପ୍ରଦ ହୁଅନ୍ତା କିପରି ?

ଆନି ନିଷ୍ଠାପର ଖ୍ରୀଷ୍ଟିୟାନ୍ ଓ ଧର୍ମପ୍ରାଣ ଥିଲେ ହେଁ ସତ୍ୟାନୁସନ୍ଧିତ୍ସୁ ଓ ନୀତିନିଷ୍ଠ ଥିଲେ । ତାଙ୍କର ଜିଜ୍ଞାସା, ଅନୁସନ୍ଧିତ୍ସା, ଯୁକ୍ତିଶୀଳତା ଅନ୍ଧବିଶ୍ୱାସୀ ସ୍ୱାମୀଙ୍କର ଅହଂକାରକୁ ଆହତ କରିଥିଲା । ବାଇବେଲ୍‌ରେ କେତେକ ପରସ୍ପରବିରୋଧୀ ଚିନ୍ତାର ଉଲ୍ଲେଖ, ଅକ୍ଷୟ ସ୍ୱର୍ଗ ଓ ଅନନ୍ତ ନରକ ଭୋଗର କଥା, ପାପ ଓ ଦୁଃଖର କାରଣ ବିଷୟରେ ଯଥାର୍ଥ ପ୍ରତ୍ୟୟ ଉତ୍ପାଦକ ସ୍ପଷ୍ଟୀକରଣର ଅଭାବ, ଅକାରଣ ଅନୁତାପର ସାରଶୂନ୍ୟତା ଆଦି ଆନିଙ୍କ ମନରେ ସନ୍ତୋଷ ନ ଦେବାରୁ ସେ ତାଙ୍କର ପାଦ୍ରୀ ସ୍ୱାମୀଙ୍କୁ ନାନା ପ୍ରଶ୍ନ କରୁଥିଲେ । ସେସବୁର ଯଥାର୍ଥ ଉତ୍ତର ଦେଇ ନ ପାରି ଅହଂକାରପୀଡ଼ିତ ସ୍ୱାମୀ ଆନିଙ୍କୁ ନିନ୍ଦା, ଭର୍ତ୍ସନା ଓ ତାଡ଼ନାରେ ଜର୍ଜରିତ କରୁଥିଲେ । ଭ୍ରାନ୍ତ ଧାରଣା, ଅନ୍ଧବିଶ୍ୱାସ ଓ କୁସଂସ୍କାରରେ ଆଚ୍ଛନ୍ନ ହୃଦୟ ଫ୍ରାଙ୍କ୍ ବେସାନ୍ତଙ୍କ ସହିତ ଆନିଙ୍କର ମନୋମାଳିନ୍ୟ କ୍ରମେ ଦାରୁଣ ଦୁଃଖ ଓ ନିର୍ଯାତନାର କାରଣ ହେଲା; ମାତ୍ର ଛଅଟି ବର୍ଷର ବୈବାହିକ ଜୀବନଯାପନ ପରେ ବିବାହ-ବିଚ୍ଛେଦ ହୋଇଗଲା । ପାଞ୍ଚବର୍ଷର ପୁଅକୁ ସ୍ୱାମୀଙ୍କ ପାଖରେ ଛାଡ଼ି ତିନିବର୍ଷର ଝିଅ ସହିତ ଆନି ଘର ଛାଡ଼ିଲେ । ସିଲେଇ କାମ, ଗଭର୍ଣ୍ଣେସ୍ କାମ କରି, ପୁଣି ମାତୃବିୟୋଗ ପରେ ଗୀର୍ଜାର ପ୍ରଚାରପତ୍ର ଲେଖି

ସେ କନ୍ୟାଟିର ଲାଳନପାଳନ କରିବାକୁ ଲାଗିଲେ । ତଥାପି ନିର୍ମମ ସ୍ୱାମୀ ଚରମ ନିଷ୍ଠୁରତା ଓ ଦ୍ୱେଷର ପରିଚୟ ଦେଇ ମକଦ୍ଦମା କରି ଆନିଙ୍କଠାରୁ ଝିଅକୁ ଛଡ଼ାଇ ନେଲେ । ମର୍ମାହତ ଆନି ବିଷ ପାନକରି ଆତ୍ମହତ୍ୟା କରିବାକୁ ଉଦ୍ୟତ ହେଲାବେଳେ ଏକ ଅଶରୀରୀ ସ୍ୱର ତାଙ୍କୁ ଭର୍ତ୍ସନା କରି ସେହି ମହାପାପରୁ ନିବୃତ୍ତ କରାଇ ସାହସର ସହିତ ଜୀବନସଂଗ୍ରାମର ସମ୍ମୁଖୀନ ହେବାକୁ ପ୍ରବର୍ତ୍ତାଇଥିଲା ।

ସେହି ସମୟରେ ଧର୍ମାନ୍ଧତା ଓ କୁସଂସ୍କାର ବିରୁଦ୍ଧରେ ଲଢୁଥିବା ବିଶିଷ୍ଟ ସମାଜସେବୀ ତଥା ଆଇନଜୀବୀ ଚାର୍ଲସ୍ ବ୍ରାଡ୍‌ଲେଙ୍କ ଜ୍ଞାନଗର୍ଭକ ବକ୍ତୃତା ଆନିଙ୍କୁ ପ୍ରଭାବିତ କରିଥିଲା । ତାଙ୍କରି ପ୍ରଭାବରେ ଆନି ମୁକ୍ତଚିନ୍ତନ ଆନ୍ଦୋଳନ (Free thought movement) ରେ ଯୋଗଦେଲେ । ଶୋଷଣ ଓ ନିଷ୍ପେଷଣର ଶିକାର ହୋଇଥିବା ଦରିଦ୍ର ମଣିଷଙ୍କର ସେବା କରିବା ସଙ୍ଗେସଙ୍ଗେ ସେମାନଙ୍କର ନ୍ୟାୟସଂଗତ ଦାବୀଗୁଡ଼ିକୁ ସମର୍ଥନ କରି ଖବରକାଗଜ ଓ ପ୍ରଚାରପତ୍ରରେ ଲେଖିବା, ସଂଗଠନ ଓ ସଭାସମିତି ମାଧ୍ୟମରେ ଜନମତ ସୃଷ୍ଟି କରିବାରେ ସମର୍ଥ ହେଲେ । ସେଥିସହିତ ଉନ୍ମୁକ୍ତ ମାନସିକତା ନେଇ ସେ ଧର୍ମତତ୍ତ୍ୱର ଅନୁଶୀଳନରେ ମଧ୍ୟ ରତ ଥିଲେ । ବିଜ୍ଞାନ ଅଧ୍ୟୟନରେ ପ୍ରବଳ ଆଗ୍ରହ ଓ ପ୍ରଖର ମେଧାଶକ୍ତି ସତ୍ତ୍ୱେ ତାଙ୍କର ସ୍ୱାଧୀନ ଚିନ୍ତାଧାରା ଓ ଧର୍ମାନ୍ଧତାବିରୋଧୀ ମତବାଦ ହେତୁ କ୍ଷୁବ୍ଧ ହୋଇ ଜଣେ ଅଧ୍ୟାପକ ଆକ୍ରୋଶମୂଳକ ଭାବରେ ତାଙ୍କୁ ପରୀକ୍ଷାରେ କୃତକାର୍ଯ୍ୟ କରାଇ ନ ଦେବାପାଇଁ ବଦ୍ଧପରିକର ଥିଲେ । ତେଣୁ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଉପାଧି ଲାଭ କରିବା ତାଙ୍କ ପାଇଁ ସମ୍ଭବ ହେଲାନାହିଁ । ମାତ୍ର ସ୍ୱକୀୟ ଅଧ୍ୟୟନ ଓ ଜ୍ଞାନକୁ ସମ୍ବଳ କରି ସେ ଶ୍ରମଜୀବୀମାନଙ୍କୁ ବିଜ୍ଞାନର ଚମକପ୍ରଦ ଦିଗ ଓ ନୂତନ ନୂତନ ଆବିଷ୍କାର ସଂପର୍କରେ ବକ୍ତୃତା ଦେଇ ପ୍ରଭାବିତ କରିଥିଲେ ।

ସେତେବେଳେ ଲଣ୍ଡନର ଦିଆସିଲି କାରଖାନାରେ କାର୍ଯ୍ୟ କରୁଥିବା ଶ୍ରମଜୀବୀ ମହିଳାମାନେ ନାନା ପ୍ରକାର ଶୋଷଣର ଶିକାର ହେଉଥିଲେ । ଦିଆସିଲି କାରଖାନାର କର୍ମକର୍ତ୍ତା ସଂଘର ସେକ୍ରେଟାରୀ ଭାବରେ ଶ୍ରୀମତୀ ବେସାନ୍ତ୍ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ ଚଳାଇ ଦାବୀ ପୂରଣ କରାଇଥିଲେ । ସାମାଜିକ ବୈଷମ୍ୟର ବିଷରେ ଜର୍ଜରିତ, ଅତ୍ୟାଚାରିତ, ନିର୍ଯାତିତ,

ନିଷ୍ପେସିତ ମଣିଷମାନଙ୍କର ସହାୟତା କରିବାକୁ ସେ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ବ୍ୟକ୍ତିଗତ ଜୀବନର ଯାବତୀୟ ସମସ୍ୟା, ଘାତ-ପ୍ରତିଘାତ, ଦୁଃଖ, ଦ୍ୱନ୍ଦ୍ୱ, କୁତ୍ସା ସତ୍ତ୍ୱେ ସେ ଅବିରତ କର୍ମରତ ରହି ନିଜର ଉଦାତ୍ତ ବ୍ୟକ୍ତିତ୍ୱ, ଅନମନୀୟ ଆତ୍ମବିଶ୍ୱାସ, ଅଦମ୍ୟ ସାହସ ଓ ଆତ୍ମଶକ୍ତିର ପରିଚୟ ଦେଇଥିଲେ । ଭର୍ତ୍ତୃହରିଙ୍କ 'ନୀତିଶତକ'ରେ କୁହାଯାଇଛି–

"ପ୍ରାରଭ୍ୟତେ ନ ଖଲୁ ବିଘ୍ନଭୟେନ ନୀଚୈଃ ।
ପ୍ରାରଭ୍ୟ ବିଘ୍ନବିହତାଃ ବିରମନ୍ତି ମଧ୍ୟାଃ ।
ବିଘ୍ନୈଃ ପୁନଃପୁନରପି ପ୍ରତିହନ୍ୟମାନାଃ
ପ୍ରାରବ୍ଧଂ ଉତ୍ତମଜନାଃ ନ ପରିତ୍ୟଜନ୍ତି ।।"

ନାନା ବାଧାବିଘ୍ନ ଭିତରେ ନିଃସ୍ୱାର୍ଥ ଓ ପରହିତ ସାଧନର ଉଦ୍ଦେଶ୍ୟ ନେଇ କର୍ମତତ୍ପର ରହିବା ଆନିଙ୍କ ଚରିତ୍ରର ଉତ୍ତମ ଓ ସମୁଜ୍ଜ ଦିଗ ଥିଲା । ତେବେ ସଂଗ୍ରାମ ଓ ସଂଘର୍ଷର ଝଞ୍ଜାଘାତ ମଧ୍ୟରେ ସେ ମାନସିକ ଭାରସାମ୍ୟ ହରାଇ ନ ଥିଲେ କି ଜୀବନର ସର୍ବୋଚ୍ଚ ଲକ୍ଷ୍ୟ ପରମସତ୍ୟର ଉପଲବ୍ଧି ନିମିତ୍ତ ଉନ୍ମୁଖତାରୁ ନିବୃତ୍ତ ହୋଇ ନଥିଲେ ।

୧୮୮୫ ଠାରୁ ସେ 'ଫାବିଆନ୍ ସୋସାଇଟି' ସହ ସଂପୃକ୍ତ ହୋଇଥିଲେ । ଏହି ସଂସ୍ଥା ଆକସ୍ମିକ ବୈପ୍ଲବିକ ପରିବର୍ତ୍ତନ ପରିବର୍ତ୍ତେ ଧୀରେ ଧୀରେ ସଂସ୍କାର ଆଣି ଗଣତାନ୍ତ୍ରିକ ସମାଜବାଦ ପ୍ରତିଷ୍ଠା ଉପରେ ଆସ୍ଥା ରଖୁଥିଲା । ସେତେବେଳେ ବର୍ଣ୍ଣାଡ୍ ଶ', ସିଡ୍‌ନି ୱେବ୍, ଲର୍ଡ୍ ଅଲିଭର୍, ରାମ୍‌ସେ, ମ୍ୟାକ୍ ଡୋନାଲ୍‌ଡ୍ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଏହାର ସଦସ୍ୟ ଥିଲେ । ସମାଜ-କଲ୍ୟାଣ ଓ ମୁକ୍ତଚିନ୍ତନ ଧାରା ପ୍ରତି ଆକୃଷ୍ଟ ହୋଇ କିଛି ବର୍ଷ କାର୍ଯ୍ୟ କରିଥିଲେ ହେଁ ନାସ୍ତିକତାବାଦୀ ଆନ୍ଦୋଳନର ନାସ୍ତିବାଚକ ଦିଗ ପ୍ରତି ଆନି କ୍ରମେ ବିତୃଷ୍ଣ ହୋଇପଡ଼ିଲେ । ପରେ ପରେ ସେ ମୃତ୍ୟୁ ପରବର୍ତ୍ତୀ ମାନବଜୀବନର ରହସ୍ୟ ଜାଣିବା ପାଇଁ ସମ୍ମୋହନ ବିଦ୍ୟା (Hypnotism), ମ୍ୟାଗ୍‌ନେଟିଜମ୍ ଆଦିର ପ୍ରୟୋଗ, ପ୍ରେତତତ୍ତ୍ୱର ଅଧ୍ୟୟନ କରିବା ସହିତ ଅଧ୍ୟାତ୍ମତତ୍ତ୍ୱ ପ୍ରତି ବିଶେଷ ଆଗ୍ରହ ପୋଷଣ କଲେ । ଦିନେ ଭାବାବିଷ୍ଟ ଅବସ୍ଥାରେ ବ୍ୟକ୍ତିଗତ ଜୀବନର ବିଫଳତା ଓ ପରମସତ୍ୟର ସନ୍ଧାନରେ

ଅନିଶ୍ଚିତତା ବିଷୟରେ ଚିନ୍ତା କରୁଥିଲାବେଳେ ତାଙ୍କୁ ପୁଣି ସେହି ଅଶରୀରୀ ବାଣୀ ଶୁଭିଲା ଯାହା ତାଙ୍କ ଭବିଷ୍ୟତ ଜୀବନ ପାଇଁ ଆହ୍ୱାନ ଥିଲା – "ତୁମେ ସବୁକିଛି ତ୍ୟାଗକରି ଏକନିଷ୍ଠ ଭାବରେ ସତ୍ୟର ସନ୍ଧାନ କରିବା ପାଇଁ ଆଗ୍ରହୀ କି ?" ଆନିଙ୍କ କଣ୍ଠରୁ ସ୍ୱତଃସ୍ଫୂର୍ତ୍ତ ଭାବରେ ସ୍ୱୀକାରୋକ୍ତି ବାହାରିପଡ଼ିଲା । ଏହାପରେ ତାଙ୍କ ଜୀବନର ଗତିପଥ ବଦଳିଗଲା । ଚିନ୍ତାଧାରା ଓ କର୍ମପନ୍ଥା ମଧ୍ୟ ନୂତନ ମୋଡ଼ ନେଲା ।

କିଛିଦିନ ପରେ ତାଙ୍କପାଇଁ ଏକ ଅପ୍ରତ୍ୟାଶିତ ସୁଯୋଗ ଆସିଲା । 'Review of Review' ପତ୍ରିକାର ସଂପାଦକ W.T.Steed ବ୍ରହ୍ମବିଦ୍ୟା ସମିତି (Theosophical Society) ର ପ୍ରତିଷ୍ଠାତ୍ରୀ ହେଲେନା ପେଟ୍ରୋଭ୍‌ନା ବ୍ଲାଭାଟ୍‌ସ୍କିଙ୍କ ରଚିତ 'Secrete Doctrine' ପୁସ୍ତକର ପ୍ରଥମ ଓ ଦ୍ୱିତୀୟ ଭାଗର ସମୀକ୍ଷା ଲେଖିବାର ଗୁରୁଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କଲେ । ସେ ପ୍ରକାଣ୍ଡ ପୁସ୍ତକକୁ ପଢ଼ି ଓ ସେଥିରେ ଲେଖାଯାଇଥିବା ବିଷୟକୁ ବୁଝି ସମୀକ୍ଷା କରିବା ସହଜ ବ୍ୟାପାର ନ ଥିଲା । ସେଥିପାଇଁ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଅନେକ ଚିନ୍ତାଶୀଳ ମନୀଷୀ ଓ ମହାତ୍ମାଙ୍କ ରଚନା ତଥା ବୈଜ୍ଞାନିକ ତତ୍ତ୍ୱର ଅନୁଶୀଳନ କରିବାକୁ ହୋଇଥିଲା । ତାହା ଅଧ୍ୟୟନ କରି ଆନି ଚିରଅଭୀପ୍‌ସିତ୍ ସତ୍ୟର ନିର୍ଯ୍ୟାସକୁ ମନ ମଧ୍ୟରେ ଉପଲବ୍ଧି କରିପାରିଥିଲେ ।

କିଶୋରୀ ଅବସ୍ଥାରୁ ହିଁ ଜଗତର କଲ୍ୟାଣସାଧନ ପାଇଁ ଆତ୍ମବଳୀ ଦେଇଥିବା ଅନେକ ମହାମାନବଙ୍କ ଜୀବନୀ ପାଠକରି ନିଜେ ସେହିପରି ହେବା ପାଇଁ ଅନୁପ୍ରେରିତ ହୋଇଥିବା ଆନି ମାଡାମ୍ ବ୍ଲାଭାଟ୍‌ସ୍କିଙ୍କ ପୁସ୍ତକ ପାଠକରି କୃତକୃତ୍ୟ ଅନୁଭବ କରିଥିଲେ । ନିଜ ଲକ୍ଷ୍ୟସ୍ଥଳର ସନ୍ଧାନ ପାଇଗଲା ପରି ବୋଧକରି ସେ ଲେଖିକାଙ୍କ ସହ ସାକ୍ଷାତକାରର ବ୍ୟବସ୍ଥା କରିବାପାଇଁ ପତ୍ରିକାର ସଂପାଦକଙ୍କୁ ଅନୁରୋଧ କରିଥିଲେ । ମାଡାମ୍ ବ୍ଲାଭାଟ୍‌ସ୍କିଙ୍କ ସହିତ ସାକ୍ଷାତ କରିବା ପରେ ଆନିଙ୍କ ଜୀବନର ଗତି ସଂପୂର୍ଣ୍ଣ ବଦଳିଗଲା ।

ମାଡାମ୍ ବ୍ଲାଭାଟ୍‌ସ୍କିଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ବିରୁଦ୍ଧରେ ଥିବା ଲିଖିତ ବିବରଣୀ ପାଠ କରିବା ପରେ ଆନି ନିଜ ବିଚାରବୁଦ୍ଧି ବଳରେ ତାହାର ଅସାରତା ହୃଦୟଙ୍ଗମ

କରିପାରିଥିଲେ । ବ୍ରହ୍ମବିଦ୍ୟା ସମିତିର ସଭ୍ୟତ୍ୱ ଗ୍ରହଣ କରି ୧୮୯୮ ମେ ୧୦ ତାରିଖରେ ମାଡାମ୍‌ଙ୍କୁ ସମ୍ମାନ ଜ୍ଞାପନ କରିଥିବା ସମୟରେ ମାଡାମ୍ ଭାବ ଗଦ୍‌ଗଦ ଲୋତକାପ୍ଳୁତ ନେତ୍ରରେ ଆନିଙ୍କୁ ଆଶୀର୍ବାଦ କରିଥିଲେ । ଆନି ବ୍ରହ୍ମବିଦ୍ୟା ସମିତିରେ ଯୋଗ ଦେଇଥିବାର ଜାଣି ପୁରୁଣା ବନ୍ଧୁ ଜର୍ଜ ବର୍ଣ୍ଣାଡ୍ ଶ ତାଙ୍କୁ ଦେଖାକରି ଥଟ୍ଟା କରିବାକୁ ଯାଇଥିଲେ । ସେ ସମୟର ଅନୁଭବ ସଂପର୍କରେ ଶ ଲେଖିଛନ୍ତି, "xxx She had after many explorations found her path and come to see the universe and herself in their real perspective." ସମିତିରେ ଯୋଗ ଦେବା ପରେ ଆନି ବ୍ରହ୍ମବିଦ୍ୟା ବିଷୟରେ ଲେଖିବା ଓ ଭାଷଣ ଦେବା ମଧ୍ୟ ଆରମ୍ଭ କରିଥିଲେ ।

ମାଡାମ୍ ବ୍ଲାଭାଟ୍‌ସ୍କିଙ୍କର  ଚାରିତ୍ରିକ ମହତ୍ତ୍ୱ, ବ୍ୟକ୍ତିତ୍ୱର ଗରିମା, ନିଃସ୍ୱାର୍ଥ ଭାବନା ଓ କାର୍ଯ୍ୟକଳାପ ଆନିଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା । ଝଡ଼କୁ ଅତିକ୍ରମ କରି ଏକ ଶାନ୍ତ ଇଲାକାରେ ପ୍ରବେଶ କଲେ ଯେପରି ଆଶ୍ୱସ୍ତ ଲାଗେ, ତାଙ୍କୁ ସେହିପରି ବୋଧ ହୋଇଥିଲା । ସେ ଶାନ୍ତି ବାହ୍ୟ ଜୀବନର ନ ଥିଲା; ଥିଲା ପୂର୍ଣ୍ଣତଃ ଆନ୍ତରିକ । ଆନିଙ୍କ ଭାଷାରେ, " x x x And thus I came through storm to peace, not to the peace of an untroubled sea of outer life... but to an inner peace that outer troubles may not avail to ruffle—-a peace that belongs to the eternal."

ବ୍ରହ୍ମବିଦ୍ୟା ସମିତିରେ ଯୋଗ ଦେବା ପରେ ଆନି ସମିତିର କାର୍ଯ୍ୟରେ ନିଜକୁ ଉତ୍ସର୍ଗୀକୃତ କରି ଦେଇଥିଲେ । ପ୍ରତିଷ୍ଠାତା-ପ୍ରତିଷ୍ଠାତ୍ରୀଙ୍କ ଉଦ୍ଦେଶ୍ୟ ଓ କାର୍ଯ୍ୟକୁ ସଫଳତାର ଶୀର୍ଷରେ ପହଞ୍ଚାଇବା ପାଇଁ ଅକ୍ଲାନ୍ତ ଉଦ୍ୟମ କରି ଚାଲିଥିଲେ । ଆଧ୍ୟାତ୍ମିକ ଜ୍ଞାନର ଗଭୀର ଅନୁଶୀଳନ ଓ ଧ୍ୟାନ ବଳରେ ବିଶ୍ୱରେ ସଂଘଟିତ ହେଉଥିବା ଯାବତୀୟ ସଂଘର୍ଷ, ସଂଗ୍ରାମ, ଅବିଦ୍ୟା, ଅନାଚାର, ଦୁର୍ନୀତି, ଦାରିଦ୍ର୍ୟ ଆଦି ଦୁଃଖର ଅନ୍ତରାଳରେ ନିହିତ କାରଣ, ସମଗ୍ର ବିଶ୍ୱକୁ ନିୟନ୍ତ୍ରିତ ଓ ସଞ୍ଚାଳିତ କରୁଥିବା ମୌଳିକ ନୀତିନିୟମ ସଂପର୍କରେ ତାଙ୍କର ଧାରଣା ଜନ୍ମିଥିଲା । ଏସବୁର

ନିରାକରଣ ପାଇଁ ପନ୍ଥା ନିର୍ଦ୍ଦେଶ କରିବାର ଆନ୍ତରିକ ଅନୁପ୍ରେରଣାରେ ସେ ଉଦ୍‌ବୁଦ୍ଧ ହୋଇଥିଲେ । ମାଡାମ୍ ବ୍ଲାଭାଟ୍‌ସ୍କିଙ୍କ ଗୁରୁ ବ୍ରହ୍ମବିଦ୍ୟା ସମିତିର ଅନ୍ୟତମ ଅନ୍ତର୍ମୁଖ୍ୟ ଦିବ୍ୟଶକ୍ତିସମ୍ପନ୍ନ ସିଦ୍ଧପୁରୁଷ ମହାତ୍ମା ମୌର୍ଯ୍ୟଙ୍କ ନିକଟ ସଂପର୍କରେ ମଧ୍ୟ ଆସିଥିଲେ । ସେ ପୂର୍ବରୁ ଶୁଣିଥିବା ଅଶରୀରୀ ବାଣୀ ମହାତ୍ମା ମୌର୍ଯ୍ୟଙ୍କର ଥିଲା ବୋଲି ଜାଣିପାରିଥିଲେ ।

ଜନ୍ମାନ୍ତରଲବ୍ଧ ଶୁଦ୍ଧପୂତ ଆଧ୍ୟାତ୍ମିକ-ସଂସ୍କାରସମୃଦ୍ଧ ମାନସିକତାର ଅଧିକାରିଣୀ ଆନି ବ୍ରହ୍ମବିଦ୍ୟା ସମିତିରେ ଯୋଗ ଦେଲା ପରେ ଚିରବାଞ୍ଛିତ ଅଧ୍ୟାତ୍ମତତ୍ତ୍ୱ ଓ ପରମସତ୍ୟକୁ ଉପଲବ୍ଧି କରିବାର ସୁଯୋଗ ପାଇଲେ; ସେଥିସହିତ ମାନବସମାଜରୁ ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର ଆଦି ମଳକୁ ଦୂରୀଭୂତ କରି ନୂତନ ଆଲୋକିତ ଜୀବନର ସନ୍ଧାନ ଦେବାକୁ ବଦ୍ଧପରିକର ହେଲେ । ମହାତ୍ମା ମୌର୍ଯ୍ୟଙ୍କ ସାନ୍ନିଧ୍ୟ ଓ ଆଧ୍ୟାତ୍ମିକ ସାଧନାରେ ନିଷ୍ଠା ତାଙ୍କୁ ଅତୀନ୍ଦ୍ରିୟ ଯୋଗଶକ୍ତିର ଅଧିକାରିଣୀ କରାଇଥିଲା । ସେ ଭାରତକୁ ନିଜର ମାତୃଭୂମି ବୋଲି ଜ୍ଞାନ କରୁଥିଲେ । ଭାରତଭୂମି ଓ ଭାରତବାସୀଙ୍କ ପ୍ରତି ତାଙ୍କର ମମତ୍ୱବୋଧ ପୂର୍ବଜନ୍ମାର୍ଜିତ ଥିଲା । ପୂର୍ବ ପୂର୍ବ ଜନ୍ମମାନଙ୍କରେ ଆନି ବହୁବାର ଭାରତରେ ଜନ୍ମଗ୍ରହଣ କରିଥିଲେ ବୋଲି ଜାଣିପାରିଥିଲେ । ଠିକ୍ ପୂର୍ବବର୍ତ୍ତୀ ଜନ୍ମରେ ସେ ଥିଲେ ମହାତ୍ମା ମୌର୍ଯ୍ୟଙ୍କର ନାତୁଣୀ ଓ ମୃତ୍ୟୁର ତିନିବର୍ଷ ପରେ ସେ ଆନି ଉଡ୍ ରୂପେ ଇଂଲଣ୍ଡରେ ଜନ୍ମ ହୋଇଥିଲେ । ଜନ୍ମତଃ ଖ୍ରୀଷ୍ଟିୟାନ ହେଲେ ହେଁ ପ୍ରାଚ୍ୟ ପୁନର୍ଜନ୍ମବାଦରେ ତାଙ୍କର ବିଶ୍ୱାସ ସୁଦୃଢ଼ ଥିଲା ।

ଧର୍ମ-ଦର୍ଶନ-ବିଜ୍ଞାନର ତୁଳନାତ୍ମକ ଅଧ୍ୟୟନ ଓ ଅନୁଧ୍ୟାନ, ଜୀବନ ଓ ଜଗତର ରହସ୍ୟ ଉନ୍ମୋଚନ ତଥା ସମସ୍ୟା-ସମାଧାନ କ୍ଷେତ୍ରରେ ଅତିଲୌକିକ ଶକ୍ତିର ଭୂମିକା, ବିଭିନ୍ନ ଅଦୃଶ୍ୟ ଜଗତ ତଥା ନିୟମର ଅନୁସନ୍ଧାନ ତଥା ମାନବ ମଧ୍ୟରେ ଅନ୍ତର୍ନିହିତ ଦିବ୍ୟତ୍ୱର କ୍ରମ-ଉନ୍ମୋଚନକୁ ଲକ୍ଷ୍ୟ ରୂପେ ଗ୍ରହଣ କରିଥିବା ବ୍ରହ୍ମବିଦ୍ୟା ସମିତିରେ ସକ୍ରିୟ ଅଂଶଗ୍ରହଣ କରିବା ପରେ ଆନିଙ୍କର ପୂର୍ବଜନ୍ମାର୍ଜିତ ସଂସ୍କାର, ଅସାଧାରଣ ପ୍ରତିଭା ଓ କର୍ମନିଷ୍ଠା, ଆତ୍ମବିଶ୍ୱାସ ଓ ଆତ୍ମଶକ୍ତିର ଅଧିକୋଽଧିକ ବିକାଶ ହେବାକୁ ଲାଗିଲା । ତାଙ୍କର ଧୀମତ୍ତା, ବାଗ୍ମିତା, ସାଂଗଠନିକ

ଶକ୍ତି, ବ୍ରହ୍ମବିଦ୍ୟାର ସାଧନା ଓ ପ୍ରଚାରରେ ନିଷ୍ଠାପରତା କ୍ରମେ ତାଙ୍କର ବ୍ୟକ୍ତିତ୍ୱକୁ ଅଧିକରୁ ଅଧିକ ପ୍ରଭାବଶାଳୀ ଓ ଆକର୍ଷଣୀୟ କରି ତୋଳିଲା ।

୧୮୯୧ ମସିହା ମେ' ୮ ତାରିଖରେ ମାଡାମ୍ ବ୍ଲାଭାଟ୍‌ସ୍କିଙ୍କର ଦେହାନ୍ତ ବ୍ରହ୍ମବିଦ୍ୟା ସମିତି ପାଇଁ ଦାରୁଣ କ୍ଷୋଭର ବିଷୟ ଥିଲା । ମାତ୍ର ଆନି ବେସାନ୍ତ୍ ଗଭୀର ଆତ୍ମପ୍ରତ୍ୟୟ ତଥା ଧୈର୍ଯ୍ୟ ଓ ସାହସର ସହିତ ଅବିଚଳିତ ଭାବେ ଅଗ୍ରଗତି ଅବ୍ୟାହତ ରଖିଥିଲେ । ୧୮୯୨ରେ ସେ ୟୁରୋପରେ ବ୍ଲାଭାଟ୍‌ସ୍କି ଲଜ୍‌ର ସଭାପତି ହୋଇଥିଲେ । ୧୮୯୩ ମସିହା ସେପ୍ଟେମ୍ବର ମାସରେ ସେ ଆମେରିକାର ଚିକାଗୋ ଠାରେ ଆୟୋଜିତ ବିଶ୍ୱ ଧର୍ମସଭା (World Parliament of Religion's)ରେ ଅଂଶଗ୍ରହଣ କରିଥିଲେ । ପରେପରେ କଲମ୍ବୋରେ ଅଭିଭାଷଣ ପ୍ରଦାନ କରି ସେଠାରୁ ଭାରତ ଆସିଥିଲେ । ଭାରତର ପବିତ୍ର ଭୂମି ପ୍ରତି ଆନି ବେସାନ୍ତ୍‌ଙ୍କର ପ୍ରବଳ ଆକର୍ଷଣ ଥିଲା । ଭାରତକୁ ଆସିବାର ଅନେକ ପୂର୍ବରୁ ସେ ଇଂଲଣ୍ଡ, ଭାରତ ଓ ଆଫଗାନିସ୍ଥାନ ନାମକ ପୁସ୍ତିକା ପ୍ରକାଶ କରି ଭାରତ ସପକ୍ଷରେ ଜନମତ ସୃଷ୍ଟି କରିବାର ପ୍ରୟାସ କରିଥିଲେ । ୧୮୯୩ ମସିହା ନଭେମ୍ବର ୧୬ ତାରିଖରେ ଆନି ଭାରତ ମାଟିରେ ପଦାର୍ପଣ କରିଥିଲେ । ଏହି ଆଧ୍ୟାତ୍ମିକ ପରମ୍ପରାପୁଷ୍ଟ ମାଟିରେ ପହଞ୍ଚିବା ପରେ ସେ ଆଧ୍ୟାତ୍ମିକ ସାଧନା, ବିଶେଷତଃ ଯୋଗସାଧନାରେ ଅଧିକ ବ୍ୟାପୃତ ହୋଇଥିଲେ । କେବଳ ବିଜ୍ଞାନ-ଦର୍ଶନାଦିର ଅଧ୍ୟୟନ ଓ ମନନଦ୍ୱାରା ନୁହେଁ; ଚିତ୍ତବୃତ୍ତିର ନିରୋଧ ପୂର୍ବକ ଯୋଗସାଧନା, ଇନ୍ଦ୍ରିୟ-ମନ-ବୁଦ୍ଧି-ଅହଂକାରାଦି ଉପରେ ବିଜୟପ୍ରାପ୍ତିଦ୍ୱାରା ମନୁଷ୍ୟ ଦିବ୍ୟ-ଚେତନାରେ ପ୍ରତିଷ୍ଠିତ ହୋଇପାରିବ ବୋଲି ସେ ବିଶ୍ୱାସ କରୁଥିଲେ । ପୂର୍ବଜନ୍ମାର୍ଜିତ ଶୁଦ୍ଧ ସଂସ୍କାର ହେତୁ ସେ ଅତି ଅଳ୍ପ ସମୟରେ ଯୋଗର ଚରମ ପର୍ଯ୍ୟାୟ ସମାଧି ଅବସ୍ଥାରେ ଉପନୀତ ହୋଇପାରିଥିଲେ । ତାଙ୍କ ରଚିତ 'An Introduction to Yoga' ସାଧନାର ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ବ୍ୟକ୍ତିମାନଙ୍କ ପାଇଁ ଏକ ଉପାଦେୟ ପୁସ୍ତକ ।

ସେ ସମୟରେ ସନାତନ-ଧର୍ମଦର୍ଶନର ବଳିଷ୍ଠତା ଲୋକସମାଜରେ ବିସ୍ମୃତ ହୋଇଥିଲା । ଅସାଧାରଣ ବାଗ୍ମୀ ଓ ଉଚ୍ଚମାନର ଲେଖିକା ଶ୍ରୀମତୀ ବେସାନ୍ତ

ଭାରତର ଐତିହ୍ୟ, ସଂସ୍କୃତି, ଆଧ୍ୟାତ୍ମିକ ପରମ୍ପରା ସନାତନ ଧର୍ମର ସାର୍ବଜନୀନତା ସଂପର୍କରେ ଏ ଦେଶର ଅଧିବାସୀଙ୍କୁ ଉଦ୍‌ବୁଦ୍ଧ କରାଇଥିଲେ । 'ଶ୍ରୀମଦ୍‌ଭଗବଦ୍‌ଗୀତା' ଉପରେ ତାଙ୍କର ପ୍ରବଚନ ଶୁଣି ଲୋକେ ମନ୍ତ୍ରମୁଗ୍ଧ ହୋଇଯାଉଥିଲେ । ଉପନିଷଦ, ରାମାୟଣ ଓ ଗୀତା ସଂପର୍କରେ ତାଙ୍କର ବ୍ୟାଖ୍ୟାତ୍ମକ ପୁସ୍ତକଗୁଡ଼ିକ ଚିରକାଳ ଆଦୃତ ହେଉଛି ଓ ହେଉଥିବ । ଭାରତୀୟମାନଙ୍କ ମଧ୍ୟରେ ସ୍ୱାଭିମାନବୋଧ ଜାଗ୍ରତ କରାଇବା କ୍ଷେତ୍ରରେ ତାଙ୍କର ଭୂମିକା ଅବିସ୍ମରଣୀୟ ।

ଭାରତୀୟ ସଂସ୍କୃତି, ପରମ୍ପରା, ଜ୍ଞାନ, ଦର୍ଶନ, ଆଧ୍ୟାତ୍ମିକତାର ପୁନର୍ଜାଗରଣ ପାଇଁ ପରାଧୀନତା କବଳରୁ ମୁକ୍ତ ହେବା ଏକାନ୍ତ ଆବଶ୍ୟକ ବୋଲି ସେ ବୁଝିଥିଲେ । ଏହି ଲକ୍ଷ୍ୟ ସାଧନ ପାଇଁ ନିରକ୍ଷରତା ଦୂରୀକରଣ ଓ ଶିକ୍ଷାର ପ୍ରସାର, କୁସଂସ୍କାର ଓ ଅନ୍ଧବିଶ୍ୱାସର ଦୂରୀକରଣ, ନାରୀଶିକ୍ଷା ଓ ନାରୀମାନଙ୍କର ସାମାଜିକ ସମ୍ମାନର ପ୍ରତିଷ୍ଠାର ଆବଶ୍ୟକତା ମଧ୍ୟ ସେ ଉପଲବ୍ଧି କରିଥିଲେ । ଜାତିପ୍ରଥା ଓ ଅସ୍ପୃଶ୍ୟତାର ନିରାକରଣ ପାଇଁ ତାଙ୍କର ପ୍ରୟାସ ଉଲ୍ଲେଖଯୋଗ୍ୟ । ଗାନ୍ଧିଜୀ ଅସ୍ପଶ୍ୟମାନଙ୍କୁ 'ହରିଜନ' ବୋଲି ଅଭିହିତ କରି ସମାଜରେ ସେମାନଙ୍କର ନ୍ୟାଯ୍ୟ ସ୍ଥାନ ନିରୂପଣ ପାଇଁ ଆନ୍ଦୋଳନ କରିବା ପୂର୍ବରୁ ଶ୍ରୀମତୀ ବେସାନ୍ତ୍ ସେମାନଙ୍କୁ ସମଅଧିକାର ଦେବାକୁ ଉଦ୍ୟମ କରିଥିଲେ । ଭାରତୀୟ ସମାଜର ପଚମାନ ଅଙ୍ଗଗୁଡ଼ିକର ଉପଯୁକ୍ତ ଚିକିତ୍ସା କରି ଅବକ୍ଷୟକୁ ରୋକିବା ଓ ଏକ ସୁସ୍ଥ ସୁନ୍ଦର ସୌଷ୍ଠବାନ୍ୱିତ ଭାରତବର୍ଷ ଗଢ଼ିବା ପାଇଁ ଶକ୍ତି ସଞ୍ଚାର କରିବା ଥିଲା ତାଙ୍କର ଲକ୍ଷ୍ୟ । ସାଂପ୍ରଦାୟିକ ଭେଦଭାବର ଦୂରୀକରଣ ଓ ହିମାଳୟଠାରୁ କେପ୍ କାମୋରିନ୍. ବଙ୍ଗଠାରୁ କାଥିଆବାଡ଼ (ଗୁଜୁରାଟ) ପର୍ଯ୍ୟନ୍ତ ଜାତୀୟ ଏକତାର ଭାବ ସଞ୍ଚାର କରାଇବା ପାଇଁ ସେ ପ୍ରେରଣା ଦେଇଥିଲେ ।

ଭାରତରେ ଶିକ୍ଷାର ପ୍ରସାର ପାଇଁ ଆନି ବେସାନ୍ତ ଅନେକ ଉଦ୍ୟମ କରିଥିଲେ । ସନାତନ ଧର୍ମର ମୌଳିକ ଧାରାକୁ ଭିତ୍ତି କରି ସେ ଏକ ନୂତନ ପ୍ରକାରର ଶିକ୍ଷା ପ୍ରବର୍ତ୍ତନ କରିଥିଲେ, ଯାହାର ମୁଖ୍ୟ ଆଭିମୁଖ୍ୟ ଥିଲା ଧର୍ମ-ଦର୍ଶନ-ବିଜ୍ଞାନର ସମନ୍ୱୟରେ ସତ୍ୟର ଅନୁସନ୍ଧାନ ଓ ବିଶ୍ୱଭ୍ରାତୃତ୍ୱବୋଧର ପ୍ରତିଷ୍ଠା।

ବ୍ରହ୍ମବିଦ୍ୟାକୁ ଆଧାର କରି ପ୍ରତିଷ୍ଠିତ ବିଦ୍ୟାଳୟମାନଙ୍କରେ ସେ ଭାରତୀୟ ଜୀବନାଦର୍ଶ, ଦାର୍ଶନିକ ଚେତନା, ସାଂସ୍କୃତିକ ପରମ୍ପରାର ପ୍ରବର୍ତ୍ତନ ଓ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଉଥିଲେ । ଧର୍ମ, ନୈତିକତା ଓ ଦେଶାତ୍ମବୋଧର ସମନ୍ୱୟରେ ଶିକ୍ଷାକୁ ବଳିଷ୍ଠ କରିବାର ଆଭିମୁଖ୍ୟ ସହିତ ବ୍ରହ୍ମଚର୍ଯ୍ୟ ପାଳନ ଦିଗରେ ଛାତ୍ରମାନଙ୍କୁ ସଜାଗ କରାଉଥିଲେ । ଭାରତୀୟ ଯୁବଶକ୍ତିର ଦୈହିକ, ମାନସିକ ଓ ବୌଦ୍ଧିକ ବିକାଶର ଲକ୍ଷ୍ୟ ରଖି ସେ 'Sons and Daughters of India' ନାମକ ସଂଗଠନ ପ୍ରତିଷ୍ଠା କରିଥିଲେ । ଦରିଦ୍ର ଓ ମେଧାବୀ ଭାରତୀୟ ଛାତ୍ରମାନଙ୍କର ଇଂଲଣ୍ଡ ଓ ଆମେରିକାରେ ଉଚ୍ଚଶିକ୍ଷା ଲାଭରେ ସହାୟତା ପାଇଁ ସେ 'Young Men's India Association' ନାମକ ଅନୁଷ୍ଠାନ ମଧ୍ୟ ଗଢ଼ିଥିଲେ । ଭାରତର ଭବିଷ୍ୟତ ପିଢ଼ି ଭବିଷ୍ୟ ସମାଜର ଜନ୍ମଦାତା-ଜନ୍ମଦାତ୍ରୀମାନଙ୍କୁ ଅଶିକ୍ଷିତ କିମ୍ବା କୁଶିକ୍ଷିତ କରି ରଖିବା ଉଚିତ ନୁହେଁ ବୋଲି ସେ ମତପୋଷଣ କରୁଥିଲେ ।

ବନାରସଠାରେ କେନ୍ଦ୍ରୀୟ ହିନ୍ଦୁ କଲେଜ ସ୍ଥାପନ ଭାରତର ଉଚ୍ଚଶିକ୍ଷା କ୍ଷେତ୍ରକୁ ତାଙ୍କର ଅନ୍ୟତମ ବିଶିଷ୍ଟ ଅବଦାନ । ଏହି ମହତ୍ କାର୍ଯ୍ୟ ସଂପାଦନ କ୍ଷେତ୍ରରେ ଅନେକ ବିଶିଷ୍ଟ ଭାରତୀୟ ଜ୍ଞାନୀଗୁଣୀ ବ୍ୟକ୍ତି ତଥା ଇଂଲଣ୍ଡ ଓ ଆମେରିକାର କେତେକ ବିଶିଷ୍ଟ ବ୍ରହ୍ମବିଦ୍ୟାବିତ୍ ତାଙ୍କୁ ସାହାଯ୍ୟ ଓ ସହଯୋଗ କରିଥିଲେ । ସେମାନଙ୍କ ମଧ୍ୟରେ ଏହି ଅନୁଷ୍ଠାନର ପ୍ରଥମ ଅଧ୍ୟକ୍ଷ ଡକ୍ଟର ଏ. ରିଚାର୍ଡ୍‌ସନ୍ ଓ ତାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିବା ଜର୍ଜ୍ ସିଡ୍‌ନୀ ଅରୁଣ୍ଡେଲ୍, ଭଗବାନ ଦାସ, ଗୋବିନ୍ଦ ଦାସ, ଜ୍ଞାନେନ୍ଦ୍ରନାଥ ଚକ୍ରବର୍ତ୍ତୀ, ଉପେନ୍ଦ୍ରନାଥ ବସୁ, ଇକ୍‌ବାଲ୍ ନାରାୟଣ ଗୁର୍ତ୍ତୁ ପ୍ରମୁଖଙ୍କ ନାମ ବିଶେଷ ଉଲ୍ଲେଖଯୋଗ୍ୟ । ଏହି ଉଚ୍ଚଶିକ୍ଷାନୁଷ୍ଠାନର ଏକାଦଶତମ ବାର୍ଷିକ ବିବରଣୀରେ ଶିକ୍ଷାର ଆଭିମୁଖ୍ୟ ସଂପର୍କରେ ଶ୍ରୀମତୀ ବେସାନ୍ତଙ୍କ ଉକ୍ତି ପ୍ରକାଶ ପାଇଥିଲା, "x x x education is no education when religion and morality do not form an integral part of it." ପରେ ପଣ୍ଡିତ ମଦନମୋହନ ମାଲବ୍ୟ ଏହି ଅନୁଷ୍ଠାନକୁ ଅଧିଗ୍ରହଣ କରି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପରିଣତ କରିଥିଲେ । ଭାରତର ଶିକ୍ଷାବିକାଶ କ୍ଷେତ୍ରକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ଏହି ବିଶ୍ୱବିଦ୍ୟାଳୟ

ତାଙ୍କୁ ସମ୍ମାନସୂଚକ ଡି.ଲିଟ୍, ଉପାଧିରେ ଭୂଷିତ କରିଥିଲେ । ଏହି ବିଶ୍ୱବିଦ୍ୟାଳୟର ଦାୟିତ୍ୱରୁ ମୁକ୍ତ ହେଲାପରେ ଆନି ବେସାନ୍ତ 'Theosphical Education Trust' ନାମରେ ଏକ ସଂସ୍ଥା ଗଢ଼ି ତା' ମାଧ୍ୟମରେ ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।

ଆନି ବେସାନ୍ତଙ୍କ ଉଦ୍ୟମରେ ସମଗ୍ର ଭାରତବର୍ଷରେ ବହୁ ନାରୀଶିକ୍ଷାନିକେତନ ପ୍ରତିଷ୍ଠିତ ହୋଇଥିଲା । ନାରୀ ଜାତିର ଉତ୍ଥାନ ଓ ସାମଗ୍ରିକ ବିକାଶ, ବାଲ୍ୟବିବାହ ଓ ଯୌତୁକ ପ୍ରଥାର ନିରାକରଣ, ବିଧବା ବିବାହର ପ୍ରଚଳନ, ସମ୍ପତ୍ତି ଉପରେ ନାରୀମାନଙ୍କର ଅଧିକାର ସାବ୍ୟସ୍ତ, ରାଜନୀତିକ ତଥା ଆର୍ଥନୀତିକ ସ୍ୱାତନ୍ତ୍ର୍ୟ ସହିତ ସେମାନଙ୍କ ମଧ୍ୟରେ ସ୍ୱାଭିମାନ ଓ ସ୍ୱାଧିକାରବୋଧର ଜାଗରଣ ପାଇଁ ସେ ଅନେକ ଉଦ୍ୟମ କରିଥିଲେ । ସେ 'The Stal Warts' ନାମକ ଏକ ସଂସ୍ଥା ଗଢ଼ିଥିଲେ, ଯାହାର ସଦସ୍ୟମାନେ ଷୋହଳ ବର୍ଷ ବୟସ ପୂର୍ବରୁ ନିଜ ଝିଅମାନଙ୍କର ବିବାହ ନ କରାଇବା ପାଇଁ ଶପଥ ନେଉଥିଲେ । ୧୮୧୭ ମସିହା ମେ ୮ତାରିଖରେ ଶ୍ୱେତପଦ୍ମ ଦିବସରେ ସେ 'Women's Indian Association' ବା ଭାରତୀୟ ମହିଳା ସମିତିର ପ୍ରାରମ୍ଭ କରିଥିଲେ ଓ ତା'ର ପ୍ରଥମ ସଭାପତି ହୋଇଥିଲେ । ନାରୀମାନଙ୍କୁ ଦୟନୀୟ ଜୀବନ, ଅଯଥାର୍ଥ ପ୍ରଥା-ପରମ୍ପରାର ତାଡ଼ନାରୁ ମୁକ୍ତ କରି ନ୍ୟାଯ୍ୟ ସାମାଜିକ ଅଧିକାର ଦେବା ଏ ସମିତିର ଲକ୍ଷ୍ୟ ଥିଲା ।

ବ୍ରିଟିଶ ରାଜତ୍ୱର ସବୁଠାରୁ କ୍ଷତିକାରକ ପ୍ରଭାବ ଥିଲା ଭାରତୀୟ ସଭ୍ୟତା ଓ ସଂସ୍କୃତିର ଅବକ୍ଷୟ, ଯୁଗ ଯୁଗ ଧରି କାଳଚକ୍ରର ଘୂର୍ଣ୍ଣନ ଭିତରେ ସ୍ୱମର୍ଯ୍ୟାଦାରେ ତିଷ୍ଠି ରହିଥିବା ସମୁନ୍ନତ ଆଦର୍ଶ ଓ ମୂଲ୍ୟବୋଧର ଅଧଃପତନ; ବ୍ୟକ୍ତିଚରିତ୍ର ଓ ଜାତୀୟ ଚରିତ୍ରର ଅବନମନ; ଆତ୍ମବିଶ୍ୱାସର ଅଭାବଜନିତ ପରମୁଖାପେକ୍ଷିତା । ଆନି ବେସାନ୍ତ୍ କହିଥିଲେ, 'The British found India a nation of warriors and turmed it into a nation of clerks." ନିଜ ଆଧ୍ୟାତ୍ମିକ ଜନ୍ମଭୂମି ଭାରତବର୍ଷର ପୁନରୁତ୍ଥାନ ପାଇଁ ସେ ସଂକଳ୍ପବଦ୍ଧ ଥିଲେ । ଭାରତୀୟମାନଙ୍କର ଆତ୍ମବିଶ୍ୱାସ ଓ ଆତ୍ମସମ୍ମାନବୋଧ ଫେରାଇ ଆଣିବାର ଲକ୍ଷ୍ୟ

ନେଇ ସେ ବିଭିନ୍ନ କାର୍ଯ୍ୟକ୍ରମ କରିଥିଲେ । ୧୯୧୭ ମସିହା ଏପ୍ରିଲ୍ ୭ ତାରିଖରେ ତାଙ୍କଦ୍ୱାରା ପ୍ରତିଷ୍ଠିତ 'Order of Brothers of Service' ନାମକ ଅନୁଷ୍ଠାନ ଭାରତର ସର୍ବାଙ୍ଗୀନ ଉନ୍ନତି ଓ ଜାତୀୟ ସଂହତି ପ୍ରତିଷ୍ଠା ଦିଗରେ ଯତ୍ନଶୀଳ ଥିଲା । ଶିକ୍ଷା, ସମାଜସେବା, କୁସଂସ୍କାର ଦୂରୀକରଣ, ଜାତି-ବର୍ଣ୍ଣଭେଦର ଦୂରୀକରଣ, ସାଂସ୍କୃତିକ ଜାଗରଣ, ଉପନିବେଶବାଦୀ ଶାସନର ଉଚ୍ଛେଦ ଆଦି ଲକ୍ଷ୍ୟରେ ଏହି ଅନୁଷ୍ଠାନ ଅଭିଭାଷଣ ତଥା ପୁସ୍ତିକା ପ୍ରକାଶନ ମାଧ୍ୟମରେ ପ୍ରୟାସ କରୁଥିଲା । 'Wake up India' ପତ୍ରିକାରେ ଏହାର ଆଭିମୁଖ୍ୟ ପ୍ରକାଶ ପାଉଥିଲା । ଏ ଦେଶର ଧର୍ମୀୟ ପରମ୍ପରା ଓ ଦାର୍ଶନିକ ଉତ୍କର୍ଷ ସଂପର୍କରେ ସେ ବୈଦେଶିକମାନଙ୍କୁ ମଧ୍ୟ ଅବଗତ ଓ ଉଦ୍‌ବୁଦ୍ଧ କରାଇଥିଲେ । ଭାରତର ଧର୍ମ, ଦର୍ଶନ, ଆଧ୍ୟାତ୍ମିକ ପରମ୍ପରାର ଉତ୍କର୍ଷକୁ ବିଶ୍ୱଦରବାରରେ ଉପସ୍ଥାପିତ କରାଇବା କ୍ଷେତ୍ରରେ ଡକ୍ଟର ବେସାନ୍ତ୍‌ଙ୍କ ଭୂମିକା ସ୍ୱାମୀ ବିବେକାନନ୍ଦଙ୍କ ସହ ତୁଳନୀୟ । ୧୯୧୦ ମସିହାରେ 'India's Awakening' ଶୀର୍ଷକ ଅଭିଭାଷଣରେ ଭାରତୀୟମାନଙ୍କ ପାଇଁ ସେ କହିଥିଲେ, "You ought to remember that your religion is the oldest of all living religions, and the most perfect in its range and in its details."

୧୯୧୩ ମସିହାରେ ସେ ଭାରତୀୟ ରାଜନୀତି କ୍ଷେତ୍ରରେ ପ୍ରବେଶ କଲେ । ବ୍ରିଟିଶ ଶାସନ ବ୍ୟବସ୍ଥା ବିରୋଧୀ ଜନଅସନ୍ତୋଷ ସଂପର୍କରେ ସଚେତନତା ସୃଷ୍ଟିକରି ଏ ଦେଶର ଅବସ୍ଥାରେ ଉନ୍ନତି ଆଣିବା ପାଇଁ ସରକାରଙ୍କୁ ପ୍ରଭାବିତ କରିବା ଲକ୍ଷ୍ୟରେ ସେ ୧୯୧୪ ମସିହାରେ 'The Common Well' ନାମରେ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ ଆରମ୍ଭ କରିଥିଲେ । ପରେପରେ ସେ 'Madras Standard' ନାମକ ଦୈନିକ ସମ୍ବାଦପତ୍ରକୁ କିଣିନେଇ ନିଜ ସଂପାଦନାରେ 'New India' ନାମରେ ପ୍ରକାଶ କରିବାକୁ ଲାଗିଲେ । ସଂପାଦକ ଭାବରେ ସେ ଅତି ସଚ୍ଚୋଟ ଓ ନିରପେକ୍ଷ ଥିଲେ । ସେ ଜନସ୍ୱାର୍ଥବିରୋଧୀ ସରକାରୀ ନିୟମର ପ୍ରତିବାଦ କରୁଥିଲେ; ମାତ୍ର ଜନହିତକର ସରକାରୀ ପଦକ୍ଷେପଗୁଡ଼ିକୁ ମୁକ୍ତଭାବରେ ସମର୍ଥନ ଓ ପ୍ରଶଂସା କରୁଥିଲେ । 'All India

Home Rule League' ପରାଧୀନ ଭାରତର ରାଜନୀତି-କ୍ଷେତ୍ରକୁ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ଥିଲା । ଭାରତୀୟ ଜନତାର ସ୍ୱାୟତ୍ତଶାସନର ଦାବି ପ୍ରତି ବ୍ରିଟିଶମାନଙ୍କର ଅବଜ୍ଞା, ବିଦ୍ୱେଷପୂର୍ଣ୍ଣ ତାଚ୍ଛଲ୍ୟର ବିରୋଧ ତାଙ୍କୁ ସରକାରଙ୍କର ଚକ୍ଷୁଶୂଳ କରିଥିଲା ।

ଶିକ୍ଷାର ପ୍ରସାର ଓ ଭାରତର ରାଜନୀତିକ ସ୍ୱାଧୀନତା ସପକ୍ଷରେ ଅଗ୍ରନେତୃତ୍ୱ ପାଇଁ ସେ ସୁପରିଚିତା ଥିଲେ । ତାଙ୍କର ପ୍ରଭାବଶାଳୀ ବକ୍ତୃତା ଓ ସାଂଗଠନିକ ଦକ୍ଷତା ସଂପର୍କରେ ଅବହିତ ବ୍ରିଟିଶ ସରକାର ତାଙ୍କ ଗତିବିଧି ଉପରେ ବାଧା-ନିଷେଧର ଆଦେଶ ଜାରି କରିଥିଲେ । ସମୟ ବିଶେଷରେ ବମ୍ବେ ପ୍ରେସିଡେନ୍ସି ଓ ମଧ୍ୟପ୍ରଦେଶର ପ୍ରଶାସନ ତାଙ୍କର ପ୍ରବେଶ ଅଧିକାର ବାତିଲ କରିଥିଲେ । ତାଙ୍କୁ ଭାରତ ଛାଡ଼ି ଚାଲିଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା । ସେ ନିର୍ଦ୍ଦେଶ ନ ମାନିବାରୁ ଉତ୍କାମଣ୍ଡଠାରେ ତାଙ୍କୁ ଆନ୍ତରୀଣ ବନ୍ଦୀ କରି ରଖାଯାଇଥିଲା । ମାତ୍ର ତାଙ୍କ ପଛରେ ଥିଲା ଏ ଦେଶର ତଥା ଦେଶ ବାହାରର ବିପୁଳ ଜନସମର୍ଥନ । ୧୯୧୭ରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହୋଇଥିଲେ । ଅନ୍ୟ ସଭାପତିମାନଙ୍କ ପରି ସେ କେବଳ ଚାରିଦିନିଆ ସମ୍ମିଳନୀରେ ସଭାପତିତ୍ୱ ନ କରି ସାରା ବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ଚଳାଇ ରଖୁଥିଲେ ଓ ନିଜେ ସମସ୍ତ କାର୍ଯ୍ୟକ୍ରମକୁ ଦିଗ୍‌ଦର୍ଶନ ଦେଉଥିଲେ । ଏ ପ୍ରସଙ୍ଗରେ ଉଲ୍ଲେଖ କରିବାର କଥା ଯେ ମହାତ୍ମାଗାନ୍ଧୀଙ୍କ ବ୍ୟକ୍ତିତ୍ୱ, ଜୀବନାଦର୍ଶ ଓ ସତ୍ୟନିଷ୍ଠା ପ୍ରତି ଗଭୀର ଶ୍ରଦ୍ଧା ସତ୍ତ୍ୱେ ଆଇନ-ଅମାନ୍ୟ ପନ୍ଥାକୁ ସେ ସମର୍ଥନ କରୁ ନ ଥିଲେ । ଏହାଦ୍ୱାରା ବିଶୃଙ୍ଖଳା ଓ ଅରାଜକତା ଉପୁଜିବା ଓ ଦେଶରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ସଂପର୍କରେ ସେ ସତର୍କ କରାଇ ଦେଇଥିଲେ । ତେବେ ଭାରତରେ ସ୍ୱାୟତ୍ତଶାସନର ପ୍ରବର୍ତ୍ତନ ପାଇଁ ସେ ଭାରତୀୟ ନେତୃବର୍ଗ ତଥା ବ୍ରିଟିଶ କର୍ମକର୍ତ୍ତାମାନଙ୍କ ସହ ବାରମ୍ବାର ଆଲୋଚନା କରୁଥିଲେ; ପ୍ରଥମ ଓ ଦ୍ୱିତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦେବା ପାଇଁ ଲଣ୍ଡନ ମଧ୍ୟ ଯାଇଥିଲେ ।

ଆମେରିକାନ୍ ସମାଜବାଦୀ ଚିନ୍ତାନାୟକ Edward Holton ଙ୍କ ସହ ଏକ ସାକ୍ଷାତକାରରେ ଆନିବେଶାନ୍ତ ଦୁଃଖପ୍ରକାଶ କରି କହିଥିଲେ ଯେ, ବ୍ରିଟେନ୍

ନିଜ ଅନ୍ଧତାର ପରିଚୟ ଦେଇ ଭାରତରେ ନିଜର କଦର୍ଯ୍ୟତମ ଦିଗ ଦେଖାଉଛି । ଭାରତକୁ ଆସି ବ୍ରହ୍ମବିଦ୍ୟା ସମିତିର ଦାୟିତ୍ୱ ନେଲା ପରେ ସେ ପ୍ରାୟ ପ୍ରତିବର୍ଷ ସମିତିର ବାର୍ଷିକ ଆନ୍ତର୍ଜାତିକ ସମ୍ମେଳନକୁ ସମ୍ବୋଧନ କରି ଅଭିଭାଷଣ ଦେବାର ଦାୟିତ୍ୱ ନିର୍ବାହ କରୁଥିଲେ । ୧୯୦୦ ମସିହାରେ ପଞ୍ଚବିଂଶତମ ଆନ୍ତର୍ଜାତିକ ବାର୍ଷିକ ସମ୍ମିଳନୀରେ ବକ୍ତୃତା ଦେବା ଅବକାଶରେ ସେ କହିଥିଲେ ଯେ ତାଙ୍କର ଶେଷନିଃଶ୍ୱାସ ଚାଲୁଥିବା ପର୍ଯ୍ୟନ୍ତ ସେ ଭାରତର ସହାୟତା ପାଇଁ ଉଦ୍ୟମ କରିବେ। ତାଙ୍କ ବିବେଚନାରେ ଏ ଦେଶ – "x x x the greatest of all lands in the past, the greatest of all lands in the futuue." ତା'ର ଅନେକ ବର୍ଷ ପରେ ତ୍ରିଚିନୋପୋଲିଠାରେ ଅନୁଷ୍ଠିତ ଏକ ମାନବବାଦୀ ସମ୍ମିଳନୀ (Humanitarian conference) ରେ ସଭାପତିତ୍ୱ କରିବା ଅବକାଶରେ ୮୪ ବର୍ଷ ବୟସ୍କା ଆନିବେସାନ୍ତ ଭାବଗଦ୍‌ଗଦ ହୋଇ କହିଥିଲେ– "May I live untill Indians rule India. No nation can hold a high position among the nations of the world until she is free." ମାତ୍ର ଭାରତ ସ୍ୱାଧୀନତା ଲାଭ କରିବାର ୧୪ ବର୍ଷ ପୂର୍ବରୁ ୧୯୩୩ ମସିହା ସେପ୍ଟେମ୍ବର ୨୦ ତାରିଖରେ ଏହି ମହୀୟସୀ ମହିଳାଙ୍କର ୮୬ ବର୍ଷର କର୍ମବହୁଳ ଜୀବନର ଅବସାନ ଘଟିଲା ।

ଆଜୀବନ ରାଜନୀତିକ ତଥା ସଂସ୍କାରମୂଳକ କାର୍ଯ୍ୟରେ ବ୍ୟାପୃତ ରହି ମଧ୍ୟ ସେ ଜୀବନର ମୌଳିକ ଲକ୍ଷ୍ୟ ସତ୍ୟାନୁସନ୍ଧିତ୍ସାରୁ ବିରତ ହୋଇ ନ ଥିଲେ । ଜୀବନର ଅଜସ୍ର ସଂଗ୍ରାମ ଓ ଘାତ-ପ୍ରତିଘାତ ଭିତରେ ବ୍ରହ୍ମବିଦ୍ୟା ହିଁ ତାଙ୍କ ହୃଦୟକୁ ଶାନ୍ତି ରସରେ ଆପ୍ଳୁତ କରି ରଖୁଥିଲା । 'ବ୍ରହ୍ମବିଦ୍ୟା ସମିତି' ସହ ସଂପର୍କ ସୂତ୍ରରେ ହିଁ ସେ ଭାରତକୁ ଆସିଥିଲେ । ଅନ୍ତର୍ନିହିତ ଅନୁରାଗବଶତଃ ଭାରତୀୟ ଜୀବନଶୈଳୀ, ପୋଷାକପରିଚ୍ଛଦକୁ ଆଦରି ନେବା ସଙ୍ଗେସଙ୍ଗେ ଭାରତର ପ୍ରାଚୀନ ଶାସ୍ତ୍ରୀୟ ଭାଷା ସଂସ୍କୃତ ଶିଖି ଏ ଦେଶର ଶାସ୍ତ୍ରଗ୍ରନ୍ଥମାନ ଅଧ୍ୟୟନ କରିଥିଲେ । ସେଥିରେ ନିହିତ ଉଚ୍ଚାଙ୍ଗ ଦର୍ଶନ ଓ ଆଧ୍ୟାତ୍ମିକ ଭାବଧାରାକୁ ହୃଦୟଙ୍ଗମ କରିଥିଲେ; ତାହା ବ୍ରହ୍ମବିଦ୍ୟାର ମୌଳିକ ତତ୍ତ୍ୱ ବୋଲି ମଧ୍ୟ ଉପଲବ୍ଧି କରିଥିଲେ । ସମ୍ଭବତଃ

ସେହି କାରଣରୁ ପ୍ରଥମେ ଆମେରିକାରେ ପ୍ରତିଷ୍ଠିତ 'ବ୍ରହ୍ମବିଦ୍ୟା ସମିତି'ର ସଞ୍ଚାଳନ ପାଇଁ ଦିବ୍ୟଋଷିମାନେ ଭାରତଭୂମିକୁ ଏହାର ସ୍ଥାନାନ୍ତରଣର ନିର୍ଦ୍ଦେଶ ଦେଇଥିଲେ।

୧୯୦୭ ମସିହାରେ ସମିତିର ପ୍ରଥମ ଆନ୍ତର୍ଜାତିକ ଅଧ୍ୟକ୍ଷ କଲୋନେଲ୍ ହେନ୍‌ରୀ ଷ୍ଟିଲ୍ ଅଲ୍‌କଟ୍‌ଙ୍କ ଦେହାନ୍ତ ପରେ ଆନିଙ୍କ ଉପରେ ସେହି ଗୁରୁଦାୟିତ୍ୱ ନ୍ୟସ୍ତ ହୋଇଥିଲା । ପୁନଃପୁନଃ ସେହି ପଦ ପାଇଁ ନିର୍ବାଚିତ ହୋଇ ସେ ଦୀର୍ଘ ସତେଇଶ ବର୍ଷ ଦକ୍ଷତାର ସହ କାର୍ଯ୍ୟକରି ବ୍ରହ୍ମବିଦ୍ୟାର ପ୍ରଚାର ଓ ପ୍ରସାର କରାଇଥିଲେ । ଏହି ଉଦ୍ଦେଶ୍ୟରେ ସେ ବହୁବାର ବିଦେଶ ଯାତ୍ରା କରିଥିଲେ । ଭାରତ ଓ ବ୍ରିଟେନ୍ ସମେତ ୟୁରୋପର ବିଭିନ୍ନ ଦେଶ, ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ ଆଦି ଦେଶରେ ଅନେକ ସଭାସମିତିରେ ଯୋଗଦେଇ ଆଧ୍ୟାତ୍ମିକ ଉନ୍ନତିକଳ୍ପେ ଅଭିଭାଷଣ ଦେବା ସଙ୍ଗେସଙ୍ଗେ 'ବ୍ରହ୍ମବିଦ୍ୟା ସମିତି'ର ଅନେକ ନୂତନ ଜାତୀୟ ଶାଖା ପ୍ରତିଷ୍ଠା କରାଇଥିଲେ । ତାଙ୍କର ଓଜସ୍ୱିନୀ ବକ୍ତୃତାରେ ମୁଗ୍ଧ ଓ ଆକୃଷ୍ଟ ହୋଇ ଦେଶ-ବିଦେଶର ସହସ୍ର ସହସ୍ର ନରନାରୀ 'ବ୍ରହ୍ମବିଦ୍ୟା ସମିତି' ସହ ସଂପୃକ୍ତ ହୋଇ ନିଜନିଜ ଜୀବନକୁ ସନ୍ମାର୍ଗରେ ପରିଚାଳିତ କରିଥିଲେ । ଗଭୀର ଅନ୍ତର୍ଦୃଷ୍ଟିସମ୍ପନ୍ନା ଏହି ପ୍ରଜ୍ଞାଶୀଳା ମହିଳାଙ୍କ ରଚିତ 'A Study in Consciousness' ଓ 'Ancient Wisdom' ପରି ଉଚ୍ଚତର ଚେତନାର ଜ୍ଞାପକ ପୁସ୍ତକ, ହିନ୍ଦୁ ଶାସ୍ତ୍ରମାନଙ୍କର ଭାଷ୍ୟ, ମାଡାମ୍ ବ୍ଲାଭାଟ୍‌ସ୍କିଙ୍କ 'The Voice of the Silence' ପୁସ୍ତକର ବ୍ୟାଖ୍ୟା, ପୁସ୍ତକ ଆକାରରେ ପ୍ରକାଶିତ ତାଙ୍କର ଶତଶତ ବହୁମୂଲ୍ୟ ଅଭିଭାଷଣ ତାଙ୍କୁ କାଳଜୟୀ କରାଇଛି ।

୧୯୨୧ ଜୁଲାଇ ମାସ ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ବ୍ରହ୍ମବିଦ୍ୟା ସମିତିର ପ୍ରଥମ ବିଶ୍ୱସ୍ତରୀୟ ମହାସମ୍ମେଳନ ଫ୍ରାନ୍‌ସର ରାଜଧାନୀ ପ୍ୟାରିସ୍‌ଠାରେ ଅନୁଷ୍ଠିତ ହୋଇଥିଲା । ପୃଥିବୀର ୩୯ଟି ଦେଶରୁ ୧୪୦୦ ସଭ୍ୟ ସେଥିରେ ଯୋଗ ଦେଇଥିଲେ । ତୃତୀୟ ଥର ପାଇଁ ଆନ୍ତର୍ଜାତିକ ସଭାପତି ଭାବେ ନିର୍ବାଚିତ ଆନି ବେସାନ୍ତ ସେହି ସମାବେଶରେ ସଭାପତିତ୍ୱ କରି ନିଜ ଚମତ୍କାର ବକ୍ତୃତା ଉପସ୍ଥାପନ କରିଥିଲେ । ସେହିବର୍ଷ ଡିସେମ୍ବର ୧୪ ତାରିଖରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧିରେ ଭୂଷିତ କରିଥିଲେ ।

୧୯୨୩ରେ ସେ ବ୍ରହ୍ମବିଦ୍ୟା ସମିତିରେ ଯୁବଶାଖାର ଉଦ୍‌ଘାଟନ କରିଥିଲେ । ସେହିବର୍ଷ ହିଁ ଭ୍ରାତୃତ୍ୱଭାବନାର ପ୍ରସାରମୁଖୀ ଅଭିଯାନର ଶୁଭାରମ୍ଭ କରିବା ଅବକାଶରେ ପାଠ କରାଯିବା ପାଇଁ ସେ ସାର୍ବଜନୀନ ପ୍ରାର୍ଥନା (The Universal Prayer) 'O hidden life....' ରଚନା କରିଥିଲେ । ଏ ପ୍ରାର୍ଥନା ବସ୍ତୁତଃ ଦିବ୍ୟ ମାନସର ସ୍ଫୁରଣ । ୧୯୨୫ ରେ ବ୍ରହ୍ମବିଦ୍ୟା ସମିତିର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଆଡୟାରସ୍ଥିତ ଆନ୍ତର୍ଜାତିକ ମୁଖ୍ୟାଳୟରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ୩୦୦୦ ସଭ୍ୟଙ୍କର ସମାଗମ ହୋଇଥିଲା । ଆଡାୟାର ପରିସରରେ ବିଭିନ୍ନ ଧର୍ମର ଉପାସନାଗୃହ ପ୍ରତିଷ୍ଠା ମଧ୍ୟ ହୋଇଥିଲା । ଭାରତରେ ବ୍ରହ୍ମବିଦ୍ୟା ସମିତିର ସର୍ବପୁରାତନ ଶାଖା 'ବ୍ଲାଭାଟ୍‌ସ୍କି ଲଜ୍'ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବମ୍ବେଠାରେ ୧୯୩୦ରେ, ୧୯୩୧ ଅଗଷ୍ଟ ମାସରେ ମାଡାମ୍ ବ୍ଲାଭାଟ୍‌ସ୍କିଙ୍କର ଓ ୧୯୩୨ ଅଗଷ୍ଟରେ କଲୋନେଲ୍ ଅଲ୍‌କଟ୍‌ଙ୍କର ଶତବାର୍ଷିକୀ ଆଡ୍ୟାରଠାରେ ପାଳନ କରାଇଥିଲେ । ସେହିବର୍ଷ ସେ ସ୍କାଉଟ୍‌ର ଶ୍ରେଷ୍ଠ ସମ୍ମାନ 'Silver Wolf' ରେ ଭୂଷିତ ହୋଇଥିଲେ ।

ତେବେ ଭାରତର ମୁକ୍ତି ଓ ସମୁନ୍ନତି ତାଙ୍କ ଜୀବନର ବିଶେଷ ଉଦ୍ଦେଶ୍ୟ ଥିଲା । ଭାରତର ଅଧଃପତନରେ କ୍ଷୁବ୍ଧ ହୃଦୟ ନେଇ ସେ ଏଠିକାର ସାମାଜିକ ବ୍ୟବସ୍ଥାର ସକାରାତ୍ମକ ପରିବର୍ତ୍ତନ ପାଇଁ ଉଦ୍ୟମ କରିଥିଲେ । ସନାତନ ଧର୍ମର ଅନୁଗାମୀମାନଙ୍କ ଭିତରୁ ଅନ୍ଧବିଶ୍ୱାସ ଓ ଅଜ୍ଞତାକୁ ଦୂର କରି ଧାର୍ମିକ-ଜୀବନର ପୁନରୁତ୍‌ଥାନ କରାଇବା ତାଙ୍କର ଲକ୍ଷ୍ୟ ଥିଲା । ବିଦେଶରେ ଜନ୍ମିଥିବା ଏହି ମନସ୍ୱିନୀ ନାରୀ ଭାରତର ଶିକ୍ଷା, ସମାଜଜୀବନ, ରାଜନୀତିକ ଅବସ୍ଥା ତଥା ଆଧ୍ୟାତ୍ମିକ କ୍ଷେତ୍ରକୁ ନିଜ ବିସ୍ମୟକର ଅବଦାନରେ ଋଦ୍ଧିମନ୍ତ କରିଥିଲେ । ଭାରତୀୟ ନାରୀମାନଙ୍କର ସଂଯତ ଆଚରଣ, ସଂଭ୍ରମ ଓ ମର୍ଯ୍ୟାଦାବୋଧ, ପରିବାର ଓ ସମାଜ ପ୍ରତି ସମର୍ପିତ ମାନସିକତା, ତ୍ୟାଗପୂତ ନିଃସ୍ୱାର୍ଥଭାବ ଲକ୍ଷ୍ୟକରି ସେ ମୁଗ୍ଧ ହୋଇଥିଲେ; ଏହା ଆଧ୍ୟାତ୍ମିକତାର ନିଦର୍ଶନ ଓ ସମଗ୍ର ବିଶ୍ୱର ଅନୁକରଣୀୟ ବୋଲି ସ୍ୱୀକାର କରିଥିଲେ । କାଳକ୍ରମେ ନିଃସାର ଓ ଅହେତୁକ ମନେକରି ଭାରତୀୟମାନେ ଭୁଲି ବସିଥିବା ଅନେକ ପ୍ରାଚୀନ ପରମ୍ପରା ଓ ରୀତିନୀତିର


ବିଲୁପ୍ତିର ମୂଳ କାରଣ ସେ ସ୍ୱକୀୟ ଅନ୍ତର୍ଦୃଷ୍ଟି ବଳରେ ଜାଣିପାରିଥିଲେ । ଏ ଦେଶର ପତନୋନ୍ମୁଖ ଧର୍ମ-ସଂସ୍କୃତିର ପୁନର୍ଜାଗରଣ ଲକ୍ଷ୍ୟରେ ସେ ଭଗବାନ ଦାସ ନାମକ ଉତ୍ସର୍ଗୀକୃତ ବ୍ରହ୍ମବିଦ୍ୟାବିଦ୍‌ଙ୍କ ସହାୟତାରେ ରଚନା କରିଥିବା 'ସନାତନ ଧର୍ମ ବାର୍ତ୍ତା' ପୁସ୍ତକଦ୍ୱାରା ଯୁବପିଢ଼ିକୁ ହିନ୍ଦୁ ସମାଜର ନୀତିନିୟମ ସଂପର୍କରେ ସଚେତନ କରାଇବାର ଚେଷ୍ଟା କରିଥିଲେ । ପ୍ରାଚୀନ ଭାରତୀୟ ଜ୍ଞାନ ଓ ଦର୍ଶନର ଅଧ୍ୟୟନ ତାଙ୍କର ଦୃଷ୍ଟିକୋଣକୁ ଅଧିକ ପ୍ରସାରିତ କରିଥିଲା; ମାନବ-ପ୍ରକୃତି ସମ୍ବନ୍ଧରେ ତାଙ୍କ ଅବବୋଧର ଅଭିବୃଦ୍ଧି ଘଟାଇଥିଲା । ସମଗ୍ର ବିଶ୍ୱରେ ଏହି ପୁଣ୍ୟଭୂମି ଶାନ୍ତି, ମୈତ୍ରୀ ଓ ପ୍ରଗତିର ଅଗ୍ରଦୂତ ହେବ ବୋଲି ତାଙ୍କର ଦୃଢ଼ବିଶ୍ୱାସ ଥିଲା । ଏ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କର ତତ୍ପରତା, ନିଃସ୍ୱାର୍ଥ ଜନସେବା, ଉତ୍ସର୍ଗୀକୃତ ମାନସିକତା ଓ ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ ତାଙ୍କୁ ଅପାର ଜନପ୍ରିୟତାର ଅଧିକାରିଣୀ କରାଇଥିଲା । ଉଲ୍ଲେଖ କରିବା ଆବଶ୍ୟକ ଯେ ୧୯୨୧ରେ ମାଡ୍ରାସଠାରେ ସେ ଯେଉଁ Political Club ଆରମ୍ଭ କରିଥିଲେ, ଭାରତର ସମ୍ବିଧାନ ପ୍ରଣୟନର ଚିନ୍ତାଧାରା ସେହିଠାରୁ ହିଁ ଜନ୍ମ ନେଇଥିଲା ।

ରାଗ-ଦ୍ୱେଷ ବର୍ଜିତ ଉଦାତ୍ତ ମନୋଭାବ, ପ୍ରତ୍ୟେକ ମନୁଷ୍ୟ ଓ ତାର ଆଚରଣକୁ ଉଦାର ଭାବେ ଦେଖିବାର ମହନୀୟତା ହେତୁ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅଧିକାଂଶ ମଣିଷ ତାଙ୍କୁ ମା'ର ମର୍ଯ୍ୟାଦା ଦେଉଥିଲେ । ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ବାଲ୍ୟକାଳରୁ ଜନ୍ମଦାତ୍ରୀ ମାତା ଆନିଙ୍କ ସାନ୍ନିଧ୍ୟରୁ ବଞ୍ଚିତ ପୁତ୍ର ଆର୍ଥର ଡିଗ୍‌ବି ବେସାନ୍ତ୍ ଓ କନ୍ୟା ମାବେଲ୍ ବେସାନ୍ତ୍-ସ୍କଟ୍ ସାବାଳକ ହେଲା ପରେ ତାଙ୍କ ପ୍ରତି ଅନୁରକ୍ତ ଓ ତାଙ୍କର ଗୁଣମୁଗ୍ଧ ପ୍ରଶଂସକ ହୋଇଯାଇଥିଲେ ।

ଶ୍ରୀମତୀ ଆନି ଥିଲେ ଅନାସକ୍ତ କର୍ମଯୋଗିନୀ । ତାଙ୍କର ବୁଦ୍ଧି ଥିଲା ଈଶ୍ୱରାର୍ପିତ । ୧୯୨୪ ମସିହାରେ ଲଣ୍ଡନଠାରେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ଆୟୋଜିତ ଏକ ସଭାରେ ସମ୍ବର୍ଦ୍ଧନାର ଉତ୍ତର ଦେବା ଅବକାଶରେ ସେ କହିଥିଲେ ଯେ କୌଣସି ଆଦର୍ଶର ପ୍ରତିଷ୍ଠା ପାଇଁ ତ୍ୟାଗରେ ଯେଉଁ ଆନନ୍ଦ ନିହିତ, ତା'ଠାରୁ ବଳି ଅନ୍ୟ କୌଣସି ଆନନ୍ଦ ନାହିଁ । ଶରୀରକୁ ସେ ଦିବ୍ୟଚେତନାର

ମନ୍ଦିର ବୋଲି ବିବେଚନା କରୁଥିଲେ ଓ ସେହି ଦିବ୍ୟଚେତନା ବା ପରମ ଶକ୍ତି ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ନିହିତ ବୋଲି ଜାଣିଥିଲେ । ଜୀବାତ୍ମାଙ୍କୁ ପରମାତ୍ମା ସହିତ ନିକଟ ସଂପର୍କ ସ୍ଥାପନର ଦିଗ୍‌ଦର୍ଶନ ଦେବାପାଇଁ ଉପଯୁକ୍ତ ପରିବେଶ ପରି ବୋଧ ହେଉଥିବା ଆଡ୍‌ୟାର୍ ନଦୀର ପ୍ରଶସ୍ତ ଜଳବେଣୀ ଓ ସମୁଦ୍ର ସଂଗମର ସନ୍ନିକଟବର୍ତ୍ତୀ ସ୍ଥାନରେ ସ୍ଥାପିତ 'ବ୍ରହ୍ମବିଦ୍ୟା ସମିତି'ର ଆନ୍ତର୍ଜାତିକ ମୁଖ୍ୟାଳୟଠାରେ ଜଣେ ପୁଣ୍ୟାତ୍ମା ସାଧ୍ୱୀ ଭାବରେ ଆଜୀବନ କାର୍ଯ୍ୟରତ ରହି ସେହିଠାରେ ୧୯୩୩ ମସିହା ସେପ୍ଟେମ୍ବର ୨୦ ତାରିଖରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । ସେ ଥିଲେ ଶାନ୍ତି ଓ ସହଯୋଗ, କର୍ମ ଓ ତ୍ୟାଗର ମହିମାରେ ପ୍ରୋଜ୍ଜ୍ୱଳ ଆଦର୍ଶ ଓ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱର ଏକ ବିରଳ ଦୃଷ୍ଟାନ୍ତ । ସ୍ୱାର୍ଥକେନ୍ଦ୍ରୀ ଚିନ୍ତା ପରିହାର କରି ସାର୍ବଜନୀନ କଲ୍ୟାଣକାମିତା ଓ ଲୋକୋତ୍ତର ଚେତନାରେ ମଗ୍ନ ହୋଇ ବଞ୍ଚିବା ଓ କର୍ମ କରିବା ପାଇଁ ତାଙ୍କର ପ୍ରେରଣା ମାନବଜାତିକୁ ଚିରକାଳ ଉଦ୍‌ବୁଦ୍ଧ କରୁ ।

❖❖❖



# ଚାର୍ଲସ୍ ୱେବ୍‌ଷ୍ଟର୍ ଲେଡ୍‌ବିଟର୍

## ମିତାଲିନୀ ଚୌଧୁରୀ

**ସି. ଡବ୍‌ଲ୍ୟୁ:** ଲେଡ୍‌ବିଟର୍ ଜଣେ ମହାନ୍ ସାଧକ ଥିଲେ । ନିଜର ନିଷ୍ଠା, କର୍ତ୍ତବ୍ୟ, ଭକ୍ତି ଓ ତ୍ୟାଗପୂତ ଜୀବନ ପାଇଁ ସେ ବ୍ରହ୍ମବିଦ୍ୟା ସମିତିର ସଭ୍ୟମାନଙ୍କର ଚିରସ୍ମରଣୀୟ । ସାଧନା ଦ୍ୱାରା ସେ ଅତିନ୍ଦ୍ରିୟ ଶକ୍ତି ଲାଭ କରିଥିଲେ। ସେହି ଶକ୍ତିଦ୍ୱାରା ସୂକ୍ଷ୍ମଜଗତ ବା ଅଦୃଶ୍ୟ ଜଗତ ବିଷୟରେ ଜାଣିପାରିଥିଲେ । ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ଏସବୁ ବିଷୟରେ ପ୍ରତିପାଦିତ କରେ । ବ୍ରହ୍ମବିଦ୍ୟାରେ ସୂକ୍ଷ୍ମଜଗତ, ମଣିଷର ସୂକ୍ଷ୍ମଶରୀର, ଚକ୍ର, କାମଲୋକ, ସ୍ୱର୍ଗଲୋକ, ମୃତ୍ୟୁପର ଅବସ୍ଥା, ସତ୍‌ସଙ୍ଗର ଅଦୃଶ୍ୟ ଦିଗ, ପ୍ରାର୍ଥନାର ଶକ୍ତି, ଅଦୃଶ୍ୟ ସାହାଯ୍ୟକାରୀ ଓ ହିମାଳୟରେ ଥିବା ମହାତ୍ମାମାନଙ୍କ ବିଷୟରେ ସବିଶେଷ ବର୍ଣ୍ଣନା କରାଯାଇଛି। ବିସପ୍ ଲେଡ୍‌ବିଟର୍‌ଙ୍କ ଲିଖିତ ପୁସ୍ତକଗୁଡ଼ିକରେ ଏସବୁ ବିଷୟ ବର୍ଣ୍ଣିତ ଅଛି, ଯାହାକି ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ।

ଲେଡ୍‌ବିଟର୍ ୧୮୫୪ ମସିହା ଫେବୃୟାରୀ ୧ ତାରିଖ ଇଂଲଣ୍ଡରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଜଣେ ରେଲ୍‌ୱେ କର୍ମଚାରୀ ଥିବାରୁ ସେ ଗୋଟିଏ ସ୍ଥାନରେ ସ୍ଥାୟୀ ଭାବରେ ରହିପାରି ନ ଥିଲେ । ମାତା ଧର୍ମପରାୟଣା ଓ ସତ୍ୟନିଷ୍ଠ

ଥିଲେ । ଲେଡ୍‌ବିଟର୍ ପିତାମାତାଙ୍କଦ୍ୱାରା ପ୍ରଭାବିତ ହୋଇ ବାଇବେଲ୍ ଅଧ୍ୟୟନ କରି ଇଂଲଣ୍ଡର ଗୋଟିଏ ବଡ଼ ଚର୍ଚ୍ଚ୍‌ର ଧର୍ମଯାଜକ ଭାବରେ କାର୍ଯ୍ୟ କରିଥିଲେ । ଧର୍ମଯାଜକ ଥିଲେ ମଧ୍ୟ ସେ ଅନ୍ଧବିଶ୍ୱାସରୁ ମୁକ୍ତ ଥିଲେ । ସର୍ବଦା ସତ୍ୟ ଜାଣିବା ପାଇଁ ତାଙ୍କର ପ୍ରବଳ ଆଗ୍ରହ ଥିଲା । ସେଥିପାଇଁ ସେ ଅନେକ ପତ୍ରପତ୍ରିକା ଓ ପୁସ୍ତକ ଅଧ୍ୟୟନ କରିଥିଲେ । ସେ ଜାଣିଥିଲେ ଯେ ଈଶ୍ୱର ସର୍ବତ୍ର ବିଦ୍ୟମାନ ଅଛନ୍ତି ଏବଂ ସେ ଅତ୍ୟନ୍ତ ଉତ୍ତମ ଅଟନ୍ତି । ମୃତ୍ୟୁ  ଜୀବନର ଶେଷ ପରିଣାମ ନୁହେଁ - ମୃତ୍ୟୁ ପରେ ମଧ୍ୟ ଜୀବନ ଅଛି । ଛାତ୍ର ଅବସ୍ଥାରେ ସେ ଶ୍ରୀମତୀ ଟ୍ରୋଡ଼୍‌ଙ୍କର ଲିଖିତ 'Night side of Nature' ପୁସ୍ତକ ଅଧ୍ୟୟନ କଲା ପରେ ତାଙ୍କର ଅନୁସନ୍ଧାନର ପ୍ରୟାସ ବଢ଼ି ଯାଇଥିଲା । ଯେଉଁ ସ୍ଥାନରେ ଅଶରୀରୀ ଆତ୍ମା ବିଷୟରେ ଆଲୋଚନା ହେଉଥିଲା ସେ ସେଠାକୁ ଯାଇ ତା'ର ଅନୁସନ୍ଧାନ କରୁଥିଲେ । ଏହି ଅନୁସନ୍ଧାନରୁ ତାଙ୍କର ଆଧ୍ୟାତ୍ମିକ ଜୀବନ ଆରମ୍ଭ ହେଲା ଏବଂ ସେ ବ୍ରହ୍ମବିଦ୍ୟା ସମିତି ବିଷୟରେ ଜାଣିବାକୁ ପାଇଲେ ।

**ବ୍ରହ୍ମବିଦ୍ୟା ସମିତିରେ ଯୋଗଦାନ :** ଲେଡ୍‌ବିଟର୍ ଏକ ପୁସ୍ତକ ଅଧ୍ୟୟନ କରୁଥିବା ସମୟରେ ସେହି ପୁସ୍ତକର ବିଜ୍ଞାପନରେ 'The Occult World' ପୁସ୍ତକ ବିଷୟରେ ଲେଖାଥିଲା । ଏହି ନାମଟି ତାଙ୍କୁ ବହୁତ ଆକୃଷ୍ଟ କଲା । ସେଥିପାଇଁ ବହିଟି ମଗାଇ ପଢ଼ିଲେ । ସେଥିରେ ଥିବା ଗୁପ୍ତ ବିଜ୍ଞାନ ଓ ଦର୍ଶନଭିତ୍ତିକ ଚମତ୍କାର ପଦ୍ଧତି ତାଙ୍କୁ ଏଭଳି ପ୍ରଭାବିତ କଲା ଯେ ସେ ଲେଖକ ଏ.ପି. ସିନେଟ୍‌ଙ୍କୁ ଦେଖା କରିବାକୁ ଗଲେ । ଏ.ପି.ସିନେଟ୍ ତାଙ୍କୁ ବ୍ରହ୍ମବିଦ୍ୟା ସମ୍ବନ୍ଧରେ ବୁଝାଇଥିଲେ। ଅଧିକ ଜାଣିବାପାଇଁ ଆଗ୍ରହାନ୍ୱିତ ହୋଇ ସେ ସମିତିରେ ଯୋଗଦେବାପାଇଁ ଚାହିଁଲେ। ଜଣେ ସଭ୍ୟ ପ୍ରସ୍ତାବ କରିବା ଏବଂ ଅନ୍ୟ ଜଣେ ସଭ୍ୟ ସମର୍ଥନ କରିବା ପରେ ଆବଶ୍ୟକୀୟ ଫର୍ମ୍ ପୂରଣ କରି ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହେଲେ (ନଭେମ୍ବର ୨୧ ତାରିଖ ୧୮୮୩ ମସିହାରେ) । ସେତେବେଳେ ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହେବା ଏତେ ସହଜ ନ ଥିଲା । ସଭ୍ୟ ହେଲା ପରେ ସିନେଟ୍ ସମିତିର ଲକ୍ଷ୍ୟ ଓ କାର୍ଯ୍ୟ ସଂପର୍କରେ ଉପଦେଶ ଦେଇଥିଲେ । ଏହାପରଠାରୁ ଲେଡ୍‌ବିଟର ପ୍ରତ୍ୟେକ ସପ୍ତାହରେ ନିଜ ଘରଠାରୁ ୫୦ କିଲୋମିଟର ଦୂର ଯାତ୍ରା କରି ଲଣ୍ଡନ ଲଜ୍ ମିଟିଂରେ

ଯୋଗ ଦେଉଥିଲେ । ବେଳେବେଳେ ସିନେଟ୍‌ଙ୍କ ଘରେ ରାତ୍ରିଯାପନ କରି ଅନେକ ଗୂଢ଼ତତ୍ତ୍ୱ ଉପରେ ଆଲୋଚନା କରୁଥିଲେ ଓ ବହୁତ ବିଖ୍ୟାତ ବ୍ୟକ୍ତିଙ୍କୁ ଭେଟିଥିଲେ । ମହାତ୍ମାମାନଙ୍କ ବିଷୟରେ ଜାଣି ତାଙ୍କର କାର୍ଯ୍ୟ କରିବା ପାଇଁ ଆଗ୍ରହୀ ହୋଇ ମହାତ୍ମାଙ୍କୁ ପତ୍ର ଲେଖିଲେ ।

**ମହାତ୍ମାଙ୍କ ନିକଟକୁ ପତ୍ର :** ଲେଡ୍‌ବିଟର୍ ମହାତ୍ମାଙ୍କର କାର୍ଯ୍ୟ କିଭଳି, କେଉଁଠାରେ କରିବାକୁ ହେବ, କିଭଳି ଶିଷ୍ୟ ହେବାକୁ ହେବ, କ'ଣ ଯୋଗ୍ୟତା ଆବଶ୍ୟକ ସେ ବିଷୟରେ ଜାଣିବାକୁ ଇଚ୍ଛା ପ୍ରକାଶ କରି ତିନିଟି ପତ୍ର ମହାତ୍ମାଙ୍କୁ ଲେଖିଥିଲେ । ପ୍ରଥମ ପତ୍ରରେ ଲେଖିଥିଲେ– " ମୁଁ ଗୁରୁଙ୍କର ଶିଷ୍ୟ ହେବାପାଇଁ ଆଗ୍ରହୀ ଏବଂ ସେଥିପାଇଁ କ'ଣ ଭାରତବର୍ଷ ଯିବାକୁ ହେବ କି ? ଆପଣଙ୍କର ଶିଷ୍ୟ ହେବାପାଇଁ କ'ଣ କରିବାକୁ ହେବ ଏବଂ କେଉଁ ନିୟମସବୁ ପାଳନ କରିବାକୁ ହେବ ?" ପତ୍ରଟିକୁ ଏକ ଲଫାପା ଭିତରେ ପୁରାଇ ଜଉମୁଦ ଦେଇ ଗୋଟିଏ ବାକ୍ସରେ ପକାଇଦେଲେ । ଦେଖାଯାଇଥିଲା ଚିଠିଟି ବନ୍ଦଥିବା ବାକ୍ସରୁ ଆପେ ଉଭାନ୍ ହୋଇଯାଇଥିଲା ଏବଂ କିଛିଦିନ ପରେ ସେହି ବାକ୍ସରେ ମହାତ୍ମାଙ୍କ ଲିଖିତ ପତ୍ରଟି ରହିଥିଲା । ବେଳେବେଳେ ଅଚିହ୍ନା ବ୍ୟକ୍ତିଙ୍କ ମାଧ୍ୟମରେ ବି ମହାତ୍ମାଙ୍କର ହାତଲେଖା ଚିଠି ଆସୁଥିଲା । (ଯେଉଁମାନେ ଚିଠିଗୁଡ଼ିକୁ ବା ମହାତ୍ମାଙ୍କ ହାତଲେଖା ଚିଠି ଦେଖିବାକୁ ଇଚ୍ଛୁକ ସେମାନେ Mahatma K.H.letter to Leadbeater ପୁସ୍ତକ ଦେଖିପାରିବେ ।) ପ୍ରଥମ ପ୍ରଶ୍ନର ଉତ୍ତରରେ ମହାତ୍ମା କେ. ଏଚ୍. ଲେଖିଛନ୍ତି–

"It is not necessary that one should be in India during the seven years of probation. A chela can pass them anywhere."

"To accept any man as a chela does not depend on my personal will. It can only be the result of one's personal merit and exertion in that direction. Force anyone of the 'Masters' you may happen to choose, do good works in his name and for the love of mankind; be pure and resolute in the path of righteousness; be honest and un-

selfish; forget yourself but to remember the good of other people and you will have forced that 'Master' to accept you."

ମୁଁ କେଉଁସବୁ ନିୟମ ପାଳନ କରିବି ବୋଲି ଲେଡ୍‌ବିଟର୍‌ଙ୍କ ପ୍ରଶ୍ନର ଉତ୍ତରରେ ମହାତ୍ମା ଲେଖିଥିଲେ–

"You have the making of your own future in your own hands  and everyday you may be weaving its woof. If I were to demand that you should do onething or other, instead of simply advising, I would be responsible for every effect that might flow from the step and you acquire but secondary merit."

ଉକ୍ତ ଚିଠିରେ ମହାତ୍ମାଙ୍କର ମହାନତା ଓ ପ୍ରେମଭାବ ପରିଲକ୍ଷିତ । ପ୍ରକୃତ ମହାତ୍ମା କେବେ କାହାକୁ କିଛି କରିବାକୁ କହନ୍ତି ନାହିଁ କାହିଁକି ନା  ସେପରି କଲେ ତା'ର ଫଳ ମୁଖ୍ୟତଃ ତାଙ୍କୁ  ପ୍ରାପ୍ତ ହେବ ଏବଂ ପରିଶ୍ରମ ବା ଉଦ୍ୟମ କରିଥିବା ବ୍ୟକ୍ତି  ଗୁରୁଙ୍କର ଆଦେଶକୁ କାର୍ଯ୍ୟକାରୀ କରିଥିବାରୁ ସାମାନ୍ୟ ଫଳ ଲାଭ କରିବେ । ଏହା ହିଁ  କର୍ମର ନିୟମ । ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜର ଭାଗ୍ୟ ନିଜେ ନିର୍ଣ୍ଣୟ କରିବା ଉଚିତ୍ ।

ଲେଡ୍‌ବିଟର୍ ମହାତ୍ମାଙ୍କର ଚିଠିକୁ କେବଳ ପାଠକରି ସନ୍ତୁଷ୍ଟ ହୋଇ ବସିଯାଇ ନ ଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ  ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟଙ୍କୁ ତ୍ୟାଗକରି ସାଧନା କରିବା ସହିତ ବ୍ରହ୍ମବିଦ୍ୟା ସମିତିର କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗ କରିଥିଲେ । ପ୍ରଥମେ ୫୦ କିଲୋମିଟର ଦୂରରୁ ଯାଇ ସିନେଟ୍‌ଙ୍କ କାର୍ଯ୍ୟରେ ନିଷ୍ଠାର ସହିତ ସାହାଯ୍ୟ କଲେ । ସିନେଟ୍‌ଙ୍କ ନିକଟକୁ ଆସୁଥିବା ଶହଶହ ଚିଠିର ଉତ୍ତର ଲେଡ୍‌ବିଟରଙ୍କୁ ଦେବାକୁ ହେଉଥିଲା । ସେଥିପାଇଁ ସେ ରାତ୍ରିରେ  ଶୋଇବାକୁ ମୋଟେ ୩/୪ ଘଣ୍ଟା ସମୟ ପାଉଥିଲେ ।

**ଭାରତବର୍ଷକୁ ଯାତ୍ରା :** ମହାତ୍ମାଙ୍କ ଇଙ୍ଗିତରେ ଭାରତ ଆସି ଆଡୟାର୍‌ରେ କାର୍ଯ୍ୟ କରିବା ପାଇଁ ଏବଂ ମ୍ୟାଡାମ୍ ବ୍ଲାଭାଟ୍‌ସ୍କିଙ୍କୁ ତାଙ୍କ କାର୍ଯ୍ୟରେ କିଛି ସାହାଯ୍ୟ

କରିବାପାଇଁ ଲେଡ୍‌ବିଟର ନିଜର ଯାହାକିଛି ସମ୍ପତ୍ତି ଥିଲା, ଏପରିକି ନିଜର ପ୍ରେମିକାଙ୍କୁ ଛାଡ଼ି ଆନନ୍ଦ ମନରେ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଏହି ଯାତ୍ରା ସେତେବେଳେ ଏତେ ସୁବିଧାଜନକ ନ ଥିଲା । ଖୁବ୍ କମ୍ ଦିନରେ ସବୁକିଛିର ବନ୍ଦୋବସ୍ତ କରି, ଅନେକ ବାଧାବିଘ୍ନ ସତ୍ତ୍ୱେ ସେ ଜଳଯାତ୍ରା ଆରମ୍ଭ କଲେ ଓ ଶେଷରେ ମ୍ୟାଡାମ୍ ବ୍ଲାଭାସ୍କିଙ୍କୁ ପଥରେ ଭେଟିଲେ । ମ୍ୟାଡ୍‌ମ୍ ବ୍ଲାଭାଟ୍‌ସ୍କିଙ୍କୁ ସେ ହୃଦୟରୁ ସମ୍ମାନ ଓ ଭକ୍ତି କରୁଥିଲେ । ମ୍ୟାଡାମ୍‌ଙ୍କର ଅସାଧାରଣ କ୍ଷମତା, ପ୍ରଚଣ୍ଡ ସାହସ, ନିର୍ଭୀକତା, ସ୍ପଷ୍ଟବାଦିତା, ବୁଦ୍ଧିର ବିଚକ୍ଷଣତା, ବ୍ରହ୍ମବିଦ୍ୟା ସଂପର୍କରେ ବ୍ୟାପକ ଚିନ୍ତାଧାରା, ଗଭୀର ଜ୍ଞାନ, ଗୁରୁଙ୍କ ପ୍ରତି ଭକ୍ତି ଏବଂ ନିଃସ୍ୱାର୍ଥପର ପ୍ରେମଭାବ ଲେଡ୍‌ବିଟରଙ୍କୁ ବହୁ ଭାବରେ ପ୍ରଭାବିତ କରିଥିଲା । ସେଥିପାଇଁ ସେ ଦୃଢ଼ପ୍ରତିଜ୍ଞା କରିଥିଲେ ଯେ ଜୀବନସାରା ତାଙ୍କର ଅନୁଗାମୀ ରହିବେ। ବାସ୍ତବରେ ମଧ୍ୟ ଅନୁଗାମୀ ରହିଥିଲେ । ସେଡ୍ ବନ୍ଦରରେ ଯେତେବେଳେ ମ୍ୟାଡାମ୍ ଲେଟ୍‌ବିଟରଙ୍କୁ ଦେଖି କହିଥିଲେ, "ଆଚ୍ଛା ! ଲେଡ୍‌ବିଟର, ଏତେ ଅସୁବିଧା ସତ୍ତ୍ୱେ ତୁମେ ଆସିଲ ?" ଉତ୍ତରରେ ଲେଡ୍‌ବିଟର୍ କହିଲେ, "ହଁ ନିଶ୍ଚୟ । ମୁଁ ଯେତେବେଳେ କୌଣସି ପ୍ରତିଜ୍ଞା କରେ ନିଶ୍ଚିତଭାବରେ ଦେଖେ ଯେ ମୁଁ ଯେପରି ତାହା ରକ୍ଷା କରିବି ।"

**ବୌଦ୍ଧଧର୍ମ ଗ୍ରହଣ, ପ୍ରଚାର ଓ ପ୍ରସାର :** ଭାରତ ଯାତ୍ରା କାଳରେ ଲେଡ୍‌ବିଟର୍ ଅନ୍ୟମାନଙ୍କ ସହିତ କଲମ୍ବୋରେ ଅବତରଣ କରି କର୍ଣ୍ଣେଲ୍ ଅଲ୍‌କଟ୍‌ଙ୍କୁ ଦେଖାକଲେ ଏବଂ ସେଠାକାର ବୌଦ୍ଧ ବ୍ରହ୍ମବିଦ୍ୟା ସମିତିର ସଭ୍ୟମାନଙ୍କ ସହିତ ପରିଚୟ ହେଲା । ସେଠାରେ ଅନେକ ଜ୍ଞାନୀଗୁଣୀ ବ୍ୟକ୍ତିଙ୍କ ସହିତ ବ୍ରହ୍ମବିଦ୍ୟା ବିଷୟ ଆଲୋଚନା ହେଲା । ସେ ଅନେକ କିଛି ଜ୍ଞାନ ସୁମଙ୍ଗଳ ଥେରଙ୍କଠାରୁ ଶୁଣିଥିଲେ । ଏହି ପନ୍ଥା ସହଜ, ସରଳ ଓ ବୋଧଗମ୍ୟ ହୋଇଥିବାରୁ ଲେଡ୍‌ବିଟର୍‌ଙ୍କ ହୃଦୟକୁ ସ୍ପର୍ଶ କରିଥିଲା । ଯେଉଁଥିପାଇଁ ସେ ସେଠାରେ ବୌଦ୍ଧଧର୍ମ ଗ୍ରହଣ କରି ସମୟାନୁସାରେ ସେଠାରେ ବୌଦ୍ଧଧର୍ମର ପୁନରୁତ୍‌ଥାନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ସେ ଅନେକ ଛାତ୍ରଛାତ୍ରୀଙ୍କୁ ପଞ୍ଚଶୀଳ ନୀତି ବୁଝାଇଥିଲେ ।

୧. ମୁଁ ପ୍ରତିଜ୍ଞା କରୁଛି - ଜୀବହତ୍ୟା କରିବି ନାହିଁ ।

୨. ଯେଉଁ ବସ୍ତୁ ମୋର ନୁହେଁ, ତାହା ଗ୍ରହଣ କରିବି ନାହିଁ ।

୩. ଅନୈତିକ ଯୌନ କାର୍ଯ୍ୟରେ ଲିପ୍ତ ହେବି ନାହିଁ ।

୪. ମିଥ୍ୟା କହିବି ନାହିଁ ।

୫. ମଦ୍ୟପାନ ବା ନିଶାଦ୍ରବ୍ୟ ସେବନ କରିବି ନାହିଁ ।

ଲେଡ୍‌ବିଟର୍ ଛାତ୍ରମାନଙ୍କର ଅତ୍ୟନ୍ତ ଶ୍ରଦ୍ଧାଭାଜନ ହୋଇଥିଲେ ।

**ଆଡୟାର୍‌ରେ ପଦାର୍ପଣ :** ୧୮୮୪ ମସିହା ଡିସେମ୍ବର ମାସରେ ଲେଡ୍‌ବିଟର୍ ଆଡୟାର୍‌ଠାରେ ପଦାର୍ପଣ କଲେ । ଚେନ୍ନାଇର ଆଡୟାର ବ୍ରହ୍ମବିଦ୍ୟା ସମିତିର ମୁଖ୍ୟ କେନ୍ଦ୍ର । ଏହି ସ୍ଥାନଟି ଯେଭଳି ପବିତ୍ର, ସେଇଭଳି ପ୍ରଭାବଶାଳୀ । ଲେଡ୍‌ବିଟର୍ ଏଭଳି ସୁନ୍ଦର, ଶାନ୍ତ ଓ ମନୋମୁଗ୍ଧକର ସ୍ଥାନ ଦେଖି ଆନନ୍ଦରେ ବିଭୋର ହୋଇଥିଲେ । ପ୍ରଥମ ଦିନରୁ ନିଜର କାର୍ଯ୍ୟରେ ଲାଗିପଡ଼ିଲେ । ସେତେବେଳେ ରହିବା ପାଇଁ ଗୃହର ଅଭାବ ଥିବାରୁ ଅଲ୍‌କଟ୍‌ଙ୍କ ବାସଗୃହରେ ବ୍ୟବସ୍ଥା କରି ରହିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ଗୋଟିଏ ଘର ଦିଆଯାଇଥିଲା । ବ୍ରହ୍ମବିଦ୍ୟା ସମିତିର କାର୍ଯ୍ୟ ପାଇଁ ସେ ଏତେ ସମର୍ପିତ ଥିଲେ ଯେ କୌଣସି କାର୍ଯ୍ୟକୁ ଛୋଟ ବା ବଡ଼ ତୁଳନା ନ କରି ଯେଉଁ କାର୍ଯ୍ୟ ମିଳୁଥିଲା ଆନନ୍ଦରେ ନିଷ୍ଠାର ସହିତ କରୁଥିଲେ । ପ୍ରଥମେ ଘର ଝାଡୁ କରିବାକୁ ପଡ଼ିଥିଲା । ତତ୍‌ପରେ ଚିଠିଗୁଡ଼ିକୁ ପୋଷ୍ଟ୍ କରିବାର ଦାୟିତ୍ୱ । ଛୋଟ କାମଗୁଡ଼ିକୁ ନିଖୁଣ ଭାବରେ କରିଥିବାରୁ ପରବର୍ତ୍ତୀ ସମୟରେ ସେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସବୁ କରିବାକୁ ସୁଯୋଗ ପାଇଥିଲେ । ସେଠାରେ ତାଙ୍କୁ ଅନେକ ସାଧକଙ୍କ ସହିତ କାର୍ଯ୍ୟ କିରବାର ସୁଯୋଗ ତାଙ୍କୁ ମିଳିଥିଲା । ଟି. ସୁବାରାଓ, ଏ.ପି.ସିନେଟ୍, ଆନି ବେସାନ୍ତ, ଜି. ଅରୁନ୍‌ଦେଲ୍, ସି. ଜିନାରାଜାଦାସା, ରୁକ୍ମିଣୀ ଦେବୀ, ଜେ.ସି. ହଡ୍‌ସନ୍‌ଙ୍କ ପରି ଅନେକ ମହାନ୍ ସାଧକଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା ।ଏହିଠାରେ ହିଁ ସେ ଅନେକ ମହାତ୍ମାଙ୍କର ଦର୍ଶନ ସ୍ୱଚକ୍ଷୁରେ କରିଥିବାର ବର୍ଣ୍ଣନା ରହିଛି । ବ୍ରହ୍ମବିଦ୍ୟାର ପ୍ରଚାର-ପ୍ରସାର ପାଇଁ ସେ ଅନେକ ପାଠାଲୋଚନା କରିବା ସହିତ ଅନେକ ଅଭିଭାଷଣ ମଧ୍ୟ ଦେଉଥିଲେ ।

**ସାଧନା :** ଆଡୟାର୍ ରହଣି ସମୟ ଭିତରେ ଲେଡ୍ ବିଟର୍‌ଙ୍କୁ ବ୍ରହ୍ମବିଦ୍ୟା ଅଧ୍ୟୟନ, ଆଲୋଚନା ଓ ମନନ ଚିନ୍ତନ କରିବାକୁ ସୁଯୋଗ ମିଳିଥିଲା । ଅଭାବ, ଅନାଟନ, ନିନ୍ଦା-ଅପବାଦକୁ ଭ୍ରୂକ୍ଷେପ ନ କରି ସେ ମହାତ୍ମାଙ୍କର କାର୍ଯ୍ୟ କରିବା

ସହିତ ସାଧନାରେ ବ୍ରତୀ ହେଲେ । ଲେଖାଅଛି ଯେ କାର୍ଯ୍ୟ କରିବା ଭିତରେ ତାଙ୍କୁ ସ୍ୱଳ୍ପ ସମୟ ମିଳେ ନିଜର ଖାଦ୍ୟ ପ୍ରସ୍ତୁତ କରିବାକୁ । ସେଥିପାଇଁ ସେ ଅଟାକୁ ସକାଳେ ସିଝାଇ ରଖିଦିଅନ୍ତି ଦୁଇବେଳା ଖାଇବା ପାଇଁ । ଲେଡ୍‌ବିଟରଙ୍କ ଦୃଢ଼ ଇଚ୍ଛାଶକ୍ତି ଏବଂ ଧୈର୍ଯ୍ୟ ତାଙ୍କୁ ତାଙ୍କର ସାଧନାରେ ସଫଳ କରିପାରିଥିଲା । ତାଙ୍କର ନିଃସ୍ୱାର୍ଥପର ସେବାଭାବ ଓ ଅବିଚଳିତ ସାଧନା ଦେଖି ତାଙ୍କର ଗୁରୁ ନିଜେ ଆସି ଦର୍ଶନ ଦେଇ କୁଣ୍ଡଳିନୀ ଶକ୍ତି ଜାଗ୍ରତ କରିବା ପାଇଁ ଶିକ୍ଷା ଦେଇଥିଲେ । ଗୁରୁଙ୍କ କଥା ଅନୁସାରେ ଲେଡ୍‌ବିଟର୍ ନିଷ୍ପାପର ଭାବରେ ଧ୍ୟାନ କରିବାକୁ ଲାଗିଲେ । ପ୍ରଥମାବସ୍ଥାରେ ଏହି ସାଧନା କଷ୍ଟକର ଥିଲା । ସମୟସମୟରେ ଯନ୍ତ୍ରଣାଦାୟକ ମଧ୍ୟ ଥିଲା । କାରଣ କୁଣ୍ଡଳିନୀ ଜାଗ୍ରତ ହେବା ସମୟରେ ଯାହାକିଛି ବାଧକ ଥାଏ ତାହା ଦୂର ହେଲାବେଳେ ଯନ୍ତ୍ରଣା ଅନୁଭବ ହୁଏ । ସବୁ ଯନ୍ତ୍ରଣାକୁ ସହ୍ୟ କରି ସେ ଅଦମ୍ୟ ଇଚ୍ଛାଶକ୍ତିର ସହିତ ସାଧନାରେ ବ୍ରତୀ ଥିଲେ । ମହାତ୍ମା କହିଥିଲେ ୪୦ ଦିନ ସାଧନାରତ ରହି ଶେଷରେ ସେ କୃତକାର୍ଯ୍ୟ ହେଲେ । ଗୁରୁଦେବ ନିଜେ ହସ୍ତକ୍ଷେପ କରି ଲେଡ୍‌ବିଟର୍‌ଙ୍କର ବାକି ଥିବା ଶେଷ ଆବରଣଟିକୁ ଦୂର କରିଥିଲେ । ସେହିଦିନ ସେ ସୂକ୍ଷ୍ମ ଦୃଷ୍ଟିଶକ୍ତିର ଅଧିକାରୀ ହେଲେ । ସେ ଶୋଇଥାନ୍ତୁ ବା ଚାହୁଁଥାନ୍ତୁ ତାଙ୍କର ସୂକ୍ଷ୍ମଚେତନା ଶକ୍ତି ଏବଂ ସ୍ମୃତି ଅହର୍ନିଶ ଲାଗିରହିଲା, ଯାହାଦ୍ୱାରା ସେ ସୂକ୍ଷ୍ମରୁ ସୂକ୍ଷ୍ମତର ଜଗତ ବିଷୟରେ ଜାଣି ଆମ୍ଭମାନଙ୍କର ଅବଗତି ନିମନ୍ତେ ଅନେକ ପୁସ୍ତକ ରଚନା କରିଛନ୍ତି ।

**ରଚିତ ପୁସ୍ତକ :** ସୂକ୍ଷ୍ମଦ୍ରଷ୍ଟା ଭାବରେ ଏବଂ ନିଜର ସୂକ୍ଷ୍ମଜଗତରେ ଭ୍ରମଣ କରିବା ଶକ୍ତି ବଳରେ ସେ ଯାହାସବୁ ପ୍ରତ୍ୟକ୍ଷ କରି ଦେଖିଥିଲେ, ତାହାର ବିଶଦ ବିବରଣୀ ତାଙ୍କର ପୁସ୍ତକ ଗୁଡ଼ିକରେ ଲିପିବଦ୍ଧ ହୋଇଛି । ସେହି ପୁସ୍ତକଗୁଡ଼ିକ ହେଲା:—

୧. The Master and the Path ଏହି ପୁସ୍ତକରେ ହିମାଳୟରେ ନିଭୃତ ଭାବରେ ଥିବା ଜୀବନ୍ମୁକ୍ତ ମହାତ୍ମାଙ୍କ ବିଷୟରେ ବର୍ଣ୍ଣନା କରିବା ସହିତ ବୁଦ୍ଧପୂର୍ଣ୍ଣିମା, ଗୁରୁପୂର୍ଣ୍ଣିମା ଉତ୍ସବ କିଭଳି ଭାବରେ ପାଳନ କରାଯାଏ, ପରୀକ୍ଷମାଣ ଶିଷ୍ୟ, ଶିଷ୍ୟ ଏବଂ ୫ଟି ଦୀକ୍ଷାର ବିଷୟ ତଥା ଆହୁରି ଅନେକ ଗୂଢ଼ତତ୍ତ୍ୱ ବର୍ଣ୍ଣିତ ଅଛି ।

୨. The Hidden Side of Things ପୁସ୍ତକରେ ପ୍ରତ୍ୟେକ ବସ୍ତୁର ପ୍ରଚ୍ଛନ୍ନ ଦିଗ ବିଷୟରେ ବର୍ଣ୍ଣିତ ।

୩. Man Visible and Invisible : Invisible Helpers, Hindden Side of lodge Meeting. The Astral Plane, The Devachanic Plane, The Life after Death, Dreams, The Chakra, The Perfume of Egypt, The Beginning of the Sixth Rout race. The Monad, How Theosophy came to me, A Text Book of Theosophy, The Clair Voyance ଆଦି ଅନେକ ପୁସ୍ତକ ତାଙ୍କର ସୂକ୍ଷ୍ମଦୃଷ୍ଟିର ପରିଚୟ ଦିଏ ।

ଡ. ଆନି ବେସାନ୍ତ୍‌ଙ୍କ ସହିତ ମିଶି - Talks on the Path of Occutism ପୁସ୍ତକ ମଧ୍ୟ ସେ ରଚନା କରିଛନ୍ତି, ଯାହାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାଗରେ ବ୍ରହ୍ମବିଦ୍ୟାର ତିନି ବିଶିଷ୍ଟ ଓ ମୂଲ୍ୟବାନ ପୁସ୍ତକର ବ୍ୟାଖ୍ୟା କରିଛନ୍ତି ।


Man : When, How and whither ଓ Thought forms ଲେଖିଛନ୍ତି, ଯେଉଁ ପୁସ୍ତକ ଅଧ୍ୟୟନ କଲେ ଆଗ୍ରହୀ ପାଠକ ସ୍ଥୂଳଜଗତ ସହିତ ସୂକ୍ଷ୍ମଜଗତର ସଂପର୍କିତ କାର୍ଯ୍ୟ ସମ୍ବନ୍ଧରେ ଜାଣି ପାରିବେ । ପ୍ରତ୍ୟେକ ବ୍ରହ୍ମବିଦ୍ୟା ସଭ୍ୟ Hidden Side of Lodge Meeting ଅଧ୍ୟୟନ କରି ତା'ର ପ୍ରଭାବ କେତେ ଯେ ସୁଦୂରପ୍ରସାରୀ ବୁଝିପାରିବେ ଏବଂ ଲଜ୍ ମିଟିଂରେ ଯୋଗଦେବାରେ ଅବହେଳା କରିବାରୁ କ୍ଷାନ୍ତ ହେବେ । A Text Book of Theosophy ପୁସ୍ତକଟି ଜଣେ ନୂତନ ସଭ୍ୟ ପାଇଁ ବହୁତ ଉପଯୋଗୀ । ଏହା ପାଠ କଲେ ବ୍ରହ୍ମବିଦ୍ୟା କ'ଣ, ସୃଷ୍ଟିତତ୍ତ୍ୱ, ଜୀବନର କ୍ରମବିକାଶ, ମାନବ ଶରୀରର ଗଠନ ଓ ତତ୍ତ୍ୱ, ମୃତ୍ୟୁପର ଜୀବନ, ପୁନର୍ଜନ୍ମ, ଜୀବନର ଉଦ୍ଦେଶ୍ୟ ଏବଂ ବ୍ରହ୍ମବିଦ୍ୟା ପୁସ୍ତକ ଅଧ୍ୟୟନର ଉପକାରିତା ବିଷୟରେ ବୁଝିପାରିବେ ।

**ଜେ. କୃଷ୍ଣମୂର୍ତ୍ତି :** ଜେ. କୃଷ୍ଣମୂର୍ତ୍ତି ତାଙ୍କ ପରିବାର ସହିତ ଆଡାୟାରରେ ରହୁଥିବା ସମୟରେ ଲେଡ୍‌ବିଟର ହିଁ ପ୍ରଥମେ ତାଙ୍କର ଅସାଧାରଣ ପ୍ରତିଭାକୁ ଲକ୍ଷ୍ୟ

କରିଥିଲେ । କୃଷ୍ଣମୂର୍ତ୍ତି ଆଡୟାର ନଦୀରେ ସ୍ନାନ କରୁଥିଲାବେଳେ ତାଙ୍କର ପ୍ରଭାବଶାଳୀ ଆଭାମଣ୍ଡଳ ଦେଖି ଲେଡ୍‌ବିଟର୍ ବୁଝିଗଲେ ସେ ଜଣେ ମହାନ୍ ବ୍ୟକ୍ତିତ୍ୱ । ଉଭୟ ଆନି ବେସାନ୍ତ୍ ଏବଂ ଲେଡ୍‌ବିଟର ସୂକ୍ଷ୍ମଦ୍ରଷ୍ଟା ଥିବାରୁ ଜାଣିପାରିଥିଲେ କୃଷ୍ଣମୂର୍ତ୍ତି ଭବିଷ୍ୟତରେ ଜଗଦ୍‌ଗୁରୁ ହେବେ । ସେଥିପାଇଁ ତାଙ୍କର ଶିକ୍ଷା ଏବଂ ଲାଳନପାଳନର ଦାୟିତ୍ୱ ଡ. ଆନି ବେସାନ୍ତ୍ ଏବଂ ଲେଡ୍‌ବିଟର୍ ନେଇଥିଲେ । କୃଷ୍ଣମୂର୍ତ୍ତି 'At the Feet of the Master' ପୁସ୍ତକରେ ଲେଖିଛନ୍ତି ଯେ ଗୁରୁ ଯାହାସବୁ କହିଛନ୍ତି ସେ ତାହା ବର୍ଣ୍ଣନା କରିଛନ୍ତି । ତାଙ୍କୁ ଗୁରୁଙ୍କ ନିକଟକୁ ସୂକ୍ଷ୍ମଶରୀରରେ ନେବାର ଦାୟିତ୍ୱ ଲେଡ୍‌ବିଟର୍‌ଙ୍କର ଥିଲା । କୃଷ୍ଣମୂର୍ତ୍ତି ରାତ୍ରିରେ ଶୋଇଗଲା ପରେ ଭାବ ଶରୀରରେ ଲେଡ୍‌ବିଟର୍‌ଙ୍କ ସାଥିରେ ସୁଦୂର ଗୁରୁ ଆଶ୍ରମକୁ ଯାଉଥିଲେ । ସେଠାରେ ଗୁରୁ କେ.ଏଚ୍. ଯାହାସବୁ ଶିକ୍ଷା ଦେଉଥିଲେ ତାକୁ ମନେରଖି ସକାଳୁ ଉଠିଲା ମାତ୍ରେ ଲେଖି ପକାଉଥିଲେ । କୃଷ୍ଣମୂର୍ତ୍ତି ମାତ୍ର ୧୩ ବର୍ଷର ପିଲା ଥିବାରୁ ଲେଡ୍‌ବିଟର୍ କିଛି ସଂଶୋଧନ କରି ପୁଣି ଗୁରୁଙ୍କୁ ଦେଖାଉଥିଲେ । ଆବଶ୍ୟକ ସ୍ଥଳେ ଗୁରୁ ସଂଶୋଧନ କରିଦେଉଥିଲେ । ଶ୍ରୀଗୁରୁଚରଣେ ପୁସ୍ତକଟି ବ୍ରହ୍ମବିଦ୍ୟାର୍ଥୀଙ୍କ ପାଇଁ ଏକ ଅମୂଲ୍ୟ ପୁସ୍ତକ ।

ସି. ଡବ୍ଲ୍ୟୁ. ଲେଡ୍‌ବିଟର୍ ଏକାଧାରରେ ଜଣେ ମହାନ୍ ସାଧକ, ସୂକ୍ଷ୍ମଦ୍ରଷ୍ଟା, ଲେଖକ, ବକ୍ତା ଏବଂ ନିଃସ୍ୱାର୍ଥପର ସେବକ ଥିଲେ । ନିଜର କର୍ତ୍ତବ୍ୟ, ନିଷ୍ଠା, ଭକ୍ତି ଓ ତ୍ୟାଗ ମହାତ୍ମାଙ୍କୁ ବାଧ କରିଥିଲା ତାଙ୍କୁ ଶିଷ୍ୟ ଭାବରେ ଗ୍ରହଣ କରିବା ପାଇଁ । ଶିଷ୍ୟ ହେବା ପରେ ତାଙ୍କର ଆଧ୍ୟାତ୍ମିକ ଉନ୍ନତି ତୀବ୍ରତର ହୋଇଥିଲା ଏବଂ ସେହି ଉନ୍ନତି ବଳରେ ସେ ଅନେକ କାର୍ଯ୍ୟ କରି ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିଛନ୍ତି । ୧୯୩୪ ମସିହା ମାର୍ଚ୍ଚ ୧ ତାରିଖରେ ୮୦ ବର୍ଷ ବୟସରେ ଅଷ୍ଟ୍ରେଲିଆର ପର୍ଥ ସହରରେ ସେ ଦେହତ୍ୟାଗ କରିଥିଲେ । ୧୮୮୩ ରୁ ୧୯୩୪ ଦୀର୍ଘ ୫୧ ବର୍ଷ ଧରି ସେ ବ୍ରହ୍ମବିଦ୍ୟା ସମିତି ପାଇଁ କାର୍ଯ୍ୟ କରିଛନ୍ତି ।

❖❖❖



# ଡକ୍ଟର ଜର୍ଜ୍ ସିଡ୍‌ନି ଅରୁଣ୍ଡେଲ୍

## ଡକ୍ଟର ଚିନ୍ମୟୀ ମହାପାତ୍ର

ବ୍ରହ୍ମବିଦ୍ୟା ସମିତିର ତୃତୀୟ ଆନ୍ତର୍ଜାତିକ ସଭାପତି ଜର୍ଜ୍ ସିଡ୍‌ନି ଅରୁଣ୍ଡେଲ୍ ଜନ୍ମତଃ ଇଂରେଜ ଥିଲେ ହେଁ ତାଙ୍କର ପୂର୍ବବର୍ତ୍ତୀ ସଭାପତି ଆନି ବେସାନ୍ତଙ୍କ ପରି ଭାରତର ହିତ ପାଇଁ ଅନେକ କାର୍ଯ୍ୟ କରିଥିଲେ । ୧୮୭୮ ମସିହା ଡିସେମ୍ବର ପହିଲାରେ ୟୁନାଇଟେଡ୍ କିଙ୍ଗ୍‌ଡମ୍‌ର ସରେ (Surrey)ଠାରେ ଏକ ଖ୍ରୀଷ୍ଟିଆନ୍ ପରିବାରରେ ତାଙ୍କର ଜନ୍ମ । ମାତାଙ୍କର ମୃତ୍ୟୁ ହୋଇଥିବାରୁ ମାଉସୀ ଫ୍ରାନ୍‌ସିସ୍କା ଅରୁଣ୍ଡେଲ୍ (Francesca Arundale) ତାଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ । ଫ୍ରାନ୍‌ସିସ୍କା ବ୍ରହ୍ମବିଦ୍ୟା ସମିତିର ସଭ୍ୟା ଥିଲେ । ତାଙ୍କ ଘର ଇଙ୍ଗ୍‌ଲିସ୍ ସେକ୍ସନ୍ ଅନ୍ତର୍ଗତ ଲଣ୍ଡନ୍ ଲଜ୍‌ର କେନ୍ଦ୍ର ଥିଲା । ଜର୍ଜ୍ ସିଡ୍‌ନି ୧୮୯୫ ମସିହାରେ ସେହି ଲଣ୍ଡନ୍ ଲଜ୍‌ର ସଦସ୍ୟ ରୂପେ ବ୍ରହ୍ମବିଦ୍ୟା ସମିତିରେ ଯୋଗଦେଇଥିଲେ ।

ଜର୍ଜ୍ ସ୍କୁଲ ଛାତ୍ର ଥିବା ସମୟରେ ବିଶିଷ୍ଟ ବ୍ରହ୍ମବିଦ୍ୟାବିତ୍ ଚାର୍ଲସ୍ ଓ୍ୱେବ୍‌ଷ୍ଟର୍ ଲେଡ୍‌ବିଟର୍ ତାଙ୍କର ଗୃହଶିକ୍ଷକ ଥିଲେ । ମାତ୍ର ମାଉସୀଙ୍କ ସହିତ ତାଙ୍କୁ ଜର୍ମାନୀ

ଯିବାକୁ ପଡ଼ିଥିଲା । ୱେସ୍‌ବାଡ଼େନ୍‌ଠାରେ ସ୍କୁଲ ଶିକ୍ଷା ସମାପ୍ତି ପରେ ସେ ଇଂଲଣ୍ଡ ଫେରିଥିଲେ ଓ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସେଣ୍ଟ୍ ଜନ୍‌ସ୍ କଲେଜରେ ସ୍ନାତକୋତ୍ତର ଶିକ୍ଷା ସମାପନ କରି ଡିଗ୍ରୀ ଲାଭ କରିଥିଲେ ।

ଜି.ଏସ୍.ଅରୁଣ୍ଡେଲ୍ ୧୯୦୨ ମସିହାରେ ମାଉସୀଙ୍କ ସହିତ ଭାରତ ଆସିଲେ । ମାଉସୀ ଫ୍ରାନ୍‌ସିସ୍କା ବାରାଣାସୀଠାରେ ବାଳିକା ବିଦ୍ୟାଳୟର ଅଧ୍ୟକ୍ଷା ରୂପେ ନିଯୁକ୍ତ ହୋଇଥିଲେ । ଜର୍ଜ୍ ମଧ୍ୟ ସେଠାରେ କେନ୍ଦ୍ରୀୟ ହିନ୍ଦୁ ମହାବିଦ୍ୟାଳୟରେ ଇତିହାସ ଅଧ୍ୟାପକ ଭାବେ ଯୋଗଦେଲେ । ୧୯୦୭ ମସିହାରେ ତାଙ୍କୁ ସ୍କୁଲର ପ୍ରଧାନଶିକ୍ଷକ ଦାୟିତ୍ୱ ଦିଆଯାଇଥିଲା । ୧୯୦୮ ମସିହାରେ ସେ କଲେଜର ଉପାଧ୍ୟକ୍ଷ ଓ ୧୯୦୯ ମସିହାରେ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ । ୧୯୧୦ ମସିହାରେ ସେ ସେଠାରେ The Order of the Rising Sun ନାମକ ଏକ ଗୂଢ଼ ଅନୁଷ୍ଠାନର ଆରମ୍ଭ କରିଥିଲେ । ତାଙ୍କ ସହ ସମାନ ଭାବଧାରାରେ ବିଶ୍ୱାସ ରଖୁଥିବା କେତେକ ଅଧ୍ୟାପକ ଓ ଛାତ୍ର ସେଥିରେ ଯୋଗଦେଇଥିଲେ । ତା'ପର ବର୍ଷକୁ ସେହି ଅନୁଷ୍ଠାନ ସର୍ବସାଧାରଣ ହେଲା । ମାତ୍ର ମହାବିଦ୍ୟାଳୟର ପୃଷ୍ଠପୋଷକ ଓ ପରିଚାଳକମାନେ ତାହାର ବିରୋଧ କଲେ । ଆନି ବେସାନ୍ତଙ୍କ ହସ୍ତକ୍ଷେପ ଫଳରେ ସେହି ଅନୁଷ୍ଠାନର ନାମ ପରିବର୍ତ୍ତନ କରି Order of the Star in the East ରଖାଗଲା । ଶ୍ରୀମତୀ ବେସାନ୍ତ୍ ତାହାକୁ ଏକ ଆନ୍ତର୍ଜାତିକ ଅନୁଷ୍ଠାନରେ ପରିଣତ କରି ଜେ. କୃଷ୍ଣମୂର୍ତ୍ତିଙ୍କ ଉପରେ ପରିଚାଳନାର ଦାୟିତ୍ୱ ନ୍ୟସ୍ତ କରିଥିଲେ । ସେ ସମୟରେ କୃଷ୍ଣମୂର୍ତ୍ତିଙ୍କ ସହିତ ଅରୁଣ୍ଡେଲ୍‌ଙ୍କ ସଂପର୍କକୁ ନେଇ ତୀବ୍ର ସମାଲୋଚନା ହେଲାରୁ ଅରୁଣ୍ଡେଲ୍ ୧୯୧୩ ମସିହାରେ ଅଧ୍ୟକ୍ଷ ପଦ ତ୍ୟାଗ କରି ଲେଡ୍‌ବିଟର୍, କୃଷ୍ଣମୂର୍ତ୍ତି ଓ କୃଷ୍ଣମୂର୍ତ୍ତିଙ୍କ ଭାଇ ନିତ୍ୟାନନ୍ଦଙ୍କ ସହିତ ପ୍ରାୟ ବର୍ଷେ କାଳ ଇଟାଲୀରେ ଭ୍ରମଣ କରିବା ପରେ ଇଂଲଣ୍ଡ୍ ଫେରିଥିଲେ ।

୧୯୧୫ ମସିହାରେ ଅରୁଣ୍ଡେଲ୍ ବ୍ରିଟିଶ୍ ରେଡ୍‌କ୍ରସ୍‌ରେ ଜଣେ ପଦାଧିକାରୀ ଭାବେ ଯୋଗଦେଲେ । 'ଶିକ୍ଷା ଏକ ସେବା' ବୋଲି ଆଦର୍ଶ ଭାବନାର ବଶବର୍ତ୍ତୀ ହୋଇ ସେହି ବର୍ଷ ମେ ମାସରେ ସେ 'Thesophical Fraternity in Education' ଆୟୋଜନ କରିଥିଲେ । ସେହି ବର୍ଷ ଅକ୍ଟୋବର ମାସରେ ତାଙ୍କୁ

ଇଂଲଣ୍ଡ ବ୍ରହ୍ମବିଦ୍ୟା ସମିତିର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ କରାଗଲା । ତା'ର ଦୁଇ ବର୍ଷ ଭିତରେ ୧୯୧୭ରେ ଆନି ବେସାନ୍ତଙ୍କ ଆହ୍ୱାନକ୍ରମେ ସେ ପୁଣି ଭାରତକୁ ଫେରିଲେ ।

ଭାରତ ଫେରିଲା ପରେ ସେ ମାଉସୀଙ୍କ ସହିତ ବ୍ରହ୍ମବିଦ୍ୟା ସମିତିର ମୁଖ୍ୟାଳୟ ଆଡୟାର୍‌ଠାରେ ରହିଲେ ଓ ସମିତିର କାର୍ଯ୍ୟକଳାପରେ ନିଜକୁ ସଂପୂର୍ଣ୍ଣ ଭାବେ ନିୟୋଜିତ କରିଥିଲେ । ୧୯୧୭ରେ ମାଡ୍ରାସ୍‌ଠାରେ ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ଯେଉଁମାନେ ଆନି ବେସାନ୍ତଙ୍କୁ ବିଶେଷ ସହଯୋଗ କରିଥିଲେ, ସେମାନଙ୍କ ମଧ୍ୟରେ ଅରୁଣ୍ଡେଲ୍ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ ।

ସେ ସମୟରେ ସ୍ୱରାଜ୍ୟ ପ୍ରତିଷ୍ଠା ପାଇଁ ଭାରତର ସଂଗ୍ରାମ ପ୍ରଖର ରୂପ ଧାରଣ କରିଥିଲା । ଭାରତର ପ୍ରାଚୀନ ସଂସ୍କୃତି, ଦର୍ଶନ, ମହନୀୟ ଆଧ୍ୟାତ୍ମିକ ପରମ୍ପରାର ପୁନରୁଦ୍ଧାର ପାଇଁ ମଧ୍ୟ ପ୍ରୟାସ ଚାଲିଥିଲା । ବ୍ରହ୍ମବିଦ୍ୟା ସମିତି ଏ ଉଭୟକୁ ସମର୍ଥନ କରୁଥିଲା ଓ ପ୍ରୋତ୍ସାହନ ଦେଉଥିଲା । ଆନି ବେସାନ୍ତ୍ ଭାରତର ସ୍ୱତନ୍ତ୍ରତାର ଭିତ୍ତିକୁ ସୁଦୃଢ଼ କରିବା ପାଇଁ ଯେଉଁ ହୋମ୍ ରୁଲ୍ ଲିଗ୍ ଆରମ୍ଭ କରିଥିଲେ, ଅରୁଣ୍ଡେଲ୍‌ଙ୍କୁ ତାହାର କାର୍ଯ୍ୟକାରୀ ସମ୍ପାଦକର ଦାୟିତ୍ୱ ଦେଇଥିଲେ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ସହଯୋଗ ହେତୁ ୧୯୧୭ ଜୁନ୍ ମାସଠାରୁ ବ୍ରିଟିଶ୍ ସରକାର ଶ୍ରୀମତୀ ବେସାନ୍ତ ଓ ବାହ୍ମନ୍‌ଜୀ ପେଷ୍ଟୋନ୍‌ଜୀ ଓ୍ୱାଡ଼ିଆଙ୍କ ସହିତ ଅରୁଣ୍ଡେଲ୍‌ଙ୍କୁ ମାଡ୍ରାସରେ ରହିବାକୁ ନ ଦେଇ ନୀଳଗିରି ହିଲ୍‌ରେ କଲୋନେଲ୍ ଅଲ୍‌କଟ୍ ପୂର୍ବରୁ କିଣିଥିବା ଘରେ ଗୃହବନ୍ଦୀ ରୂପେ ରଖିଥିଲେ । ସେମାନଙ୍କର ଲେଖା ଓ ବକ୍ତୃତା ଉପରେ ନିଷେଧାଜ୍ଞା ଜାରି କରିଥିଲେ । ପୂର୍ବରୁ ପ୍ରକାଶିତ ଲେଖାଗୁଡ଼ିକୁ ମଧ୍ୟ ବାଜ୍ୟାପ୍ତ କରାଯାଇଥିଲା । ତେବେ ପ୍ରବଳ ଜନଆନ୍ଦୋଳନ ହେତୁ ସେପ୍ଟେମ୍ବର ୧୭ ତାରିଖରେ ସେମାନଙ୍କୁ ମୁକ୍ତି ଦିଆଯାଇଥିଲା ।

ମୁକ୍ତିଲାଭ କରିବାର ଅବ୍ୟବହିତ ପରେ ଅରୁଣ୍ଡେଲ୍ ପୁଣି ଶିକ୍ଷା କ୍ଷେତ୍ରରେ ସକ୍ରିୟ ହୋଇପଡ଼ିଲେ । ସେ ମାଡ୍ରାସରେ ପ୍ରତିଷ୍ଠିତ ଜାତୀୟ ବିଶ୍ୱବିଦ୍ୟାଳୟ (National University) ର ଅଧ୍ୟକ୍ଷ ରୂପେ ଦାୟିତ୍ୱ ଗ୍ରହଣ କଲେ । ସେତେବେଳେ ଭାରତର ଶିକ୍ଷା ବ୍ୟବସ୍ଥାକୁ ମୁଖ୍ୟତଃ ମିଶନାରୀମାନେ ଚଳାଉଥିଲେ । ଯେଉଁ ପାଠ୍ୟକ୍ରମ ପ୍ରଚଳିତ

ଥିଲା, ତାହା ଭାରତୀୟ ସାଂସ୍କୃତିକ ପରମ୍ପରାର ଅନୁକୂଳ ନ ଥିଲା । ଭାରତୀୟ ଛାତ୍ରମାନଙ୍କ ପାଇଁ ଉପଯୁକ୍ତ ଶିକ୍ଷାର ପ୍ରବର୍ତ୍ତନ ଓ ପରିଚାଳନା ନିମନ୍ତେ ୧୯୧୮ ମସିହାରେ ଅରୁଣ୍ଡେଲ୍‌ଙ୍କ ସହାୟତାରେ 'ଦି ସୋସାଇଟି ଫର୍ ଦି ପ୍ରମୋସନ୍ ଅଫ୍ ନ୍ୟାସନାଲ୍ ଏଡୁକେଶନ୍' ନାମକ ଏକ ସଂସ୍ଥା କାର୍ଯ୍ୟକାରୀ ହୋଇଥିଲା । ୧୯୨୦ ମସିହାରେ ଇନ୍ଦୋରର ମହାରାଜା ହୋଲ୍‌କାର୍ ଅରୁଣ୍ଡେଲ୍‌ଙ୍କୁ ଶିକ୍ଷାସଚିବ ରୂପେ ନିଯୁକ୍ତ କରିଥିଲେ । ତା' ପରବର୍ଷ ବୟ୍ ସ୍କାଉଟ୍‌ର ପ୍ରତିଷ୍ଠାତା ରବର୍ଟ୍ ବାଡେନ୍ ପଓ୍ୱେଲ୍ ତାଙ୍କୁ ଇଣ୍ଡିଆନ୍ ସ୍କାଉଟ୍‌ର ଅନ୍ୟତମ କମିଶନର୍ ଭାବେ ଦାୟିତ୍ୱ ଦେଲେ ।

ଆଡୟାର୍‌ଠାରେ କାର୍ଯ୍ୟରତ ଥିବା ସମୟରେ ସେ ନୀଳକଣ୍ଠ ଶାସ୍ତ୍ରୀଙ୍କ ପରିବାର ସହିତ ସଂପର୍କରେ ଆସିଥିଲେ । ଶାସ୍ତ୍ରୀଜୀଙ୍କ କନ୍ୟା ରୁକ୍ମିଣୀଙ୍କ ସହିତ ତାଙ୍କର ସମ୍ବନ୍ଧ ବୟସର ତାରତମ୍ୟ ଓ ସାଂସ୍କୃତିକ ଭିନ୍ନତା ହେତୁ ସ୍ୱୀକୃତି ଲାଭ କରି ନ ଥିଲା । ତଥାପି ୧୯୨୦ରେ ଏକଚାଳିଶ ବର୍ଷ ବୟସ୍କ ଅରୁଣ୍ଡେଲ୍ ଓ ଷୋଶଡ଼ବର୍ଷୀୟା ରୁକ୍ମିଣୀ ଦେବୀ ମାଡ୍ରାସଠାରେ ନିରାଡ଼ମ୍ବର ଭାବେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ସ୍ୱାମୀଙ୍କ ପ୍ରୋତ୍ସାହନରେ ରୁକ୍ମିଣୀ ଦେବୀ ଭାରତନାଟ୍ୟମ୍‌ର ଅଭ୍ୟାସ କରି ଜଣେ ପ୍ରସିଦ୍ଧ ନୃତ୍ୟାଙ୍ଗନା ରୂପେ କୃତିତ୍ୱ ଅର୍ଜନ କଲେ ।

ବିବାହ ପରେ ଅରୁଣ୍ଡେଲ୍ ଇନ୍ଦୋରରେ ଶିକ୍ଷାସଚିବ ରୂପେ ନିଯୁକ୍ତ ହୋଇ କାର୍ଯ୍ୟ କରିଥିଲେ । ଇନ୍ଦୋରଠାରେ ସେ ନବରତ୍ନ ମନ୍ଦିର ନାମରେ ଏକ ସଂଗ୍ରହାଳୟର ପ୍ରତିଷ୍ଠା କରାଇ ସେଠାରେ ବିଶ୍ୱର ଅନେକ ମହାମାନବଙ୍କ ଜୀବନ ଓ କୃତିତ୍ୱ ସଂପର୍କୀୟ ତଥ୍ୟମାନ ସଂଗ୍ରହ କରି ରଖିବାର ବ୍ୟବସ୍ଥା କରିଥିଲେ । ତାହା ଆଗ୍ରହୀ ଯୁବଗୋଷ୍ଠୀ ଓ ଛାତ୍ରମାନଙ୍କ ପାଇଁ ପ୍ରେରଣାଦାୟକ ହୋଇଥିଲା ।

୧୯୨୩ ମସିହା ଅଗଷ୍ଟ ମାସରେ ବ୍ରହ୍ମବିଦ୍ୟା ସମିତିର ଆନ୍ତର୍ଜାତିକ ସଭାପତି ଆନି ବେସାନ୍ତ୍ ଅରୁଣ୍ଡେଲ୍‌ଙ୍କୁ 'ୟଙ୍ଗ୍ ଥିଓସଫିଷ୍ଟ୍ ମୁଭ୍‌ମେଣ୍ଟ୍'ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବାର ଗୁରୁଦାୟିତ୍ୱ ଦେଇଥିଲେ । ୧୯୨୪ରେ ମାଡ୍ରାସର ଜାତୀୟ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ 'ଡକ୍ଟର ଅଫ୍ ଲେଟର୍‌ସ୍' ଉପାଧିରେ ଭୂଷିତ କରିଥିଲେ ।

ଅରୁଣ୍ଡେଲ୍ ବ୍ରହ୍ମବିଦ୍ୟା ସମିତିର କାର୍ଯ୍ୟରେ ହିଁ ଜୀବନର ଅଧିକାଂଶ ସମୟ ବ୍ୟୟ କରିଥିଲେ । ୧୯୨୫ ଜୁଲାଇ ୨୬ ତାରିଖରେ ତାଙ୍କୁ ଲିବରାଲ୍ କ୍ୟାଥୋଲିକ୍

ଚର୍ଚ୍ଚର ବିଶପ୍ ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଅଗଷ୍ଟ ୮ ତାରିଖରେ ଅରୁଣ୍ଡେଲ୍ ପ୍ରକାଶ କଲେ ଯେ, ଜେ. କୃଷ୍ଣମୂର୍ତ୍ତି, ସି. ଜିନାରାଜାଦାସ, ଜେମ୍‌ସ୍ ଆଇ. ଓ୍ୱେଜ୍‌ଉଡ୍ ଓ ସେ ଅର୍ହତ ବା ଚତୁର୍ଥ ଦୀକ୍ଷା ଲାଭ କରିସାରିଛନ୍ତି । ସେ ମହାଚୋହାନ୍‌ଙ୍କ ପ୍ରତ୍ୟକ୍ଷ ଶିଷ୍ୟ ହୋଇଥିବାରୁ ପ୍ରଭୁ ମୈତ୍ରେୟ ଧରାବତରଣ କଲେ ଯେଉଁ ବାର ଜଣ ତାଙ୍କର ସହଯୋଗୀ ଭାବେ କାର୍ଯ୍ୟ କରିବେ ସେମାନଙ୍କ ମଧ୍ୟରେ ସେ ରହିବେ ବୋଲି ମଧ୍ୟ ବିଶ୍ୱାସ କରୁଥିଲେ । ଆଉ ଦଶଜଣଙ୍କର ନାମ ମହାଚୋହାନ ତାଙ୍କୁ ଜଣାଇ ଦେଇଛନ୍ତି ବୋଲି ସେ ପ୍ରକାଶ କରିଥିଲେ ।

୧୯୨୬ ମସିହାରେ ଡକ୍ଟର ଅରୁଣ୍ଡେଲ୍ ବ୍ରହ୍ମବିଦ୍ୟା ସମିତିର ଅଷ୍ଟ୍ରେଲିଆ ଶାଖାର ସାଧାରଣ ସଂପାଦକ ରୂପେ ନିଯୁକ୍ତ ହୋଇ ପତ୍ନୀଙ୍କ ସହିତ ଅଷ୍ଟ୍ରେଲିଆ ଯାଇଥିଲେ । ସେ 'ଆଡ୍‌ଭାନ୍ସ ଅଷ୍ଟ୍ରେଲିଆ' ନାମରେ ଏକ ପତ୍ରିକାର ପ୍ରକାଶନ ଆରମ୍ଭ କରିଥିଲେ । ମାତ୍ର ତାହା ଅଳ୍ପକାଳ ମଧ୍ୟରେ ବନ୍ଦ ହୋଇଯାଇଥିଲା । ତା'ପରେ ସେ ଅଷ୍ଟ୍ରେଲିଆନ୍ ସେକ୍ସନ୍‌ର ମୁଖପତ୍ର 'ଅଷ୍ଟ୍ରେଲିଆନ୍ ଥିଓସଫିଷ୍ଟ୍'ର ପ୍ରକାଶନ ଆରମ୍ଭ କରିଥିଲେ । ଅଷ୍ଟ୍ରେଲିଆରେ ବ୍ରହ୍ମବିଦ୍ୟାର ପ୍ରଚାର ପ୍ରସାର ପାଇଁ ସେ 'ଥିଓସଫାଇସ୍ ଅଷ୍ଟ୍ରେଲିଆ କ୍ୟାମ୍ପେନ୍' ଆରମ୍ଭ କରିଥିଲେ । ପ୍ରଚାରପତ୍ର ଓ ପୁସ୍ତିକାମାନ ପ୍ରକାଶ କରି ବାଣ୍ଟିବାର ବ୍ୟବସ୍ଥା କରିଥିଲେ । ସିଡ୍‌ନିଠାରେ 'ଥିଓସଫିକାଲ୍ ବ୍ରଡ୍‌କାଷ୍ଟିଂ ଷ୍ଟେସନ୍' ପ୍ରତିଷ୍ଠା କରିବାର ବ୍ୟବସ୍ଥା ମଧ୍ୟ କରିଥିଲେ ।

୧୯୨୮ ମସିହା ଡିସେମ୍ବର ମାସରେ ବ୍ରହ୍ମବିଦ୍ୟା ସମିତିର ଆନ୍ତର୍ଜାତିକ ସମ୍ମେଳନ ବାରାଣାସୀଠାରେ ଅନୁଷ୍ଠିତ ହୋଇଥିଲା । ଅରୁଣ୍ଡେଲ୍ ଇଣ୍ଡିଆନ୍ ସେକ୍ସନ୍‌ର ସାଧାରଣ ସଂପାଦକ ଭାବେ ନିର୍ବାଚିତ ହୋଇଥିଲେ । ସେ ଥିଲେ ତିନିଟି ଭିନ୍ନ ଭିନ୍ନ ଦେଶର ଶାଖାରେ ସାଧାରଣ ସମ୍ପାଦକ ରୂପେ କାର୍ଯ୍ୟ କରିଥିବା ପ୍ରଥମ ବ୍ୟକ୍ତି ।

ବ୍ରହ୍ମବିଦ୍ୟା ସମିତିର ପ୍ରସାର ଓ ସଭ୍ୟସଂଖ୍ୟା ବୃଦ୍ଧିର ଲକ୍ଷ୍ୟ ନେଇ ପତ୍ନୀ ରୁକ୍ମିଣୀ ଦେବୀଙ୍କ ସହିତ ଅରୁଣ୍ଡେଲ୍ ୧୯୨୯ ମସିହାରୁ ଜାଭା, ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପର ବିଭିନ୍ନ ଦେଶକୁ ଯାଇ ବକ୍ତୃତା ଓ ଆଲୋଚନା ମାଧ୍ୟମରେ ଲୋକମାନଙ୍କୁ ପ୍ରଭାବିତ କରିବାର ପ୍ରୟାସ କରିଥିଲେ । ଆମେରିକାରେ ବିଭିନ୍ନ

ଅଧିବେଶନରେ ସେ ଦେଇଥିବା ବକ୍ତୃତାମାନ 'Mount Everest: Its spiritual Significance' ନାମକ ପୁସ୍ତକ ରୂପେ ପ୍ରକାଶ ପାଇଥିଲା ।

୧୯୩୩ରେ ଆନି ବେସାନ୍ତଙ୍କ ଇହଲୀଳା ସମାପ୍ତ ହେଲା ପରେ ପ୍ରଥମ ଥର ପାଇଁ ଆନ୍ତର୍ଜାତିକ ସଭାପତି ପଦ ଶୂନ୍ୟ ରହିଥିଲା ଓ ଆଲ୍‌ବର୍ଟ୍ ପଓ୍ୱେଲ୍ ଓ୍ୱାରିଙ୍ଗ୍‌ଟନ୍ କାର୍ଯ୍ୟନିର୍ବାହୀ ସଭାପତି ରୂପେ ରହିଥିଲେ । ଏହି ପଦ ପାଇଁ ଅରୁଣ୍ଡେଲ୍ ଓ ଅର୍ଣ୍ଣେଷ୍ଟ୍ ଉଡ୍ ଉଭୟଙ୍କ ନାମ ପ୍ରସ୍ତାବିତ ହୋଇଥିଲା । ସି. ଦିନାରାଜାଦାସା ଆନି ବେସାନ୍ତ୍ ୧୯୨୬ ମସିହାରେ ଲେଖିଥିବା ଦୁଇଟି ଚିଠି 'ଇଣ୍ଡିଆନ୍ ଥିଓସଫିଷ୍ଟ୍'ରେ ପ୍ରକାଶ କରିଥିଲେ, ଯେଉଁଥିରେ ଅରୁଣ୍ଡେଲ୍ ପରବର୍ତ୍ତୀ ଆନ୍ତର୍ଜାତିକ ସଭାପତି ହେବା ମହାତ୍ମାମାନଙ୍କର ଇଚ୍ଛା ବୋଲି ଲେଖାଥିଲା । ଉଭୟ ପ୍ରସ୍ତାବିତଙ୍କ ମଧ୍ୟରୁ ଅରୁଣ୍ଡେଲ୍ ବିପୁଳ ସଂଖ୍ୟକ ସମର୍ଥନ ଲାଭ କରିଥିବା ବିଷୟ ୧୯୩୪ ମସିହା ଜୁଲାଇ ମାସରେ 'ଦି ଥିଓସଫିଷ୍ଟ୍'ରେ ପ୍ରକାଶ ପାଇଥିଲା ।

ଆନ୍ତର୍ଜାତିକ ସଭାପତି ଥିବା ସମୟରେ ଅରୁଣ୍ଡେଲ୍ ବ୍ରହ୍ମବିଦ୍ୟା ସମିତିର ପ୍ରସାର ଓ ସଭ୍ୟସଂଖ୍ୟା ବୃଦ୍ଧି ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଥିଲେ । ଅହମିକାବୋଧ, ସ୍ୱାର୍ଥଲାଳସା ଓ ଭୁଲ୍ ବୁଝାମଣା ହେତୁ ସୃଷ୍ଟି ହେଉଥିବା ରୁଗ୍ଣ ମାନସିକତା ଓ ଯୁଦ୍ଧର ସଂଘଟନ ବିପକ୍ଷରେ ଭାବନାର ସଞ୍ଚାର ଓ ପ୍ରସାର କରିବା, ଜଗତର ଆଭ୍ୟନ୍ତରୀଣ ଶାସନ ବ୍ୟବସ୍ଥା ଓ ତା'ର ତାତ୍ପର୍ଯ୍ୟର ମହତ୍ତ୍ୱକୁ ବୁଝିବା, ପ୍ରତ୍ୟେକ ମନୁଷ୍ୟ ସେହି ବ୍ୟବସ୍ଥା ଅନୁଯାୟୀ ନିଜ ଉଚ୍ଚତର ସତ୍ତାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଗ୍ରସର ହେଉଛନ୍ତି ବୋଲି ଉପଲବ୍ଧି କରିବା ଇତ୍ୟାଦି ସେସବୁର ଲକ୍ଷ୍ୟ ଥିଲା । ବିଶ୍ୱରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବ୍ରହ୍ମବିଦ୍ୟାସମ୍ମତ ଜ୍ଞାନ ଓ ମୂଲ୍ୟବୋଧର ପ୍ରୟୋଗ କରିବା ତଥା ତଦନୁଯାୟୀ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱ ଦେଉଥିଲେ ।

୧୯୩୬ ମସିହା ଜାନୁୟାରୀ ମାସରେ ଅରୁଣ୍ଡେଲ୍ 'ଗଡ୍‌ସ୍ ଇନ୍ ଦ ବିକମିଂ' ନାମକ ପୁସ୍ତକ ପ୍ରକାଶ କରିଥିଲେ । ଜଣେ ସମୀକ୍ଷକ ଏହି ପୁସ୍ତକ ସଂପର୍କରେ ଲେଖିଥିଲେ ଯେ ଏହା ଯଥାର୍ଥ ଶିକ୍ଷା ପ୍ରଦାନ କରି ଆତ୍ମ-ଉପଲବ୍ଧି ଓ ମୁକ୍ତିର ମାର୍ଗ ପ୍ରଦର୍ଶନ କରିବା ପାଇଁ ଉଦ୍ଦିଷ୍ଟ ।

୧୯୩୭ ରେ 'ବ୍ଲାଭାଟ୍‌ସ୍କି ଫାଉଣ୍ଡେସନ୍ ଫଣ୍ଡ'ର କାର୍ଯ୍ୟ ଆରମ୍ଭ କରିବାରେ ମଧ୍ୟ ଅରୁଣ୍ଡେଲ୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ମୂଲ୍ୟବାନ୍ ଗ୍ରନ୍ଥଗୁଡ଼ିକୁ ସ୍ୱଳ୍ପ ମୂଲ୍ୟର ପୁସ୍ତକ ଆକାରରେ ପ୍ରକାଶ କରିବା ଏହାର ଲକ୍ଷ୍ୟ ଥିଲା । ୧୯୩୮ ମସିହାରେ ଏହି ସଂସ୍ଥା ମାଡାମ୍ ବ୍ଲାଭାଟ୍‌ସ୍କିଙ୍କ 'ସିକ୍ରେଟ୍ ଡକ୍ଟ୍ରିନ୍' ଗ୍ରନ୍ଥର ଆଡୟାର୍ ଏଡିସନ୍ ଛଅଖଣ୍ଡରେ ବିଭକ୍ତ କରି ପ୍ରକାଶ କରିବା ଆରମ୍ଭ କରିଥିଲେ ।

ଅରୁଣ୍ଡେଲ୍ ୧୯୩୭ରେ ଆଡୟାର୍‌ର ସୌନ୍ଦର୍ଯ୍ୟୀକରଣ ପ୍ରକ୍ରିୟା ଆରମ୍ଭ କରିଥିଲେ ଓ ସମିତିର ସଦସ୍ୟମାନଙ୍କ ମଧ୍ୟରେ ସେଠାକୁ ଆସିବାର ଉତ୍ସାହ ସୃଷ୍ଟି କରିବାକୁ ଚାହିଁଥିଲେ ।

ବିଂଶ ଶତାବ୍ଦୀର ଚତୁର୍ଥ ଦଶକ ବେଳକୁ ଇଟାଲୀ ଓ ଜର୍ମାନୀର ଦୁଇ ଏକଛତ୍ରବାଦୀ ମୁସୋଲିନି ଓ ହିଟ୍‌ଲର୍‌ଙ୍କ ମନୋବୃତ୍ତି ବିଶ୍ୱରାଜନୀତିରେ ତୁମୁଳ ଉତ୍ତେଜନା ଓ ସଂଘର୍ଷର ବାତାବରଣ ସୃଷ୍ଟି କରିଥିଲା । ଅରୁଣ୍ଡେଲ୍ ୧୯୩୯ରେ 'Conscience' ନାମକ ଏକ ପାକ୍ଷିକ ପତ୍ରିକାର ପ୍ରକାଶନ ଆରମ୍ଭ କରିଥିଲେ । ସେଥିରେ ଲେଖକଙ୍କର ନାମ ଉଲ୍ଲେଖ ନ କରି, ବ୍ରହ୍ମବିଦ୍ୟା ଅଥବା 'ବ୍ରହ୍ମବିଦ୍ୟା ସମିତି' ବିଷୟକ କୌଣସି ସୂଚନା ନ ଦେଇ ବିଶ୍ୱର ପରିସ୍ଥିତି ସଂପର୍କରେ ସମୀକ୍ଷାତତ୍ତ୍ୱକ ଲେଖାମାନ ପ୍ରକାଶ ପାଉଥିଲା ।

୧୯୩୯ ମସିହାରେ ସେ 'ଥିଓସଫି ଇଜ୍ ଦ ନେକ୍‌ସ୍‌ଟ୍ ଷ୍ଟେପ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଜୀବନର ବିଭିନ୍ନ ସମସ୍ୟା, କଳା, ରାଜନୀତି, ବ୍ୟବସାୟ ଆଦି ବିଭିନ୍ନ ଦିଗ ସଂପର୍କରେ ପୁସ୍ତିକାମାନ ପ୍ରକାଶ ଓ ବଣ୍ଟନ କରାଇଲେ । ୧୯୦୪ ମସିହାର ମଧ୍ୟଭାଗରେ ଅରୁଣ୍ଡେଲ୍ ଏକ 'ଶାନ୍ତି କମିଟି' ଗଠନ କଲେ । ସେ ସବୁ ଦେଶରେ ବ୍ରହ୍ମବିଦ୍ୟା ସମିତିର ସାଧାରଣ ସମ୍ପାଦକମାନଙ୍କୁ 'ଶାନ୍ତି ବିଭାଗ'ର ଉଦ୍‌ଘାଟନ ପାଇଁ ପତ୍ର ଲେଖିଥିଲେ ଓ 'ଶାନ୍ତି କମିଟି'ର ଏକ ଘୋଷଣାପତ୍ର ମଧ୍ୟ ପ୍ରକାଶ କରିଥିଲେ ।

୧୯୪୪ ମସିହାରେ ଅରୁଣ୍ଡେଲ୍ ଏକ 'ଗ୍ରେଟ୍‌ନେସ୍ କ୍ୟାମ୍ପେନ୍' ଆରମ୍ଭ କରିଥିଲେ ଓ ତାହାର ତିନିଟି ଲକ୍ଷ୍ୟ ନିର୍ଦ୍ଧାରଣ କରିଥିଲେ–

୧. ବିଶ୍ୱର ପ୍ରତ୍ୟେକ ସତ୍ତାରେ ନିହିତ ମହତ୍ତ୍ୱ ହିଁ ବିଶ୍ୱର ସକଳ ଜୀବସତ୍ତା ମଧ୍ୟରେ ଭ୍ରାତୃତ୍ୱବୋଧର ଅନ୍ତଃସାର । ଏହି ସତ୍ୟର ଉପଲବ୍ଧି ଓ ସକ୍ରିୟତା ପାଇଁ ଏକ ସର୍ବସାଧାରଣ ମଞ୍ଚ ସୃଷ୍ଟି କରିବା ।

୨. ପ୍ରକୃତିର ପ୍ରତ୍ୟେକ ସ୍ତରରେ ପ୍ରକାଶିତ ମହତ୍ତ୍ୱର ଅଧ୍ୟୟନ ଓ ଅବବୋଧ ପାଇଁ ପ୍ରୋତ୍ସାହନ ସୃଷ୍ଟି କରିବା ।

୩. ସ୍ଥୂଳ ଭେଦରେ ମହତ୍ତ୍ୱର ଗଭୀରତର ପରିପ୍ରକାଶ ଅଥବା ସ୍ୱଚ୍ଛ ଅଭିବ୍ୟକ୍ତି ବିଷୟକୁ ସୂକ୍ଷ୍ମ ଭାବରେ ଅନୁଶୀଳନ କରିବା ।

ବିଶ୍ୱର ସ୍ତରେସ୍ତରେ, କ୍ଷୁଦ୍ର-ବୃହତ୍ ସୁନ୍ଦର-କୁତ୍ସିତ ପ୍ରତ୍ୟେକ ସତ୍ତାରେ କିଛି ନା କିଛି ମହତ୍ତ୍ୱ ନିହିତ ରହିଛି, ଏହା ଉପଲବ୍ଧି କରିବା ସହିତ ପ୍ରତ୍ୟେକ ସତ୍ତା ପ୍ରତି ସମ୍ବେଦନାପୂର୍ଣ୍ଣ ପ୍ରେମଭାବ ପୋଷଣ କରିବା ହିଁ ସେଗୁଡ଼ିକର ସାରମର୍ମ ଥିଲା ।

୧୯୩୪ ମସିହାରେ ସେ ଆଡୟାର୍ ପରିସରରେ 'ବେସାନ୍ତ ମେମୋରିଆଲ୍ ସ୍କୁଲ୍' ପ୍ରତିଷ୍ଠା କରିଥିଲେ । ତାଙ୍କର ଆଗ୍ରହକୁ ସମ୍ମାନ ଜଣାଇ ମାରିଆ ମଣ୍ଟେସ୍‌ସରି ୧୯୩୯ରେ ଆଡୟାର୍ ଆସି ସେହି ବିଦ୍ୟାଳୟର କାର୍ଯ୍ୟଭାର ଗ୍ରହଣ କରିଥିଲେ । ତାଙ୍କରି ତତ୍ତ୍ୱାବଧାନରେ ବିଦ୍ୟାଳୟର ବାତାବରଣ ଓ ଶିକ୍ଷାଦାନ କ୍ଷେତ୍ରରେ ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା ।

୧୯୩୬ ମସିହାରେ ଅରୁଣ୍ଡେଲ୍ ଦମ୍ପତି ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ଶିକ୍ଷା ଓ ଗବେଷଣା ପାଇଁ 'କଳାକ୍ଷେତ୍ର' ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ୧୯୪୮ ମସିହା ପର୍ଯ୍ୟନ୍ତ ଏହି ଅନୁଷ୍ଠାନ ଆଡୟାର୍ ପରିସର ମଧ୍ୟରେ ହିଁ ଚାଲିଥିଲା ।

ଅରୁଣ୍ଡେଲ୍ 'ୱର୍ଲ୍ଡ୍ ଫେଡେରେସନ୍ ଅଫ୍ ୟଙ୍ଗ୍ ଥିଓସଫିଷ୍ଟ୍‌ସ୍' ପାଇଁ ମଧ୍ୟ ଅନେକ କାର୍ଯ୍ୟ କରିଥିଲେ । ପ୍ରାୟ ଛଅ ମାସର ଅସୁସ୍ଥତା ପରେ ୧୯୪୫ ମସିହା ଅଗଷ୍ଟ ମାସ ୧୨ ତାରିଖରେ ଆଡୟାରସ୍ଥିତ ବାସଭବନରେ ସେ ସ୍ଥୂଳଶରୀର ତ୍ୟାଗ କରିଥିଲେ । ୧୯୬୭ ମସିହାରେ ପ୍ରକାଶିତ 'Personal Memories of G.S.Arundale' ପୁସ୍ତକରେ ତାଙ୍କ ଜୀବନ ଓ କାର୍ଯ୍ୟକଳାପ ସଂପର୍କରେ ତଥ୍ୟମାନ ସନ୍ନିବେଶିତ ହୋଇଛି ।

ଜର୍ଜ୍ ସିଡ୍‌ନି ଅରୁଣ୍ଡେଲ୍  ତାଙ୍କ ଜୀବଦ୍ଦଶାରେ, ବିଶେଷତଃ ଶେଷଭାଗରେ ଅନେକ ପୁସ୍ତକ-ପୁସ୍ତିକା ରଚନା କରିଥିଲେ । ସେଗୁଡ଼ିକ ଭିତରୁ ଉଲ୍ଲେଖଯୋଗ୍ୟ କୃତିଗୁଡ଼ିକ ହେଲା–

(୧) The Growth of National Consciousness in the Light of Theosophy (1911)

(୨) Thoughts on At the Feet of the Master (1919)

(୩) The Bedrock of Education (1924)

(୪) Thoughts of the Great(1924)

(୫) Nirvana : A Study in Synthetic Consciousnes(1926)

(୬) Mount Everest: Its Spiritual Significance (1932)

(୭) You (1935)

(୮) Freedom and Friendship (1955)

(୯) Gods in the Becoming(1936)

(୧୦) Understanding is Happiness (1937)

(୧୧) Kundalini : An Occult Experience(1937)

(୧୨) Understanding Godlike (1937,Poem)

(୧୩) From Man to Superman: A Practice in Symbolic Yoga (1938)

(୧୪) The Lotus Fire (1939)

(୧୫) The Night Bell(1941)

(୧୬) Adventures in Theosophy (1941)

❖❖❖



# ସି. ଜିନାରାଜାଦାସା

# ଏକ ଅସାଧାରଣ ମାନବଜୀବନର ଯାତ୍ରା

ଶୁଭ୍ରଲୀନା ମହାନ୍ତି

ଥିଓସୋଫିକାଲ୍ ସୋସାଇଟିର ଚତୁର୍ଥ ଅଧ୍ୟକ୍ଷ କୁରୁପ୍ପୁମୁଲ୍ଲାଗେ ଜିନାରାଜାଦାସା। ତାଙ୍କର ପଦବୀଠାରୁ ଅଧିକ ତାଙ୍କ ଚରିତ୍ରର ସୁଗନ୍ଧ, ମାନସିକ ସୂକ୍ଷ୍ମତା ଏବଂ ଆଚରଣର ସୌନ୍ଦର୍ଯ୍ୟ ଆଜି ବି ସାରା ପୃଥିବୀର ଅନ୍ୱେଷକମାନଙ୍କୁ ପ୍ରେରଣା ଦେଉଛି। ତାଙ୍କ ଜୀବନକୁ ଅନୁସରଣ କଲେ କେବଳ ତଥ୍ୟ ନୁହେଁ, କାହାଣୀ, ଅନୁଭୂତି ଏବଂ ଜ୍ଞାନର ସୂକ୍ଷ୍ମ ଝଲକ ଆମେ ଖୋଜି ପାଇବା ।

## ପ୍ରାରମ୍ଭିକ ଜୀବନ ଓ ନିର୍ଦ୍ଧାରିତ ଯାତ୍ରା

ସି. ଜିନାରାଜାଦାସାଙ୍କ ଜନ୍ମ ୧୬ ଡିସେମ୍ବର ୧୮୭୫ ମସିହାରେ ଶ୍ରୀଲଙ୍କାରେ ହୋଇଥିଲା। ଶିଶୁବୟସରୁ ତାଙ୍କ ମନରେ ଏକ ବିଶେଷ ଶାନ୍ତି ଓ ସଚେତନତା ଥିଲା । ସତେ ଯେପରି ସେ ଜୀବନକୁ ଗଭୀର ଭାବରେ ଶୁଣୁଥିଲେ। ୧୪ ବର୍ଷ ବୟସରେ ତାଙ୍କ ଜୀବନରେ କର୍ଣ୍ଣେଲ୍ ହେନେରୀ ଷ୍ଟିଲ୍ ଅଲ୍‌କଟ୍‌ଙ୍କୁ

ଭେଟିବାର ସୁଯୋଗ ଆସିଥିଲା । କଲମ୍ବୋରେ ଅଲ୍‌କଟ୍‌ଙ୍କ ଏକ ବ୍ୟାଖ୍ୟାନ ସମୟରେ ଅନେକ ଶିଶୁଙ୍କ ମଧ୍ୟରେ ଥିଲେ କିଶୋର ଜିନାରାଜାଦାସା।

ଅଲ୍‌କଟ୍ ପରବର୍ତ୍ତୀ ସମୟରେ କହିଥିଲେ ଯେ ସେ ତୁରନ୍ତ ଏକ ଆତ୍ମିକ ସମ୍ପର୍କ ଅନୁଭବ କରିଥିଲେ ବୟସଠାରୁ ବହୁତ ଅଧିକ ପରିପକ୍ୱ ମାନସିକ ସ୍ୱଚ୍ଛତା ଓ ସତ୍ୟନିଷ୍ଠାର ଅଧିକାରୀ କିଶୋରୀଟିକୁ ଭେଟି । ସେହି ମୁହୂର୍ତ୍ତରେ ତାଙ୍କ ଜୀବନର ଦିଗ ବଦଳିଗଲା। ଅଲ୍‌କଟ୍ ତାଙ୍କୁ ଆଡୟାର୍‌କୁ ନେଇଗଲେ, ପରେ ଶିକ୍ଷା ପାଇଁ ୟୁରୋପକୁ ପଠାଇଲେ। ଇଟାଲୀରେ ମାଜିନିଙ୍କ ଅନୁଗାମୀମାନଙ୍କଠାରୁ ସେ ନୈତିକ ସାହସ ଓ ସାର୍ବଭୌମ ଭ୍ରାତୃତ୍ୱର ଆଦର୍ଶ ଗ୍ରହଣ କଲେ। ତା'ପରେ କ୍ୟାମ୍ବ୍ରିଜ୍‌ରେ ସାହିତ୍ୟ, ଦର୍ଶନ ଓ ସ୍ୱଚ୍ଛ ଚିନ୍ତନର ଶିକ୍ଷା ପ୍ରାପ୍ତ ହେଲେ ।

ଶିକ୍ଷା ସମାପ୍ତି ସମୟକୁ ସେ ଇଂରାଜୀ, ଫ୍ରେଞ୍ଚ୍, ଇଟାଲୀୟ ଓ ତାମିଲ ଭାଷାରେ ପାରଙ୍ଗତ ଥିଲେ —ଏବଂ ତାହାଠାରୁ ଅଧିକ, ସେ ସେବା ପାଇଁ ପ୍ରସ୍ତୁତ ଥିଲେ।

## ଥିଓସୋଫିକାଲ୍ ସୋସାଇଟିରେ ତାଙ୍କ ଜୀବନ

ସେ ଭାରତକୁ ଫେରିବା ପରେ ଆନି ବେସାନ୍ତ୍ ତାଙ୍କର ସଦ୍‌ଗୁଣଗୁଡ଼ିକୁ ତୁରନ୍ତ ଚିହ୍ନିଥିଲେ। ତାଙ୍କ ସ୍ୱଚ୍ଛତା, ସଠିକତା ଓ କାର୍ଯ୍ୟପ୍ରତି ନିଷ୍ଠା ଉପରେ ସେ ପୂର୍ଣ୍ଣ ଭରସା କରିଥିଲେ। ସେହିଠାରୁ ଆରମ୍ଭ କରି ଜିନାରାଜାଦାସାଙ୍କ ଜୀବନ ଓ ଥିଓସୋଫିକାଲ୍ ସୋସାଇଟିର ଯାତ୍ରା ଅବିଚ୍ଛିନ୍ନ ଭାବେ ଜଡ଼ିତ ହୋଇଗଲା। ଲୋକେ ସବୁଠି ତାଙ୍କୁ ତିନୋଟି କଥା ପାଇଁ ସ୍ମରଣ କରୁଥିଲେ—

୧. ସ୍ଫଟିକ ତୂଲ୍ୟ ସ୍ୱଚ୍ଛ ଚିନ୍ତନ

୨. ସୁସଂସ୍କୃତି ଓ ଶିଷ୍ଟାଚାର

୩. ଆଦର୍ଶକୁ ଦୈନନ୍ଦିନ ଜୀବନରେ କାର୍ଯ୍ୟରେ ପରିଣତ କରିବାର କ୍ଷମତା ।

କିନ୍ତୁ ସେ ସବୁଠାରୁ ପ୍ରେରଣାଦାୟକ ଥିବାର କାରଣ ସେ ଥିଓସୋଫିକୁ ଦର୍ଶନ ଭାବେ ନୁହେଁ, ଜୀବନଶୈଳୀ ଭାବେ ବଞ୍ଚୁଥିଲେ।

## ଶିକ୍ଷାକ୍ଷେତ୍ରରେ ଅବଦାନ — ମାନବ ମନର ସୌନ୍ଦର୍ଯ୍ୟ

ଶିକ୍ଷା ତାଙ୍କ ଜୀବନର ଗଭୀର ଆସକ୍ତି ଥିଲା। ସେ ବିଶ୍ୱାସ କରୁଥିଲେ ଯେ ଶିକ୍ଷାର ଉଦ୍ଦେଶ୍ୟ କେବଳ ଚାକିରି ପାଇବା କି ଅର୍ଥ ଉପାର୍ଜନ କରିବା ନୁହେଁ,

ସମଗ୍ର ମାନବ ସତ୍ତାର ବିକାଶ। ଆନି ବେସାନ୍ତଙ୍କ ଶିକ୍ଷା ବିକାଶର ପ୍ରୟାସକୁ ସେ ସମର୍ଥନ କରିଥିଲେ ଏବଂ ବେସାନ୍ତ୍ ଥିଓସୋଫିକାଲ୍ କଲେଜ ପରି ପ୍ରତିଷ୍ଠାନକୁ ସୁଦୃଢ଼ କରିଥିଲେ। ଶିକ୍ଷକମାନଙ୍କୁ ସେ ମୂଲ୍ୟବୋଧ, ଚରିତ୍ର, ସୌନ୍ଦର୍ଯ୍ୟବୋଧ ଓ ଆନ୍ତରିକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ଅନୁପ୍ରେରିତ କରୁଥିଲେ।

ଥରେ ଜଣେ ଛାତ୍ର ପଚାରିଲା —"ସାର୍, ପ୍ରକୃତ ଶିକ୍ଷିତ ମଣିଷର ଲକ୍ଷଣ କ'ଣ ?"

ସେ ହସିହସି କହିଥିଲେ —"ପ୍ରକୃତ ଶିକ୍ଷିତ ମଣିଷ ସେହି, ଯାହାର ଚିନ୍ତା ସୁସଂଗଠିତ ଏବଂ ଆଚରଣ ସୁନ୍ଦର।"

ଏହି ଏକ ବାକ୍ୟରେ ତାଙ୍କ ଶିକ୍ଷା-ଦର୍ଶନର ସାରାଂଶ ନିହିତ —ଭିତରେ ସ୍ୱଚ୍ଛତା, ବାହାରେ ସୌନ୍ଦର୍ଯ୍ୟ। ସଂଗଠନାତ୍ମକ ସୁଦୃଢ଼ତା — କାର୍ଯ୍ୟରେ ଶୃଙ୍ଖଳା ଓ ସମନ୍ୱୟ ।

ଜିନାରାଜାଦାସାଙ୍କ ମନ ଥିଲା ଶୃଙ୍ଖଳିତ, ଶିଷ୍ଟତାପୂର୍ଣ୍ଣ ଓ ସୂକ୍ଷ୍ମ — ଏକ ସୁନିର୍ମିତ ଉପକରଣ ପରି ତୀକ୍ଷ୍ଣ। ଥିଓସୋଫିକାଲ୍ ସୋସାଇଟିର ଯେତେବେଳେ ଦ୍ରୁତ ଗତିରେ ବିସ୍ତାର ହେଉଥିଲା, ସେ ସମୟରେ ସେ ନିଜ କାର୍ଯ୍ୟରେ ସାଂଗଠନିକତା, ସଂଯୋଗ ସ୍ଥାପନର କ୍ଷମତା ଦେଖାଇଥିଲେ।

ଲଜ୍‌ଗୁଡ଼ିକର କାର୍ଯ୍ୟପ୍ରଣାଳୀକୁ ସେ ଶକ୍ତିଶାଳୀ କରିଥିଲେ, ନିୟମିତ ଅଧ୍ୟୟନ ବା ପାଠାଲୋଚନାର ଶ୍ରେଣୀକୁ ପ୍ରୋତ୍ସାହନ ଦେଉଥିଲେ, ପ୍ରଶାସନିକ ପ୍ରକ୍ରିୟାକୁ ସ୍ୱଚ୍ଛ କରିଥିଲେ ଏବଂ ଦାୟିତ୍ୱ ବଣ୍ଟନକୁ ଗୁରୁତ୍ୱ ଦେଇଥିଲେ।

ଆଡୟାର୍‌ର ଏକ ଛୋଟ ଘଟଣା ଏଠାରେ ବର୍ଣ୍ଣନା କରୁଛି । ଥରେ କେହି ଦେଖିଲେ ଯେ ଜିନାରାଜାଦାସା ଲାଇବ୍ରେରୀର ଏକ କୋଣରେ ନୀରବରେ ପୁସ୍ତକ ସଜାଉଛନ୍ତି।

ଆଶ୍ଚର୍ଯ୍ୟ ହୋଇ ସେ କହିଲେ, "ସାର୍, ଏହା ଆପଣଙ୍କ କାମ ନୁହେଁ।"

ସେ ଶାନ୍ତ ଭାବରେ ଉତ୍ତର ଦେଲେ —"ସେବା ଆକାଂକ୍ଷାକୁ ପବିତ୍ର କରେ।"

ଏହି ଏକ ବାକ୍ୟରେ ତାଙ୍କ ସମ୍ପୂର୍ଣ୍ଣ ଜୀବନଦର୍ଶନ ପ୍ରକାଶିତ —ତାଙ୍କ ପାଇଁ କୌଣସି କାମ 'ଛୋଟ' ନଥିଲା।

## ଯୁବପିଢ଼ି ସହ କାର୍ଯ୍ୟ — ଆଗାମୀ ଭ୍ରାତୃତ୍ୱର ନିର୍ମାଣ

ଯୁବପିଢ଼ି ପ୍ରତି ତାଙ୍କ ହୃଦୟରେ ବିଶେଷ ସ୍ନେହ ଥିଲା। ସେ ଗଭୀର ଭାବେ ବିଶ୍ୱାସ କରୁଥିଲେ — ଆଗାମୀ ଦିନର ଅନ୍ୱେଷକମାନଙ୍କୁ ଏବେ ହିଁ ପ୍ରସ୍ତୁତ କରିବା ଦରକାର।

ଯୁବ ଶିବିର ଆୟୋଜନ, ଆଲୋଚନା, ଅଧ୍ୟୟନ ମଣ୍ଡଳୀ ଏବଂ ଯୁବକମାନଙ୍କୁ ନେତୃତ୍ୱ ଦେବାର ସୁଯୋଗ ସୃଷ୍ଟି କରିବାକୁ ସେ ପ୍ରୋତ୍ସାହିତ କରୁଥିଲେ। ସେ ସବୁବେଳେ କହୁଥିଲେ —"ଯୁବକମାନେ କେବଳ ଥିଓସୋଫି ପଢ଼ିଲେ ହେବ ନାହିଁ, ତାହାକୁ ଆଚରଣରେ ପ୍ରଦର୍ଶନ କରିବା ଓ ସେହି ଆଦର୍ଶ ଅନୁଯାୟୀ ବଞ୍ଚିବା ଦରକାର।"

ଏକ ଯୁବ ଶିବିରରେ ଜଣେ କିଶୋର ପଚାରିଲା —"ସାର୍, ମୁଁ ସୋସାଇଟି ପାଇଁ କ'ଣ କରିପାରିବି? ମୁଁ ତ ଏଯାକେ ଅତି ଛୋଟ ଅଛି।"

ଛୁଆଟିର କାନ୍ଧରେ ହାତ ରଖି ସେ କହିଲେ —"ତୁମେ ନିଜର ଅଭ୍ୟାସରୁ ଆରମ୍ଭ କର। ଶୃଙ୍ଖଳା ଯୁବତ୍ୱକୁ ଶକ୍ତିରେ ପରିଣତ କରେ।"

ତାଙ୍କ ଦୃଷ୍ଟିରେ ଶୃଙ୍ଖଳା ଶାସନ ନୁହେଁ — ଆନ୍ତରିକ ଶକ୍ତି।

## ଲିବେରାଲ୍ କ୍ୟାଥୋଲିକ୍ ଆନ୍ଦୋଳନ — ସୌନ୍ଦର୍ଯ୍ୟ ଓ ଭକ୍ତିର ପଥ

ଲିବେରାଲ୍ କ୍ୟାଥୋଲିକ୍ ଚର୍ଚ୍ଚକୁ ସମର୍ଥନ କରିବାରେ ଜିନାରାଜାଦାସା ଏକ ସୂକ୍ଷ୍ମ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।

ସେ ଆଚାରକୁ ଆତ୍ମିକ କଳା ଭାବେ ଦେଖୁଥିଲେ ଓ ସଦସ୍ୟମାନଙ୍କୁ କହୁଥିଲେ — ଆଦର୍ଶକୁ କେବଳ ଭାବନାରେ ନୁହେଁ, ପ୍ରତୀକାତ୍ମକ ଅର୍ଥରେ ବୁଝ।

–ତାଙ୍କର ବିଶ୍ୱାସ ଥିଲା ଯେ ପ୍ରତ୍ୟେକ ଧର୍ମରେ ସୌନ୍ଦର୍ଯ୍ୟ ଅଛି, ଏବଂ ସୌନ୍ଦର୍ଯ୍ୟ ମାଧ୍ୟମରେ ମନୁଷ୍ୟ ଦିବ୍ୟତାକୁ ଆସନ୍ତି।

## କୋ-ମେସନ୍ରୀ—ଚରିତ୍ର ଓ ଭ୍ରାତୃତ୍ୱର ସାଧନା

କୋ-ମେସନ୍ରୀ ତାଙ୍କ ସେବାର ଆଉ ଏକ ମୁଖ୍ୟ କ୍ଷେତ୍ର ଥିଲା — ଯେଉଁଠାରେ ପୁରୁଷ ଓ ନାରୀ ସମାନ ଭାବେ ଅନୁମୋଦିତ ହୁଅନ୍ତି, ଏବଂ ନୈତିକ ଶୃଙ୍ଖଳା, ପ୍ରତୀକ ଓ ଭ୍ରାତୃତ୍ୱକୁ ଗୁରୁତ୍ୱ ଦିଆଯାଏ।

ସେ ଏହି ଆଦର୍ଶ କାର୍ଯ୍ୟରେ ଉଚ୍ଚ ପଦରେ ଅଧିଷ୍ଠିତ ହୋଇଥିଲେ ଏବଂ ତାହାର ଆଚାର ଓ ଶିକ୍ଷାରେ ଗମ୍ଭୀରତା ଓ ଦାର୍ଶନିକ ସ୍ୱଚ୍ଛତା ଆଣିଥିଲେ। ତାଙ୍କ ପାଇଁ କୋ-ମେସନ୍ରୀ ଓ ଥିଓସୋଫି ଭିନ୍ନ ନଥିଲା —ଦୁଇଟିଯାକ ଥିଲା ଚରିତ୍ର ଗଢ଼ିବାର ପଥ।

ଏକ ମେସନିକ୍ ସଭାରେ କେହି ଜଣେ କହିଥିଲେ —"ଆପଣ ନେତୃତ୍ୱ ପାଇଁ ଅତି ମୃଦୁ।"

ସେ ଶାନ୍ତ ଭାବେ ଉତ୍ତର ଦେଲେ —"ମୃଦୁତା ହେଉଛି ନିୟନ୍ତ୍ରିତ ଶକ୍ତି।"

## ପ୍ରକାଶନ ଓ ଦ ଥିଓସୋଫିଷ୍ଟ୍ — ଶବ୍ଦରେ ସୌନ୍ଦର୍ଯ୍ୟ

'ଦ ଥିଓସୋଫିଷ୍ଟ୍' ପତ୍ରିକାର ସମ୍ପାଦକ ଭାବେ ସେ ଉଚ୍ଚ ମାନଦଣ୍ଡ ସ୍ଥାପନ କରିଥିଲେ। ଲିଖିତ ଶବ୍ଦର ଏକ ଦାୟିତ୍ୱ ରହିଛି ବୋଲି ସେ ଗଭୀର ଭାବେ ବିଶ୍ୱାସ କରୁଥିଲେ। ତାଙ୍କ ଲେଖାଗୁଡ଼ିକ ଶୁଦ୍ଧ, ସୁସଂଗଠିତ ଏବଂ ଅତିଶୟୋକ୍ତିରୁ ମୁକ୍ତ ଥିଲା। ବିଶ୍ୱର ବିଭିନ୍ନ ଦେଶରୁ ଲେଖକମାନଙ୍କୁ ସେ ଉତ୍ସାହିତ କରୁଥିଲେ ଏବଂ ପ୍ରତ୍ୟେକ ସେକ୍ସନ୍‌ର ସ୍ୱର ପ୍ରକାଶ ପାଉ ବୋଲି ସୁନିଶ୍ଚିତ କରୁଥିଲେ।

ଜଣେ proof-reader କହିଥିଲେ, ଜିନାରାଜାଦାସା ଯେତେବେଳେ କୌଣସି ପାଣ୍ଡୁଲିପି ଦାଖଲ କରୁଥିଲେ, ସେ ଅତ୍ୟନ୍ତ ସାବଧାନତା ସହିତ ସବୁଠାରୁ ଛୋଟ ବିରାମଚିହ୍ନର ଭୁଲକୁ ମଧ୍ୟ ଚିହ୍ନଟ କରୁଥିଲେ। ତାପରେ ହସିହସି କହୁଥିଲେ—"ଭାଷା ଭିତରେ ଭାବନାର ସୌନ୍ଦର୍ଯ୍ୟ ପ୍ରତିଫଳିତ ହେଉ।"

ତାଙ୍କ ରଚିତ ପୁସ୍ତକଗୁଡ଼ିକ ଆଜି ବି ସାରା ବିଶ୍ୱର ଲଜ୍‌ଗୁଡ଼ିକରେ ପଢ଼ାଯାଉଛି, କାରଣ ସେଗୁଡ଼ିକରେ ସ୍ୱଚ୍ଛତା ସହିତ ପ୍ରେରଣା ବି ନିହିତରହିଛି।

ଜିନାରାଜାଦାସାଙ୍କୁ ବୁଝିବାକୁ ହେଲେ, ତାଙ୍କ ରଚନାଗୁଡ଼ିକ ପଢ଼ିବାଆବଶ୍ୟକ।

ସେଗୁଡ଼ିକ ତାଙ୍କ ମନର ସ୍ୱଚ୍ଛତା ଏବଂ ଆତ୍ମାର ସୌନ୍ଦର୍ଯ୍ୟକୁ ଉଦ୍‌ଘାଟିତ କରେ।

First Principles of Theosophy - ତାଙ୍କର ସବୁଠାରୁ ବ୍ୟାପକ ଭାବେ ପଢ଼ାଯାଇଥିବା ପୁସ୍ତକ । ଏ ପୁସ୍ତକଟି ସରଳ, ପ୍ରେରଣାଦାୟକ ଏବଂ କାଳାତୀତ।

Practical Theosophy - ଏ ପୁସ୍ତକଟି ଆଧ୍ୟାତ୍ମିକ ସତ୍ୟକୁ କେବଳ ପଢ଼ିଲେ ହେବ ନାହିଁ, ବଞ୍ଚିବା ଦରକାର— ଏହି ମନ୍ତବ୍ୟକୁ ପ୍ରକାଶ କରେ।

The Moral Life and How to Lead It - ଚରିତ୍ର, ଶିଷ୍ଟାଚାର ଏବଂ ଆନ୍ତରିକ ପରିଶୁଦ୍ଧି ବିଷୟରେ ତାଙ୍କର ଦିଗ୍‌ଦର୍ଶନ ଏଥିରେ ପ୍ରକାଶ ପାଇଛି।

How We Remember Our Past Lives - ସ୍ମୃତି ଏବଂ ଚେତନାର ଯାତ୍ରା ଉପରେ ଏକ ଗଭୀର ଚିନ୍ତନମୂଳକ ପୁସ୍ତକ ।

Art as a Factor in the Evolution of Consciousness - ସୌନ୍ଦର୍ଯ୍ୟକୁ ଆଧ୍ୟାତ୍ମିକ ଶକ୍ତି ଭାବେ ଦେଖୁଥିବା ଏକ ସୁନ୍ଦର ନିବନ୍ଧ।

The Inner Government of the World - ଆଧ୍ୟାତ୍ମିକ ଅନୁଶାସନ ଏବଂ ମାଷ୍ଟରମାନଙ୍କ ଦିଗଦର୍ଶନ ଉପରେ ଗଭୀର ଏବଂ ସମ୍ମାନସୂଚକ ଅଧ୍ୟୟନ।

What We Shall Remember After Death- ଦେହ ପରେ ଆତ୍ମାର ଅବିନଶ୍ୱର ସ୍ଥିତି ବିଷୟରେ ଏକ ସାନ୍ତ୍ୱନାଦାୟକ ଚିନ୍ତନ।

Letters from the Masters of the Wisdom (ସମ୍ପାଦନା)- ଭକ୍ତି ଏବଂ ଐତିହାସିକ ସଠିକତା ସହିତ ସୁରକ୍ଷିତ କରାଯାଇଥିବା ପତ୍ରାବଳୀ।

In His Name- ନିଷ୍କାମ ସେବା ପାଇଁ ଉତ୍ସର୍ଗ କରାଯାଇଥିବା ଏକ ଭକ୍ତିମୟ କୃତି।

I Promise - ଯୁବପିଢ଼ି— ସ୍କାଉଟ୍, ଗାଇଡ୍ ଏବଂ ଯୁବକର୍ମୀମାନଙ୍କ ପାଇଁ ବିଶେଷ ଭାବେ ଲେଖାଯାଇଥିବା ଛୋଟ କିନ୍ତୁ ଶକ୍ତିଶାଳୀ ପୁସ୍ତକ। ସେ ନିଷ୍ଠା, ପବିତ୍ରତା, ସେବା ଏବଂ ସତ୍ୟନିଷ୍ଠାର ଆତ୍ମିକ ଭାବକୁ ସର୍ବାଧିକ ସରଳ ଏବଂ ମର୍ମସ୍ପର୍ଶୀ ଭାଷାରେ ପ୍ରକାଶ କରିଛନ୍ତି।

**ଆନ୍ତର୍ଜାତୀୟ ସମନ୍ୱୟ :**

ବିଶ୍ୱଯୁଦ୍ଧ ପରବର୍ତ୍ତୀ ଏକ ବିପର୍ଯ୍ୟସ୍ତ କ୍ଷତାକ୍ତ, ଶଙ୍କାପୀଡ଼ିତ ବିଶ୍ୱର ଆରୋଗ୍ୟ ପାଇଁ ସେ ପ୍ରୟାସୀ ଥିଲେ ।

—ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅନେକ ଦେଶର ଶାଖା ବିପର୍ଯ୍ୟସ୍ତ ଓ ନିରୁତ୍ସାହିତ ଥିଲେ।

—ଜିନାରାଜାଦାସା ୟୁରୋପ, ଦକ୍ଷିଣ ଆମେରିକା, ଅଷ୍ଟ୍ରେଲିଆ, ଏସିଆର ବିଭିନ୍ନ ଦେଶକୁ କେବଳ ଏକ ଅଧିକାରୀ ଭାବେ ନୁହେଁ, ବରଂ ଏକ ସହୃଦୟ ବନ୍ଧୁ ଭାବେ ବାରମ୍ବାର ଯାତ୍ରା କରି ସଦସ୍ୟମାନଙ୍କୁ ସଂଗଠିତ ଓ ଉତ୍ସାହିତ କରିବାରେ ଲାଗିପଡ଼ିଥିଲେ ।

—ଲୋକେ କହୁଥିଲେ —"ସେ କକ୍ଷରେ ପ୍ରବେଶ କଲେ, ଶାନ୍ତି ଆସିଯାଉଥିଲା।"

ସେ କମ୍ କଥା କହୁଥିଲେ, ଅଧିକ ଶୁଣୁଥିଲେ। ଦୟା ଓ ଧୈର୍ଯ୍ୟ ମାଧ୍ୟମରେ ସେ ବିଶ୍ୱଭ୍ରାତୃତ୍ୱର ଆତ୍ମିକ ବାତାବରଣ ପୁନଃସ୍ଥାପିତ କରିଥିଲେ।

**ଅଧ୍ୟକ୍ଷ ଭାବରେ ନେତୃତ୍ୱ — ସୌନ୍ଦର୍ଯ୍ୟ ସହ ଶକ୍ତି**

୧୯୪୬ ମସିହାରେ ସେ ଥିଓସୋଫିକାଲ୍ ସୋସାଇଟିର ଚତୁର୍ଥ ଅଧ୍ୟକ୍ଷ ହେଲେ।

ତାଙ୍କ ନେତୃତ୍ୱ ଗମ୍ଭୀରତା, ଶାନ୍ତି, ଶକ୍ତି ଓ ନୀରବ କ୍ଷମତାର ଦୃଷ୍ଟାନ୍ତ ଥିଲା। ସ୍ୱାସ୍ଥ୍ୟର ଅବନତି ହେବା ସତ୍ତ୍ୱେ ସେ ସମୟାନୁବର୍ତ୍ତିତାର ପାଳନ କରୁଥିଲେ। କେହି ପ୍ରଶଂସା କଲେ ସେ କହୁଥିଲେ —"ସମୟାନୁବର୍ତ୍ତିତାର ପାଳନ ହେଉଛି ଅନ୍ୟର ଜୀବନ ପ୍ରତି ସମ୍ମାନ।"

**ତାଙ୍କ ଜୀବନ ଆମକୁ କ'ଣ ଶିଖାଏ**

ଜିନାରାଜାଦାସାଙ୍କ ଜୀବନ ଆମକୁ —

– ଚିନ୍ତନର ସ୍ୱଷ୍ଟତା,

– ଆଚରଣରେ ସୌନ୍ଦର୍ଯ୍ୟ,


– ନୀରବ ଓ ନିଃସ୍ୱାର୍ଥ ସେବା,

– ଦୈନନ୍ଦିନ ଜୀବନରେ ଭ୍ରାତୃତ୍ୱ,

– କାର୍ଯ୍ୟ ପ୍ରତି ନିଷ୍ଠା ଓ ନମ୍ରତା ଆଦି ସନାତନ ମୂଲ୍ୟବୋଧର ଶିକ୍ଷା ଦେଇଥାଏ ।

ସି. ଜିନାରାଜାଦାସାଙ୍କ ବିଷୟରେ କହିବାର ମାନେ କେବଳ ଇତିହାସ କହିବା ନୁହେଁ, ଏହା ହେଉଛି ଏକ ଚରିତ୍ରର ସୁଗନ୍ଧକୁ ଅନୁଭବ କରିବା। ସେ ପ୍ରମାଣ କରିଥିଲେ —"ଆଧ୍ୟାତ୍ମିକତା ଆକାଶରେ ନଥାଏ, ଥାଏ ଆଚରଣରେ।"

❖❖❖



# ଯୋଗଜନ୍ମା ନୀଳକଣ୍ଠ ଶ୍ରୀରାମ

## ଡକ୍ଟର ପାର୍ଥସାରଥୀ ପ୍ରସାଦ ଷଡ଼ଙ୍ଗୀ

ପ୍ରତ୍ୟେକ ମନୁଷ୍ୟ ହେଉଛି ଶରୀରରେ ସମାବୃତ ହୋଇଥିବା ଏକ ରହସ୍ୟମୟ ଚେତନାର ପରିପ୍ରକାଶ । ଏହି ମାନବ ଜୀବନର ରଙ୍ଗମଞ୍ଚରେ ସେହି ଅବାଙ୍‌ମାନସଗୋଚର ପରମାତ୍ମାର ଭାବ ଜନ୍ମମୃତ୍ୟୁର ସୀମାବଦ୍ଧତାରୁ ମୁକ୍ତ । ସେହିପରି ଏକ ଅନୁପମ ଭାବଗମ୍ଭୀର ସତ୍ତା ଯିଏ କି ଏକ ସ୍ଥୂଳ ଶରୀରରେ ୧୮୮୯ ମସିହାରେ ଡିସେମ୍ବର ୧୫ ତାରିଖରେ ଦକ୍ଷିଣ ଭାରତର ତାଞ୍ଜାଉର ସହରରେ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଆବିର୍ଭୂତ ହୋଇଥିଲେ ସେ ହେଉଛନ୍ତି ନୀଳକଣ୍ଠ ଶ୍ରୀରାମ । ପିତା ନୀଳକଣ୍ଠ ଶାସ୍ତ୍ରୀଙ୍କର ସଂସ୍କୃତ ଓ ପୁରାତନ ହିନ୍ଦୁଶାସ୍ତ୍ରରେ ଥିଲା ଅଖଣ୍ଡ ପ୍ରତିଭା । ସେ Public Works Department ରେ କନିଷ୍ଠ ସବ୍‌ଇଞ୍ଜିନିୟର ଥିଲେ । ସେ ଥିଓସୋଫିକାଲ ସୋସାଇଟିର କେବଳ ସଦସ୍ୟ ନ ଥିଲେ ବରଂ ମ୍ୟାଡାମ୍ ବ୍ଲାଭାସ୍କି ଓ କର୍ଣ୍ଣେଲ୍ ଆଲ୍‌କଟଙ୍କର ଅତ୍ୟନ୍ତ ନିକଟବର୍ତ୍ତୀ ଅନୁଗାମୀ ଥିଲେ । ଏକ ବ୍ରହ୍ମବାଦୀ ପରିବାରରେ ଶ୍ରୀରାମ ବିଧିନିର୍ଦ୍ଦିଷ୍ଟ ଭାବରେ ଜନ୍ମଗ୍ରହଣ କରିଥିଲେ ।

ଏକ ସ୍ୱଚ୍ଛଳ ଆଭିଜାତ୍ୟସମ୍ପନ୍ନ ପରିବାରରେ ଜନ୍ମଗ୍ରହଣ କରିବା ଫଳରେ ଜୀବନର ଆଦ୍ୟ କାଳରୁ ସେ ସକଳ ବୈଭବ ଓ ସୁଯୋଗ ପ୍ରାପ୍ତ ହୋଇଥିଲେ । ଏନ୍. ଶ୍ରୀରାମଙ୍କର ଜୀବନର ଦୀପ୍ତି ଥିଲା ଅନବଦ୍ୟ । ଲଲାଟର ବିଭୁତି, ଧୋତି ଉପରେ ବେଲ୍ଟ, କର୍ଣ୍ଣରେ ହୀରକ ଖଚିତ କୁଣ୍ଡଳ, ହସ୍ତରେ ସ୍ୱର୍ଣ୍ଣର କଙ୍କଣ ସହିତ ଆକର୍ଷଣୀୟ କେଶବିନ୍ୟାସ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା । ସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ସେ ସମସ୍ତଙ୍କ ଦୃଷ୍ଟିର କେନ୍ଦ୍ରବିନ୍ଦୁ ଥିଲେ । କୌଣସି ଗନ୍ତବ୍ୟସ୍ଥଳକୁ ଯାତ୍ରା କରିବା ନିମିତ୍ତ ତାଙ୍କର ଏକ ନିଜସ୍ୱ ଅଶ୍ୱ ଥିଲା । ଅନେକ ସମୟରେ ପ୍ରାତଃକାଳରେ ସେ ଅଶ୍ୱାରୋହଣର ଆନନ୍ଦକୁ ଉପଭୋଗ କରୁଥିଲେ । ଆଧୁନିକ ଭାବରେ ସେ ଦୀପାବଳିରେ ଆତସବାଜି ପ୍ରଦର୍ଶନ କରୁଥିଲେ । କ୍ରିକେଟ୍ ଖେଳ ପ୍ରତି ତାଙ୍କର ରୁଚି ଥିଲା । କଲେଜ ଜୀବନରେ କ୍ରିକେଟ୍ ଖେଳରେ ସେ ଦକ୍ଷ ଥିଲେ ।

ତାଙ୍କ ଜୀବନରେ ରୋଗବ୍ୟାଧିର ପୀଡ଼ା କେବେ ବି ସୃଷ୍ଟି ହୋଇ ନ ଥିଲା । ଆଦର୍ଶ ପିତାମାତାଙ୍କର ସାନ୍ନିଧ୍ୟ ଲାଭ କରି, ସୁମହାନ୍ ଭାରତୀୟ ସଂସ୍କୃତିର ମହାନତା ସହିତ ଶୈଶବରୁ  ପରିଚିତ ହୋଇ ବ୍ରହ୍ମଜ୍ଞାନର ଆଦର୍ଶକୁ ଜୀବନରେ ବିକଶିତ କରିବା ନିମିତ୍ତ ସେ ଜନ୍ମରୁ ସତତ ଚେଷ୍ଟିତ ଥିଲେ । ପ୍ରୀତିପୂର୍ଣ୍ଣ ପରିବେଶ ହିଁ ବର୍ଦ୍ଧିଷ୍ଣୁ ଶିଶୁପ୍ରାଣର ବିକାଶକୁ ତ୍ୱରାନ୍ୱିତ କରେ । ଶ୍ରୀରାମଙ୍କ ଜୀବନରେ ଏହା ହିଁ ପରିଲକ୍ଷିତ ହୋଇଥିଲା । ମାତା ସେଶମ୍ମାଲ ଆୟାରଙ୍କର ସେ ଥିଲେ ଅଲିଅଳ ପୁତ୍ର । ମାଡ୍ରାସ ହିନ୍ଦୁ ହାଇସ୍କୁଲରେ ଶିକ୍ଷା ସମାପନ ପରେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ସଂସ୍କୃତ ଓ ଗଣିତ ବିଷୟରେ ଅଧ୍ୟୟନ କରି ସେ ବ୍ୟାଚେଲର ଡିଗ୍ରୀ ହାସଲ କରିଥିଲେ ।

ଏନ୍.ଶ୍ରୀରାମଙ୍କର ଜୀବନରେ ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ ସହିତ ଭାରତୀୟ ମୂଲ୍ୟବୋଧର ଥିଲା ସୁନ୍ଦର ସମନ୍ୱୟ । ସେତେବେଳେ ଦକ୍ଷିଣ ଭାରତୀୟ ବ୍ରାହ୍ମଣ ସମାଜରେ ମୁଖରେ ନିଶ କିମ୍ବା ଦାଢ଼ି ରଖି କୌଣସି ବିବାହ ଉତ୍ସବରେ ଅଂଶଗ୍ରହଣ କରିବାର ପରମ୍ପରା ନ ଥିଲା । ମାତ୍ର ଏ ସମସ୍ତ ପରମ୍ପରାକୁ ଭ୍ରୂକ୍ଷେପ ନ କରି ଏନ୍. ଶ୍ରୀରାମ ତାଙ୍କର ମୁଖରେ ଏକ ସୁନ୍ଦର ନିଶ ରଖି ବିବାହ ସମ୍ପନ୍ନ କରିଥିଲେ । ଏପରିକି ନିଜର ବିବାହ ଅନୁଷ୍ଠାନରେ ତତ୍କାଳୀନ ସମାଜରେ ପ୍ରଚଳିତ ଥିବା ବହୁ ପରମ୍ପରାକୁ

ସେ ପାଳନ କରିବାକୁ ପ୍ରତ୍ୟାଖ୍ୟାନ କରିଥିଲେ । ୧୯୦୮ ମସିହାରେ ଶ୍ରୀରାମ ଭାଗୀରଥୀଙ୍କୁ ବିବାହ କରିଥିଲେ । ପତ୍ନୀ ଭାଗୀରଥୀଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନବୋଧ ଥିଲା । ସେ ଯାହାକିଛି ଉପାର୍ଜନ କରୁଥିଲେ ସବୁକିଛି ଭାଗିରଥୀଙ୍କ ହାତରେ ଅର୍ପଣ କରି ଦେଉଥିଲେ ଏବଂ ଆବଶ୍ୟକ ହେଲେ ତାଙ୍କଠାରୁ ଅର୍ଥ ଆଣି ଖର୍ଚ୍ଚ କରୁଥିଲେ । ତାଙ୍କର ତିନୋଟି ସନ୍ତାନ ମଧ୍ୟରୁ ଦୁଇ ପୁତ୍ରଙ୍କ ନାମ ହେଲା ବସନ୍ତ ଏବଂ ବଜ୍ର । ତାଙ୍କର କନ୍ୟା ରାଧା ପରବର୍ତ୍ତୀ କାଳରେ ଥିଓସୋଫିକାଲ ସୋସାଇଟିର ସଭାପତି ଭାବରେ ବହୁବାର ନିର୍ବାଚିତ ହୋଇଥିଲେ ।

ଥିଓସୋଫିର ଚିନ୍ତା-ଚେତନା ତାଙ୍କର ତାରୁଣ୍ୟକୁ ପ୍ରଭାବିତ କରିଥିଲା । ମନସ୍ୱୀ ଶ୍ରୀରାମଙ୍କର ହୃଦୟର ସରଳତାକୁ, ଏକ ନିଷ୍କପଟ ପ୍ରାଣର ଅନାବିଳ ଭାବଧାରାକୁ, ଏକ ବ୍ରହ୍ମବାଦୀ ଆତ୍ମାର ଆତ୍ମନିବେଦନକୁ ସାଂସାରିକ ସୁଖ ବିପଥଗାମୀ କରିପାରି ନ ଥିଲା । ସାଧାରଣ ବ୍ୟକ୍ତିର ଭୋଗସର୍ବସ୍ୱ ଆବେଗ ଉଦ୍ଦୀପନା ନେଇ ସେ ସଂସାରକୁ ଅନୁଧ୍ୟାନ କରିବାକୁ କେବେ ବି ଅଗ୍ରସର ହୋଇ ନଥିଲେ ।

୧୯୦୬ ମସିହାରେ କର୍ଣ୍ଣେଲ୍ ଆଲ୍‌କଟ୍‌ଙ୍କର ସଭାପତିତ୍ୱରେ ଥିଓସୋଫିକାଲ୍ ସୋସାଇଟିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଶ୍ରୀରାମ ଉପସ୍ଥିତ ହୋଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୦୮ ମସିହା ଡିସେମ୍ବର ମାସରେ ଆନି ବେସାନ୍ତ୍ ଜର୍ଜ ଅରୁଣ୍‌ଡେଲ୍‌ଙ୍କର ଉପସ୍ଥିତିରେ ଶ୍ରୀରାମଙ୍କୁ ଥିଓସୋଫିକାଲ ସୋସାଇଟିରେ ଦୀକ୍ଷିତ (Initiated) କରାଇଥିଲେ । ଏହାପରେ ୧୯୦୯ ମସିହାରେ ଔପଚାରିକ ଭାବରେ ସେ ଥିଓସୋଫିକାଲ୍ ସୋସାଇଟିର ସଦସ୍ୟତା ଗ୍ରହଣ କରିଥିଲେ । ସେହି ବର୍ଷ ସେ ଥିଓସୋଫିକାଲ୍ ସୋସାଇଟିର ଆଉ ଏକ ଅନୁପମ ବ୍ୟକ୍ତିତ୍ୱ ଲିଡ୍‌ବିଟରଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଲାଭ କରିଥିଲେ । ଲିଡ୍‌ବିଟରଙ୍କ ଅନୁପ୍ରେରଣାତ୍ମକ ବାଣୀ, ତାଙ୍କ ଲେଖନୀର ସରଳ ତରଳ ଭାଷା, ତାଙ୍କର କର୍ମଯୋଗୀ ଜୀବନର ନିରଳସ କର୍ମଧାରା, ଉଦାର ଜୀବନର ଗାମ୍ଭୀର୍ଯ୍ୟ ଓ ପ୍ରଶାନ୍ତି, ଥିଓସୋଫି କ୍ଷେତ୍ରରେ ତାଙ୍କର ଅବଦାନ ଶ୍ରୀରାମଙ୍କୁ ପ୍ରଭାବିତ କରିଥିଲା ।

୧୯୧୩ ମସିହାରେ ଆନ୍ଧ୍ରପ୍ରଦେଶର ଚିତ୍ତୋର ଜିଲ୍ଲାରେ ଥିବା ମଦନାପଲ୍ଲୀ ଥିଓସୋଫିକାଲ୍ ସ୍କୁଲରେ ସେ ଶିକ୍ଷକ ଭାବେ ନିଯୁକ୍ତି ଲାଭ କରିଥିଲେ । ଆନ୍ଧ୍ରପ୍ରଦେଶରେ ଥିବା ସତ୍ତ୍ୱେ ପ୍ରତ୍ୟେକ ମାସରେ ଦୀର୍ଘପଥ ଅତିକ୍ରମ କରି, ଟ୍ରେନ୍ ଓ ପ୍ଲାଟ୍‌ଫର୍ମରେ ରାତ୍ରିଯାପନ କରି ଛୁଟିଦିନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିଲେ । ଏହି ଶିକ୍ଷକତା ସମୟରେ ପ୍ରଚଳିତ ପରମ୍ପରା ବିରୁଦ୍ଧରେ ଯାଇ ବ୍ରାହ୍ମଣ ହେବା ସତ୍ତ୍ୱେ ଏକ ହରିଜନ ବ୍ୟକ୍ତିଙ୍କୁ ସେ ତାଙ୍କର ରୋଷେଇ କାର୍ଯ୍ୟ କରିବା ନିମିତ୍ତ ନିଯୁକ୍ତି ପ୍ରଦାନ କରିଥିଲେ ।

୧୮୯୩ ମସିହାରେ ଆନି ବେସାନ୍ତ୍‌ଙ୍କର ଭାରତ ଆଗମନ ଭାରତୀୟ ଆଧ୍ୟାତ୍ମିକ ଦିଗନ୍ତକୁ ଅଧିକତର ସମୁଜ୍ଜ୍ୱଳ କରିଥିଲା । ୧୯୦୭ ରୁ ୧୯୩୩ ମସିହା ପର୍ଯ୍ୟନ୍ତ ଆନି ବେସାନ୍ତ୍ ଥିଓସୋଫିକାଲ୍ ସୋସାଇଟିର ସଭାପତି ଥିଲାବେଳେ ସୋସାଇଟିର ସଦସ୍ୟ ସଂଖ୍ୟା ୪୫୦୦୦ କୁ ବୃଦ୍ଧି ହୋଇ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା । ବିଶେଷଭାବରେ ଆନି ବେସାନ୍ତ୍‌ଙ୍କର ବ୍ୟକ୍ତିତ୍ୱ ଏନ୍. ଶ୍ରୀରାମଙ୍କର ପ୍ରାଣତନ୍ତ୍ରୀରେ ସୂକ୍ଷ୍ମାତିସୂକ୍ଷ୍ମ ତରଙ୍ଗ ସୃଷ୍ଟି କରିବା ସଙ୍ଗେସଙ୍ଗେ ତାଙ୍କର ଚିତ୍ତବୃତ୍ତିକୁ କେନ୍ଦ୍ରୀଭୂତ କରିଥିଲା । ଏକ ମହାନ୍ ଆତ୍ମାର ଦିବ୍ୟଭାବନାସକଳର ସାନ୍ନିଧ୍ୟ ଲାଭ କରିବାର ସୌଭାଗ୍ୟକୁ ପ୍ରାପ୍ତ ହୋଇ ବ୍ରହ୍ମୋପାସକ ଭାବରେ ଜୀବନକୁ ଅନ୍ତର୍ମୁଖୀ କରିବାକୁ ସେ ବଦ୍ଧପରିକର ଥିଲେ । ୧୯୧୩ ମସିହାରେ ଆନି ବେସାନ୍ତ୍ ଭାରତୀୟ ରାଜନୀତିରେ ଯୋଗଦାନ କରିଥିଲେ । ୧୯୧୪ ମସିହାରେ ସେ ଏକ ସମ୍ବାଦପତ୍ର ପ୍ରକାଶ କରିଥିଲେ, ଯାହାର ନାମ ଥିଲା Madras Standard ଏବଂ ପରବର୍ତ୍ତୀ ସମୟରେ ସେ ଏହାକୁ New India ନାମରେ ନାମିତ କରିଥିଲେ । ଶ୍ରୀ ରାମ ୧୯୧୯ରେ ନ୍ୟୁ ଇଣ୍ଡିଆର ସମ୍ପାଦକ ମଣ୍ଡଳିରେ ଜଣେ କର୍ମକର୍ତ୍ତା ଭାବରେ ଯୋଗଦେଇଥିଲେ । ଆନି ବେସାନ୍ତ୍‌ଙ୍କର ଶିଷ୍ୟତ୍ୱ ଗ୍ରହଣ କରି ଖ୍ୟାତି, କ୍ଷମତା, ଯଶ, ସମ୍ମାନ ପ୍ରତି ଉଦାର-ଉଦାସୀନ ରହି ଅନାସକ୍ତ ଭାବରେ ଥିଓସୋଫିକାଲ ସୋସାଇଟିର ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀରାମ ନିଜକୁ ପୂର୍ଣ୍ଣମାତ୍ରାରେ ସମର୍ପଣ କରିଦେଇଥିଲେ । ୧୯୩୩ ରେ ଆନିବେସାନ୍ତଙ୍କର ଓ ୧୯୩୪ରେ ଲିଡ୍‌ବେଟରଙ୍କର ଦେହାନ୍ତ ପରେ ଜର୍ଜ ଅରୁଣ୍ଡେଲ୍ ଥିଓସୋଫିକାଲ୍ ସୋସାଇଟିର ସଭାପତି ହୋଇଥିଲେ । ଏହି

ସମୟରେ ଏନ୍. ଶ୍ରୀରାମ ୧୯୩୭ରୁ ୧୯୩୯ ପର୍ଯ୍ୟନ୍ତ ଥିଓସୋଫିକାଲ୍ ସୋସାଇଟିର କୋଷାଧ୍ୟକ୍ଷ (Treaserer) ଭାବରେ ୧୯୩୯ରୁ ୧୯୪୨ ପର୍ଯ୍ୟନ୍ତ Recording Secretary ଭାବରେ, ୧୯୪୨ରୁ ୧୯୪୬ ପର୍ଯ୍ୟନ୍ତ ଉପସଭାପତି ଭାବରେ ଥିଓସୋଫିକାଲ୍ ସୋସାଇଟିରେ କାର୍ଯ୍ୟ କରିଥିଲେ ।

୧୯୪୫ ମସିହାରେ ଅରୁଣ୍ଡେଲ୍ଙ୍କ ଦେହାନ୍ତ ପରେ ସି. ଜିନାରାଜାଦାସା ଥିଓସୋଫିକାଲ୍ ସୋସାଇଟିର ସଭାପତି ହୋଇଥିଲେ । ସେ ହିଁ ପ୍ରଥମେ ଶ୍ରୀରାମଙ୍କୁ ବିଭିନ୍ନ ଦେଶ ଭ୍ରମଣ କରି ଥିଓସୋଫିର ବାଣୀ ପ୍ରଚାର କରିବାକୁ କହିଥିଲେ । ତାଙ୍କ ଜୀବନର ସର୍ବପ୍ରଥମ ଆନ୍ତର୍ଜାତିକ ଯାତ୍ରାର ଆରମ୍ଭ ୧ ଡିସେମ୍ବର ୧୯୪୬ରୁ ୨୧ ଜାନୁୟାରୀ ୧୯୪୭ ମଧ୍ୟରେ ସଂଘଟିତ ହୋଇଥିଲା । ସେ ପ୍ରଥମେ ନିଉଜିଲାଣ୍ଡର ଅକ୍ଲାଣ୍ଡରେ ଅନୁଷ୍ଠିତ ହେଉଥିବା ନିଉଜିଲାଣ୍ଡ ଥିଓସୋଫିକାଲ୍ ସେକ୍ସନ୍ର ସ୍ୱର୍ଣ୍ଣଜୟନ୍ତୀରେ ଯୋଗଦାନ କରି ଏକ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ । ଯାହାର ବିଷୟବସ୍ତୁ ଥିଲା– “A Vision of Theosophy in the New Age” । ଏହାପରେ ଅଷ୍ଟ୍ରେଲିଆ ଗସ୍ତ କରି ଥିଓସୋଫିକାଲ ସୋସାଇଟିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ତାଙ୍କର ମୁକ୍ତ ଚିନ୍ତନ, ବୌଦ୍ଧିକ ପ୍ରତିଭା, ଧାର୍ମିକ ସହନଶୀଳତା ବିଶ୍ୱଦରବାରରେ ଥିଓସୋଫିର ପ୍ରଚାର ପ୍ରସାରକୁ ତୀବ୍ର କରିଥିଲା । ପୁନର୍ବାର ୧୯୪୭ ମସିହା ଅଗଷ୍ଟ ୧୭ତାରିଖରୁ ୭ ନଭେମ୍ବର ପର୍ଯ୍ୟନ୍ତ ଇଉରୋପ ଯାତ୍ରା କରି ସେ ଇଂଲଣ୍ଡ, ସ୍କଟ୍ଲାଣ୍ଡ, ୱେଲ୍ସ, ହଲାଣ୍ଡ, ଫ୍ରାନ୍ସରେ ଥିବା ସୋସାଇଟିର ବିଭିନ୍ନ ଶାଖାରେ ଯୋଗଦାନ କରି ଅତି ଉଚ୍ଚକୋଟୀର ଭାଷଣ ପ୍ରଦାନ କରିଥିଲେ । ୧୯୪୮ ମସିହାରେ ସେ ଆମେରିକା, କାନାଡ଼ା, କ୍ୟୁବାକୁ ଗସ୍ତ କରିଥିଲେ । ୧୯୫୦ ମସିହା ଏପ୍ରିଲ୍ ୬ ତାରିଖରୁ ମେ ୬ ତାରିଖ ପର୍ଯ୍ୟନ୍ତ ସେ ଆଫ୍ରିକାରେ ଥିବା ନାଇରୋବି, ପେମ୍ବା, ଜାଞ୍ଜିବର ଆଦି ଦେଶଗୁଡ଼ିକୁ ଯାତ୍ରା କରିଥିଲେ ।

୧୯୫୬ ମସିହାରେ ଜିନାରାଜାଦାସାଙ୍କର ସ୍ୱାସ୍ଥ୍ୟରେ ଅବନତି ହୋଇଥିଲା । ପୁନର୍ବାର ଥିଓସୋଫିକାଲ୍ ସୋସାଇଟିର ସଭାପତି ହେବାକୁ ତାଙ୍କର ଆଉ ଇଚ୍ଛା ନଥିଲା । ଶ୍ରୀରାମ ଜିନାରାଜାଦାସାଙ୍କର ନିମନ୍ତ୍ରଣ ରକ୍ଷା କରିଥିଲେ । ୧୭ ଫେବୃୟାରୀ

୧୯୫୩ ମସିହାରେ ସେ ଥିଓସୋଫିକାଲ୍ ସୋସାଇଟିର ସଭାପତି ପଦ ଅଳଙ୍କୃତ କରିଥିଲେ । ଜିନାରାଜାଦାସା ସ୍ୱହସ୍ତରେ ଶ୍ରୀରାମଙ୍କୁ ପ୍ରେସିଡେନ୍‌ଟାଲ୍ ରିଙ୍ଗ୍ (Presidental Ring) ପିନ୍ଧାଇ ଦେଇଥିଲେ । ଜଣେ କାର୍ଯ୍ୟକାରୀ ସଭାପତି ଆଉ ଜଣେ ନବାଗତ ସଭାପତିଙ୍କୁ ଏପରି Presidental Ring ପିନ୍ଧାଇବା ଥିଓସୋଫିକାଲ୍ ସୋସାଇଟିର ଇତିହାସରେ ପ୍ରଥମ । ସଭାପତି ହୋଇ ସାରିବା ପରେ ଶ୍ରୀରାମ ତାଙ୍କ ସହକର୍ମୀ ଓ ଅନୁଗତମାନଙ୍କୁ ନିବେଦନ କରି ଲେଖିଥିଲେ– "If I am elected no personality worship, no laudatory speeches, only one garland, no personal congrataltions, one address from me, no beflagging. Do not mind a simple decoration of hall with leaves would be willing to meet any gamp at a party, as it is only a means of contact. Any messages may be read. No prayers, no music at the inuagural meeting. Nothing glamorous. Giving food or clothes to employees in honour of the retiring president (a few days after inauguration). I do not mind being photographed."

ଉପରୋକ୍ତ ବାକ୍ୟଗୁଡ଼ିକ ତାଙ୍କ ଜୀବନର ଆଦର୍ଶକୁ ପ୍ରତିବିମ୍ବିତ କରୁଛି । ଆନି ବେସାନ୍ତ୍‌ଙ୍କଦ୍ୱାରା ଅନୁପ୍ରାଣିତ ହୋଇ ଦୀର୍ଘ ଦୁଇ ଦଶନ୍ଧି ଧରି ସେ ଥିଓସୋଫିକାଲ ସୋସାଇଟିର ସଭାପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ରକ୍ଷଣଶୀଳ ବ୍ରାହ୍ମଣ ସମାଜର ପରମ୍ପରା ଯଦିଓ ତାଙ୍କୁ ଆକୃଷ୍ଟ କରିପାରି ନ ଥିଲା; ତଥାପି ଭାରତୀୟ ଜୀବନଦର୍ଶନ ଓ ମୂଲ୍ୟବୋଧ ତାଙ୍କୁ ପ୍ରଭାବିତ କରିଥିଲା । ଥିଓସୋଫି କିପରି ମାନବ ସମାଜରେ ଏକ ବୌଦ୍ଧିକ ରୂପାନ୍ତର ଆଣିପାରିବ, ପ୍ରକୃତି ତଥା ଏହି ବିଶ୍ୱବ୍ରହ୍ମାଣ୍ଡରେ ଲୁକ୍କାୟିତ ଥିବା ସତ୍ୟକୁ ଥିଓସୋଫି ମାଧ୍ୟମରେ କିପରି ଉନ୍ମୋଚନ କରି ହେବ ଏବଂ ସତ୍ୟର ଉଦ୍‌ଘାଟନରେ ଆମେ କିପରି ଭାବରେ ପରମାତ୍ମାର ଭାବକୁ ପ୍ରାପ୍ତ ହୋଇ ଏହି ବିଶ୍ୱକୁ ଏକ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ପାରିବା ଏଥିପାଇଁ ସେ

ସଦାସର୍ବଦା ଚେଷ୍ଟିତ ଥିଲେ । ତାଙ୍କ ଜୀବନକୁ ବ୍ରହ୍ମବିଦ୍ୟାର ସ୍ନିଗ୍ଧ-ସାବଲୀଳ ପ୍ରବାହ ସେଚିତ କରିରଖିଥିଲା ।

ଜୀବନର ଯଜ୍ଞବେଦୀରେ ଏନ୍. ଶ୍ରୀରାମ ଥିଲେ ଏକ ଆସକ୍ତିବିହୀନ ଯୋଗୀ ସଦୃଶ ନିରନ୍ତର କର୍ମତତ୍ପର । ଏହା ତାଙ୍କର ଶରୀରକୁ ପ୍ରଭାବିତ କରିଥିଲା । ୧୯୭୩ ସିହାରେ ତାଙ୍କର ସ୍ୱାସ୍ଥ୍ୟରେ ଅବନତି ଦେଖାଦେଲା । ଏହି ବର୍ଷ ଏପ୍ରିଲ ମାସରେ ତାଙ୍କୁ ଇଣ୍ଡୋନେସିଆରେ ଥିବା ଥିଓସୋଫିକରାଲ୍ ସୋସାଇଟିର ଏକ ଶାଖାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ଥିଲା । ମାର୍ଚ୍ଚ ମାସରେ ଶ୍ରୀରାମ ଅସାଧାରଣ କ୍ଲାନ୍ତି ଅନୁଭବ କରୁଥିଲେ । ତେବେ ତାଙ୍କ ଶରୀରରେ ବାହ୍ୟତଃ କୌଣସି ବିଶେଷ ଲକ୍ଷଣ ଦେଖାଯାଇ ନ ଥିଲା । ବହୁ ପରୀକ୍ଷା-ନିରୀକ୍ଷା ପରେ ଡାକ୍ତରମାନେ ତାଙ୍କୁ ବିଶ୍ରାମ କରିବାକୁ ପରାମର୍ଶ ଦେଇଥିଲେ । ଧୀରେଧୀରେ ତାଙ୍କର ଶରୀର ଶିଥିଳ ହେବାକୁ ଲାଗିଲା । ଶନିବାର ଏପ୍ରିଲ ୭ତାରିଖ ଦିନ ତାଙ୍କର ଶରୀରରେ ଏକ ନିଷ୍ପ୍ରଭତା ପରିଲକ୍ଷିତ ହୋଇଥିଲା । ଏପ୍ରିଲ ୮ ତାରିଖ ଦିନ ତାଙ୍କର ଶରୀରରେ କିଛିଟା ଉନ୍ନତି ଆସିଥିଲା । ମାଡ୍ରାସର ତତ୍କାଳୀନ ଗଭର୍ଣ୍ଣର କେ. କେ. ସାହା ଯିଏ କି ଶ୍ରୀରାମଙ୍କର ଅତ୍ୟନ୍ତ ଅନୁଗତ ଥିଲେ, ତାଙ୍କୁ ଭେଟ କରିବା ନିମିତ୍ତ ଆଡୟାର୍ ଗସ୍ତ କରିଥିଲେ । ଅପରାହ୍ନରେ ଶ୍ରୀରାମଙ୍କର ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇଯାଇଥିଲା । ସଂଯମ ଓ ସାଧନାର ପଥରେ ଅଗ୍ରସର ହୋଇ, ଥିଓସୋଫିର ମନ୍ତ୍ରରେ ନିଜକୁ ଦୀକ୍ଷିତ କରି ଏହି ଜଞ୍ଜାଳକ୍ଲିଷ୍ଟ ସମାଜରେ ମଧୁରତାର ନିର୍ଝର ସୃଷ୍ଟି କରି ଏହି ମହାପୁରୁଷ ୧୯୭୩ ମସିହା ଏପ୍ରିଲ ୮ ତାରିଖରେ ମହାସମାଧି ଲାଭ କରିଥିଲେ । କନ୍ୟା ରାଧା ବର୍ଣ୍ଣିୟର, ଭଗିନୀ ଶିବକାମୁଙ୍କ ସହିତ ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ ମାତା ସେଶମ୍ମଲ । ଯେଉଁ ମାତା ତାଙ୍କୁ ଏହି ଭୂ-ଲୋକରେ ଜନ୍ମ ଦେଇଥିଲେ, ଜୀବନର ଶେଷଲଗ୍ନରେ ତାଙ୍କ ନିକଟରେ ଉପସ୍ଥିତ ରହି ଶ୍ରୀ ରାମଙ୍କୁ ବ୍ରହ୍ମଲୋକକୁ ଯିବାପାଇଁ ଆଶୀର୍ବାଦ ଦେଇଥିଲେ ।

ଏନ୍. ଶ୍ରୀରାମ ଜଣେ ଅନୁଭୂତିପକ୍ୱ ଲେଖକ ଭାବରେ ତାଙ୍କର ବୁଦ୍ଧିଦୀପ୍ତ ବିଶ୍ଳେଷଣ ମାଧ୍ୟମରେ ବହୁ ପୁସ୍ତକ ରଚନା କରିଛନ୍ତି । ତାଙ୍କର ସୁମହାନ୍ ରଚନାଗୁଡ଼ିକ


ହେଲା– An Approach to Reality, The Human Interest and other addresses, Short Essay, A Theosophist Looks at the World, An Approach to Reality, Man his Origin and Evolution, Thoughts for Aspirants, Life's Deeper Aspects, Seeking Wisdom.

ତାଙ୍କ ମତରେ ଅକ୍ଲାନ୍ତ ସାଧନା ଓ ଅଧ୍ୟୟନଦ୍ୱାରା ମାନବଜୀବନରେ ଅପ୍ରତ୍ୟାଶିତ ଭାବରେ ଏକ ଅନ୍ତର୍ଦ୍ୱାର ଉଦ୍‌ଘାଟିତ ହୁଏ ଓ ସେହି ପଥ ଦେଇ ଅଗ୍ରସର ହେଲେ ସେ ଏକ ସମୁଜ୍ଜ୍ୱଳ ଚେତନାର ଦୀପ୍ତିରେ ଉଦ୍‌ଭାସିତ ହୋଇଉଠେ । ସଙ୍ଗେ ସଙ୍ଗେ ସେ ତାର ଚେତନାର ଅମରତ୍ୱ ସମ୍ପର୍କରେ ସୁନିଶ୍ଚିତ ହୁଏ । ତାର ସ୍ଥୂଳ ଶରୀରର ଅବନତି ଘଟୁଥିଲେ ମଧ୍ୟ ସେ ଯେ ଅନନ୍ତ, ଅବିନାଶୀ ଓ ଶାଶ୍ୱତ, ଏହି ବାସ୍ତବ ଉପଲବ୍ଧିରେ ସେ ଆନନ୍ଦାଭିଭୂତ ହୋଇଉଠେ । Life's Deeper Aspect ପୁସ୍ତକରେ ସେ ଉଲ୍ଲେଖ କରିଛନ୍ତି ଯେ ମାନବ ବ୍ୟକ୍ତିତ୍ୱରେ ଏପରି ଏକ ଅଫୁରନ୍ତ ଶକ୍ତିର ଉତ୍ସ ରହିଛି, ଯାହା ସବୁକିଛିଠାରୁ ଭିନ୍ନ ହୋଇଥାଏ । ଏହି କାରଣ ହେତୁ ତାହା ଜୀବନର ଗତାନୁଗତିକ ଚକ୍ରଦ୍ୱାରା ପ୍ରଭାବିତ ହୁଏ ନାହିଁ । ଏହାର ସ୍ୱରୂପ ଜଡ଼ର ମାୟାଜାଲରେ ଛନ୍ଦି ହୋଇ ପାରେନା । ଏହାର ନୈପୁଣ୍ୟରେ ନିହିତ ଅଛି ଜ୍ଞାନ ଆଉ ମୁକ୍ତିର ମାର୍ଗ, ଯାହାକୁ ଆମେ ପୂର୍ଣ୍ଣ ଆଧ୍ୟାତ୍ମିକତା କହିପାରିବା । ଏହି ଆଧ୍ୟାତ୍ମିକ ଭାବକୁ ଭିତ୍ତି କରି ଆମେ ଏହାକୁ ଆତ୍ମା ନାମରେ ଅଭିହିତ କରିପାରିବା । ପ୍ରତ୍ୟେକ ଆତ୍ମାର ଏକ ନିଜସ୍ୱ ବୋଧଶକ୍ତି ରହିଛି । ଏହି ବୋଧଶକ୍ତି ଏକ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପ ଲାଭ କରେ । ଏହାର ପ୍ରକୃତି ସାଂସାରିକ ଜୀବନ ପ୍ରବାହର ସମୀକରଣରେ ସୃଷ୍ଟି ହୋଇନାହିଁ । ବରଂ ନିଜର ଅଭ୍ୟନ୍ତରରେ ସଦାସର୍ବଦା ଅନୁଭୂତ ହେଉଥିବା ସତ୍ୟକୁ ସେ ଉଦ୍‌ଘାଟନ କରିବାକୁ ଚେଷ୍ଟା କରିଥାଏ ଏବଂ ନିଜ ମଧ୍ୟରେ ଥିବା ସେହି ଅମୃତମୟ ଶକ୍ତିର ସ୍ପର୍ଶରେ ସେ ଆନନ୍ଦିତ ହୋଇଉଠେ ।

ଏନ୍‌. ଶ୍ରୀରାମଙ୍କ ଜୀବନ ହେଉଛି ଅଧ୍ୟୟନ, ସାଧନା ଓ ମାନବପ୍ରୀତିର ଏକ ସାର୍ଥକ ଅଭିବ୍ୟକ୍ତି । ଏକ ସଙ୍କଟମୟ ଶତାବ୍ଦୀର ସନ୍ଧିକ୍ଷଣରେ ଗୋଟିଏ

ଆତ୍ମପ୍ରତ୍ୟୟହୀନ ଜାତିର ଦୁର୍ଗମ-ଦୁସ୍ତର, କଣ୍ଟକମୟ ତଥା ବନ୍ଧୁର ଯାତ୍ରାପଥରେ ସେ ଏକ ସମୁଜ୍ଜ୍ୱଳ ଆଲୋକ ସ୍ତମ୍ଭ । ତାଙ୍କର ବ୍ୟକ୍ତିଗତ ଜୀବନର ପ୍ରତିଟି ପର୍ଯ୍ୟାୟରେ ତ୍ୟାଗ-ତିତିକ୍ଷାର ମହାମନ୍ତ୍ର ଉଦାର ଉଦାତ୍ତ କଣ୍ଠରେ ଗାନ କରି ସମ୍ବେଦନଶୀଳତା, ସହାନୁଭୂତି, ପ୍ରେମପ୍ରୀତି, ଦୟା-ଦାକ୍ଷିଣ୍ୟ, ସ୍ନେହ-ଶ୍ରଦ୍ଧାର ନିର୍ଝର ଢାଳି ଥିଓସୋଫିର ବାଣୀ ପ୍ରଚାର କରି ଯଦି କିଏ ଏ ବିଶ୍ୱକୁ ଭଲପାଇଥାଏ ତେବେ ସେ କ୍ଷେତ୍ରରେ ନୀଳକଣ୍ଠ ଶ୍ରୀରାମଙ୍କର ନାମ ଚିରଦିନ ସ୍ମରଣୀୟ ହୋଇ ରହିବ ।

❖❖❖



# ଜନ୍ ବାଲ୍‌ଫୋର୍ ସିମିଂଟନ୍ କୋଟ୍‌ସ୍

## ଡକ୍ଟର ଚିନ୍ମୟୀ ମହାପାତ୍ର

ବ୍ରହ୍ମବିଦ୍ୟା ସମିତିର ଷଷ୍ଠ ଆନ୍ତର୍ଜାତିକ ସଭାପତି ଜନ୍ ବାଲ୍‌ଫୋର୍ ସିମିଂଟନ୍ କୋଟ୍‌ସ୍ ୧୯୦୬ ମସିହା ଜୁଲାଇ ୮ ତାରିଖରେ ସ୍କଟ୍‌ଲାଣ୍ଡ୍‌ର ପେସ୍‌ଲିସ୍ଥିତ ସନ୍‌ଡ୍ରମ୍ କେସ୍‌ଲ୍‌ରେ ଜନ୍ମଗ୍ରହଣ କରିଥିଲେ । ୧୯୧୮ରୁ ୧୯୨୪ ପର୍ଯ୍ୟନ୍ତ ଏଟନ୍ କଲେଜରେ ଅଧ୍ୟୟନ କରି ଡିଗ୍ରୀ ଲାଭ କରିବା ପରେ ତାଙ୍କ ପରିବାର ତାଙ୍କୁ ଫରାସୀ ଭାଷା ଶିଖିବା ପାଇଁ ଅଠର ମାସ ପାଇଁ ଫ୍ରାନ୍‌ସ ପଠାଇଥିଲେ। ଫ୍ରାନ୍‌ସରୁ ପ୍ରତ୍ୟାବର୍ତ୍ତନ ପରେ ସେ ନିଜ ପରିବାରର ବ୍ୟବସାୟିକ ସଂସ୍ଥା ଜେ.ଏଣ୍ଡ୍.ପି. କୋଟ୍‌ସ୍‌ର ଗ୍ଲାସଗୋଠାରେ ଥିବା କାର୍ଯ୍ୟାଳୟରେ ଯୋଗ ଦେଇଥିଲେ । ସେଠାରେ ଥିବା ସମୟରେ ସେ ଜର୍ମାନ୍ ଭାଷା ଶିକ୍ଷା କରିଥିଲେ । ସେ ଇଂଲଣ୍ଡ ଫେରିବାକୁ ଚାହିଁଥିଲେ। କିନ୍ତୁ ପରିବାରର ଅନେକ ସଦସ୍ୟ ଇଂଲଣ୍ଡରେ ରହି ବ୍ୟବସାୟ ସମ୍ଭାଳୁଥିବାରୁ ତାଙ୍କୁ ଭିଏନାରେ ରହିବାକୁ କୁହାଯାଇଥିଲା । ତେଣୁ ୧୯୩୧ ରେ ସେ ସେଠା ଛାଡ଼ି ଲଣ୍ଡନ୍ ଚାଲିଆସିଲେ ଓ ଷ୍ଟକ୍ ଏକ୍ସଚେଞ୍ଜ୍‌ରେ କାମ କଲେ । ସେଠାରେ ତାଙ୍କର ବେଟ୍‌ସାନ୍ ହର୍ଲିକ୍‌ଙ୍କ ସହିତ ପରିଚୟ ହୋଇଥିଲା । ପରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ।

ଗୋଟିଏ ବର୍ଷ ପରେ ସେ ଭିଏନା ଫେରି ହେଲିକପ୍ଟର୍ ନିର୍ମାଣ କାର୍ଯ୍ୟରେ ଯୋଗ ଦେବାକୁ ଚାହିଁଥିଲେ । ସେଠାରେ ଏକ କାଫେରେ ବସିଥିବା ବେଳେ ଜଣେ ଅଜ୍ଞାତ ବ୍ୟକ୍ତିଙ୍କଠାରୁ ବ୍ରହ୍ମବିଦ୍ୟା ବିଷୟରେ ଶୁଣି ସେ ପ୍ରଭାବିତ ହୋଇଥିଲେ ଓ ତାଙ୍କ ଜୀବନର ଗତିପଥ ବଦଳି ଯାଇଥିଲା । ଏଥିପୂର୍ବରୁ ଏକ ପକ୍ଷୀକୁ ଆହତ କରିଥିବାରୁ ମର୍ମାହତ ହୋଇ ସେ ଆମିଷଭୋଜନ ପରିତ୍ୟାଗ କରିବାର ସଂକଳ୍ପ ନେଇଥିଲେ । Moral Rearmament ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି ଧୂମପାନ ଓ ମଦ୍ୟପାନ ମଧ୍ୟ ଛାଡ଼ି ସାରିଥିଲେ ।

୧୯୩୨ ମସିହା ଅକ୍ଟୋବର ମାସରେ କୋଟ୍‌ସ୍ ଇଂଲଣ୍ଡ ଫେରିଲେ ଓ ନଭେମ୍ବର ୨ ତାରିଖରେ ବ୍ରହ୍ମବିଦ୍ୟା ସମିତିର ସଦସ୍ୟ ହେଲେ । ସେତେବେଳକୁ ଡକ୍ଟର ଆନି ବେସାନ୍ତ୍ ଆନ୍ତର୍ଜାତିକ ସଭାପତି ଥିଲେ । କୋଟ୍‌ସ୍‌ଙ୍କ ଡିପ୍ଲୋମାରେ ତାଙ୍କର ସ୍ୱାକ୍ଷର ମୁଦ୍ରିତ ଥିଲା । ୧୯୩୩ ଅକ୍ଟୋବର ୩୧ ତାରିଖରେ ତାଙ୍କର ବିବାହ ହେଲା । ପତି–ପତ୍ନୀ ଉଭୟ ବ୍ରହ୍ମବିଦ୍ୟା ପ୍ରତି ଆଗ୍ରହ ଓ ନିଷ୍ଠା ରଖି ଯାବଜ୍ଜୀବନ ବ୍ରହ୍ମବିଦ୍ୟା ସମିତି ସହିତ ଜଡ଼ିତ ରହିଥିଲେ । ସେମାନେ ଅନେକ ସମୟରେ ଏଚ୍.ଏଲ୍.ଗାର୍ଡ୍‌ନର୍‌ଙ୍କର ଐତିହ୍ୟଜଡ଼ିତ ବିରାଟ ଘର ଷ୍ଟାନ୍‌ଫୋର୍ଡ୍ ହାଉସ୍‌କୁ ଯାଉଥିଲେ ଓ ତାଙ୍କର ଜ୍ଞାନଗର୍ଭକ ବ୍ୟକ୍ତବ୍ୟମାନ ଶୁଣୁଥିଲେ । ସେଠାରେ ସି. ଜିନାରାଜାଦାସା, ଡକ୍ଟର ଅରୁଣ୍ଡେଲ୍ ପ୍ରମୁଖ ବ୍ରହ୍ମବିଦ୍ୟା ସମିତିର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଅନ୍ତରଙ୍ଗ ସମ୍ପର୍କ ବ୍ରହ୍ମବିଦ୍ୟାର ଗଭୀର ବାସ୍ତବତାକୁ ବୁଝିବାରେ ତାଙ୍କୁ ସାହାଯ୍ୟ କରିଥିଲା ବୋଲି ସେ ନିଜେ ପ୍ରକାଶ କରିଥିଲେ ।

୧୯୩୫ ମସିହାରେ କୋଟ୍‌ସ୍ ଦମ୍ପତି ବିଶ୍ୱର ବିଭିନ୍ନ ଦେଶ ଭ୍ରମଣ କରିବାକୁ ବାହାରି ଆଡାୟାରଠାରେ ପ୍ରାୟ ଛଅ ବର୍ଷ କଟାଇଥିଲେ । ସେହି ସମୟ ମଧ୍ୟରେ ସେମାନେ ଅରୁଣ୍ଡେଲ୍ ଦମ୍ପତିଙ୍କ ସହିତ କଳାକ୍ଷେତ୍ରର କାର୍ଯ୍ୟ କରିଥିଲେ । ସେମାନଙ୍କ ସହିତ ବାଲ୍‌କାନ୍‌ସ, ସ୍କାଣ୍ଡିନେଭିଆ ଆଦି ୟୁରୋପୀୟ ଦେଶକୁ ଯାଇ କାର୍ଯ୍ୟ କରିଥିଲେ ଓ ପ୍ରଥମେ ଇଂଲଣ୍ଡରେ ବ୍ରହ୍ମବିଦ୍ୟା ବିଷୟକ ଭାଷଣ ଦେବା ଆରମ୍ଭ କରିଥିଲେ ।

୧୯୩୫ ମସିହାରେ 'ଓ୍ୱାର୍ଲ୍‌ଡ୍ ଫେଡ଼େରେସନ୍ ଅଫ୍ ୟଙ୍ଗ୍ ଥିଓସଫିଷ୍ଟ୍‌ସ୍'କୁ ଆବଶ୍ୟକତା ଅନୁଯାୟୀ ଉନ୍ନତ ରୂପ ଦେବାପାଇଁ କୋଟ୍‌ସ୍ ଯଥେଷ୍ଟ ଉଦ୍ୟମ କରିଥିଲେ

ଓ ଅନେକ ବର୍ଷ ଧରି ତା'ର ଅଧ୍ୟକ୍ଷ ରହିଥିଲେ । ସମିତିର ଭବିଷ୍ୟତ ଉଜ୍ଜ୍ୱଳ କରିବାପାଇଁ ଯୁବଗୋଷ୍ଠୀକୁ ସକ୍ରିୟ କରିବା ଏକାନ୍ତ ଆବଶ୍ୟକ ବୋଲି ସେ ବୁଝିଥିଲେ । ଆନ୍ତର୍ଜାତିକ ସଭାପତି ହେଲା ପରେ ୧୯୭୪ ମସିହାରେ ସେ ଜଣେ ଯୁବକର୍ମୀଙ୍କୁ ୟୁଥ୍ ଫେଡ଼େରେସନ୍‌ର ଦାୟିତ୍ୱ ହସ୍ତାନ୍ତର କରିଥିଲେ । ୧୯୩୬ ମସିହାରେ ଜେନେଭାଠାରେ ବ୍ରହ୍ମବିଦ୍ୟା ସମିତିର ପ୍ରଥମ ୱାର୍ଲ୍ଡ୍ କଂଗ୍ରେସର ଆୟୋଜନର ଦାୟିତ୍ୱ ତତ୍କାଳୀନ ଆନ୍ତର୍ଜାତିକ ସଭାପତି ଅରୁଣ୍ଡେଲ୍ ତାଙ୍କୁ ହିଁ ଦେଇଥିଲେ ।

୧୯୩୭-୩୮ ବେଳକୁ କୋଟ୍‌ସ୍ ଦମ୍ପତି ଦୁଇ ପୁଅଙ୍କ ସହିତ ଆଡୟାରରେ ରହୁଥିଲେ । ବେଟ୍‌ସାନ୍ ରୁକ୍ମିଣୀ ଦେବୀ ଅରୁଣ୍ଡେଲ୍‌ଙ୍କୁ କଳା-ପ୍ରଦର୍ଶନୀ କାର୍ଯ୍ୟରେ ସହାୟତା କରୁଥିଲେ । ଜନ୍ ସଭାପତିଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ତୁଲାଉଥିଲେ । ସେହି ସମୟରେ ଅରୁଣ୍ଡେଲ୍ 'ଲୋଟସ୍ ଫାୟାର୍' ପୁସ୍ତକ ରଚନା କରୁଥିଲେ । ସେତେବେଳେ ଆଡୟାର୍ ପରିସର ଯୋଗାବିଷ୍ଟ ଥିଲା ପରି ବୋଧ ହେଉଥିଲା ବୋଲି ଜନ୍ କୋଟ୍‌ସ୍ ଲେଖିଛନ୍ତି ।

୧୯୩୮ ଅଗଷ୍ଟ ମାସରେ ଜନ୍ କୋଟ୍‌ସ୍‌ଙ୍କ ପିତାଙ୍କର ଦେହାନ୍ତ ହୋଇଥିଲା ଓ ଡିସେମ୍ବର ୧୩ ତାରିଖରେ ତାଙ୍କର ଜ୍ୟେଷ୍ଠପୁତ୍ର କ୍ରିଷ୍ଟୋଫର୍ ମର୍ମନ୍ତୁଦ ଦୁର୍ଘଟଣାର ଶିକାର ହୋଇଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା, ଯାହା ଅନେକଙ୍କ ଜୀବନର ଧାରା ବଦଳାଇ ଦେଲା । ଜନ୍‌ଙ୍କୁ ଇଂଲଣ୍ଡ ଯାଇ ସୁରକ୍ଷାବଳରେ ଯୋଗଦେବାକୁ ହେଲା, ଯଦିଓ ସେ କାହାକୁ ହେଲେ ହତ୍ୟା କରିବାକୁ ବା ଆହତ କରିବାକୁ ଚାହୁଁ ନ ଥିଲେ । ପ୍ରଶିକ୍ଷଣ ନେଉଥିବା ସମୟରେ ଏକ ମଟରସାଇକେଲ୍ ଦୁର୍ଘଟଣାରେ ଆହତ ହେବାରୁ ସେ ମାସ ମାସ ଧରି ଚିକିତ୍ସାଧୀନ ରହିଲେ ଓ ସେନାବାହିନୀରେ ଯୋଗ ଦେବାକୁ ସକ୍ଷମ ହେଲେ ନାହିଁ । ଜର୍ମାନ୍‌ମାନଙ୍କ ଅଧିକାରରୁ ରକ୍ଷା ପାଇବା ପାଇଁ ଏକ ଯୁଦ୍ଧ ବିମାନରେ ଫ୍ରାନ୍‌ସକୁ ପଳାୟନ ବିଷୟ ସେ ପ୍ରକାଶ କରିଛନ୍ତି । ଯୁଦ୍ଧରେ ୟୁରୋପର ବିଜୟ ପରେ 'ଫ୍ରେଞ୍ଚ୍ ଥିଓସଫିକାଲ୍ ସୋସାଇଟି'ର ସଦସ୍ୟମାନେ ଫ୍ରେଞ୍ଚ୍ ହେଡ୍‌କ୍ୱାଟର୍ ବିଲ୍ଡିଂରେ ଆୟୋଜିତ ସଭାରେ ପ୍ରଥମ ଥର କିପରି ଉଚ୍ଛ୍ୱସିତ

ଉତ୍‌ଫୁଲ୍ଲତାର ସହିତ ଏକତ୍ର ହୋଇଥିଲେ, ତାହା ମଧ୍ୟ ସେ ପ୍ରତ୍ୟକ୍ଷ କରିଥିଲେ । ଯୁଦ୍ଧ ସମୟରେ କୋଟ୍‌ସ୍‌ଙ୍କ ନିଜ ଘରେ ପ୍ରାୟ ପଚାଶ ଜଣ ଲୋକ ଆଶ୍ରୟ ନେଇଥିଲେ । ବେଟ୍‌ସାନ୍ କୋଟ୍‌ସ ସେମାନଙ୍କର ପରିଚର୍ଯ୍ୟା କରୁଥିଲେ । ଯୁଦ୍ଧର ଆତଙ୍କମୟ ବାତାବରଣ ଭିତରେ ଜୀବନଯାତ୍ରା ଓ କାର୍ଯ୍ୟନିର୍ବାହ ଦୁଷ୍କର ଥିଲା । ତେବେ ଜୀବନ ଓ ମୃତ୍ୟୁ ବିଷୟରେ ଗଭୀର ଚିନ୍ତା କରିବାର ଉପାଦାନ ମିଳୁଥିଲା ବୋଲି କୋଟ୍‌ସ୍ ଉଲ୍ଲେଖ କରିଛନ୍ତି ।

୧୯୪୧ ମସିହାରେ ଜନ୍ କୋଟ୍‌ସ୍ ବ୍ରହ୍ମବିଦ୍ୟା ସମିତିର 'ଇଂଲିସ୍ ସେକ୍ସନ୍'ର ସମ୍ପାଦକ ରୂପେ ନିର୍ବାଚିତ ହୋଇଥିଲେ ଓ ୧୯୪୬ ପର୍ଯ୍ୟନ୍ତ ସେହି ପଦରେ ରହି କାର୍ଯ୍ୟ ନିର୍ବାହ କରିଥିଲେ । ସେହି ସମୟରେ ସି. ଜିନାରାଜାଦାସା ପ୍ରାୟତଃ ଲଣ୍ଡନରେ କ୍ରୟ କରିଥିବା ଘରେ ରହୁଥିଲେ ଓ କୋଟ୍‌ସ୍ ତାଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ନେଇ ତାଙ୍କର ଗଭୀର ଜ୍ଞାନଦ୍ୱାରା ପ୍ରଭାବିତ ଓ ଉପକୃତ ହୋଇଥିଲେ ।

୧୯୪୬ ମସିହାରେ କୋଟ୍‌ସ୍ ଦମ୍ପତି ଆମେରିକାରେ ବ୍ରହ୍ମବିଦ୍ୟା ସମିତିର କାର୍ଯ୍ୟ କରିବା ପାଇଁ ନିମନ୍ତ୍ରଣ ପାଇଥିଲେ । ସାଢ଼େ ତିନିବର୍ଷ କାଳ ସେଠାରେ ରହିବା ଭିତରେ ଉଭୟେ ଆମେରିକା, କାନାଡ଼ା, ମେକ୍ସିକୋ ଓ କ୍ୟୁବାର ବିଭିନ୍ନ ସ୍ଥାନକୁ ଯାଇ ବ୍ରହ୍ମବିଦ୍ୟା ବିଷୟକ ବକ୍ତୃତା ଦେଉଥିଲେ । ୧୯୪୮ ମସିହାରେ ବେଟ୍‌ସାନ୍ ପିଲାଙ୍କୁ ନେଇ ଇଂଲଣ୍ଡ ଫେରିଗଲେ । କିନ୍ତୁ ଜନ୍ କୋଟ୍‌ସ୍ ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡ୍‌ରେ ଛଅମାସ ଲେଖାଏଁ ରହି ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଚଳାଇଥିଲେ ।

୧୯୫୧ ମସିହାରେ ବେଟ୍‌ସାନ୍ ଅଷ୍ଟ୍ରେଲିଆ ଗଲେ; ଜନ୍ ୟୁନାଇଟେଡ୍ କିଙ୍ଗ୍‌ଡମ୍ ତଥା ଇଉରୋପର ଅନ୍ୟାନ୍ୟ ଦେଶରେ ବୁଲି ବ୍ରହ୍ମବିଦ୍ୟା ସମ୍ପର୍କିତ ବକ୍ତବ୍ୟ ଉପସ୍ଥାପନ କଲେ । ୧୯୫୨ ମସିହାରେ ଦକ୍ଷିଣ ଆଫ୍ରିକାରେ କୋଟ୍‌ସ ପରିବାର ମିଳିତ ହେଲେ ଓ ସେ ଦେଶର ବିଭିନ୍ନ ଶାଖାକୁ ଗଲେ । କେନିଆରେ ଅନେକ ଭାରତୀୟ ସଦସ୍ୟଙ୍କ ସହିତ ସେମାନଙ୍କର ସାକ୍ଷାତ ହେଲା । ବୋଟ୍ ଯୋଗେ ଆଡୟାର୍ ଆସି ସେ ବର୍ଷର ଆନ୍ତର୍ଜାତିକ ସମ୍ମେଳନରେ ଯୋଗଦେଲେ । ତତ୍‌କାଳୀନ ଆନ୍ତର୍ଜାତିକ ସଭାପତି ସି. ଜିନାରାରାଜାଦାସା ସ୍ୱେଚ୍ଛାକୃତ ଭାବେ ପଦ ତ୍ୟାଗ କରି ଏନ୍. ଶ୍ରୀରାମଙ୍କୁ ସେହି ପଦାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ମୁଦ୍ରିକା ପିନ୍ଧାଇବାର ବିରଳ

ଦୃଶ୍ୟକୁ ମଧ୍ୟ ସେମାନେ ପ୍ରତ୍ୟକ୍ଷ କରିଥିଲେ । ତାଙ୍କର ତିନି ସନ୍ତାନ ମଧ୍ୟ ଆଡୟାର ସ୍କୁଲକୁ ପସନ୍ଦ କରିଥିଲେ ।

୧୯୫୩ ମସିହାରେ କୋଟ୍ସ୍ କୋଡ଼ିଏରୁ ଅଧିକ ଦେଶକୁ ଅନ୍ତର୍ଭୁକ୍ତ କରିଥିବା ବ୍ରହ୍ମବିଦ୍ୟା ସମିତିର 'ଇଉରୋପିଆନ୍ ଫେଡ଼େରେସନ୍'ର ଦାୟିତ୍ୱରେ ଥିବା ଭ୍ୟାନ୍ ଡିସସ୍ରେଲଙ୍କ ସଚିବ ରୂପେ ନିଯୁକ୍ତ ହୋଇଥିଲେ । ସମଗ୍ର ମହାଦେଶର ବିଭିନ୍ନ ଶାଖାକୁ ଯିବା ସଙ୍ଗେସଙ୍ଗେ ସେ ଗ୍ରୀଷ୍ମକାଳୀନ ଶିବିରମାନ ଆୟୋଜନ କରି ବ୍ରହ୍ମବିଦ୍ୟା ବିଷୟରେ ଆଲୋଚନା କରିଥିଲେ । ସେତେବେଳେ ଫ୍ରେଞ୍ଚ୍ ଓ ଜର୍ମାନ୍ ଭାଷାରେ ତାଙ୍କର ଜ୍ଞାନ କାମରେ ଆସିଥିଲା ।

ଯୁଦ୍ଧର ପ୍ରଭାବରେ ପ୍ରପୀଡ଼ିତ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ୟୁରୋପୀୟ ଶରଣାର୍ଥୀ ଶିବିରଗୁଡ଼ିକରେ ସହାୟତା କରିବା ପାଇଁ ବେଟ୍ସାନ୍ ଓ ଜନ୍ 'ୱିଙ୍ଗସ୍ ଅଫ୍ ଫ୍ରେଣ୍ଡସିପ୍'ର କାର୍ଯ୍ୟକ୍ରମ ଚଳାଇଥିଲେ । ଜର୍ମାନୀ, ଅଷ୍ଟ୍ରିଆ, ଇଟାଲୀ, ଗ୍ରୀସ୍ ଆଦି ଦେଶର ଶିବିରଗୁଡ଼ିକରେ ବୁଲି ସାହାଯ୍ୟ କ୍ରିୟାର ପରିଚାଳନା କରିବାରେ ସେମାନେ ବ୍ୟସ୍ତ ରହୁଥିଲେ । ୧୯୫୭ ମସିହାରେ ବେଟ୍ସାନ୍ ସବା ସାନପୁଅକୁ ସାଙ୍ଗରେ ନେଇ ଅଷ୍ଟ୍ରେଲିଆ ଗଲେ ଓ ଶରଣାର୍ଥୀମାନଙ୍କୁ ଜୀବିକା ଅର୍ଜନରେ ସାହାଯ୍ୟ କରିବା ପାଇଁ କୁଇନ୍ସଲାଣ୍ଡ୍‌ରେ ହୋଟେଲ୍ ନିର୍ମାଣ ଆରମ୍ଭ କଲେ । ଯେଉଁ କାମ ଛଅମାସ ଭିତରେ ସରିଯିବ ବୋଲି ସେ ଭାବିଥିଲେ, ତାହା ସରିବାକୁ ପନ୍ଦର ବର୍ଷ ଲାଗିଗଲା ।

୧୯୫୯ ମସିହାରେ ଜନ୍ କୋଟ୍ସ୍ 'ଇଉରୋପିଆନ୍ ଫେଡ଼େରେସନ୍'ର ସଭାପତି ରୂପେ ନିର୍ବାଚିତ ହୋଇ ୧୯୬୮ ପର୍ଯ୍ୟନ୍ତ ନଅ ବର୍ଷ କାଳ ସେହି ପଦରେ ରହି କାର୍ଯ୍ୟ କରିଥିଲେ । ଏହି ସମୟ ମଧ୍ୟରେ ସେ ଅନେକ ସ୍ଥାନକୁ ଯିବାପାଇଁ ନିମନ୍ତ୍ରଣ ପାଇଥିଲେ । ବହୁ ବାର ଭାରତକୁ ଆସିବା ସଙ୍ଗେସଙ୍ଗେ ଦକ୍ଷିଣ ଆମେରିକା, ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ ମଧ୍ୟ ଯାଇଥିଲେ । ଇସ୍ରାଏଲ୍ ଓ ଆଫ୍ରିକାକୁ ଅଳ୍ପ କାଳ ପାଇଁ ଯିବା ଅବସରରେ ସେ ଭାରତ ବାଟ ଦେଇ ଯିବା-ଆସିବା କରୁଥିଲେ । ଆଡୟାର୍‌ରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଆନ୍ତର୍ଜାତିକ ସମ୍ମେଳନକୁ ମଧ୍ୟ ବାରମ୍ବାର ଆସୁଥିଲେ ।

ଜନ୍ କୋଟ୍‌ସ୍ ଇଉରୋପରେ କାର୍ଯ୍ୟ କରୁଥିବା ସମୟରେ ଆନ୍ତର୍ଜାତିକ ସଭାପତି ଏନ୍. ଶ୍ରୀରାମ ତାଙ୍କୁ ବ୍ରହ୍ମବିଦ୍ୟା ସମିତିର ସେବାମୂଳକ କାର୍ଯ୍ୟ (Theosophical Order of Service) ରେ ଯଥାସମ୍ଭବ ନିୟୋଜିତ ରହିବାକୁ ପ୍ରବର୍ତ୍ତାଇଥିଲେ । ଜନ୍ ମଧ୍ୟ ଏପରି କାର୍ଯ୍ୟରେ ଆଗ୍ରହୀ ଥିଲେ । କୌଣସି ନା କୌଣସି ଉତ୍ତମ କାର୍ଯ୍ୟରେ ବ୍ୟାପୃତ ରହିବା ଓ ବ୍ରହ୍ମବିଦ୍ୟାର ଆଦର୍ଶକୁ ସମଗ୍ର ବିଶ୍ୱରେ ପ୍ରଚାରିତ କରିବାକୁ ସେ ଜୀବନର ଲକ୍ଷ୍ୟ ରୂପେ ଗ୍ରହଣ କରିଥିଲେ ।

୧୯୬୬ ମସିହାରେ ବ୍ରହ୍ମବିଦ୍ୟା ସମିତିର ଦ୍ୱିତୀୟ 'ୱାର୍ଲ୍ଡ୍ କଂଗ୍ରେସ୍' ସମାବେଶର ଆୟୋଜନ ପାଇଁ ମଧ୍ୟ ଶ୍ରୀରାମ କୋଟ୍‌ସ୍‌ଙ୍କୁ ହିଁ ଦାୟିତ୍ୱ ଦେଇଥିଲେ । ବିଭିନ୍ନ ଦେଶରୁ ଆସିଥିବା ପ୍ରାୟ ୧୩୦୦ ସଦସ୍ୟଙ୍କ ଉପସ୍ଥିତିରେ ତାହା ଅନୁଷ୍ଠିତ ଓ ସମାପ୍ତ ହୋଇଥିଲା ।

୧୯୬୮ ବେଳକୁ କୋଟ୍‌ସ୍‌ଙ୍କ ପିଲାମାନେ ବଡ଼ ହୋଇଯାଇଥିଲେ, ବିବାହ କରିସାରିଥିଲେ, ଭିନ୍ନ ଭିନ୍ନ ସ୍ଥାନରେ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଇଂଲଣ୍ଡରେ ରହିବାର କୌଣସି ବିଶେଷ ଆବଶ୍ୟକତା ନ ଥିବାରୁ କୋଟ୍‌ସ୍ ସେଠାରେ ଥିବା ନିଜ ବାସଭବନକୁ ବିକ୍ରି କରିଦେଲେ ଓ ବିଶ୍ୱର ବିଭିନ୍ନ ଦେଶରେ ବୁଲି ବ୍ରହ୍ମବିଦ୍ୟା ସମିତିର କାର୍ଯ୍ୟରେ ସମୟ ଅତିବାହିତ କଲେ । ଭାରତ ସମେତ ଶ୍ରୀଲଙ୍କା, ପାକିସ୍ତାନ, ଜାପାନ୍, ଫିଲିପାଇନ୍ସ, ମାଳୟ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ, ଫିଜି, ପୂର୍ବ-ପଶ୍ଚିମ-ଦକ୍ଷିଣ ଆଫ୍ରିକା, ଇସ୍ରାଏଲ୍, ୱେଷ୍ଟ୍‌ଇଣ୍ଡିଜ୍, ଦକ୍ଷିଣ ଆମେରିକା, ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ମେକ୍ସିକୋ, ହୋନୋଲୁଲୁ ଓ ଇଉରୋପର ପ୍ରାୟ ସବୁ ଦେଶକୁ ସେ ଯାଇଥିଲେ । ବ୍ରହ୍ମବିଦ୍ୟାର ମୂଳ ଆଦର୍ଶକୁ ଅତୁଟ ରଖି ବିଜ୍ଞାନର ନୂତନନୂତନ ଆବିଷ୍କାର ଓ ଧର୍ମ-ଦର୍ଶନର ନୂଆନୂଆ ଭାବଧାରାକୁ ଗ୍ରହଣ କରିବା ପାଇଁ ଦ୍ୱାର ଉନ୍ମୁକ୍ତ ରଖିବା ଉଚିତ ବୋଲି ସେ ବିଶ୍ୱାସ କରୁଥିଲେ ।

ବ୍ରହ୍ମବିଦ୍ୟା ସମିତି ପାଇଁ ଜୀବନର ଦୀର୍ଘକାଳ ଧରି କାର୍ଯ୍ୟରେ ନିୟୋଜିତ ରହିବା ପରେ, ୧୯୭୩ ମସିହାରେ ଜନ୍ କୋଟ୍‌ସ୍ ସମିତିର ଆନ୍ତର୍ଜାତିକ ସଭାପତି ହୋଇଥିଲେ । ସଭାପତି ହେଲା ପରେ ସେ ଆନ୍ତର୍ଜାତିକ ମୁଖ୍ୟାଳୟର ପରିଚାଳନା

ବ୍ୟବସ୍ଥାର ଆଧୁନିକୀକରଣ କରିଥିଲେ । ବ୍ରହ୍ମବିଦ୍ୟାର ଆଦର୍ଶକୁ ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇ ଏହାର ପ୍ରସାର କରିବା ପାଇଁ ସେ ଅନ୍ୟାନ୍ୟ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକ୍ରମରେ ଯୋଗଦେଉଥିଲେ ଓ ଲୋକମାନଙ୍କୁ ଭେଟୁଥିଲେ । ଭ୍ରାତୃଭାବର ପ୍ରତିଷ୍ଠା ଓ ମାନବତାର ଉନ୍ନତି ପାଇଁ ଅନ୍ୟ ସମଧର୍ମୀ ଅନୁଷ୍ଠାନମାନଙ୍କ ସହ ସଂପର୍କ ଓ ସହଯୋଗ ରଖିବା ଆବଶ୍ୟକ ବୋଲି ସେ ମନେ କରୁଥିଲେ । ସାଧାରଣ ଲୋକଙ୍କୁ ବ୍ରହ୍ମବିଦ୍ୟା ପ୍ରତି ଆକୃଷ୍ଟ କରାଇବାର ମାଧ୍ୟମ ରୂପେ 'ଦି ଥିଓସଫିଷ୍ଟ୍' ପତ୍ରିକାକୁ ଏକ ନୂଆ ରୂପ ଦେଇ ପ୍ରକାଶ କରିବାର ବ୍ୟବସ୍ଥା ସେ କରିଥିଲେ । ଏଥିରେ ଗଭୀର ଜ୍ଞାନ ପାଇଁ ଆଗ୍ରହୀ ସଦସ୍ୟଙ୍କ ପାଇଁ ଉଚ୍ଚଚିନ୍ତାମୂଳକ ପ୍ରବନ୍ଧ ଓ ପ୍ରସାରକୁ ତ୍ୱରାନ୍ୱିତ କରିବା ପାଇଁ ସାଧାରଣ ଅବବୋଧର ଅନୁକୂଳ ରଚନା, ଉଭୟ ପ୍ରକାର ଲେଖାର ପ୍ରକାଶ ପାଇଁ ସେ ପରାମର୍ଶ ଦେଇଥିଲେ ।

୧୯୭୫ ମସିହାରେ ସମିତିର ଶତବାର୍ଷିକୀ ଉତ୍ସବ ପ୍ରଥମେ ନିଉୟର୍କରେ ଓ ତା'ପରେ ଆଡ୍ୟାରଠାରେ ଅନୁଷ୍ଠିତ ହୋଇଥିଲା । ଶ୍ରୀମତୀ ବେଟ୍‌ସାନ୍ କୋଟ୍‌ସ୍ ଅନ୍ୟ ଅନେକ ସହଯୋଗୀଙ୍କ ସହାୟତାରେ ବିଶ୍ୱର ବିଭିନ୍ନ ଦେଶରୁ ଆସିଥିବା ପ୍ରାୟ ୩୦୦୦ ସଦସ୍ୟଙ୍କ ପାଇଁ ରହିବା ଓ ଖାଇବାର ବ୍ୟବସ୍ଥା କରିବାରେ ସଫଳ ହୋଇଥିଲେ ।

ଦୁର୍ଭାଗ୍ୟକୁ ଜନ୍ କୋଟ୍‌ସ୍ ସଭାପତି ରୂପେ ସାତ ବର୍ଷର କାର୍ଯ୍ୟକାଳ ସମାପ୍ତି ପର୍ଯ୍ୟନ୍ତ ରହିଲେ ନାହିଁ । ୧୯୭୯ ମସିହା ଡିସେମ୍ବର ୨୬ ତାରିଖରେ ଆନ୍ତର୍ଜାତିକ ସମ୍ମେଳନର ଉଦ୍‌ଘାଟନ ଦିବସରେ ହିଁ ତାଙ୍କର ଦେହାବସାନ ହୋଇଥିଲା । ତାଙ୍କର ମୃତ୍ୟୁସମ୍ବାଦ ପାଇ ବିଶ୍ୱର ବିଭିନ୍ନ ଦେଶରୁ ତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନର ବାର୍ତ୍ତାମାନ ଆଡୟାରରେ ପହଞ୍ଚିଥିଲା । ସେହିସବୁ ବାର୍ତ୍ତାରେ ମୁଖ୍ୟତଃ କୋଟ୍‌ସ୍‌ଙ୍କ ଭଦ୍ରତା ଓ ମାନବିକତାବୋଧ ସଂପର୍କରେ ଉଲ୍ଲେଖ ଥିଲା । ଅନ୍ୟମାନଙ୍କର ଅସୁବିଧା ଓ ଅକ୍ଷମତାକୁ ବିବେକସମ୍ମତ ଭାବରେ ବିଚାର କରି ଚଳାଇ ନେବା, ସମସ୍ତଙ୍କୁ ଭଲ ବ୍ୟବହାର ଦେଖାଇବା, କଥା ଓ କାମରେ ସମସ୍ତଙ୍କ ପ୍ରତି ସମ୍ବେଦନଶୀଳ ରହିବା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ଥିଲା । ସେହି ବୈଶିଷ୍ଟ୍ୟ ହିଁ ଆନ୍ତର୍ଜାତିକ କ୍ଷେତ୍ରରେ ଭାବବିନିମୟ କରିବା ଓ ଦାୟିତ୍ୱ ସମ୍ପାଦନ କରିବାରେ ତାଙ୍କୁ ସଫଳତା ଦେଇଥିଲା ।

ଛଅ ଫୁଟ ଚାରି ଇଞ୍ଚ ଉଚ୍ଚତା ବିଶିଷ୍ଟ ଶରୀରଧାରୀ ବ୍ୟବହାରକୁଶଳ ଓ ବିଚାରବୁଦ୍ଧିସମ୍ପନ୍ନ ଜନ୍ କୋଟ୍ସ୍‌ଙ୍କୁ ସ୍ନେହରେ ଅନେକେ 'ଭଦ୍ର ରାକ୍ଷସ' (The gentle giant) ବୋଲି କହୁଥିଲେ । ପତ୍ନୀ ବେଟ୍ସାନ୍ କୋଟ୍ସ୍ ନିଜ ସ୍ୱାମୀ ଜନ୍ କୋଟ୍ସ୍‌ଙ୍କ କାର୍ଯ୍ୟକଳାପ ଓ ବିଚାରଧାରାକୁ ଉତ୍ତମ ରୂପେ ଲକ୍ଷ୍ୟ କରିଥିଲେ । ସେ ଲେଖିଥିଲେ ଯେ ସମସ୍ତ ଜୀବନ୍ତ ସତ୍ତାକୁ ନିଃସ୍ୱାର୍ଥ ଭାବେ ଭଲପାଇବା ହିଁ ଆତ୍ମଉପଲବ୍ଧିର ଦ୍ୱାର ଖୋଲିବା ପାଇଁ ଚାବିକାଠି ବୋଲି ଜନ୍ ବିଶ୍ୱାସ କରୁଥିଲେ । ସେ କହୁଥିଲେ ଯେ ଚିନ୍ତା, ଅନୁଭବ ଓ କାର୍ଯ୍ୟ ସବୁଥିରେ କୋମଳତା, ଭଦ୍ରତା ଓ ବିନମ୍ରତା ଏଥିପାଇଁ ଯଥେଷ୍ଟ । ଯେତେବେଳେ ମତପାର୍ଥକ୍ୟ ବା ଅନୈକ୍ୟ ଉପୁଜିଥାଏ, ସେତେବେଳେ ଏପରି ମନୋଭାବ ଖୁବ୍ ବେଶି ଆବଶ୍ୟକ ହୋଇଥାଏ ବୋଲି ତାଙ୍କର ଦୃଢ଼ମୂଳ ଧାରଣା ଥିଲା ।

ପ୍ରତ୍ୟେକ ବ୍ୟକ୍ତି ଏହି ଭାବଧାରାର ଅନୁସରଣ କଲେ ସଂସାରରେ ଅନେକ ସମସ୍ୟାର ସମାଧାନ, ଅନେକ ଦୁଃଖ-କଷ୍ଟର ନିରାକରଣ ଅକ୍ଳେଶରେ ହୋଇପାରନ୍ତା, ଏଥିରେ ସନ୍ଦେହର ଅବକାଶ ନାହିଁ ।

❖❖❖



# ରାଧାଜୀ

## ଚିତ୍ତରଞ୍ଜନ ଶତପଥୀ

॥୧॥

ଡ. ରାଧା ଶ୍ରୀରାମ ବର୍ଣ୍ଣିୟରଙ୍କୁ ଦେଶବିଦେଶରେ ସମସ୍ତେ ଶ୍ରଦ୍ଧା ଓ ସମ୍ମାନର ସହିତ ରାଧାଜୀ ବୋଲି ସମ୍ବୋଧନ କରୁଥିଲେ । ବ୍ରହ୍ମବିଦ୍ୟା ସମିତିର ମୁଖ୍ୟକେନ୍ଦ୍ର ଆଡୟାର ଆଶ୍ରମର ସୁନ୍ଦର ପରିବେଶରେ ୧୫ ନଭେମ୍ବର ୧୯୨୩ରେ ସେ ଜନ୍ମଗ୍ରହଣ କରିଥିଲେ । ଦୀର୍ଘ ୯୦ ବର୍ଷର ସରଳ, ତ୍ୟାଗପୂର୍ଣ୍ଣ, କର୍ମମୟ ଏହି ବ୍ରହ୍ମସାଧିକାଙ୍କର ପାର୍ଥିବ ଜୀବନର ଅବସାନ ଘଟିଥିଲା ସେହି ଆଶ୍ରମର ପରିସରରେ ୩୦ ଅକ୍ଟୋବର ୨୦୧୩ ମସିହାରେ ।

ତାଙ୍କର ଜେଜେବାପା ସଂସ୍କୃତଜ୍ଞ ଶ୍ରୀ ନୀଳକଣ୍ଠ ଶାସ୍ତ୍ରୀ ପେଷାରେ ଇଞ୍ଜିନିୟର ଥିଲେ । ବ୍ରହ୍ମବିଦ୍ୟା ସମିତିର ପ୍ରତିଷ୍ଠାତାମାନଙ୍କ ସମ୍ପର୍କରେ ଆସି ସେ ସମିତିର ସଭ୍ୟ ହୋଇଥିଲେ । ରାଧାଜୀଙ୍କର ବାପା ଶ୍ରୀ ନୀଳକଣ୍ଠ ଶ୍ରୀରାମ (୧୫ ଡିସେମ୍ବର ୧୮୮୯- - ୮ ଅପ୍ରେଲ ୧୯୭୩) ବ୍ରହ୍ମବିଦ୍ୟା ସମିତିର କୋଷଧ୍ୟକ୍ଷ, ସମ୍ପାଦକ,

ଉପ-ସଭାପତି ଭାବେ ବହୁବର୍ଷ କାର୍ଯ୍ୟ କରିବା ପରେ ୧୯୫୩ରୁ ୧୯୭୩ ପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ପାଇଁ ସମିତିର ଆନ୍ତର୍ଜାତିକ ସଭାପତିଭାବେ କାର୍ଯ୍ୟ ତୁଲାଇ ଥିଲେ ।

ରାଧାଜୀ ବାରବର୍ଷ ବୟସରେ ୧୯୩୫ ମସିହାରେ ବ୍ରହ୍ମବିଦ୍ୟା ସମିତିର ସଭ୍ୟ ଭାବେ ଯୋଗଦେଇଥିଲେ । ବ୍ରହ୍ମବିଦ୍ୟାର ଅଧ୍ୟୟନ ଏବଂ ବ୍ରହ୍ମବିଦ୍ୟାସାଧିକାର ଜୀବନଯାପନ କରିବା ସହିତ ସେ ଶାସ୍ତ୍ରୀୟ ନୃତ୍ୟକଳା ଏବଂ ସଂସ୍କୃତ ଭାଷା ଅଧ୍ୟୟନରେ ବିଶେଷ ମନଯୋଗ ଦେଇ ଉଭୟରେ ପାରଙ୍ଗମ ହୋଇପାରିଥିଲେ । ଇଂରାଜୀ ଏବଂ ଫରାସୀ ଭାଷାରେ ମଧ ତାଙ୍କର ଗଭୀର ଜ୍ଞାନ ଥିଲା ଏବଂ ଉଭୟ ଭାଷାରେ ସେ ଦେଶବିଦେଶରେ ସାରଗର୍ଭ ବକ୍ତୃତା ଦେଇପାରୁଥିଲେ ଏବଂ ଲେଖିପାରୁଥିଲେ । ପାଞ୍ଚ ଦଶକରୁ ଅଧିକ ସମୟ ସେ ତାଙ୍କର ହୃଦୟସ୍ପର୍ଶୀ ବକ୍ତୃତା ଏବଂ ଲେଖାଦ୍ୱାରା ଅଗଣିତ ଆଗ୍ରହୀ ସଭ୍ୟ ଏବଂ ଜନସାଧାରଣଙ୍କୁ ବ୍ରହ୍ମବିଦ୍ୟାରେ ଅନୁପ୍ରାଣିତ କରିଥିଲେ ।

୧୯୬୦ ମସିହାରେ ମାତ୍ର ୩୭ ବର୍ଷ ବୟସରେ ସେ ବ୍ରହ୍ମବିଦ୍ୟା ସମିତିର ଭାରତୀୟ ଶାଖାର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ ଏବଂ ଦୀର୍ଘ ୧୮ ବର୍ଷ କାଳ ସେ ଏହି ବୃହତ୍ ସଂସ୍ଥାର କାର୍ଯ୍ୟକୁ ଆଗେଇ ନେଇଥିଲେ । ୧୭ ଜୁଲାଇ ୧୯୮୦ ଠାରୁ ଜୀବନର ଶେଷପର୍ଯ୍ୟନ୍ତ ସେ ପାଞ୍ଚଥର ନିର୍ବାଚିତ ହୋଇ ଦୀର୍ଘ ୩୩ ବର୍ଷ ଧରି ବ୍ରହ୍ମବିଦ୍ୟା ସମିତିର ଆନ୍ତର୍ଜାତିକ ସଭାପତି ପଦରେ ଥିଲେ । ୧୮୭୫ ମସିହାରେ ପ୍ରତିଷ୍ଠିତ ଏହି ସମିତିର ସେ ଥିଲେ ସପ୍ତମ ସଭାପତି ଏବଂ ସେହି ପଦରେ ସବୁଠାରୁ ଅଧିକ ସମୟ ରହିଥିବା ସଭାପତି । ଭାରତୀୟ ଶାଖା ଏବଂ ଆନ୍ତର୍ଜାତିକ ସମିତିର ଗୁରୁଦାୟିତ୍ୱ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଯାଏ ବହନ କରିବା ସଙ୍ଗେ ସଙ୍ଗେ ସେ ଆହୁରି ଅନେକ ଆନୁସଙ୍ଗିକ ସଂସ୍ଥାମାନଙ୍କର ଦାୟିତ୍ୱରେ ଥିଲେ ଯେପରିକି–

1. Director, Adyar Library and Research Centre (1959-1980)
2. International President, Theosophical Order of Service (1980-2013)

3. Chairman, Olcott Education Society.

4. Outer Head, Esoteric School of Theosophy.

5. Most Illustrious Grand Master of the Eastern Order of International Co-freemasonry.

6. President, Besant Education Fellowship.

ଏହିସବୁ ସେବା, ଶିକ୍ଷା ଏବଂ ଆଧ୍ୟାତ୍ମିକ ଅନୁଷ୍ଠାନର ଦାୟିତ୍ୱ ନେଇ ସେଗୁଡ଼ିକର ପରିଚାଳନା ରାଧାଜୀ ଦକ୍ଷତାର ସହିତ ଏବଂ ନିଃସ୍ୱାର୍ଥପର ଭାବରେ କରି ଚାଲିଥିଲେ ତାଙ୍କ ଜୀବନର ଅନ୍ତିମ ଦିନ ପର୍ଯ୍ୟନ୍ତ । ବ୍ରହ୍ମବିଦ୍ୟା ସମିତିର ୨୫୦ ଏକର ଆଡ୍ୟାର ଆଶ୍ରମର ସମ୍ପତ୍ତି ଏବଂ ଆମେରିକାରୁ ନେଇ ଅଷ୍ଟ୍ରେଲିଆ ଯାଏ ବିଭିନ୍ନ ସମ୍ପତ୍ତିସବୁର ପରିଚାଳନା ମଧ୍ୟ ତାଙ୍କ ଦାୟିତ୍ୱରେ ଥିଲା । ଏସବୁ ସମ୍ପତ୍ତିର ଆୟରୁ ଗୋଟିଏ ପଇସା ନିଜ ପାଇଁ ଖର୍ଚ୍ଚ କରିବା ଏବଂ ବ୍ରହ୍ମବିଦ୍ୟା ସମିତିର ଆୟରୁ ଗୋଟିଏ ଟଙ୍କା ବୃଥାରେ କିମ୍ବା କୌଣସି ଆଡ଼ମ୍ବର ପାଇଁ ଖର୍ଚ୍ଚ କରିବା ତାଙ୍କର ପସନ୍ଦ ନ ଥିଲା । ଆଶ୍ରମର ବଗିଚାରୁ ଲେମ୍ବୁଟିଏ, ଆମ୍ବଟିଏ ବା ନଡ଼ିଆଟିଏ ତାଙ୍କ ଘରକୁ ଗଲେ ତା' ସହିତ ରସିଦ୍‌ଟିଏ ପଠାଇବାକୁ ହେଉଥିଲା ଏବଂ ତାର ପଇସା ସେ ସାଙ୍ଗେସାଙ୍ଗେ ଦେଇ ଦେଉଥିଲେ । ଆଶ୍ରମ ଭିତରେ ଯେଉଁ ଘରେ ସେ ରହୁଥିଲେ; ତାର ମରାମତି ପାଇଁ ଯାହା ଖର୍ଚ୍ଚ ହେଉଥିଲା, ସେ ଖର୍ଚ୍ଚ ସେ ନିଜେ ବହନ କରୁଥିଲେ । ଅଯଥା ଖର୍ଚ୍ଚର ଘୋର ବିରୋଧୀ ରାଧାଜୀ ଆଶ୍ରମର ଉନ୍ନତି ଏବଂ ରକ୍ଷଣାବେକ୍ଷଣ ପାଇଁ ମୁକ୍ତ ହସ୍ତରେ ଖର୍ଚ୍ଚ କରିବାକୁ ଅନୁମତି ଦେବାକୁ ପଛାଉ ନ ଥିଲେ ।

ଶୁଦ୍ଧ, ସରଳ, ନିରାଡ଼ମ୍ବର, ନିଃସ୍ୱାର୍ଥପର ଓ ନିରହଙ୍କାର ଜୀବନର ଚଳନ୍ତା ପ୍ରତିମୂର୍ତ୍ତି ଥିଲେ ରାଧାଜୀ । ସେ ଅନ୍ୟମାନଙ୍କୁ ଯାହା କହୁଥିଲେ, ତାହା ସେ ନିଜ ଜୀବନରେ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ସାଧାରଣତଃ ସେ ଯେଉଁ ସ୍ଥାନକୁ ନିମନ୍ତ୍ରିତ ହୋଇ ଯାଉଥିଲେ, ସେଠାରେ କୌଣସି ସଭ୍ୟଙ୍କ ଘରେ ରହିଯାଉଥିଲେ । ହୋଟେଲ୍‌ରେ ରହିବା, ଖାଇବା କିମ୍ବା କୌଣସି ଅନୁଷ୍ଠାନକୁ ଖର୍ଚ୍ଚାନ୍ତ କରାଇବା ସେ ପସନ୍ଦ କରୁ ନ ଥିଲେ ।

ଭାରତ ଓ ବିଦେଶରେ ଥିବା ବ୍ରହ୍ମବିଦ୍ୟା ସମିତିର ଶାଖାମାନଙ୍କୁ ଯାଇ ସେ ସଭ୍ୟମାନଙ୍କୁ ଏବଂ ସାଧାରଣ ଲୋକଙ୍କୁ ଯାହାସବୁ କହୁଥିଲେ ସେସବୁ ଥିଲା ତାଙ୍କର ନିଜର ଅନ୍ତରରେ ଅନୁଭବ କରିଥିବା କଥା, ସେଥିପାଇଁ ତାଙ୍କର ଭାଷଣ ସମସ୍ତଙ୍କ ପାଇଁ ହୃଦୟସ୍ପର୍ଶୀ ଥିଲା । ଆଗରୁ ଲେଖିନେଇ ସେ ପଢୁ ନ ଥିଲେ, ଲୋକଙ୍କ ଆଗରେ; କିନ୍ତୁ ସେ ଯାହା କହୁଥିଲେ ତା' ପଛରେ ଥିଲା ଗଭୀର ଅଧ୍ୟୟନ, ଚିନ୍ତନ ଏବଂ ନିଜ ଜୀବନରେ ତାର ଅନୁଶୀଳନ ।

ରାଧାଜୀଙ୍କର ପିଉସୀ ରୁକ୍ମିଣୀ ଦେବୀ ଶାସ୍ତ୍ରୀୟ ନୃତ୍ୟକଳାର ଅନୁଷ୍ଠାନ କଳାକ୍ଷେତ୍ର ସ୍ଥାପନ କରିଥିଲେ । ସେ ଅନୁଷ୍ଠାନର ଭାରତନାଟ୍ୟମ୍‌ର ପ୍ରଥମ ସ୍ନାତକ ଥିଲେ ରାଧାଜୀ (୧୯୪୨) । ତାପରେ ସେ ଭାରତ ଓ ୟୁରୋପର ବିଭିନ୍ନ ସହରରେ ନୃତ୍ୟକଳା ପରିବେଷଣ କରିଥିଲେ । ତାଙ୍କ କଳାରେ ମୁଗ୍ଧ ହୋଇ ବିଶିଷ୍ଟ ଚଳଚ୍ଚିତ୍ରକାର Jean Renoir ତାଙ୍କର ପ୍ରସିଦ୍ଧ ଚଳଚ୍ଚିତ୍ର 'The River' ରେ ରାଧାଜୀଙ୍କୁ ନାୟିକା ରୂପେ ଗ୍ରହଣ କରିଥିଲେ (୧୯୫୧) । ପରବର୍ତ୍ତୀକାଳରେ ବ୍ରହ୍ମବିଦ୍ୟା କାର୍ଯ୍ୟରେ ରତ ହୋଇ ସେ ନୃତ୍ୟକଳା ସାଧନାରୁ ବିରତ ହେଲେ । ପରେ ଆଡୟାର୍ ଲାଇବ୍ରେରୀରେ କାର୍ଯ୍ୟ କରୁଥିବାବେଳେ ସେ ସଙ୍ଗୀତ ରତ୍ନାକର ପୁସ୍ତକର ନୃତ୍ୟକଳା ଅଧ୍ୟାୟର ଅନୁବାଦ କରିଥିଲେ ।

ସଂସ୍କୃତ ଭାଷାରେ ରାଧାଜୀ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପାଠ୍ୟକ୍ରମରେ ପ୍ରଥମ ସ୍ଥାନ ଲାଭ କରି ଆଡ୍ୟାର ଲାଇବ୍ରେରୀରେ କାର୍ଯ୍ୟରତ ହୋଇଥିଲେ । 'ବ୍ରହ୍ମବିଦ୍ୟା'ର ସମ୍ପାଦନା କରିଥିଲେ ଯେଉଁଥିରେ ବହୁ ମୂଲ୍ୟବାନ୍ ଗବେଷଣାମୂଳକ ପ୍ରବନ୍ଧ ପ୍ରକାଶିତ ହୁଏ । ସେହି ସମୟରେ 'ହଠଯୋଗ ପ୍ରଦୀପିକା' ପୁସ୍ତକର ଅନୁବାଦ ମଧ୍ୟ କରିଥିଲେ । ଆଡ୍ୟାର ଲାଇବ୍ରେରୀରେ ଥିବା ବହୁ ମୂଲ୍ୟବାନ୍ ପୋଥି ଓ ଗ୍ରନ୍ଥର ରକ୍ଷଣାବେକ୍ଷଣ ଏବଂ ବହୁ ପୋଥିର ଅନୁବାଦ କରାଇବାରେ ରାଧାଜୀଙ୍କର ଅବଦାନ ଅତୁଳନୀୟ । ରାଧାଜୀଙ୍କୁ ପରବର୍ତ୍ତୀକାଳରେ ନାଗାର୍ଜୁନ ବିଶ୍ୱବିଦ୍ୟାଳୟ ଦ୍ୱାରା Doctor of Letters ଉପାଧିରେ ସମ୍ମାନିତ କରାଯାଇଥିଲା ତାଙ୍କର "Distinguished contribution to the advancement of learning and the promotion of human values" ପାଇଁ (୧୯୮୪) ।

ରାଧାଜୀ ବ୍ରହ୍ମବିଦ୍ୟା ସମିତିର ମାସିକ ମୁଖପତ୍ର 'The Theosophist' ରେ ନିୟମିତ 'On the Watch Tower' ଶୀର୍ଷକରେ ବହୁ ବିଷୟରେ ଲେଖୁଥିଲେ । ଏଥିରେ ପ୍ରକାଶିତ ଉପାଦେୟ ଲେଖାଗୁଡ଼ିକର ସଂକଳନ The World arround Us ଭାବରେ ପ୍ରକାଶ ପାଇଛି । ତାଙ୍କର ସମସାମୟିକ ଲେଖା ସାରା ବିଶ୍ୱରେ ଆଦୃତ ହେଉଥିଲା । ଏହି ସଂକଳିତ ପୁସ୍ତକ ଛଡ଼ା ସେ ଆଉ କେତେକ ଆଧ୍ୟାତ୍ମିକ ପୁସ୍ତକର ପ୍ରଣୟିତା–

1. No Other Path to Go
2. Truth, Beauty and Goodness
3. Living Truth, The Future of the Theosophical Society.
4. Human Regeneration
5. The Universal Yoga Tradition
6. The Way of Self Knowledge
7. Commentarios al libro "Luz en el sendero."

୧୮୯୩ ମସିହାରେ ପ୍ରଥମ ଥର ପାଇଁ The Parliament of world's Religion ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଆନି ବେସାନ୍ତ୍, ବିବେକାନନ୍ଦ ପ୍ରଭୃତି ଯୋଗ ଦେଇଥିଲେ । ୧୯୯୩ ମସିହାରେ ଯେତେବେଳେ ଏହାର ଶତବାର୍ଷିକୀ ପାଳନ କରାଗଲା, ସେଠାରେ କହିବା ପାଇଁ ଦଲାଇଲାମାଙ୍କ ସହିତ ରାଧାଜୀଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା । ରାଧାଜୀ ଏହି ଅନୁଷ୍ଠାନରେ ଯେଉଁ ସାରଗର୍ଭକ ବକ୍ତୃତା ଦେଇଥିଲେ ତାର ଶୀର୍ଷକ ଥିଲା– "Self Transformation and the Future of Religion"

ବ୍ରହ୍ମବିଦ୍ୟା ସମିତିର ମୂଳମନ୍ତ୍ର ବିଶ୍ୱଭ୍ରାତୃତ୍ୱର ପରିଭାଷାକୁ ରାଧାଜୀ ଆହୁରି ବ୍ୟାପକ କରି ତାହାର ପରିସରଭୁକ୍ତ କରିଦେଇଥିଲେ ମାନବଜଗତ ସହିତ ପ୍ରାଣୀଜଗତ, ଉଦ୍ଭିଦ ଜଗତ ଏବଂ ଆମର ପରିବେଶକୁ । ପ୍ରାଣୀ ଓ ଉଦ୍ଭିଦମାନଙ୍କୁ

ଆମର ସାନଭାଇ ଭାବେ ଆଦର କରିବା ଏବଂ ପରିବେଶର ଯତ୍ନ ନେବାପାଇଁ ସେ ବହୁତ ଗୁରୁତ୍ୱ ଦେଉଥିଲେ । ତାଙ୍କର କରୁଣାମୟ ହୃଦୟରେ ଦୁଃଖୀ ମଣିଷ ପାଇଁ ଯେତିକି ଦରଦ ଥିଲା, ସେତିକି ଦରଦୀ ଥିଲେ ସେ ଅସହାୟ ପଶୁ, ପକ୍ଷୀ ଏବଂ ବୃକ୍ଷଲତାଙ୍କ ପାଇଁ । ସେ କହୁଥିଲେ ଆଶ୍ରମର ଘାସବୁଦା, ଗଛଲତାକୁ କାଟିକୁଟି ଆମେ ପର୍ଯ୍ୟଟକମାନଙ୍କୁ ସୁହାଉଥିବା ଉପବନ ତିଆରି କରିପାରିବା; କିନ୍ତୁ ତା'ଦ୍ୱାରା ଛୋଟ ଛୋଟ ଜୀବଜନ୍ତୁଙ୍କ ଆଶ୍ରୟସ୍ଥଳ ନଷ୍ଟ ହୋଇଯିବ । ନିଜକୁ ଜାଣିବା ପାଇଁ ରମ୍ୟ ଉପବନ ଅପେକ୍ଷା ନିର୍ଜନ ଜଙ୍ଗଲ ପରିବେଶ ବେଶୀ ସୁହାଇବ ବୋଲି ସେ ମତ ଦେଉଥିଲେ । ଆଡ଼୍ୟାର୍ ନଦୀ ଏବଂ ବଙ୍ଗୋପସାଗରଦ୍ୱାରା ଦୁଇପଟରେ ପରିବେଷ୍ଟିତ ବ୍ରହ୍ମବିଦ୍ୟା ଆଶ୍ରମ ରାଧାଜୀଙ୍କ ସମୟରେ ଦେଶବିଦେଶର ବ୍ରହ୍ମବିଦ୍ୟା ସାଧକଙ୍କ ପାଇଁ ଥିଲା ସ୍ୱର୍ଗଭୂମି । ଅଳ୍ପ ଖର୍ଚ୍ଚରେ ଆଶ୍ରମର ବିନା ତେଲ-ମସଲାର ସାଧାରଣ ଖାଦ୍ୟ ଖାଇ, ଏକ ସୁନ୍ଦର ପ୍ରାକୃତିକ ପରିବେଶରେ ଜଣେ ସାଧକ ନିଜକୁ ହଜାଇ ଦେଇପାରୁଥିଲା ଆତ୍ମସମୀକ୍ଷାରେ ।

ରାଧାଜୀଙ୍କର ଜୀବନ ଓ କାର୍ଯ୍ୟ ବିଷୟରେ ଲେଖିବା ଏବଂ ତାଙ୍କର ଭାଷଣ ଓ ଲେଖା ବିଷୟରେ କିଛି ଉଲ୍ଲେଖ ନ କରିବା ସେହି ଅସାଧାରଣ ବ୍ୟକ୍ତିତ୍ୱ ପାଇଁ ନ୍ୟାୟ ହେବନାହିଁ । ସେଥିପାଇଁ ତାଙ୍କ ମୂଳ ଲେଖାରୁ କିଛି ଅଂଶ ଏହି ପ୍ରବନ୍ଧର ଦ୍ୱିତୀୟ ଭାଗରେ ଉଦ୍ଧୃତ କରାଯାଉଛି । ପ୍ରତିଟି ପ୍ରସଙ୍ଗ ଶେଷରେ ମୂଳଲେଖାର ସୂଚନା ଦିଆଯାଇଛି ପାଠକମାନଙ୍କର ସୁବିଧା ପାଇଁ ।

॥୨॥

**Truth**

The motto of the Theosophical Society is, 'There is no religion higher than Truth'. Radhaji deals with the question 'what is truth' quite candidly. She says 'what is truth?' is a famous question for which there is no answer. Words may show the direction towards truth which is beyond thought and word. Truth is that which illumines and gives meaning to all that is at every level of being.

To gain a glimpse of the truth underlying visible phenomena, an inner sense and intuition of cosmic justice and order is required.

(Living Truth: The Future of The Theosophical Society, TPH Adyar, 2006)

She further says only one who keeps a continually open mind can find the Truth. Truth cannot be discovered by a mind that has fixations, prejudices and biases of any kind. The mind must become pure and unruffled, free from opinions, biases and self-centred emotions, for only in this state can there be an awareness of Truth.

(Truth, Beauty and Goodness by Radha Burnier, TPH Adyar, 1985)

**Universal Brotherhood**

The first object of the Theosophical Society speaks of 'Universal Brotherhood'. Radhaji states that as the years have passed there is a tendency to give a superficial interpretation to the words 'Universal Brotherhood'. The experience of true universal brotherhood even for a few moments, is a sort of internal revolution because it is a glimpse into the supreme truth of unity and, therefore, of Godhead.

(Living Truth: The Future of The Theosophical Society, TPH Adyar, 2006)

She says elsewhere that Universal Brotherhood without distinctions is a state of true knowledge, bliss and freedom. So complete is the inner change as one proceeds from limited ideas of brotherhood to the profundity of brotherhood without distinctions that a Mahatma described

it as a 'regenerating practical Brotherhood'. True brotherhood implies having a new mind and a pure heart, untainted by selfishness. Therefore, it would be correct to say that the zealous pursuit of the first object of the Theosophical Society is a means to human regeneration.

(The World Around Us by Radha Burnier, TPH Adyar, 2009).

**The Path**

According to Radhaji, the Path is only a metaphor for one's own consciousness. It does not exist anywhere else, and only as transformation takes place within us, from being personal to realizing the universal, is the path trodden.

(Living Truth: The Future of The Theosophical Society, TPH Adyar, 2006)

She says elsewhere that it is important to grasp, not merely as a concept, but as a fact, that the Path is oneself. The Voice of the Silence states that one cannot travel on the Path until one has become the Path itself. The Path is the qualitative change which takes place in one's consciousness and in the vehicles through which the consciousness functions.

(No Other Path to Go by Radha Burnier, TPH Adyar, 1985)

She further says that the word 'Path' gives a wrong picture, as if one were going somewhere outside oneself; but it is meant to indicate an inner change and nothing else.

(No Other Path to Go by Radha Burnier, TPH Adyar, 1985)

**Yoga**

Radhaji explains that 'Yoga' is a word, which has been variously defined because it is too rich a term to yield easily to translation. Essentially it is concerned with the ending of the independent self, the self which speaks with the many voices of thought and desire. When the discord produced by the separative activities of this self ceases completely there is the realization of the essential nature of consciousness. The culmination of yoga is said to be a state of non-duality and natural harmony.

(The Universal Yoga Tradition by Radha Burnier, TPH Adyar, 1989)

She further says that the discipline entailed in yoga cannot be treated as less arduous than the training necessary to become a superior musician or an outstanding mathematician. In fact, it is more rigorous in its call to set aside ordinary interests, comforts and values. Yoga implies a radical transmutation of the mind, at the basis of which must be a readiness to change one's mode of life completely.

(The Universal Yoga Tradition by Radha Burnier, TPH Adyar, 1989)

**Raja-yoga and Hatha-yoga**

Radhaji clearly explains the basic difference between Raja-yoga and Hatha-yoga. Hatha-yoga is a system for controlling the body and breath in order to discipline the mind and achieve siddhis or psychic powers. Raja-yoga recognizes the value of a healthy, balanced and orderly use of the body, and therefore includes a number of

suitable breathing and bodily exercises in its training. But this is only incidental and peripheral, the main task being to bring about the transmutation of consciousness.

(The Universal Yoga Tradition by Radha Burnier, TPH Adyar, 1989)

She further mentions that the term Hatha-yoga is now widely used outside India to describe the practice of the kind of exercises and postures which are admissible in Raja-yoga also, but in Indian tradition Hatha-yoga refers to the system of psycho- physiological training which included extreme mortification of the body and the use of bizarre methods to obtain psychic powers. The warnings, which have been given at various times against Hatha-yoga, refer to such a system and its methods.

(The Universal Yoga Tradition by Radha Burnier, TPH Adyar, 1989)

**Knowledge and Wisdom**

Radhaji draws a distinction between knowledge and wisdom. Knowledge in the ordinary sense of the term is knowledge of facts. It is an accumulation of information. It does not demand that there must be action according to the facts or information known. Wisdom is of an entirely different character, for it cannot exist without translating itself into the quality of relationships and action.

(The Way of Self Knowledge by Radha Burnier, TPH Adyar, 1979)

Therefore, she says, wisdom is always ‘practical’. Wherever there is divergence between thought and action,

theory and practice, there is absence of wisdom. Such divergence is a denial of truth. Theosophy being the Wisdom-Religion demands that there should be continual progress in putting an end to the chasm between thought and theory on the one hand, and action and relationship on the other. Theosophical study is valid only if it closes the gulf.

(The Way of Self Knowledge by Radha Burnier, TPH Adyar, 1979)

**Altruism**

According to Radhaji, true 'altruism' is different from 'wanting to help', in the ordinary sense of the term. It has to be totally free from the vanity of imagining that one is in the superior position of a person who is able to help. The mere desire to do good to another in no way qualifies a person with the wisdom necessary to be truly helpful. Only 'pride and resistance to truth' make one presume that one can know what is good for another. The true altruist acts under no such presumption. Great delicacy, humility and sensitivity are the marks of the maturity which is needed before one can help. Altruism is impossible as long as the personal self with its vanity and pride exists. Altruistic progression is skill in the wiping out of the personal self.

(The Way of Self Knowledge by Radha Burnier, TPH Adyar, 1979)

**Latent powers in Man**

The third object of the Theosophical Society speaks of latent powers in man. Radhaji clarifies that the

awakening of the latent powers in man is the discovery of the pure and essential nature of consciousness. It has little to do with the development of telepathy, clairvoyance and such other apparent powers and achievements, which do not bring a fundamental change to the human being nor make manifest the glory of his consciousness. On the other hand, by identifying himself with the experience of achievement in this field, he limits himself and continues to remain in the field of illusion, all self-identification being illusion.

(The Way of Self Knowledge by Radha Burnier, TPH Adyar, 1979)

**The Theosophical Society**

Radhaji emphasizes that the name 'Theosophical Society' was neither vainly nor unintentionally chosen. It defines the connection between the body of people who compose the Society and that transcendental knowledge which is the Wisdom-Religion, and the self-abnegating way of life which opens the soul to the Eternal, and prepares it to be a compassionate and wise server of the ailing world. The lack of such understanding results in a tendency to regard the Society as an ordinary association of men and women, on the whole well intentioned and idealistic, but nothing more.

(The World Around Us by Radha Burnier, TPH Adyar, 2009)

**Theosophy**

Radhaji states that Theosophy must not be made into a theory, a set of concepts. It must be the truth which transforms, makes us loving, caring, tender in our

relationships, as we are when we look at the hidden beauty of the flower. The proof of theosophical learning is in the growth of understanding, affection, serenity, sensitivity and openness, not only towards other human beings, but towards all life – the little blade of grass, the bird on the wing, creatures of every kind. There is goodness everywhere. The precious quality of life exists wherever life is. Let us honestly look at what is happening, whether we are really becoming more theosophical or not, whether our way of studying and learning theosophy is right, the test being in daily conduct and relationship.

(Human Regeneration by Radha Burnier, TPH Adyar, 1991)

**Work of the Theosophical Society**

Elsewhere she states that to make the work of the Theosophical Society effective, we must see the connection between the three objects of the Society and the relation of all the three objects to the unfoldment of the human consciousness and the upliftment of humanity. The history of the Society is clear on this point: the one thing for which it is founded is to help the true progress of humanity. How can the Society have objects which are not related to that purpose? Perhaps in our Lodges and groups we have not given sufficient consideration to the meaning of the objects of the Society. We assume them to be unconnected. But if we see the relatedness, then all of us can work together for the same thing, which is the renewal of the human mind.

(Human Regeneration by Radha Burnier, TPH Adyar, 1991)

In most of her insightful elucidations, she emphasizes the paramount need for inner change brought about by being attentive and by living with a sense of oneness in nature. She points out that the Theosophical Society stands for universal brotherhood without distinctions; and that a mind without distinctions is a regenerated mind. As such, what the Society stands for basically is regeneration, not just providing volumes of knowledge to people. She goes on to say that knowledge is provided, but with a view to bringing about this change from unregenerate condition to a new mind that feels no division or difference. In this short time, one can only attempt to provide a glimpse of Radhaji'sinsight into various theosophical topics she dealt with in her talks and writings that she dealt with during a long period of over 50 years. One must hear and read the original talks and writings. There are many of her recorded talks which need to be converted to more durable media, transcribed and printed making these available to a wider audience.

**Human Regeneration**

Radhaji spoke often and very clearly about "human regeneration." For her, this was the central task of the Theosophical Society and the foundation of any real social or spiritual transformation.

Below is a consolidated explanation of what "human regeneration" means according to Radhaji distilled from her talks, writings, and editorials in The Theosophist:

1. Regeneration is an inner revolution of consciousness

Radhaji emphasized that regeneration does not mean improving the outer personality, acquiring more information, or following practices mechanically. It means a radical change within, at the level of perception and consciousness.

She said that most human problems arise because:

- perception is clouded
- consciousness is conditioned
- the mind is fragmented by fear, desire, and self-centredness

Regeneration begins when a person sees this conditioning clearly.

2. It requires freeing the mind from conditioning

One of her recurring themes was freedom from conditioning—social, religious, psychological, and cultural.

Regeneration, she said, happens when the mind becomes:

- unburdened by dogma
- free from prejudice
- liberated from mechanical habits

This freedom allows the mind to become simple, sensitive, and capable of seeing truth.

3. Regeneration is awakening the "true human nature"

Radhaji believed humanity has a latent divinity, sometimes called the spiritual Self, Atman, or the Inner Light. Human regeneration is the unfolding of this higher nature through self-understanding, purity, and awareness.

She often quoted the ancient theosophical ideal:

"The aim of human life is to manifest the hidden divinity within."

Regeneration is this manifestation.

4. Transformation begins with self-knowledge

She repeatedly stressed: "Without self-knowledge, there is no regeneration."

This self-knowledge is not introspective analysis or memory of past experiences, but living awareness of:

- motives
- emotions
- reactions
- the movement of thought

Through this awareness, psychological clarity arises.

5. Ethics, compassion, and right relationship naturally follow

Radhajitaught that true ethics can't be imposed from outside. When the mind is clear, the heart naturally expresses:

- empathy
- non-violence
- respect for all life
- harmony

Human regeneration results in right relationship—with oneself, with others, with nature, and with the whole of life.

6. Regeneration is not a personal achievement, but a universal responsibility

For Radhaji, regeneration was not a private spiritual quest; it was humanity's need. The world can change only when people change at the level of consciousness. She frequently said:

"Society is the projection of human minds. When the mind is transformed, society is regenerated."

Thus, the regeneration of humanity begins with the regeneration of one person.

7. Freedom, inquiry, and a scientific attitude of the spirit


Her work was deeply influenced by Krishnamurti. She held that regeneration requires:

- free inquiry
- inner honesty
- absence of authority in spiritual matters
- a scientific, observational attitude

Regeneration is a continuous, lifelong movement of learning.

In Summary, Human regeneration is the awakening of a new consciousness that is free, compassionate, unconditioned, and aware. It is the unfolding of the inner spiritual nature through self-knowledge, clarity, and right living. This inner transformation is the only real basis for the regeneration of humanity and society.

❖❖❖



# ଇକ୍‌ବଲ୍ କିଷନ୍ ଟାଇମ୍ନି ଓ ବ୍ରହ୍ମବିଦ୍ୟା ସମିତି

## ଧ୍ରୁବ ପ୍ରସାଦ ପଣ୍ଡା

ଇକ୍‌ବଲ୍ କିଷନ୍ ଟାଇମ୍ନି ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ କାଶ୍ମିରୀ ମହାଲାରେ ୧୮୯୮ ମସିହାରେ ପିତା ପଣ୍ଡିତ ପ୍ରେମ କିଷନ୍ ଟାଇମ୍ନିଙ୍କ ଔରସରୁ ଓ ମାତା ବିରଜାଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ସେମାନେ ପ୍ରଥମେ ହରଦୋଇ ଓ ପରେ ଆଲାହାବାଦକୁ ସ୍ଥାନାନ୍ତର ହେଲେ, କାରଣ ତାଙ୍କ ବାପା ଆହ୍ଲାବାଦ ମ୍ୟୁନିସିପାଲିଟିରେ ସେକ୍ରେଟାରୀ ରୂପେ ଚାକିରି ପାଇଲେ । ଇକ୍‌ବାଲ୍‌ଙ୍କୁ ୧୨ ବର୍ଷ ବୟସ ହୋଇଥିବାବେଳେ ତାଙ୍କ ମାତାଙ୍କର ଯକ୍ଷ୍ମାରୋଗରେ ମୃତ୍ୟୁ ହେଲା । ତେଣୁ ସେ ନିଜର ଦାଦୀ (ଜେଜୀମା) ବିଷେନ୍‌ଙ୍କଦ୍ୱାରା ଲାଳିତପାଳିତ ହୋଇଥିଲେ । ଚନ୍ଦ୍ରା ନାମକ ତାଙ୍କର ଏକ ସାନ ଭଉଣୀ ଥିଲା । ୧୯୧୯ରେ ଇକ୍‌ବଲ୍ ଆଲାହାବାଦର ଆନନ୍ଦ ଲଜ୍, ବ୍ରହ୍ମବିଦ୍ୟା ସମିତିରେ ଯୋଗଦେଲେ । ୧୯୨୨ ମସିହାରେ ଇନ୍ଦୋରରେ କୁଅଁର ନାଗ୍ ନାମ୍ନୀ ଜଣେ ଝିଅଙ୍କୁ ବିବାହ କରିଥିଲେ ଯିଏ କି

ଇନ୍ଦୋରସ୍ଥିତ Theosophical Society's Girls School ରେ ଅଧ୍ୟୟନ କରି ପରେ ବି.ଏ. ଡିଗ୍ରୀ ପ୍ରାପ୍ତ ହୋଇଥିଲେ । ଏହା ତତ୍କାଳୀନ ନାରୀ ସମାଜରେ ବିରଳ ଥିଲା । ମଣି-କାଞ୍ଚନର ସଂଯୋଗ ହେଲା । ତାଇମ୍ମି ସ୍ନାତକୋତ୍ତର ଶିକ୍ଷା ସମାପନ କରି Central Govt. ର  Central Excise deptt. ରେ ଚାକିରି ପାଇଥିଲେ । କିନ୍ତୁ ତହିଁରେ ଯୋଗ ନ ଦେଇ ସେ ଆଲାହାବାଦ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ରୂପେ ଯୋଗଦାନ କଲେ । ତାଙ୍କ ପତ୍ନୀ ମଧ୍ୟ ସେଇ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା ସମାପନ କଲେ । ଇତ୍ୟବସରରେ ସେ ମଧ୍ୟ ୧୯୨୫ ମସିହାରେ ଥିଓସଫିକାଲ ସୋସାଇଟିରେ ଯୋଗଦାନ କଲେ ।

୧୯୨୬ ମସିହାରେ କୁଅଁର ଏକ ବୃତ୍ତି ପାଇ ମଣ୍ଟେସରି ସ୍କୁଲରେ ଶିକ୍ଷାଦାନ ପାଇଁ ତାଲିମ ପ୍ରାପ୍ତ କରିବା ସକାଶେ ୟୁ.କେ. ଯାତ୍ରା କଲେ । ତାଙ୍କ ସହିତ ତାଇମ୍ମି ମଧ୍ୟ ଲଣ୍ଡନ ବିଶ୍ୱବିଦ୍ୟାଳୟରେ ପି.ଏଚ୍‌ଡି ଗବେଷଣା ପାଇଁ ନାମ ଲେଖାଇଲେ । ୧୯୨୮ରେ ଉଭୟେ ନିଜ ନିଜର ତାଲିମ ଓ ଡିଗ୍ରୀ ପାଇ ଭାରତ ଫେରିଆସିଲେ ଓ ତାଇମ୍ମି ପୁଣି ଆଲାହାବାଦ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ହେଲେ । କୁଅଁର ଥିଓସଫିକାଲ ସୋସାଇଟି ପରିଚାଳିତ କ୍ରିଷ୍ଣା ଆଶ୍ରମରେ ମଣ୍ଟେସରି ସ୍କୁଲରେ ଅଧ୍ୟକ୍ଷା ରୂପେ କାମ କଲେ । ୧୯୩୫ରେ ସେ ଆଲାହାବାଦର ଆନନ୍ଦ ଲଜ୍‌ରେ ନିଜସ୍ୱ ସଭାଗୃହ ନିର୍ମାଣ କରାଇଥିଲେ । ଏହି ଲଜ୍‌ର ବେସାନ୍ତ୍ ପାଠାଗାରକୁ ସେ ୬୦୦୦ ପୁସ୍ତକ ଦାନ କରି ସମୃଦ୍ଧ କରିଥିଲେ । ପ୍ରଥମେ ଆନନ୍ଦ ଲଜ୍‌ର ସେକ୍ରେଟାରୀ ଓ ପରେ ପ୍ରେସିଡେଣ୍ଟ୍ ହୋଇ ଥିଓସଫିକାଲ୍ ସୋସାଇଟିର ଅନେକ ଉନ୍ନତି ସାଧନ କରିଥିଲେ । ସେ କେବେ ବି ନିଜ ନାଁ'ର ପ୍ରଚାର ବା ପ୍ରସାର ଚାହୁଁ ନ ଥିଲେ । ନିଜର ଫଟୋ ଉଠାଇବାକୁ ସେ ସହଜରେ ଅନୁମତି ଦେଉ ନ ଥିଲେ । ତେଣୁ ତାଙ୍କର ଫଟୋ ବେଶି ଦେଖାଯାଏ ନାହିଁ ।

ତାଇମ୍ମି ୧୯୬୦ ମସିହାରେ ବିଶ୍ୱବିଦ୍ୟାଳୟ ଚାକିରିରୁ ଅବସର ଗ୍ରହଣ କଲେ ସିନା; କିନ୍ତୁ ଜୀବନର କର୍ମକ୍ଷେତ୍ରରେ ଅଧିକ କାର୍ଯ୍ୟବ୍ୟସ୍ତ ରହିଲେ । ଦୁଇବର୍ଷ କାଳ CSIR (Council of Scientific and Industrial Reserarch) ରେ କାର୍ଯ୍ୟରତ ରହିଲେ । ସେଇ ସମୟରେ ସେ ସଂସ୍କୃତ ଅଧ୍ୟୟନ କରି ଅନେକ ମୂଳଗ୍ରନ୍ଥ

ପାଠ କଲେ । ପରବର୍ତ୍ତୀ ଜୀବନରେ ସେ ହିନ୍ଦୁଶାସ୍ତ୍ର ଉପରେ ଅନେକ (Commentrty) ଭାଷ୍ୟ ଲେଖିଲେ । ବ୍ରହ୍ମବିଦ୍ୟା ଉପରେ ମଧ୍ୟ ସେ ମୌଳିକ ପୁସ୍ତକ ରଚନା କଲେ । ତାହାସବୁ Theosophical Societyର Publication House, Adyar, Chennai ରୁ ପ୍ରକାଶିତ ହୋଇଛି । ତାଙ୍କ ଲେଖାସବୁ ଦେଶବିଦେଶରୁ ପ୍ରକାଶିତ ହେଉଥିବା ଜର୍ଣ୍ଣାଲ୍ ମାନଙ୍କରେ ମଧ୍ୟ ପ୍ରକାଶିତ ହେଉଥିଲା। ତାଙ୍କ ସାହିତ୍ୟ ସର୍ଜନା ପାଇଁ ୧୯୭୫ ମସିହାରେ ତାଙ୍କୁ ସୁବ୍ବାରାଓ ମେଡ଼ାଲ ପ୍ରଦାନ କରାଯାଇଥିଲା, ଯାହାକି ଥିଓସଫିକାଲ ସୋସାଇଟିର ସର୍ବୋଚ୍ଚ ସମ୍ମାନ । ଏକ ଆକଳନ ଅନୁସାରେ ସେ ୬୨ ଖଣ୍ଡ ପୁସ୍ତକ ରଚନା କରିଥିବାର ପ୍ରମାଣ ମିଳେ । ତାଇମ୍ନି ଦମ୍ପତି ଆଜୀବନ ଶାକାହାରୀ ଥିଲେ ଓ ଆଜୀବନ ବ୍ରହ୍ମବିଦ୍ୟା ସମିତିର ସଭ୍ୟ ଥିଲେ । ସେ ଅନେକ ବର୍ଷ ଆଡୟାର୍ ରେ ଅନୁଷ୍ଠିତ ହେଉଥିବା School of Wisdom ର ନିର୍ଦ୍ଦେଶକ ଥିଲେ । ୭ ଜୁନ୍ ୧୯୭୮ ମସିହାରେ ଇକ୍‌ବଲ୍ କିଷନ୍ ତାଇମ୍ନି ୮୦ ବର୍ଷ ବୟସରେ ନିଜ ଜନ୍ମସ୍ଥାନ ଲକ୍ଷ୍ନୌରେ ଶରୀର ତ୍ୟାଗ କରିଥିଲେ ।

ଆଇ.କେ.ତାଇମ୍ନିଙ୍କ ପୁସ୍ତକ ସମୁଚ୍ଚୟକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ ।

**ବ୍ରହ୍ମବିଦ୍ୟା ଆଧାରିତ ପୁସ୍ତକ :**

୧. Self-culture in the Light of Ancient Wisdom.

୨. Man, God and the Universe

୩. An Introduction to Hindu Symbolism

୪. Science and Occultism

୫. Principle of Theosophical hork

**ପ୍ରାଚୀନ ଭାରତୀୟ ସୂତ୍ର ଗ୍ରନ୍ଥର ବୈଜ୍ଞାନିକ ବିଶ୍ଳେଷଣ**

୧. The Scicne of Yoga - ପତଞ୍ଜଳିଙ୍କ ଯୋଗସୂତ୍ର ଉପରେ ଭାଷ୍ୟ

୨. The Ultimate Reality and Realization - ଶିବସୂତ୍ର (ବସୁଗୁପ୍ତ)

୩. Self Realization Through Love - ନାରଦ ଭକ୍ତିସୂତ୍ର

୪. Introduction to Hindu Symbolism

୫. The Secret of Self Realization - ପ୍ରତ୍ୟଭିଜ୍ଞା ହୃଦୟମ୍

୬. Gayatri

ତାଇମିଙ୍କ ବ୍ୟକ୍ତିଗତ ଜୀବନ ଉପରେ ମୁଁ ବେଶି ପଢ଼ିନାହିଁ କିମ୍ବା ଜାଣି ନାହିଁ । ତେଣୁ ମୁଁ ତାଙ୍କର ଯେତିକି ବହି ପଢ଼ିଛି ତା ଉପରେ କିଛି ଆଲୋଚନା କରିବି ।

**The Science of Yoga : -** ଏହା ଯୋଗସୂତ୍ର ଉପରେ ଆଧାରିତ ଆଲୋଚନା । ସୂତ୍ରଗୁଡ଼ିକ brief statement ବା କ୍ଷୁଦ୍ର ଉକ୍ତି । ଋଷିମାନେ ଧ୍ୟାନ କରୁଥିବା ସମୟରେ ଯାହାକିଛି ଅନୁଭବ କରୁଥିଲେ ତାକୁ ସଂକ୍ଷିପ୍ତ ବକ୍ତବ୍ୟ ରୂପେ ଶିଷ୍ୟମାନଙ୍କୁ ଶିକ୍ଷା ଦେଉଥିଲେ, କାରଣ ଅନୁଭବକୁ ଶବ୍ଦ ଦ୍ୱାରା ପ୍ରକାଶ କରି ହୁଏନାହିଁ । ଶିଷ୍ୟମାନେ ତାକୁ ବିଶ୍ଳେଷଣ ବା ବ୍ୟାଖ୍ୟା କରୁଥିଲେ । ପ୍ରତ୍ୟେକ ଭାରତୀୟ ଦର୍ଶନର ମୂଳଗ୍ରନ୍ଥକୁ ସୂତ୍ରଗ୍ରନ୍ଥ କୁହାଯାଏ । ପତଞ୍ଜଳିଙ୍କ ଦର୍ଶନର ଯୋଗ ମୂଳଗ୍ରନ୍ଥ ହେଉଛି 'ଯୋଗସୂତ୍ର' । ତହିଁରେ ଏକଶହ ଛୟାନବେଟି ସୂତ୍ର ରହିଛି । ଏହା ଚାରିଭାଗରେ ବିଭକ୍ତ । ପ୍ରତ୍ୟେକ ଭାଗକୁ ପାଦ କୁହାଯାଏ । ସମାଧି ପାଦରେ ଏକାବନ, ସାଧନା ପାଦରେ ପଞ୍ଚାବନ, ବିଭୂତି ପାଦରେ ଛପନ ଓ କୈବଲ୍ୟ ପାଦରେ ୩୪ ଗୋଟି ସୂତ୍ର ସ୍ଥାନ ପାଇଛନ୍ତି । ଏହାର ପ୍ରଥମ ସୂତ୍ର 'ଅଥ ଯୋଗାନୁଶାସନଂ', ଦ୍ୱିତୀୟ ସୂତ୍ର 'ଯୋଗ ଚିତ୍ତବୃତ୍ତି ନିରୋଧ"' । ଏହିଭଳି କ୍ଷୁଦ୍ର ଉକ୍ତିଗୁଡ଼ିକ ଅତ୍ୟନ୍ତ ସାରଗର୍ଭକ ଓ ଗୂଢ଼ । ତାଇମ୍ନିଜୀ ଏହି ସୂତ୍ରମାନଙ୍କର ପ୍ରାଞ୍ଜଳ ବିଶ୍ଳେଷଣ ବୈଜ୍ଞାନିକ ଦୃଷ୍ଟିକୋଣରୁ କରିଛନ୍ତି । ସାଧାରଣ ଅର୍ଥରେ ଯୋଗକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ; ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ, ସମାଧି । କିନ୍ତୁ ଯୋଗଦର୍ଶନ, ଏହାର ସାଧନା ଓ ଲକ୍ଷ୍ୟ ଅତ୍ୟନ୍ତ ଜଟିଳ । ଯମ, ନିୟମଠାରୁ ସମାଧି ଯାଏ ସାଧନାର ପ୍ରତ୍ୟେକ ସୋପାନ, ଚେତନାର ଏକ ଏକ ସ୍ତର । ଏହି ଆଠଟି ସ୍ତର ଯୋଗର କେବଳ ଟେକ୍‌ନିକ୍ ବା କୌଶଳ । ଲକ୍ଷ୍ୟ ହେଉଛି କୈବଲ୍ୟ ପ୍ରାପ୍ତି ।

ଦ୍ୱିତୀୟ ପାଦର ପ୍ରଥମ ଭାଗର ନାମ 'କ୍ଲେଶ' ଓ ଦ୍ୱିତୀୟ ଭାଗଟି 'ବହିରଙ୍ଗ' । କ୍ଲେଶ ଜୀବନର ସଂଘର୍ଷ, ଦୁଃଖ, ଯନ୍ତ୍ରଣା, ଶୋକ ଇତ୍ୟାଦି ସେମାନଙ୍କ ଅନ୍ତର୍ନିହିତ

କାରଣ ଓ ନିରାକରଣ କ୍ଲେଶ ଭାଗର ବିଷୟବସ୍ତୁ । ବହିରଙ୍ଗ ଶାରୀରିକ, ମାନସିକ, ଆବେଗିକ ଓ ନୈତିକ ଦିଗ ଉପରେ ଆଲୋକପାତ କରିଛି । ତୃତୀୟ ପାଦର ପ୍ରଥମ ଭାଗକୁ ଅନ୍ତରଙ୍ଗ ଓ ଦ୍ୱିତୀୟ ଭାଗକୁ ବିଭୂତି କୁହାଯାଇଛି । ତହିଁରେ ମଣିଷର ଅନ୍ତର୍ନିହିତ ସମ୍ଭାବନା, ଶକ୍ତି, କୌଶଳ, ଦକ୍ଷତା ଇତ୍ୟାଦି ଗୁଣ ସାହାଯ୍ୟରେ ସମାଧି ପାଇଁ ଯେଉଁସବୁ ଅଭ୍ୟାସ ଆବଶ୍ୟକ ତାହା ବର୍ଣ୍ଣିତ । ପରିଶେଷରେ ସିଦ୍ଧି ପ୍ରାପ୍ତି ଓ ତାହାର ସଦୁପଯୋଗ ବିଷୟରେ ଆଲୋଚନା ହୋଇଛି । ଆରମ୍ଭରେ ଏହି ସୂତ୍ର ଗୁଡ଼ିକର ବିନ୍ୟାସ ଆମକୁ ଅସଂଯତ ଓ ବିକ୍ଷିପ୍ତ ମନେ ହେଲେ ମଧ୍ୟ ସେଗୁଡ଼ିକର ଅନ୍ତର୍ନିହିତ ଭାବାର୍ଥ ସୁସଂଗଠିତ ବୋଲି ହୃଦ୍‌ବୋଧ ହୁଏ । The Science of Yoga ପୁସ୍ତକରେ ଆମର ମନସ୍ତତ୍ତ୍ୱର ବୈଜ୍ଞାନିକ ବିଶ୍ଳେଷଣ ଓ ଆଧ୍ୟାତ୍ମିକ ବିକାଶରେ ସେମାନଙ୍କ ଭୂମିକାର ଗଭୀର ଅଧ୍ୟୟନ ଥିବାରୁ ଏହି ନାମଟିର ଯଥାର୍ଥତା ପ୍ରତିପାଦିତ ହେଉଛି ।

**The Ultimate Reality and Realization :** ଏଥିରେ ଶିବସୂତ୍ର ସଂପର୍କୀୟ ଆଲୋଚନା ହୋଇଛି । କାଶ୍ମିରୀ ଶୈବ ଦର୍ଶନର ଏହା ମୂଳଗ୍ରନ୍ଥ । ଶୈବ ଦର୍ଶନ ଅଦ୍ୱୈତବାଦୀ । ଏହା ୭୭ ସୂତ୍ର ବିଶିଷ୍ଟ ଓ ତିନି ଅଧ୍ୟାୟରେ ବିଭାଜିତ । ଶମ୍ଭବୋପାୟ ଅଧ୍ୟାୟ ୨୨ ସୂତ୍ର ବିଶିଷ୍ଟ, ଶାକ୍ତୋପାୟ ୧୯ ସୂତ୍ର ବିଶିଷ୍ଟ ଓ ଅନବୋପାୟ ୪୫ ସୂତ୍ର ବିଶିଷ୍ଟ । ପ୍ରଥମରୁ ସପ୍ତମ ସୂତ୍ର ପର୍ଯ୍ୟନ୍ତ ଉକ୍ତିଗୁଡ଼ିକ ଆମ ଚେତନାର ଚାରିସ୍ତର - ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ଓ ତୁରୀୟ ଅବସ୍ଥା ଭେଦକରି ତୁରୀୟାତୀତ ପର୍ଯ୍ୟନ୍ତ ସାଧନା ମାର୍ଗ ନିର୍ଣ୍ଣୟ କରିଛନ୍ତି । ଶିବଙ୍କର ଅନ୍ୟ ନାମ ଶମ୍ଭୁକୁ ଆଧାର କରି ଏହାର ନାମକରଣ ଶମ୍ଭବୋପାୟ ହୋଇଛି । ପ୍ରକଟିତ ଓ ଅପ୍ରକଟିତ ସୃଷ୍ଟିରେ ବ୍ୟାପ୍ତ ମହାଜାଗତିକ ଚେତନାକୁ ଭେଦ କରିବା ମାର୍ଗ ନିର୍ଦ୍ଦେଶିତ ହୋଇଛି ପ୍ରଥମ ପାଦରେ । ସୃଷ୍ଟିର ନିମିତ୍ତ କାରଣ (Instrumental cause) ହେଉଛି ଦିବ୍ୟଶକ୍ତି ଯାହାର ଉପଯୋଗ କରି ଅପ୍ରକଟ ଅବସ୍ଥାରୁ ବ୍ରହ୍ମ ପ୍ରକଟ ହୁଏ ବ୍ରହ୍ମାଣ୍ଡ ରୂପରେ, ତେଣୁ ଦ୍ୱିତୀୟ ଭାଗର ନାମ ଶାକ୍ତୋପାୟ । ଏହି ପ୍ରକ୍ରିୟା ଶବ୍ଦ ବା ନାଦ ଉପରେ ଆଧାରିତ । ଏହା ଅତ୍ୟନ୍ତ ସୂକ୍ଷ୍ମ ହୋଇଥିବାରୁ କେବଳ ଅଧିକାରୀ ପୁରୁଷଙ୍କ ପାଖରୁ ଶିକ୍ଷା ଓ ଦୀକ୍ଷା ଗ୍ରହଣଦ୍ୱାରା ଏହି ସାଧନା ସମ୍ଭବ । ତୃତୀୟ ଅଧ୍ୟାୟ ପରମ

ସତ୍ତାର କେନ୍ଦ୍ରବିନ୍ଦୁ ଉପରେ ଆଧାରିତ, ଯାହାକୁ ଦିବ୍ୟଚେତନାବିନ୍ଦୁ କୁହାଯାଏ । ପ୍ରତ୍ୟେକ ମୋନାଡ଼୍ ବା ଜୀବାତ୍ମା ଚେତନାର ଭିନ୍ନ ଭିନ୍ନ କେନ୍ଦ୍ରବିନ୍ଦୁ । ଏହି କେନ୍ଦ୍ରବିନ୍ଦୁସବୁ ମହାଜାଗତିକ କେନ୍ଦ୍ରବିନ୍ଦୁ ପର୍ଯ୍ୟନ୍ତ ପ୍ରସାରିତ ହୋଇ ତହିଁରେ ବିଲୀନ ହେବା ଆବଶ୍ୟକ । ଶିବସୂତ୍ର ଗୁହ୍ୟବିଦ୍ୟା ହେଲେ ମଧ୍ୟ ସାଧନା ପଥରେ ଅଭ୍ୟାସଦ୍ୱାରା ସରଳ ଓ ବୋଧଗମ୍ୟ ହୁଏ । ଯୋଗଦର୍ଶନ ସାଂଖ୍ୟଦର୍ଶନ ଆଧାରିତ । ତେଣୁ ଦ୍ୱନ୍ଦ୍ୱାତ୍ମକ; କିନ୍ତୁ ଶୈବଦର୍ଶନ ପରମସତ୍ୟର ଅନୁସନ୍ଧାନରେ ସିଧାସଳଖ ଯାତ୍ରା ।

**Self Realization Through Love:** ଏହି ପୁସ୍ତକ ଏକାଅଶୀ ସୂତ୍ର ବିଶିଷ୍ଟ ନାରଦ ଭକ୍ତିସୂତ୍ର ଉପରେ ତାଇମ୍ନିଜୀଙ୍କ ଭାଷ୍ୟ, ଯାହା ତାଙ୍କର ଅନ୍ୟ ଏକ ଅନବଦ୍ୟ ଅବଦାନ । ସେ କହନ୍ତି, "ଭକ୍ତିମାର୍ଗ ଜ୍ଞାନମାର୍ଗର ଏକ ବିକଳ୍ପ ଏବଂ କର୍ମମାର୍ଗ ଉଭୟର ପରିପୂରକ କାରଣ ଶରୀର ଓ ଅନ୍ତଃକରଣକୁ ଶୁଦ୍ଧ କରିବାପାଇଁ କର୍ମ ଆବଶ୍ୟକ । ଭକ୍ତି ଓ ଜ୍ଞାନ ମାର୍ଗର ସାଧନା ପାଇଁ ଶୁଦ୍ଧ-ପୂତ ଶରୀର ଓ ମନ ଆବଶ୍ୟକ । ଜ୍ଞାନମାର୍ଗ ଉପରେ ବ୍ରହ୍ମସୂତ୍ର ଓ ଯୋଗସୂତ୍ର ରଚିତ ଓ ଭକ୍ତିମାର୍ଗ ଉପରେ ନାରଦ ଭକ୍ତିସୂତ୍ର ରଚିତ ।" ଭକ୍ତି, ଜ୍ଞାନ ଓ କର୍ମ ତିନୋଟି ଯୋଗ ପରସ୍ପର ଠାରୁ ସ୍ୱତନ୍ତ୍ର ନୁହନ୍ତି ବରଂ ଗଭୀର ଭାବେ ସଂପର୍କିତ । ସୂତ୍ର କହେ, "ଭକ୍ତି ପରମ ପ୍ରେମରୂପା, ଅମୃତ ସ୍ୱରୂପା, ଯାହାର ପ୍ରାପ୍ତିରେ ଭକ୍ତ ସିଦ୍ଧିପାପ୍ତ ହୁଏ, ଅମୃତ ପ୍ରାପ୍ତ ହୁଏ, ତୃପ୍ତ ହୁଏ । ତାର ଆଉକିଛି ବାସନା, ଅନୁଶୋଚନା ଓ ଦ୍ୱେଷ ନଥାଏ । ଅଧିକକିଛି ପ୍ରାପ୍ତି ପାଇଁ ଉତ୍ସାହ ଉଦ୍ଦୀପନା ନ ଥାଏ । ସେ ନିଜର କର୍ତ୍ତବ୍ୟ ହିସାବରେ କର୍ମ କରେ, ପୂଜା ଉପାସନା କରେ । ପରାଶର, ଗର୍ଗ, ଶାଣ୍ଡିଲ୍ୟ ପ୍ରଦର୍ଶିତ ମାର୍ଗରେ ଉପାସନା ଆରାଧନା କାର୍ଯ୍ୟ ଜାରି ରଖେ । ୨୮ତମ ସୂତ୍ରରେ କୁହାହୋଇଛି ଯେ ଜ୍ଞାନଦ୍ୱାରା ଭକ୍ତିର ବିକାଶ ହୁଏ । ଭକ୍ତିର ଫଳ ଭକ୍ତି । ତେଣୁ ଭକ୍ତି ଚକ୍ରବୃଦ୍ଧି ହାରରେ ବୃଦ୍ଧି ପାଏ । ପାର୍ଥିବ ବିଷୟ ପ୍ରତି ଆସକ୍ତିର ତ୍ୟାଗ ହେଉଛି ଭକ୍ତିର ପ୍ରାଥମିକ ଲକ୍ଷଣ । ଭଜନ-କୀର୍ତ୍ତନଦ୍ୱାରା ଭକ୍ତି ପୁଷ୍ଟ ହୁଏ । ପ୍ରବଚନ ଶ୍ରବଣ ଓ ପ୍ରବଚନ ପ୍ରଦାନ, ସତ୍‌ସଙ୍ଗ ଓ ଭଗବତ୍ କୃପାଦ୍ୱାରା ଭକ୍ତି ଜାଗ୍ରତ ହୁଏ । ଦୁଃସଙ୍ଗରୁ କାମ, କ୍ରୋଧ, ମୋହ, ସ୍ମୃତିଭ୍ରଂଶ ଓ ସର୍ବନାଶ ହୋଇଥାଏ । ତେଣୁ ଦୁଃସଙ୍ଗ ସର୍ବଦା

ବର୍ଜନୀୟ । ନିଜର କର୍ମକୁ ଈଶ୍ୱରଙ୍କ ପାଖରେ ଅର୍ପଣ କରି ଯିଏ କର୍ମଫଳ ଆଶା କରେ ନାହିଁ, ସେ ନିର୍ଦ୍ୱନ୍ଦ୍ୱ ଭକ୍ତିର ଅଧିକାରୀ ହୁଏ । ଭକ୍ତି ଅବର୍ଣ୍ଣନୀୟ କାରଣ ଏହା ଅନ୍ତରରେ ଅନୁଭୂତି । ଭକ୍ତିରୁ ତନ୍ମୟତା ଜାତ ହୁଏ ।

**The Secret of Self Realization:** ଏହି ପୁସ୍ତକଟି 'ପ୍ରତ୍ୟଭିଜ୍ଞା ହୃଦୟମ୍'ର ଭାଷ୍ୟ । ଏହା ପ୍ରକୃତରେ ପ୍ରାଚୀନ ଗୁହ୍ୟବିଦ୍ୟା । ଏହା କ୍ଷେମରାଜଙ୍କଦ୍ୱାରା ରଚିତ ୨୦ ସୂତ୍ର ବିଶିଷ୍ଟ । ଏହାର ପ୍ରଥମ ତିନୋଟି ସୂତ୍ର ବ୍ରହ୍ମାଣ୍ଡର ମୂଳ ଓ ସୃଷ୍ଟିର ଲକ୍ଷଣକୁ ସଂକ୍ଷିପ୍ତ ଭାବେ ପ୍ରକାଶ କରିଛନ୍ତି । ପରମସତ୍ୟ ମହାଜାଗତିକ ଚେତନାର ପ୍ରକଟୀକରଣ ମାତ୍ର । ଚତୁର୍ଥ ସୂତ୍ରରେ ସୃଷ୍ଟି ଓ ତହିଁରେ ଜୀବାତ୍ମାର ଭୂମିକା ଓ ପଞ୍ଚମ ସୂତ୍ରରେ ଜୀବାତ୍ମା କିପରି ନିଜର କର୍ମଦ୍ୱାରା ସୃଷ୍ଟି ସହିତ ବାନ୍ଧି ହୋଇ ରହିଛି, ତା' ଉପରେ ବିଚାର କରାଯାଇଛି । ନିଜର ମନୋବଳ ଦ୍ୱାରା ପ୍ରଭାବିତ ମୋନାଡ୍ ତାର ଲୀଳାଖେଳା ସମ୍ପନ୍ନ କରେ । ମହାଜାଗତିକ ଚେତନାର ବିଭକ୍ତୀକରଣଦ୍ୱାରା ବ୍ୟକ୍ତି ଚେତନାର ସୃଷ୍ଟି, ପାର୍ଥିବ ଜଗତର ମାନସିକ ସ୍ତରରେ ତାର ସଂପୃକ୍ତି ଓ ନିଜସ୍ୱ ଏକ କାଳ୍ପନିକ ସ୍ୱତନ୍ତ୍ର ଚେତନାକେନ୍ଦ୍ରର ଉପସ୍ଥିତି ତାକୁ ସସୀମ କରି ରଖିଛି । ଏହି କାଳ୍ପନିକ ବିଭାଜନ ହିଁ ତା'ର ଦୁଃଖର କାରଣ । ସୂତ୍ର ଛଅରେ ଏହାକୁ 'ମାୟା ପ୍ରମତା' କୁହାଯାଇଛି । ପରବର୍ତ୍ତୀ ସୂତ୍ରଗୁଡ଼ିକରେ ଯୋଗବଳରେ ମୋନାଡ୍ କିପରି ନିଜର ମୂଳ ପରିଚୟ ପ୍ରାପ୍ତ ହେବ ତାର ବିସ୍ତୃତ ବିବରଣୀ ରହିଛି । ଚିତ୍‌ଶକ୍ତିର ଚିତ୍ତକୁ ଅବତରଣ, ମନ ସହିତ ସଂସାରରେ ତାର ସଂପୃକ୍ତି, ତହିଁରେ ମନସ୍ତତ୍ତ୍ୱର ଭୂମିକା, ଯୋଗର ବିଭିନ୍ନ ପର୍ଯ୍ୟାୟ ଦେଇ ଗତିକରି ସେଇ ବିଭାଜିତ ମୋନାଡ୍ ଉତ୍ତରଣ ବା କ୍ରମବିକାଶ ଓ ଏକୀଭୂତ ହେବା ହେଉଛି ପ୍ରତ୍ୟଭିଜ୍ଞା ହୃଦୟର ବିଷୟବସ୍ତୁ ।

**Gayatri (ଗାୟତ୍ରୀ) :** ଋଷି ହୁଅନ୍ତୁ, ବୈଜ୍ଞାନିକ ହୁଅନ୍ତୁ ବା ସାଧାରଣ ବ୍ୟକ୍ତି ହୁଅନ୍ତୁ, ଆମ୍ଭେମାନେ ସମସ୍ତେ ବାହ୍ୟ ଇନ୍ଦ୍ରିୟଗୋଚର ଅନୁଭବରେ ଜୀବନଯାପନ କରୁ ଓ ନିଜ ନିଜର ଜୀବନଦର୍ଶନ ଗଢ଼ିଥାଉ । ଆମର ଦୃଷ୍ଟି ଜୀବନର ଗଭୀରତମ ବିଭବକୁ ଅଣଦେଖା କରିଥାଏ । ଯେତେବେଳେ ବୁଦ୍ଧି (Intuition) କାମ କରେ, ଆମ ଅଭ୍ୟନ୍ତର ପ୍ରଦେଶରୁ ଅନ୍ୟ ଏକ ବିଭବର ସତ୍ତାକୁ ଆମେ

ଅନୁଭବଦ୍ୱାରା ଆବିଷ୍କାର କରିଥାଉ । ଅନ୍ୟ ଭାଷାରେ, ବୁଦ୍ଧି ରୂପକ ପ୍ରକାଶ ମାଧ୍ୟମରେ ଆମେ ଯେତେବେଳେ ଜଗତକୁ ଦେଖୁ, ସେଇ ଅନୁଭବଟି ଆମକୁ ନିମ୍ନସ୍ତରରୁ ଉଚ୍ଚ ସ୍ତରକୁ ଉତ୍ତରିତ କରିଥାଏ । ତାହା ଧୀ-ଶକ୍ତିର ଜାଗରଣ । ଆତ୍ମସଂସ୍କୃତୀକରଣ (Self-culture) ଯାହାକି ପର୍ଯ୍ୟାୟକ୍ରମେ ଆତ୍ମୋପଲବ୍ଧି ପ୍ରଦାନ କରିଥାଏ ତାହା ତିନି ସ୍ତମ୍ଭ ଉପରେ ତିଷ୍ଠି ରହିଥାଏ । (୧) ଚରିତ୍ର ଗଠନ, (୨) ଉପାସନା, (୩) ଯୋଗ । ଅଧିକାଂଶ ଯୋଗ ଅଭ୍ୟାସ କରନ୍ତି ଓ କିଛି ମାତ୍ରାରେ ତାର ପ୍ରଭାବ ବିଷୟରେ ଜାଣିଛନ୍ତି; କିନ୍ତୁ ଚରିତ୍ର ଗଠନ ଓ ଉପାସନାକୁ ପ୍ରାଧାନ୍ୟ ଦେଇ ନ ଥାନ୍ତି । ଚରିତ୍ର ଗଠନ ଉପରେ Self-culture ପୁସ୍ତକ ଆଲୋକପାତ କରିଛି । ଉପାସନା ଉପରେ 'Gayatri'ପୁସ୍ତକ ଆଲୋକପାତ କରିଛି । Science of Yoga, Self-Culture ଓ Gayatri ପୁସ୍ତକତ୍ରୟ ପରସ୍ପରର ପରିପୂରକ । ଗାୟତ୍ରୀ ସାଧନା ବା ଗାୟତ୍ରୀ ଜପ ମନ୍ତ୍ରଯୋଗ ଅନ୍ତର୍ଗତ ସାଧନା । ଗାୟତ୍ରୀ ମନ୍ତ୍ରର ଜପ ଦ୍ୱାରା ଧୀ-ଶକ୍ତିର ଆବାହନ କରାଯାଏ । 'ଏକୋଽହମ୍ ବହୁସ୍ୟାମ୍' ପ୍ରକ୍ରିୟାରେ ଜୀବାତ୍ମା ମାୟାଦ୍ୱାରା ବନ୍ଧନରେ ପଡ଼ିଥାଏ । 'ଭର୍ଗୋଦେବସ୍ୟ ଧି ମହି' ଏହାର ବିପରୀତଧର୍ମୀ । ଗାୟତ୍ରୀ ଶକ୍ତିଦ୍ୱାରା ଏହା ବନ୍ଧନରୁ ମୁକ୍ତ ହୁଏ । ଏଇଥିରୁ ହିଁ ଜୀବର କ୍ରମବିକାଶ ହୁଏ । ମାୟାର ଯେଉଁ ଅଜ୍ଞାନରୂପକ କୁହୁଡ଼ି ଆଚ୍ଛାଦନ କରିଥାଏ, ଗାୟତ୍ରୀ ତାହାର ଅପସାରଣ କରେ । ମାୟା ଏବଂ ଗାୟତ୍ରୀ ଶିବଙ୍କର ଦୁଇ ଦିବ୍ୟ ଶକ୍ତି । ବ୍ରହ୍ମା, ବିଷ୍ଣୁ, ଶିବ ଯେପରି ଈଶ୍ୱରଙ୍କ ସୃଷ୍ଟି, ପାଳନ ଓ ସଂହାରର ତିନି ରୂପ, ସରସ୍ୱତୀ-ଲକ୍ଷ୍ମୀ-କାଳୀ ତାର ନାରୀ ପ୍ରତିରୂପ । ଏହି ତିନି ଶକ୍ତିର ଏକତ୍ରୀକରଣର ପ୍ରତୀକ ହେଉଛି ଗାୟତ୍ରୀ । ଚେତନାର ବିଭିନ୍ନ ସ୍ତରରେ ଏମାନେ କାର୍ଯ୍ୟରତ । ଗାୟତ୍ରୀ ପୁସ୍ତକରେ ଗାୟତ୍ରୀ ଉପାସନା, ବିନିଯୋଗ ମନ୍ତ୍ର, ସିଦ୍ଧି, ଜପ ଓ ଧ୍ୟାନ ଉପରେ ଭିନ୍ନଭିନ୍ନ ଅଧ୍ୟାୟ ରହିଛି ।

**An Intruduction to Hindu Symbolism :** ହିନ୍ଦୁଧର୍ମ ଓ ଦର୍ଶନର ଦେବୀ, ଦେବତା, ତ୍ରିଦେବ ଧାରଣା, ତାଙ୍କର ପୁରାଣ ବର୍ଣ୍ଣିତ ଧାରଣା । ତାଙ୍କର ଚରିତ୍ର ଓ ତାଙ୍କର ଉପାସନା ପ୍ରକ୍ରିୟା ଇତ୍ୟାଦି ପ୍ରତୀକଧର୍ମୀ । ମୂର୍ତ୍ତି, ଲିଙ୍ଗ, ସମୁଦ୍ର ମନ୍ଥନ ଇତ୍ୟାଦିକୁ ଋଷିମାନେ ପ୍ରତୀକଧର୍ମୀ କରି ବର୍ଣ୍ଣନା କରିଛନ୍ତି । ବ୍ରହ୍ମା, ବିଷ୍ଣୁ,

ଶିବ, ସରସ୍ୱତୀ, ଲକ୍ଷ୍ମୀ, କାଳୀ ଇତ୍ୟାଦି ମାନବିକ ରୂପରେ ଦେବତ୍ୱର ଆରୋପ ଅନ୍ଧବିଶ୍ୱାସ ନୁହେଁ, ବରଂ ସୂକ୍ଷ୍ମ କଳା, ରସ ଓ ସୌନ୍ଦର୍ଯ୍ୟର ମିଳିତ ଭାବର ପରିପ୍ରକାଶ । ସର୍ବସାଧାରଣଙ୍କ ବୋଧଶକ୍ତିକୁ ଆଖି ଆଗରେ ରଖି ଏମାନଙ୍କର ପ୍ରସ୍ତୁତି ହୋଇଛି । ନଅ ଅଧ୍ୟାୟ ବିଶିଷ୍ଟ ଏହି ବହିରେ ପ୍ରତ୍ୟେକ ପ୍ରତୀକର ପୃଷ୍ଠଭୂମି ବର୍ଣ୍ଣନା କରାଯାଇଛି । ଏପରିକି ଶିବ, ମହେଶ ଓ ରୁଦ୍ରର ଗୁହ୍ୟ ପାର୍ଥକ୍ୟର ବିଶଦ ବ୍ୟାଖ୍ୟା କରାଯାଇଛି ।

**Self-culture in the Light of Ancient Wisdom :** ଏହି ପୁସ୍ତକଟି ବୋଧହୁଏ ବ୍ରହ୍ମବିଦ୍ୟା ପ୍ରତି ତାଇମ୍ନିଜୀଙ୍କ ଶ୍ରେଷ୍ଠ ଅବଦାନ । ୨୦ ଅଧ୍ୟାୟ ବିଶିଷ୍ଟ ଏହି ପୁସ୍ତକ ତିନିଭାଗରେ ବିଭକ୍ତ । ମନୁଷ୍ୟର ସାତଟି ଶରୀର ସ୍ଥୂଳ ଓ ସୂକ୍ଷ୍ମ ବର୍ଣ୍ଣନା ସହିତ ସେମାନଙ୍କ କାର୍ଯ୍ୟ, ସେମାନଙ୍କ ବିଶୁଦ୍ଧୀକରଣ, ବିକାଶ, ମୋନାଡ୍‌ର ଉତ୍ପତ୍ତି, ଅବରୋହଣ (Involution), ଆରୋହଣ (Evolution), ତାହାର ପ୍ରକୃତ ପରିଚୟର ଆବିଷ୍କାର, ସ୍ଥୂଳ ଶରୀର, ଆତ୍ମାବୁଦ୍ଧିମାନସର ବିଭାଗୀକରଣର ପ୍ରାଞ୍ଜଳ ବର୍ଣ୍ଣନା ଏଥିରେ ରହିଛି । ଆରମ୍ଭରେ ପ୍ରାଚୀନ ଜ୍ଞାନକୁ ଭିତ୍ତିକରି ଆତ୍ମ-ସଂସ୍କୃତୀକରଣଦ୍ୱାରା କିପରି ନିଜର ବିକାଶ ସାଧନ କରି ହେବ, ତାହାର ପୁଙ୍ଖାନୁପୁଙ୍ଖ ବୈଜ୍ଞାନିକ ବିଶ୍ଳେଷଣ କରାଯାଇଛି । ପ୍ରଥମ ଭାଗରେ ମନୁଷ୍ୟ ଶରୀରର ଗଠନ ସହିତ ପ୍ରତ୍ୟେକ ଶରୀରର ବିଶୁଦ୍ଧୀକରଣ ଯେ ଏକ ବିଜ୍ଞାନ ତାହା ପ୍ରତିପାଦିତ କରାଯାଇଛି । ଦ୍ୱିତୀୟ ଭାଗରେ ସାତଟି ଶରୀର କିପରି ପରସ୍ପର ସଂପର୍କିତ ଓ କିପରି ଅନ୍ତଃଶରୀର କ୍ରିୟା ଓ ପ୍ରତିକ୍ରିୟା ହୁଏ ତାହାର ପ୍ରାଞ୍ଜଳ ବିବରଣ ରହିଛି । ନିମ୍ନମାନସ ଓ ଉଚ୍ଚମାନସ ମଧ୍ୟରେ କ୍ରିୟା ଓ ପ୍ରତିକ୍ରିୟା ପ୍ରାଥମିକ ବିକାଶ ସାଧନାରେ କେଉଁ ଭୂମିକା ଗ୍ରହଣ କରେ ତାହାର ବିଶଦ ଆଲୋଚନା ହୋଇଛି । ତୃତୀୟ ଭାଗରେ ଆତ୍ମ-ପରିଚୟର ଆବିଷ୍କାର ଏବଂ ପ୍ରଜ୍ଞା ତଥା ଯୋଗ ସାହାଯ୍ୟରେ ଆତ୍ମୋପଲବ୍ଧିର ମାର୍ଗ ନିର୍ଦ୍ଦେଶିତ ହୋଇଛି । ପରଲୋକର ଏକ ଝଲକ କିପରି ଇହଲୋକର ଅସାରତା ଦର୍ଶାଇଥାଏ ତାହା ମଧ୍ୟ ବର୍ଣ୍ଣିତ ହୋଇଛି ।

**Scicne and Occultism :** ଗାଣିତିକ ନିୟମ ପାଳନ କରି ସୃଷ୍ଟି ପ୍ରକ୍ରିୟା ଚାଲିଛି । ସୃଷ୍ଟିର ପ୍ରତ୍ୟେକ ଘଟଣାର ପ୍ରବାହ, ପ୍ରତ୍ୟେକ ବସ୍ତୁର କ୍ରିୟାର ଏକ ପ୍ରତିରୂପ

ଗଣିତଶାସ୍ତ୍ରରେ ବିଦ୍ୟମାନ । ଏହା ତାଇମ୍ନିଜୀଙ୍କ ବକ୍ତବ୍ୟ । Occult ର ଅର୍ଥ ହେଲା ଗୁପ୍ତ ବା ଗୁହ୍ୟ । ଏହାକୁ ରହସ୍ୟ ବା ଯାଦୁବିଦ୍ୟା ଅର୍ଥରେ ମଧ୍ୟ ବ୍ୟବହାର କରାଯାଏ । ସାଧାରଣ ସମାଜରେ ଯାହାର ପ୍ରଚଳନ ନାହିଁ; କିନ୍ତୁ କେତେକ ଅସାଧାରଣ ବ୍ୟକ୍ତି ବା ଘଟଣା ଭିତରେ ଯାହା ସୀମିତ, ତାକୁ ଆମେ Occult କହୁ । ସମାନାର୍ଥରେ esoteric ଶବ୍ଦଟି ମଧ୍ୟ ବ୍ୟବହାର କରାଯାଏ । ଅବଶ୍ୟ ଏହି ଦୁଇ ଶବ୍ଦ Occult ଓ Esoteric ମଧ୍ୟରେ ସୂକ୍ଷ୍ମ ବ୍ୟବଧାନ ରହିଛି । ମୁଁ ଯଦି ଆଲୋକରଶ୍ମିକୁ ଧଳା, ନୀଳ, ସବୁଜ, ନାଲି ଇତ୍ୟାଦି ରଙ୍ଗର ନାମରେ କହିବି, ତେବେ ସାଧାରଣ ବ୍ୟକ୍ତି ବୁଝିପାରିବେ । କିନ୍ତୁ ବିଜ୍ଞାନ ପ୍ରତ୍ୟେକ ରଙ୍ଗକୁ ଏକ frequency ସଂଖ୍ୟାରେ ପ୍ରକାଶ କରେ, ଯାହା ସାଧାରଣ ବ୍ୟକ୍ତି ପାଇଁ ଅବୋଧ । ତେଣୁ ଏହା occult knowledge ବା ଗୁହ୍ୟ ବିଦ୍ୟା । ବିଜ୍ଞାନ କ୍ଷେତ୍ରରେ ମଧ୍ୟ ଅନେକ ଅବୋଧ ଜ୍ଞାନ ରହିଛି । ଅନେକ ପରମ୍ପରା, ଘଟଣା, ପ୍ରକୃତିର ବୈଚିତ୍ର୍ୟ ବିଜ୍ଞାନ ପାଇଁ ଏବେ ବି ଅବୋଧ । ତାକୁ ଆମେ occultism କହିବା । ଅନେକ ବୋଧ ଓ ଅବୋଧ ଘଟଣାର ଏକ ପ୍ରଚଳିତ କାରଣ ଓ ରହସ୍ୟମୟ ଦିଗ ରହିଛି । ଅନେକ ଘଟଣା ଘଟିତ ହେଲାବେଳେ ଆମେ ଅନୁଭବ କରିପାରୁ; କିନ୍ତୁ ସେହି ପ୍ରତ୍ୟକ୍ଷ ଅନୁଭୂତିକୁ ଭାଷା କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶ କରିପାରୁନା । ସେହି ଅନୁଭୂତିକୁ ଆମେ ଅବର୍ଣ୍ଣନୀୟ, ଅନିର୍ବଚନୀୟ ଆଖ୍ୟା ଦେଉ; କିନ୍ତୁ ଅନୁଭୂତିଟି ସତ୍ୟ । ଯାହା ଆଗରେ ଆମେ ବର୍ଣ୍ଣନା କରୁ ତା' ପାଇଁ ଏହା ଗୁହ୍ୟ ବା occult ହୋଇ ରହିଯାଏ । ଯେପରି ବେଦୋକ୍ତ ମନ୍ତ୍ର । Science and Occultism ପୁସ୍ତକରେ ତାଇମ୍ନିଜୀ ଆଧୁନିକ ବିଜ୍ଞାନର Relativity ତତ୍ତ୍ୱ ଓ Quantum Mechanism ତତ୍ତ୍ୱର ଅନ୍ତର୍ନିହିତ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି । ବସ୍ତୁର ଦ୍ୱୈତ ଅବସ୍ଥା, ସୃଷ୍ଟିର ସ୍ଥିତି, ଗତି, ଶବ୍ଦ, ନାମ, ରୂପ, ସୃଷ୍ଟିପ୍ରକ୍ରିୟାର ବିଭକ୍ତୀକରଣ ଇତ୍ୟାଦିର ପୃଷ୍ଠଭୂମିରେ ଥିବା ଗୁହ୍ୟ ରହସ୍ୟକୁ ଉନ୍ମୋଚନ କରିବାର ପ୍ରୟାସ କରାଯାଇଛି । ବ୍ରହ୍ମବିଦ୍ୟାରେ ଏଭଳି ପୁସ୍ତକ ବିରଳ । ବ୍ରହ୍ମବିଦ୍ୟା ସମିତିର ଯେଉଁ Comparative study of scicne, religion and philosophy ଲକ୍ଷ୍ୟ ରହିଛି, ତା' ପାଇଁ ଏହି ପୁସ୍ତକ ଅଧ୍ୟୟନ ଅତ୍ୟନ୍ତ ଆବଶ୍ୟକ ।

**Man, God and the Universe :** କୌଣସି ଘଟଣାର ଗଭୀରତାକୁ ଯାଇ ଆମେ ଅନୁଧ୍ୟାନ କଲେ ବାହ୍ୟଇନ୍ଦ୍ରିୟାନୁଭୂତି ଦ୍ୱାରା ସଂଗୃହୀତ ସୂଚନା ଅପେକ୍ଷା ସୂକ୍ଷ୍ମତର ସୂଚନା ମିଳେ । ଏହି ସୂକ୍ଷ୍ମତର ସୂଚନା ଅନୁଭୂତିପ୍ରସୂତ ଓ ବେଳେବେଳେ ଆମେ ତାକୁ ପ୍ରଚଳିତ ଭାଷାରେ ବ୍ୟକ୍ତ କରିପାରୁନାହୁଁ । କାରଣ ଏହା ପ୍ରତ୍ୟକ୍ଷ ଜ୍ଞାନ, ଶୁଣା କଥାରୁ ଭିନ୍ନ । ଏହାକୁ ଆମେ ଗୁହ୍ୟଜ୍ଞାନ କହୁ । ପ୍ରତ୍ୟେକ ଗୁହ୍ୟଜ୍ଞାନର ଦୁଇଟି ଦିଗ ବା ବିଭାଗ ଥାଏ– Theoretical (ତାତ୍ତ୍ୱିକ) ଏବଂ Practical (ବ୍ୟବହାରିକ), Philosophical (ଦାର୍ଶନିକ) ଓ Technical (ବୈଷୟିକ) । ବ୍ରହ୍ମବିଦ୍ୟାରେ ମଧ୍ୟ ଆମେ ଦୁଇଟି ଜ୍ଞାନର କଥା କହୁ - ପ୍ରତ୍ୟକ୍ଷ ଓ ପରୋକ୍ଷ । ବକ୍ତୃତା ଶୁଣି ବା ବହି ପଢ଼ି ଆମେ ପରୋକ୍ଷ ଜ୍ଞାନ ପାଉ ଏବଂ ତାକୁ ଅନ୍ୟକୁ ପରିବେଷଣ ମଧ୍ୟ କରୁ । କେତେକ ଜ୍ଞାନ ଆମେ ଧ୍ୟାନ କରି ଦୃଢ଼ନିଶ୍ଚିତ କରୁ, ଆଉ କେତେକ ଆମେ ନିଜ ଜୀବନରେ ପ୍ରତିଫଳିତ କରିଥାଉ, ଯାହା 'ପ୍ରଜ୍ଞା' ରୂପେ ପ୍ରକାଶ ପାଏ । ତାହା ନିଜର ଅଭିଜ୍ଞତାପ୍ରସୂତ । ଏହି ତତ୍ତ୍ୱକୁ ଆଧାର କରି Self-culture ପୁସ୍ତକର ଏକ ପରିପୂରକ ଗ୍ରନ୍ଥ ରୂପେ ତାଇମ୍ନିଜୀ "Man, God and Universe" ବହି ରଚନା କରିଛନ୍ତି । ଆମ ଜୀବନର ଅନ୍ତର୍ନିହିତ ବାସ୍ତବତା (Inner reality) ଓ ଦୈନନ୍ଦିନ ବ୍ୟବହାରରେ ପାର୍ଥକ୍ୟ ରହିଛି । ଅନ୍ତର୍ନିହିତ ବାସ୍ତବତା ହେଉଛି ଜୀବନର occult aspect ବା ଗୁହ୍ୟ ଦିଗ । ଏହି ଦୃଷ୍ଟିକୋଣରୁ ତାଇମ୍ନିଜୀ ୩୫ଟି ଅଧ୍ୟାୟ ବିଶିଷ୍ଟ ଏହି ପୁସ୍ତକ Man, God and the Universe ରଚନା କରିଛନ୍ତି । ପରମାତ୍ମା, ମହାଜାଗତିକ ଚେତନା, ଅପ୍ରକଟିତ ଲୋଗସ୍, ପ୍ରକଟୀକରଣ, ବ୍ୟକ୍ତିଚେତନା, ଜୀବାତ୍ମାର ଅବରୋହଣ (Involution), ଉତ୍ତରଣ (Evolution), ବିଭାଗୀକରଣ, ବିଭାଜନ, ସମୟ, ପ୍ରସାର, ବସ୍ତୁ, ଚେତନା, ଶକ୍ତି, ବ୍ୟକ୍ତି ଚେତନାର କେନ୍ଦ୍ର ଓ ମହାଜାଗତିକ ଚେତନାର କେନ୍ଦ୍ର ଇତ୍ୟାଦି ଧାରଣାର ପ୍ରାଞ୍ଜଳ ତର୍ଜମା ହୋଇଛି ଏହି ପୁସ୍ତକରେ । ସମୟ-ପ୍ରସରର ପ୍ରସାରଣ ଓ ସଙ୍କୋଚନର ସମଗ୍ରୀକରଣଦ୍ୱାରା ପୁଣି ଅନେକରୁ ଏକ ହେବା ପ୍ରକ୍ରିୟା ମଧ୍ୟ ବର୍ଣ୍ଣିତ । ବିଭାଜନଦ୍ୱାରା ଯେପରି ସୃଷ୍ଟି ପ୍ରକଟିତ ହୁଏ, ତାର ବିପରୀତ ପ୍ରକ୍ରିୟା ସମଗ୍ରୀକରଣଦ୍ୱାରା ପୁଣି କେବଳ ପରମ ସତ୍ୟ ହିଁ ଏକ ସତ୍ତା ହୋଇ ରହେ ।

**Principles of Theosophical Work :** ଏହି ବହିଟି ବିଂଶ ଶତାବ୍ଦୀର ମଧ୍ୟଭାଗରେ ଆନନ୍ଦ ପବ୍ଲିଶିଂ ହାଉସ୍‌ଦ୍ୱାରା ପ୍ରକାଶିତ ହୋଇଥିଲା ଯାହା I.K.Taimni ପ୍ରତିଷ୍ଠା କରିଥିଲେ । ୧୯୯୧ ମସିହାରେ ଥିଓସଫିକାଲ ପବ୍ଲିଶିଂ ହାଉସ୍, ଆଡୟାର୍ ଦ୍ୱାରା ଏହା ପୁନଃପ୍ରକାଶିତ ହେଲା । ବ୍ରହ୍ମବିଦ୍ୟା ସମିତିର ଆନୁଷ୍ଠାନିକ ଶୃଙ୍ଖଳା, ଦକ୍ଷତା, ଉପଯୁକ୍ତ ପ୍ରବନ୍ଧନ ଓ ପ୍ରସାରଣର ବାର୍ତ୍ତା ନେଇ ବହିଟି ରଚିତ । ସାରାପୃଥିବୀରେ ପରିବ୍ୟାପ୍ତ ବ୍ରହ୍ମବିଦ୍ୟା ସମିତିର ସଦସ୍ୟମାନେ ଯଦି ସମିତିର ଲକ୍ଷ୍ୟ, ସାଧାରଣ ତତ୍ତ୍ୱ, ନୀତି ଉପରେ ଅବଗତ ନ ହେବେ, ତେବେ ଏହା ଏକ ଦକ୍ଷ ଓ ଶୃଙ୍ଖଳିତ ଅନୁଷ୍ଠାନ ହୋଇପାରିବ ନାହିଁ । ଶ୍ୱେତଭ୍ରାତୃମଣ୍ଡଳୀ ଯେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ରହ୍ମବିଦ୍ୟା ସମିତି ଗଠନ କରିଛନ୍ତି ତାକୁ ତିନି ଭାଗରେ ବିଭକ୍ତ କରାଯାଇଛି ।

(୧) ମନୁଷ୍ୟ ଜାତି ପାଇଁ ତାର କ୍ରମବିକାଶ ଧାରାରେ ଅଗ୍ରସର ହେବା ଓ ଜୀବନର ଗଭୀର ସତ୍ୟକୁ ଜାଣିବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ।

(୨) ମନୁଷ୍ୟ ମନରେ ବିଶ୍ୱଭ୍ରାତୃଭାବ ଜାଗ୍ରତ ହେଲେ ଯାଇ ଏହି ପରିବେଶ ନିର୍ମାଣ ସମ୍ଭବ ।

(୩) ଯେଉଁ ବଡ଼ଭାଇମାନେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପ୍ରୟାସ କରୁଛନ୍ତି, ତାଙ୍କୁ ସମିତିର ସଦସ୍ୟମାନେ ଉପଯୁକ୍ତ ସହଯୋଗ କରିବା ଉଚିତ ।

ଏହିସବୁ ଲକ୍ଷ୍ୟ ପୂରଣ ପାଇଁ କର୍ମୀମାନଙ୍କୁ ତାଙ୍କର ଦୃଷ୍ଟିକୋଣ ଓ ଚିନ୍ତାଧାରା ପରିବର୍ତ୍ତନ କରିବାକୁ ପଡ଼ିବ । ସମର୍ପଣ ଭାବ ଓ ନିଃସ୍ୱାର୍ଥପରତାକୁ ସର୍ବାଗ୍ରେ ସ୍ୱୀକାର କରିବାକୁ ପଡ଼ିବ । ଆମେ ଲୋକାଚାରକୁ ପ୍ରାଧାନ୍ୟ ନ ଦେଇ ସାମାଜିକ ଭାବଧାରାର ଗଭୀର ତତ୍ତ୍ୱକୁ ବୁଝି କାର୍ଯ୍ୟଶୈଳୀ ନିର୍ଣ୍ଣୟ କରିବାକୁ ପଡ଼ିବ । ଆମ ସମିତି ନିଶ୍ଚିତରୂପେ ଏକ ଆଧ୍ୟାତ୍ମିକ ଭିତ୍ତିଭୂମିସମ୍ପନ୍ନ ଅନୁଷ୍ଠାନ । ତେଣୁ ସବୁ ସମସ୍ୟାର ସମାଧାନ, କ୍ଳେଶର ନିରାକରଣ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ହେବା ଉଚିତ । କିପରି ଏକ ଲଜ୍ କରି ତାକୁ ସୁଚାରୁ ରୂପେ ପରିଚାଳିତ କରାଯିବା, ତାହା ସେ ଆନନ୍ଦ ଲଜ୍ ପରିଚାଳନା ଅଭିଜ୍ଞତାରୁ ଲେଖିଛନ୍ତି । ସମିତିର କର୍ମୀମାନଙ୍କୁ ଯୋଗ୍ୟ କରିବା

ପାଇଁ ତାଲିମ ଦେବା ନିତାନ୍ତ ଆବଶ୍ୟକ । ସମିତି ପରିଚାଳନା ସହିତ ସାଂଗଠନିକ ବିଷୟବସ୍ତୁ ଉପରେ ଆଲୋଚନାର ଆବଶ୍ୟକତା ରହିଛି । କ୍ଷୁଦ୍ରତମ ଏକକ ଲଜ୍‌ରୁ ଆରମ୍ଭ କରି ପ୍ରାନ୍ତୀୟ ସଂଘ, National section ଓ ଆନ୍ତର୍ଜାତୀୟ ସମିତି ପର୍ଯ୍ୟନ୍ତ ସର୍ବତ୍ର ଏକ ଗତିଶୀଳ ପ୍ରବନ୍ଧନର ଆବଶ୍ୟକତା ରହିଛି । ତାଇମ୍ନିଜୀ ସମର୍ପିତ ହୃଦୟ ନେଇ ତାଙ୍କ ବ୍ରହ୍ମବିଦ୍ୟାର୍ଥୀର ଜୀବନ ଆରମ୍ଭ କରିଥିବାରୁ ଏପରି ପୁସ୍ତକ ରଚନା କରିବାକୁ ସମର୍ଥ ହୋଇଥିବା ମନେହୁଏ ।

❖❖❖

# ଉତ୍କଳ ବ୍ରହ୍ମବିଦ୍ୟା ସମିତି ଏବଂ ତାର ମାର୍ଗଦର୍ଶକ

ମିତାଲିନୀ ଚୌଧୁରୀ

ଉତ୍କଳ ବ୍ରହ୍ମବିଦ୍ୟା ସମିତି ୧୯୬୫ ମଇ ୧୬ ତାରିଖରେ ସ୍ଥାପିତ ହୋଇଥିଲା । କିନ୍ତୁ ଏହାର ବହୁବର୍ଷ ପୂର୍ବରୁ ଉତ୍କଳର ବିଭିନ୍ନ ସ୍ଥାନରେ ବ୍ରହ୍ମବିଦ୍ୟା ଲଜ୍ ବା ଶାଖା କାର୍ଯ୍ୟ କରୁଥିଲା । 'ଉତ୍କଳ ଦର୍ପଣ' ପତ୍ରିକାରେ ପ୍ରକାଶ ପାଇଥିଲା ଯେ କର୍ଣ୍ଣେଲ୍ ଅଲ୍‌କଟ୍ ୧୯୦୨ ମସିହାରେ କଟକ ଆସି ଗୋଟିଏ ସଭାରେ ବ୍ରହ୍ମବିଦ୍ୟା ଓ ହିନ୍ଦୁଧର୍ମର ସଂସ୍କୃତି ଉପରେ ହୃଦୟସ୍ପର୍ଶୀ ଭାଷଣ ଦେଇଥିଲେ । ୧୯୧୬ ମସିହାରେ କଟକ ବ୍ରହ୍ମବିଦ୍ୟା ଲଜ୍ ପ୍ରତିଷ୍ଠା ହୋଇଥିବାର ଆମ୍ଭେ ଜାଣିଥିଲୁ । କିନ୍ତୁ ଆମ୍ଭର ସୌଭାଗ୍ୟ ଯେ ଉତ୍କଳ ବ୍ରହ୍ମବିଦ୍ୟା ସମିତିର ସଭାପତି ଡ. ଚିତ୍ତରଞ୍ଜନ ଶତପଥୀଙ୍କ ଉଦ୍ୟମରେ ଅନୁସନ୍ଧାନ କରି ବାରାଣସୀର ଗ୍ରନ୍ଥାଗାରରେ ଥିବା ପୁରାତନ ରେକର୍ଡ଼୍‌ରୁ ଅବଗତ ହେଲୁ ଯେ ୧୯୦୧ ମସିହାରେ ଉତ୍କଳର ତିନୋଟି ସହରରେ ତିନୋଟି ବ୍ରହ୍ମବିଦ୍ୟା ଲଜ୍ ପ୍ରତିଷ୍ଠା କରାଯାଇଥିଲା ।

ପ୍ରଥମ ବ୍ରହ୍ମବିଦ୍ୟା ଶାଖା (ଲଜ୍) ଗଞ୍ଜାମ ଜିଲ୍ଲା ଆସ୍କାରେ ପ୍ରତିଷ୍ଠିତ ହୋଇଥିଲା ୧୯୦୧ ମସିହା ଫେବୃୟାରୀ ୧୦ ତାରିଖରେ । ଏହାର ଚାର୍ଟର୍ ନଂ ୬୦୦ । ବ୍ରହ୍ମବିଦ୍ୟା ସମିତିର ପ୍ରଥମ ସଭାପତି କର୍ଣ୍ଣେଲ୍ ହେନରୀ ଷ୍ଟିଲ୍ ଅଲ୍‌କଟ୍ ଚାର୍ଟର୍ ଇସୁ କରିଥିଲେ । ଲଜ୍‌ର ପ୍ରଥମ ସଭାପତି ଥିଲେ ଶ୍ରୀଯୁକ୍ତ କେ.ଭି.ଗୋପାଳରାଓ ଏବଂ ସଂପାଦକ ଶ୍ରୀଯୁକ୍ତ କେ.କେ. ରାମଲିଙ୍ଗମ୍ ।

ଦ୍ୱିତୀୟ ବ୍ରହ୍ମବିଦ୍ୟା ଶାଖା (ଲଜ୍) ୧୯୦୧ ମସିହା ଏପ୍ରିଲ୍୯ ତାରିଖରେ କଟକରେ ଗଢ଼ି ଉଠିଥିଲା । ଏହାର ଚାର୍ଟର୍ ନଂ ୬୧୦ । ପ୍ରଥମ ସଭାପତି କର୍ଣ୍ଣେଲ୍

ଅଲ୍‌କଟ୍‌ଙ୍କ ଦ୍ୱାରା ଚାର୍ଟର୍ ଇସ୍ୟୁ ହୋଇଥିଲା । ଲଜ୍‌ର ପ୍ରଥମ ସଭାପତି ଥିଲେ ଶ୍ରୀଯୁକ୍ତ ରାୟ ହରିବଲ୍ଲଭ ବୋଷ ବାହାଦୁର, ସଂପାଦକ ଶ୍ରୀଯୁକ୍ତ ଦିନ୍‌ଶା ।

ତୃତୀୟ ବ୍ରହ୍ମବିଦ୍ୟା ଶାଖା (ଲଜ୍)୧୯୦୧ ମସିହା ଏପ୍ରିଲ୍ ୩୦ ତାରିଖରେ ଗଞ୍ଜାମର ବରହମ୍ପୁର ସହରରେ ଗଠିତ ହୋଇଥିଲା । ଏହାର ଚାର୍ଟର୍ ନଂ ୬୧୨ । ଚାର୍ଟର ଇସ୍ୟୁ କରିଥିଲେ କର୍ଣ୍ଣେଲ୍ ଅଲ୍‌କଟ୍ । ଲଜ୍‌ର ସଭାପତି ରାୟ ବାହାଦୂର ପି. ଗୋପାଳରାଓ ଓ କୋଷାଧ୍ୟକ୍ଷ ଥିଲେ ଶ୍ରୀଯୁକ୍ତ ବିଞ୍ଚାନ ପାନ୍ତାଲୁ ।

୧୯୦୧ ପୂର୍ବରୁ ଓଡ଼ିଶାକୁ କର୍ଣ୍ଣେଲ୍ ଅଲ୍‌କଟ୍ ଓ ମ୍ୟାଡାମ୍ ବ୍ଲାଭାଟ୍‌ସ୍କି ଆସିଥିବା ବିଷୟ Old Diary Leaves ରେ କର୍ଣ୍ଣେଲ ଅଲ୍‌କଟ୍ ନିଜେ ଉଲ୍ଲେଖ କରିଛନ୍ତି । କର୍ଣ୍ଣେଲ୍ ଅଲ୍‌କଟ୍ ଓ ମ୍ୟାଡାମ୍ ବ୍ଲାଭାଟ୍‌ସ୍କି ୧୮୭୯ ଫେବୃୟାରୀ ୧୬ ତାରିଖରେ ଭାରତର ବମ୍ବେ ଉପକୂଳରେ ପହଞ୍ଚିଥିଲେ । ତତ୍‌ପରେ ସେ ଭାରତର ଉତ୍ତର-ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଦିଗରେ ଯାତ୍ରା କରି ବ୍ରହ୍ମବିଦ୍ୟାର ପ୍ରଚାର ଓ ପ୍ରସାର କରିଥିଲେ । ବ୍ରହ୍ମବିଦ୍ୟାର ଗୂଢ଼ ରହସ୍ୟ ସହିତ ହିନ୍ଦୁଧର୍ମର ସାରତତ୍ତ୍ୱ ଯେ ଏକ ଏବଂ ଅଭିନ୍ନ ତାହାକୁ ସରଳ, ସୁନ୍ଦର ଓ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଯେଉଁଥିପାଇଁ ଭାରତର ରାଜା, ମହାରାଜା, ପଣ୍ଡିତ, ଜ୍ଞାନୀ, ଅଧ୍ୟାପକ ଓ ବଡ଼ବଡ଼ ପଦାଧିକାରୀ ବ୍ୟକ୍ତିଙ୍କର ପ୍ରିୟଭାଜନ ହୋଇଥିଲେ । ୧୮୮୦ ମସିହାରେ ଅଲ୍‌କଟ୍ ଦାର୍ଜିଲିଂ, ସିକିମ୍, କାଲ୍‌କାଟା, ଗୋପାଳପୁର, କଳିଙ୍ଗ, ବିଜୟନଗରମ୍, ବିଶାଖାପାଟନମ୍, କାକିନାଡ଼ା, ଗୁନ୍‌ଟୁର୍ ଇତ୍ୟାଦି ଅନେକ ସ୍ଥାନ ଭ୍ରମଣ କରି ବ୍ରହ୍ମବିବିଦ୍ୟାର ପ୍ରଚାର-ପ୍ରସାର କରିଥିଲେ । ଫଳରେ ଅନେକ ବ୍ରହ୍ମବିଦ୍ୟା ଲଜ୍ ସ୍ଥାପିତ ହୋଇଥିଲା । ହୁଏତ ଓଡ଼ିଶାରେ ୧୯୦୧ ମସିହା ପୂର୍ବରୁ ବ୍ରହ୍ମବିଦ୍ୟା ଆଲୋଚନା ହୋଇଥିବ, ଯାହା ବିଷୟରେ ଲିଖିତ ପ୍ରମାଣ ଆମ୍ଭ ପାଖରେ ବର୍ତ୍ତମାନ ସୁଦ୍ଧା ନାହିଁ ।

ସେ ଯାହାହେଉ, ଉତ୍କଳ ବ୍ରହ୍ମବିଦ୍ୟା ସମିତି ଇତିହାସରେ କଟକ ବ୍ରହ୍ମବିଦ୍ୟା ଶାଖା ସବୁଠାରୁ ପୁରାତନ, ଯାହାକି ଆଜି ମଧ୍ୟ ସକ୍ରିୟ ରହିଛି। ଉତ୍‌ଥାନ ଓ ପତନ ଭିତରେ ଗତି କରି କାର୍ଯ୍ୟ ଚଳାଇଥିବା ଉତ୍କଳ ବ୍ରହ୍ମବିଦ୍ୟା ସମିତିର ସମସ୍ତ ଲଜ୍‌ମାନଙ୍କ ମଧ୍ୟରେ ସର୍ବାଧିକ ସଭ୍ୟ କଟକ ଲଜ୍‌ରେ । ଏହା ସମ୍ଭବ ହୋଇପାରିଛି କଟକ ଲଜ୍‌ର ପୂର୍ବତନ

ସଭାପତି ଡ. ଚିତ୍ତରଞ୍ଜନ ଶତପଥୀ ବର୍ତ୍ତମାନର ସଭାପତି ଡ. ଚିନ୍ମୟୀ ମହାପାତ୍ର ଓ ସଂପାଦକ ଶ୍ରୀ ସୁଧାଂଶୁ ଶେଖର ପତିଙ୍କ ନିଷ୍ଠା, ଉଦ୍ୟମ ଓ ଭକ୍ତିଭାବ ପାଇଁ ।

୧୯୧୬ ମସିହାରେ ଶ୍ରୀଯୁକ୍ତ ରାୟ ବାହାଦୂର ଜାନକୀନାଥ ବୋଷ ଏବଂ ଶ୍ରୀ ବ୍ରଜମୋହନ ପାଲଙ୍କ ନେତୃତ୍ୱରେ କଟକ ଲଜ୍ ସକ୍ରିୟ ହେବା ସହିତ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ବ୍ରହ୍ମବିଦ୍ୟା ଲଜ୍ ଗଠିତ ହୋଇଥିଲା । ଶ୍ରୀ ବ୍ରଜମୋହନ ପାଲଙ୍କ ସାରଗର୍ଭକ ଓ ହୃଦୟସ୍ପର୍ଶୀ ବ୍ରହ୍ମବିଦ୍ୟା ବିଷୟକ ଭାଷଣ ଅନେକ ବ୍ୟକ୍ତିଙ୍କୁ ଆକୃଷ୍ଟ କରିଥିଲା ।

୧୯୩୮ ମସିହାରେ ଶ୍ରୀଯୁକ୍ତ ବାଳକୃଷ୍ଣ ମହାପାତ୍ର, ଶ୍ରୀଯୁକ୍ତ ଜଗନ୍ନାଥ ତ୍ରିପାଠୀ ଏବଂ ଶ୍ରୀଯୁକ୍ତ ରାୟବାହାଦୂର ଗୋପାଳଚନ୍ଦ୍ର ପ୍ରହରାଜ (ଓଡ଼ିଆ ଭାଷାକୋଷର ପ୍ରଣେତା)ଙ୍କ ଉଦ୍ୟମରେ ବ୍ରହ୍ମବିଦ୍ୟାର ବହୁଳ ଭାବରେ ପ୍ରଚାର ଓ ପ୍ରସାର ହୋଇଥିଲା । ତତ୍ପରେ ଡା.ଏଚ୍.ଏ. ଜାହିର, ଶ୍ରୀ ଦୈତାରୀ ମିଶ୍ର, ଶ୍ରୀ ଜନାର୍ଦ୍ଦନ ଜେଠି, ଡା. ଏଚ୍.ଏମ୍. ମର୍ଦ୍ଦରାଜ, ଡା.ଆର୍.ସି.ରଥ, ଶ୍ରୀଯୁକ୍ତ ନାରାୟଣ ମହାପାତ୍ର, ଡ. ଶରତ ଚନ୍ଦ୍ର ମିଶ୍ର ଏବଂ ଲୋକନାଥ ମହାପାତ୍ରଙ୍କ ପ୍ରଗାଢ଼ ନିଷ୍ଠା ଓ ଉଦ୍ୟମ ଫଳରେ ବ୍ରହ୍ମବିଦ୍ୟା ସମିତି ଶାଖାର ବିକାଶ ଓ ବିସ୍ତାର ହୋଇଥିଲା । ପୁରୀ, ଭୁବନେଶ୍ୱର, ଢେଙ୍କାନାଳ, ଝାରସୁଗୁଡ଼ାରେ ବ୍ରହ୍ମବିଦ୍ୟା ଲଜ୍ ଗଠିତ ହୋଇଥିଲା ।

ପ୍ରଥମରୁ କଟକ ଲଜ୍‌ର ନିଜର ସ୍ୱତନ୍ତ୍ର ଗୃହଟିଏ ନ ଥିବାରୁ ସଭାପତି / ସଂପାଦକଙ୍କ ଗୃହରେ ବ୍ରହ୍ମବିଦ୍ୟା ଆଲୋଚନା କରାଯାଉଥିଲା । ୧୯୬୪ ମସିହାରେ ଡା. ଶରତ ଚନ୍ଦ୍ର ମିଶ୍ର ଏବଂ ଶ୍ରୀଯୁକ୍ତ ସଦାଶିବ ତ୍ରିପାଠୀ (ସେତେବେଳର ରେଭେନ୍ୟୁ ମନ୍ତ୍ରୀ)ଙ୍କ ପ୍ରୟାସରେ କଟକ କାଳିଗଳିରେ ୧୦୦ ଡିସିମିଲି ଜାଗା ଓଡ଼ିଶା ସରକାରଙ୍କଠାରୁ ମିଳିଥିଲା । ଓଡ଼ିଶା ସରକାର ମଧ୍ୟ ସେତେବେଳେ ୨୫,୦୦୦.୦୦ ଟଙ୍କା ଗୃହ ନିର୍ମାଣ ପାଇଁ ଏବଂ ୧୦,୦୦୦.୦୦ ଟଙ୍କା ପୁସ୍ତକାଗାର ପାଇଁ ପ୍ରଦାନ କରିଥିଲେ । କଟକ ଲଜ୍‌ର ଭିତ୍ତି ସ୍ଥାପନ କରିଥିଲେ ସେତେବେଳର ଭାରତୀୟ ବ୍ରହ୍ମବିଦ୍ୟା ସମିତିର ସଂପାଦିକା ଶ୍ରୀମତୀ ରାଧା ବର୍ଣ୍ଣିୟର୍ (ତା. ୧୩.୩.୧୯୬୮) । ଏହାର ଉନ୍ମୋଚନ କରିଥିଲେ ଶ୍ରୀଯୁକ୍ତ ରାମଜୀବନ ସିହ୍ନା, ବିହାର ବ୍ରହ୍ମବିଦ୍ୟା ସମିତିର ଜଣେ ନିଷ୍ଠାବାନ ସଭ୍ୟ । (Cuttack lodge

was registered under act XXI of 1860 and the registeration, no. of the lodge is 5758 of 1969-70)

ବର୍ତ୍ତମାନ ଏହାର କଳେବର ବୃଦ୍ଧି ହୋଇ ଗୋଟିଏ ଉପାସନା ଗୃହ (Shrine room), ଅତିଥି ଗୃହ (guest room), ପାଠାଗାର (library), ଭୋଜନସ୍ଥଳୀ (dinning space), ରନ୍ଧନଶାଳା (kitchen) ସହିତ ଗୋଟିଏ ବଡ଼ ସଭାଗୃହ (Metting Hall) ରହିଅଛି । ଏଠାକୁ ଆନ୍ତର୍ଜାତୀୟ ଓ ଜାତୀୟସ୍ତରର ବକ୍ତାମାନେ ଆସି ଷ୍ଟଡ଼ି କ୍ଲାସ୍ କରିବା ସହିତ ବ୍ରହ୍ମବିଦ୍ୟାର ଅନେକ ମହତ୍ତ୍ୱପୂର୍ଣ୍ଣ ବକ୍ତୃତା ମଧ୍ୟ ଦେଇଛନ୍ତି । ଉତ୍କଳ ବ୍ରହ୍ମବିଦ୍ୟା ସମିତିର ବାର୍ଷିକ ଉତ୍ସବ ପାଳିତ ହେବାସହିତ National Conference ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଛି । ବର୍ତ୍ତମାନ ସପ୍ତାହରେ ଚାରିଦିନ ଏଠାରେ ବ୍ରହ୍ମବିଦ୍ୟା ପୁସ୍ତକ ଅଧ୍ୟୟନ କରାଯାଉଛି । ବର୍ତ୍ତମାନ କଟକ ଲଜ୍‌ର ସଭ୍ୟ ସଂଖ୍ୟା ୩୦୦ରୁ ଅଧିକ ।୭

କଟକ ବ୍ରହ୍ମବିଦ୍ୟା ଶାଖାର ସଭ୍ୟ ଓ ସଭ୍ୟାମାନେ ବ୍ରହ୍ମବିଦ୍ୟାର ପ୍ରଚାର ଓ ପ୍ରସାର ନିମନ୍ତେ ଅବିରତ ଉଦ୍ୟମ କରି ଚାଲିଛନ୍ତି । ନିୟମିତ ଭାବେ ନିଷ୍ଠାର ସହିତ ମିଟିଂର ଆୟୋଜନ ଓ ବ୍ରହ୍ମବିଦ୍ୟାର ଆଲୋଚନା, ବିଭିନ୍ନ ପଦପଦବୀର ମର୍ଯ୍ୟାଦା ରକ୍ଷା କରି ବିଭିନ୍ନ କାର୍ଯ୍ୟ ସଂପାଦନ, ପୁସ୍ତକ ଅଧ୍ୟୟନ, ଶିକ୍ଷାଦାନ, ବିଭିନ୍ନ ପତ୍ରପତ୍ରିକାରେ ଏହାର ଉପସ୍ଥାପନ, ପୁସ୍ତକ ଲିଖନ, ପୁସ୍ତକ ଅନୁବାଦ, ପାଠାଗାରର କାର୍ଯ୍ୟ ପରିଚାଳନା, ବହି ଦୋକାନ ଖୋଲି ପୁସ୍ତକ ସୁବିଧାରେ ଯୋଗାଇଦେଇ ବ୍ରହ୍ମବିଦ୍ୟାର ପ୍ରସାର କରାଯାଉଛି । ସଭ୍ୟମାନେ ନିଜ ଜୀବନରେ ଓ କାର୍ଯ୍ୟରେ ବ୍ରହ୍ମବିଦ୍ୟାର ପ୍ରତିଫଳନ କରିବାଦ୍ୱାରା ପ୍ରଭାବିତ ହୋଇ ଅନେକ ଲୋକ ଏଥିପ୍ରତି ଆକୃଷ୍ଟ ହୋଇଛନ୍ତି । କଟକ ବ୍ରହ୍ମବିଦ୍ୟା ସଂଘର କେତେକ ସଭ୍ୟଙ୍କୁ ମୁଁ ଅତି ନିକଟରୁ ଜାଣିଛି । ସେହିମାନଙ୍କ କାର୍ଯ୍ୟ ବିଷୟରେ କିଛି କହିପାରିବି ।

ଡା. ରାମଚନ୍ଦ୍ର ରଥ : ସେ ୧୯୨୮ ମସିହାରୁ କଟକ ବ୍ରହ୍ମବିଦ୍ୟା ସଂଘର ସଭ୍ୟ । ଡାକ୍ତର ହୋଇ ରୋଗୀମାନଙ୍କର ସେବା କରିବା ସହିତ ବ୍ରହ୍ମବିଦ୍ୟା ମିଟିଂରେ ନିୟମିତ ଯୋଗ ଦେଉଥିଲେ । ନିଜେ ବ୍ରହ୍ମବିଦ୍ୟା ପୁସ୍ତକ ଅଧ୍ୟୟନ କରି ଅନ୍ୟମାନଙ୍କୁ ସରଳ ଭାଷାରେ ବୁଝାଉଥିଲେ । ସେ କଳାହାଣ୍ଡିରେ ଥିଲାବେଳେ ତାଙ୍କ ଘରେ

ମିଟିଂ କରୁଥିଲେ । ସେଠାରେ ଶ୍ରୀମତୀ ଶୈଳବାଳା ମହାପାତ୍ର ଏବଂ ନାରାୟଣ ମହାପାତ୍ର ମିଟିଂରେ ଯୋଗଦେଉଥିଲେ । ସେ କଟକ ବ୍ରହ୍ମବିଦ୍ୟା ଶାଖାର ସଭାପତି ଓ ଉତ୍କଳ ବ୍ରହ୍ମବିଦ୍ୟା ସଂଘର ପ୍ରଥମ ସଭାପତି ଭାବରେ ନିଷ୍ଠାର ସହିତ କାର୍ଯ୍ୟ କରିଅଛନ୍ତି । ସେ ପ୍ରଥମେ 'Theoscience' ତ୍ରୈମାସିକ ପତ୍ରିକା ପ୍ରକାଶ ଆରମ୍ଭ କରିଥିଲେ । 'ବ୍ରହ୍ମବିଦ୍ୟା କ'ଣ' ପୁସ୍ତକ ଲେଖିଥିଲେ ଏବଂ 'ପ୍ରତ୍ୟଭିଜ୍ଞା ହୃଦୟମ୍' ଏବଂ 'ବ୍ରହ୍ମବିଦ୍ୟା ବ୍ୟାଖ୍ୟାନ' ପୁସ୍ତକ ଦ୍ୱୟ ଅନୁବାଦ କରିଥିଲେ ।

ଶ୍ରୀଯୁକ୍ତ ନାରାୟଣ ମହାପାତ୍ର : ଶ୍ରୀଯୁକ୍ତ ନାରାୟଣ ମହାପାତ୍ରଙ୍କ କଟକ ବ୍ରହ୍ମବିଦ୍ୟା ଶାଖା ଏବଂ ଉତ୍କଳ ବ୍ରହ୍ମବିଦ୍ୟା ସଂଘ ପାଇଁ ଅବଦାନ ଅତୁଳନୀୟ । ସେ ୧୯୬୨ରୁ ୧୯୮୮ ମସିହା ପର୍ଯ୍ୟନ୍ତ ସେକ୍ରେଟାରୀ ଥିଲେ । ତାଙ୍କର ନିଷ୍ଠା ଏବଂ ଉଦ୍ୟମ ଦ୍ୱାରା ବ୍ରହ୍ମବିଦ୍ୟାର ପ୍ରଚାର ଓ ପ୍ରସାର ତ୍ୱରାନ୍ୱିତ ହୋଇଛି । ବ୍ରହ୍ମବିଦ୍ୟାର ଗୂଢ଼ ରହସ୍ୟକୁ ସେ ଭଲ ରୂପେ ବୁଝି ପାରିଥିଲେ । ସଂସ୍କୃତ ଓ ଇଂରାଜୀରେ ଅଗାଧ ପାଣ୍ଡିତ୍ୟ ହେତୁ ଏସବୁ ବୁଝିବା ତାଙ୍କ ପାଇଁ ସହଜ ହେଲା । ଜୀବନପଥରେ ମଧ୍ୟ ଏ ଜ୍ଞାନ ବହୁତ ସାହାଯ୍ୟ କଲା । ଅସୁସ୍ଥ ଥିବା ସତ୍ତ୍ୱେ ସେ ସାହସ, ଶକ୍ତି ଓ ନିଷ୍ଠାର ସହିତ କାର୍ଯ୍ୟ କରି ଚାଲିଲେ । ମିଟିଂରେ କହିବା ପୂର୍ବରୁ ନିଜେ ଘଣ୍ଟାଘଣ୍ଟା ଧରି ପୁସ୍ତକ ଅଧ୍ୟୟନ କରି ପ୍ରସ୍ତୁତ ହୋଇ କହୁଥିଲେ, ଯାହାଦ୍ୱାରା ଅନ୍ୟ ସଭ୍ୟମାନଙ୍କର ବୁଝିବାରେ ଅସୁବିଧା ହେଉ ନ ଥିଲା । ଓଡ଼ିଶାର ଭାଇଭଉଣୀମାନେ କିଭଳି ଏ ଜ୍ଞାନ ଜାଣିବେ ସେଥିପାଇଁ ସେ ଅନେକଗୁଡ଼ିଏ ପୁସ୍ତକର ଓଡ଼ିଆ ଅନୁବାଦ କରିଛନ୍ତି । 'ଆତ୍ମାର ଘଟପରିବର୍ତ୍ତନ', 'ସତ୍ୟ ଭୌତିକ ଗଳ୍ପ', 'ବ୍ରହ୍ମବିଦ୍ୟା ସାଧକର ଜୀବନ', 'ପୁନର୍ଜନ୍ମ', 'ପ୍ରୟୋଗାତ୍ମକ ଆଧ୍ୟାତ୍ମିକତା', 'ପ୍ରଶ୍ନୋତ୍ତରୀ ବ୍ରହ୍ମବିଦ୍ୟା' ଇତ୍ୟାଦି । ଏହାଛଡ଼ା ତାଙ୍କର କୃତି 'ଯାତ୍ରା ପଥେ' ଓ 'ସାଧନା ପଥେ' । ଯେ କେହି ପାଠକ ତାଙ୍କର ପୁସ୍ତକ ପାଠ କଲେ ତାଙ୍କ ଜ୍ଞାନର ଗଭୀରତାକୁ ବୁଝିପାରିବେ । ସମୟାନୁସାରେ ସଠିକ ଭାବରେ ସେ ସବୁ କାର୍ଯ୍ୟ କରୁଥିଲେ । କଟକ ବ୍ରହ୍ମବିଦ୍ୟା ସଂଘର ବିବରଣୀ (proceedings) ଦେଖିଲେ ଜଣାଯାଏ ସେ କିଭଳି ପ୍ରତ୍ୟେକ ମିଟିଂର ବିଷୟବସ୍ତୁ ଏବଂ କର୍ମକର୍ତ୍ତାଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି ।

ଶ୍ରୀମତୀ ଶୈଳବାଳା ମହାପାତ୍ର : ଶ୍ରୀମତୀ ଶୈଳବାଳା ମହାପାତ୍ର ତାଙ୍କର ସ୍ୱାମୀ ନାରାୟଣ ମହାପାତ୍ରଙ୍କ ପୂର୍ବରୁ ସଭ୍ୟା ହୋଇଥିଲେ । ବ୍ରହ୍ମବିଦ୍ୟା ବିଷୟ ଶୁଣିବାକୁ ଆଗ୍ରହ ଥିବା ଦେଖି ତାଙ୍କ ଶ୍ୱଶୁର ତାଙ୍କୁ ମିଟିଂରେ ଯୋଗ ଦେବା ପାଇଁ କହିଥିଲେ । ବ୍ରହ୍ମବିଦ୍ୟା ମିଟିଂରେ ଯୋଗଦେଇ ଏବଂ ବ୍ରହ୍ମବିଦ୍ୟା ପୁସ୍ତକ ପାଠ କରି ସେ ନିଜକୁ ସେହିଭଳି ଗଢ଼ି ତୋଳିଲେ । ତାଙ୍କର ବ୍ୟବହାର ଓ କାର୍ଯ୍ୟକଳାପ ଅନେକଙ୍କ ଉପରେ ପ୍ରଭାବ ପକାଇଛି । ବ୍ରହ୍ମବିଦ୍ୟା ପ୍ରତି ତାଙ୍କର ଆଗ୍ରହ ଏତେ ଥିଲା ଯେ ଘରର ସକଳ କାର୍ଯ୍ୟ ସୁଚାରୁ ରୂପେ ସଂପାଦନ କରି ସେ ବାହାରି ପଡୁଥିଲେ ମିଟିଂରେ ଯୋଗ ଦେବା ପାଇଁ । କଟକ ବ୍ରହ୍ମବିଦ୍ୟା ଶାଖା ଓ ଉତ୍କଳ ଫେଡେରେସନ୍ ପାଇଁ ତାଙ୍କର ଅବଦାନ ଅତୁଳନୀୟ । ତାଙ୍କ ରଚିତ 'ବ୍ରହ୍ମବିଦ୍ୟା' ପୁସ୍ତକ ନୂତନ ସଭ୍ୟା ଓ ସଭ୍ୟମାନଙ୍କୁ ଆଲୋକର ବର୍ତ୍ତିକା ଦେଖାଉଛି । ସମସ୍ତ ସଭ୍ୟ-ସଭ୍ୟାମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାର ଶକ୍ତି ତାଙ୍କର ଥିଲା । ଯୁବକ-ଯୁବତୀମାନେ କିଭଳି ବ୍ରହ୍ମବିଦ୍ୟାର ସଭ୍ୟ ହେବେ ସେଥିପାଇଁ ସେ ଚେଷ୍ଟା କରୁଥିଲେ । କଟକ ବ୍ରହ୍ମବିଦ୍ୟା ସଂଘରେ କିଛି ଟଙ୍କା ବ୍ୟାଙ୍କରେ ଜମା କରିଥିଲେ । ତାହାର ସୁଧ ଟଙ୍କା ଆଡୟାର୍ ଏବଂ ବନାରସ ଯାଇ ବ୍ରହ୍ମବିଦ୍ୟା ସମ୍ମେଳନରେ ଯୋଗ ଦେବାକୁ ଇଚ୍ଛୁକ ଗରିବ ସଭ୍ୟଙ୍କୁ ଦେବାପାଇଁ କହିଥିଲେ । ଯେତେବେଳେ ଉତ୍କଳ ବ୍ରହ୍ମବିଦ୍ୟା ସଂଘ Youth Training Classର ଆୟୋଜନ କରିବା ସେ ପ୍ରଦୀପ ମହାପାତ୍ରଙ୍କଠାରୁ ଶୁଣିଲେ ତାଙ୍କର ଖୁସିର ସୀମା ରହିଲା ନାହିଁ । ସଙ୍ଗେସଙ୍ଗେ ପାଞ୍ଚ ହଜାର ଟଙ୍କା ଆଣି ଦେଇ କହିଲେ, "ଯାହା ଆବଶ୍ୟକ ପଡ଼ିବ କହିବ ।" ଭବିଷ୍ୟତର ପାଠକମାନଙ୍କ ପାଇଁ ଲାଇବ୍ରେରୀର ପୁସ୍ତକଗୁଡ଼ିକୁ ଅତି ଯତ୍ନରେ ସଜାଡ଼ି ରଖୁଥିଲେ । ମଲାଟ ମଡ଼ାଇ, ଖରାରେ ଦେଇ କଳାଜୀରା ପକାଇ ସାଇତି ରଖୁଥିଲେ । ତାଙ୍କ ଘରେ ମିଟିଂ ହେଲା ବେଳେ ସୁସ୍ୱାଦୁ ଖାଦ୍ୟ ରନ୍ଧନ କରି ସଭ୍ୟମାନଙ୍କୁ ଆନନ୍ଦରେ ପରିବେଷଣ କରୁଥିଲେ । ଆନ୍ତର୍ଜାତୀୟ ଏବଂ ଜାତୀୟ ସ୍ତରରୁ ଆସୁଥିବା କର୍ମକର୍ତ୍ତା ଓ ଜାତୀୟ ପ୍ରବକ୍ତାମାନଙ୍କର ସବୁ ଖବର ବୁଝୁଥିଲେ । ମହାତ୍ମାଙ୍କ ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଓ ଭକ୍ତିଭାବ ଥିଲା । ଯେତେବେଳେ ବ୍ରହ୍ମବିଦ୍ୟାର କୌଣସି ସଭ୍ୟଙ୍କୁ ଭେଟୁଥିଲେ ତାଙ୍କର କି ଆନନ୍ଦ ଓ ଆତ୍ମୀୟତା !

'Mahatma Letter' ପୁସ୍ତକ ଉପରେ କ୍ଲାସ୍ କରିବାକୁ ସେ ପ୍ରଦୀପ ମହାପାତ୍ରଙ୍କୁ କହିଥିଲେ । ଭୁବନେଶ୍ୱରରେ ଥିଲାବେଳେ ଶରୀର ଅସୁସ୍ଥ ଥିବା ସତ୍ତ୍ୱେ କ୍ଲାସ୍‌ରେ ଯୋଗଦେବାପାଇଁ ଆଗ୍ରହର ସହିତ ଆସୁଥିଲେ । ତାଙ୍କର ଅନ୍ୟାନ୍ୟ ପୁସ୍ତକ - 'ଲୋକ ଦୁଃଖ ପାଏ କାହିଁକି', 'ପରଲୋକ', 'ଆଧ୍ୟାତ୍ମିକ ପୁନର୍ଜାଗରଣ', 'କର୍ଣ୍ଣେଲ୍ ଅଲ୍‌କଟ୍' ଇତ୍ୟାଦି । ଉତ୍କଳ ଫେଡେରେସନ୍ ଓ କଟକ ବ୍ରହ୍ମବିଦ୍ୟା ଶାଖା ପାଇଁ ତାଙ୍କର ଆଦର, ସ୍ନେହ ଓ ସାହାଯ୍ୟ ଅତୁଳନୀୟ । ତାଙ୍କର କାର୍ଯ୍ୟକୁ ତାଙ୍କର ସୁପୁତ୍ର ଶ୍ରୀଯୁକ୍ତ ଅଶୋକ ମହାପାତ୍ର ବର୍ତ୍ତମାନ ଆଗେଇ ନେଉଛନ୍ତି ।

ଶ୍ରୀ ଲୋକନାଥ ମହାପାତ୍ର : ସେ ୧୯୮୮ ରୁ ୨୦୦୦ ପର୍ଯ୍ୟନ୍ତ ସେକ୍ରେଟାରୀ ଥାଇ କଟକ ବ୍ରହ୍ମବିଦ୍ୟା ଶାଖାର କାର୍ଯ୍ୟ ସଂପାଦନ କରୁଥିଲେ । ଜୀବନର ଶେଷ ୩୦ ବର୍ଷ କାଳ ସେ ସବୁ ସମୟ ବ୍ରହ୍ମବିଦ୍ୟା ଅଧ୍ୟୟନ ଓ ପ୍ରଚାର ପାଇଁ ନିଜକୁ ନିୟୋଜିତ କରିଥିଲେ । ଘଣ୍ଟାଘଣ୍ଟା ଧରି ଧୈର୍ଯ୍ୟର ସହିତ ବ୍ରହ୍ମବିଦ୍ୟା ପୁସ୍ତକ ଅଧ୍ୟୟନ କରି ନିଜେ ପ୍ରସ୍ତୁତ ହେଉଥିଲେ, ଅନ୍ୟମାନଙ୍କୁ ବୁଝାଇବା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ । କେବଳ ଯେ ବ୍ରହ୍ମବିଦ୍ୟା ବିଷୟ ବୁଝାଉଥିଲେ ତାହା ନୁହେଁ, ପ୍ରତ୍ୟେକ କାର୍ଯ୍ୟ ନିଷ୍ଠାର ସହିତ ନିଖୁଣ ଭାବରେ କରୁଥିଲେ । ନିଜ ପଢ଼ିବା ଟେବୁଲ୍‌ଠାରୁ ଆରମ୍ଭ କରି ବହି, ଆଲମିରା, ମିଟିଂ ହଲ୍‌ର ଆସବାବପତ୍ର ଇତ୍ୟାଦି ସବୁ ଠିକ୍ ସ୍ଥାନରେ ସଜ୍ଜିତ ରଖିବା ଓ ହିସାବ ରଖିବା କାର୍ଯ୍ୟ ନିର୍ଭୁଲ ଭାବରେ କରୁଥିଲେ । ତାଙ୍କ ବିଷୟରେ ଶ୍ରୀ ଆର୍.କେ.ବାନାର୍ଜୀ କହନ୍ତି, 'ମୋ ନିକଟକୁ ଯେତେ ଚିଠି ଆସେ ସେଥିରୁ ଭାଇ ଲୋକନାଥ ମହାପାତ୍ରଙ୍କ ଚିଠି କେଉଁଟି ତାହା ସହଜରେ ଜଣାପଡ଼ିଯାଏ ।' ତାଙ୍କର ବୁଝାଇବା ଶୈଳୀ ଥିଲା ନିଆରା । ତାଙ୍କଦ୍ୱାରା ବର୍ତ୍ତମାନର ସେକ୍ରେଟାରୀ ଆଶୁତୋଷ ପତି, ଶ୍ରୀମନ୍ତ ପଣ୍ଡା, ଅମ୍ବିକା ମାଝି, ପାର୍ଥସାରଥି ପ୍ରସାଦ ଷଡ଼ଙ୍ଗୀ କମ୍ ବୟସରେ ପ୍ରଭାବିତ ହୋଇ କଟକ ବ୍ରହ୍ମବିଦ୍ୟା ଶାଖାର ସଭ୍ୟ ହୋଇଛନ୍ତି । ତାଙ୍କର ଅନବଦ୍ୟ କୃତି - 'ପରିପୂରକ ବ୍ରହ୍ମବିଦ୍ୟା', 'ଆଲୋକିତ ପଥ' ଓ 'The Theosophical Manuals'.

ଶ୍ରୀଯୁକ୍ତ ଚିନ୍ତାମଣି ମହାପାତ୍ର : କଟକ ବ୍ରହ୍ମବିଦ୍ୟା ଶାଖାର ସେ ଜଣେ ପ୍ରମୁଖ ସଭ୍ୟ ଥିଲେ । ସେ ବ୍ରହ୍ମବିଦ୍ୟା ବିଷୟକୁ ଅତି ସରଳ ଓ ସହଜ ଭାବରେ ଓଡ଼ିଶାର

ବହୁ ସ୍ଥାନକୁ ଯାଇ ବୁଝାଉଥିଲେ । ପରେ ସେ ଉତ୍କଳ ବ୍ରହ୍ମବିଦ୍ୟା ସଂଘର ସଭାପତି ହୋଇଥିଲେ । ସେ ବ୍ରହ୍ମପୁର, ରାୟଗଡ଼ା, କଳାହାଣ୍ଡି, ଭବାନୀପାଟଣା ଇତ୍ୟାଦି ସ୍ଥାନରେ ବ୍ରହ୍ମବିଦ୍ୟା ସଂଘ ପ୍ରତିଷ୍ଠା କରିଥିଲେ । ସେ ଜାତୀୟ ପ୍ରବକ୍ତା ଥିଲାବେଳେ ବିଭିନ୍ନ ରାଜ୍ୟକୁ ଯାଇ ବ୍ରହ୍ମବିଦ୍ୟା ପ୍ରଚାର ଓ ପ୍ରସାର କରିଥିଲେ । ତାଙ୍କ ଲିଖିତ ପୁସ୍ତକ – 'ବ୍ରହ୍ମବିଦ୍ୟା ପରିଚୟ', 'ବ୍ରହ୍ମବିଦ୍ୟାରେ ପରଲୋକ', 'ସ୍ୱର୍ଗଲୋକ ଓ ଚିନ୍ତାଜଗତ', 'ଷଷ୍ଠ ମୂଳ ଜାତିର ସୁନ୍ଦର ପୃଥିବୀ' । ଅନୁବାଦ କରିଥିଲେ – 'ଶ୍ରୀ ଗୁରୁଚରଣେ', 'ମୃତ୍ୟୁପରେ ଜୀବନ', 'ମଣିଷର ସପ୍ତ ଶରୀର', 'ଋଷି ଦେବାପି ଓ ମରୁ' ଓ 'ଗୁପ୍ତଜ୍ଞାନ' । ତାଙ୍କୁ ଏହି କର୍ମରେ ସାହାଯ୍ୟ କରିଥିଲେ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ସ୍ନେହଲତା ମହାପାତ୍ର ।

ଡା. ବୀରେନ୍ ଆଚାର୍ଯ୍ୟ ସାଧୁତାପରାୟଣ ବ୍ୟକ୍ତି ଥିଲେ । ସେ ବ୍ରହ୍ମବିଦ୍ୟାକୁ ଜୀବନରେ ପ୍ରତିଫଳିତ କରିଥିଲେ । ତାଙ୍କ ଜୀବନୀ ହିଁ ଅନ୍ୟମାନଙ୍କୁ ପ୍ରଭାବିତ କରେ ।

(ଡା. ରାମଚନ୍ଦ୍ର ରଥ, ନାରାୟଣ ମହାପାତ୍ର, ଶ୍ରୀମତୀ ଶୈଳବାଳା ମହାପାତ୍ର, ଲୋକନାଥ ମହାପାତ୍ର, ଚିନ୍ତାମଣି ମହାପାତ୍ର, ବୀରେନ୍ ଆଚାର୍ଯ୍ୟଙ୍କ ସଂପର୍କରେ ମୋ ଲେଖା 'ବିଶ୍ୱଧାରା'ରେ ପ୍ରକାଶିତ ହୋଇଥିଲା)

ଉତ୍କଳ ବ୍ରହ୍ମବିଦ୍ୟା ସମିତି : ଉତ୍କଳ ବ୍ରହ୍ମବିଦ୍ୟା ସମିତି ମେ ୧୬ ତାରିଖ ୧୯୬୫ ମସିହାରେ ଗଠିତ ହୋଇଥିଲା । ବର୍ତ୍ତମାନ ପାଠକମାନଙ୍କ ମନରେ ପ୍ରଶ୍ନ ଉଠିପାରେ ବ୍ରହ୍ମବିଦ୍ୟା ଲଜ୍ ୧୯୦୧ରୁ ଆରମ୍ଭ ହୋଇଛି, ଏତେ ବର୍ଷ ପରେ କିଭଳି ଉତ୍କଳ ବ୍ରହ୍ମବିଦ୍ୟା ସମିତି ସ୍ଥାପିତ ହେଲା । ଏହାର କାରଣ ଅନ୍ୟୂନ ୭ଟି ଲଜ୍‌କୁ ନେଇ ଗୋଟିଏ ଫେଡ଼େରେସନ୍ ଗଠିତ ହୁଏ, ଯାହାକି ଗୋଟିଏ ରାଜ୍ୟରେ କାର୍ଯ୍ୟ କରେ । ସେତେବେଳେ କଟକ, ପୁରୀ ଓ ଭୁବନେଶ୍ୱର ଲଜ୍ ବେଙ୍ଗଲ ଫେଡ଼େରେସନ୍ ଅଧୀନରେ କାର୍ଯ୍ୟ କରୁଥିଲା ଏବଂ ବରହମ୍‌ପୁର ଓ ଝାରସୁଗୁଡ଼ା ଲଜ୍ ତେଲୁଗୁ ଫେଡ଼େରେସନ୍ ଅଧୀନରେ କାର୍ଯ୍ୟ କରୁଥିଲେ । ୧୯୬୪ ମସିହାରେ ବେଙ୍ଗଲ୍ ଫେଡ଼େରେସନ୍‌ର ବାର୍ଷିକ ଉତ୍ସବ ପୁରୀ ଠାରେ ଅନୁଷ୍ଠିତ ହୋଇଥିଲା । ପୁରୀ ବ୍ରହ୍ମବିଦ୍ୟା ଲଜ୍‌ର ସଭ୍ୟମାନେ ଏହାର ଆୟୋଜନ କରିଥିଲେ । ଶ୍ରୀଯୁକ୍ତ

ଶେଷାଦ୍ରି ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ସେତେବେଳେ ଶ୍ରୀଯୁକ୍ତ ଶେଷାଦ୍ରି କଟକ, ପୁରୀ, ଭୁବନେଶ୍ୱର ବ୍ରହ୍ମବିଦ୍ୟା ଲଜ୍‌ର ସଭାପତି, ସଂପାଦକ ଏବଂ ନିଷ୍ଠାପର ସଭ୍ୟମାନଙ୍କୁ ଉତ୍ସାହିତ କରିଥିଲେ ଗୋଟିଏ ସ୍ୱତନ୍ତ୍ର ଫେଡେରେସନ୍ କରିବା ପାଇଁ । ତାଙ୍କର ପ୍ରେରଣାକୁ କାର୍ଯ୍ୟକାରୀ କରିବା ପାଇଁ ସଭ୍ୟମାନେ ତତ୍ପର ହେଲେ । ଯୋଗକୁ କଟକରୁ ସେକ୍ରେଟେରୀଏଟ୍ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହେଲା । କଟକ ଲଜ୍‌ର ସଭ୍ୟ ଶ୍ରୀଯୁକ୍ତ ଜଗନ୍ନାଥ ପାଢ଼ୀ, ଶ୍ରୀଯୁକ୍ତ ପ୍ରହଲ୍ଲାଦ ମହାପାତ୍ର, ଶ୍ରୀଯୁକ୍ତ ଖଗେଶ୍ୱର ରାଉତରାୟ ଓ ଅନ୍ୟ କେତେଜଣ ଭୁବନେଶ୍ୱରକୁ ଆସି ଭୁବନେଶ୍ୱରରେ ସନତକୁମାର ଲଜ୍, ସିଦ୍ଧାର୍ଥ ଲଜ୍, ଲକ୍ଷ୍ମୀନାରାୟଣ ଲଜ୍ ଗଠନ କଲେ । ଖୋର୍ଦ୍ଧାରେ ଏବଂ ଢେଙ୍କାନାଳରେ ଗୋଟିଏ ଗୋଟିଏ ଲଜ୍ ଗଢ଼ିଉଠିଲା । ଆଗରୁ ୪ଟି ଲଜ୍ ଥିଲା । ଏହିପରି ୯ଟି ଲଜ୍‌କୁ ନେଇ ଆମ୍ଭର ଉତ୍କଳ ଫେଡ଼େରେସନ୍ ତା. ୧୬.୫.୧୯୬୫ରେ ସ୍ଥାପିତ ହେଲା । ଏହାର ଉନ୍ମୋଚନ କରିଥିଲେ ଅନ୍ତଃର୍ଜାତିକ ସଭାପତି ଶ୍ରୀଯୁକ୍ତ ଏନ୍. ଶ୍ରୀରାମ । ଏହାର ପ୍ରଥମ ସଭାପତି ଥିଲେ ଡା. ରାମଚନ୍ଦ୍ର ରଥ ଏବଂ ସଂପାଦକ ଶ୍ରୀ ସୁରେନ୍ଦ୍ରନାଥ ଦାସ ।

ଉତ୍କଳ ବ୍ରହ୍ମବିଦ୍ୟା ସମିତିର ସ୍ୱତନ୍ତ୍ର ଗୃହ : ଉତ୍କଳ ବ୍ରହ୍ମବିଦ୍ୟା ସମିତିର ନିଜର ସ୍ୱତନ୍ତ୍ର ଗୃହ ନ ଥିବାରୁ ଏହାର ବାର୍ଷିକ ଅଧିବେଶନ କସ୍ତୁରବା ନାରୀ ମହଲ, ସ୍ୱାମୀ ବିବେକାନନ୍ଦ ଆଶ୍ରମରେ କରାଯାଉଥିଲା । ଲଜ୍‌ଗୁଡ଼ିକର ମିଟିଂ ମଧ୍ୟ ସଭ୍ୟମାନଙ୍କ ଘରେ କରାଯାଉଥିଲା । ଶ୍ରୀଯୁକ୍ତ ବିନୋଦ ବିହାରୀ ପଲେଇଙ୍କ ଅକ୍ଲାନ୍ତ ଉଦ୍ୟମ ଓ ନିଷ୍ଠା ଫଳରେ ଗୋଟିଏ ଟଙ୍କାରେ ଓଡ଼ିଶା ସରକାର ୧/୩ ଏକର ସ୍ଥାନ ୩୪୬ ଗୌତମ ନଗରରେ ଉତ୍କଳ ବ୍ରହ୍ମବିଦ୍ୟା ସମିତିର କାର୍ଯ୍ୟ ପାଇଁ ପ୍ରଦାନ କରିଥିଲେ ତା. ୨୭.୧୨.୧୯୭୪ ମସିହାରେ । (The federation has been registered under Act XXI of 1860 on 19.8.1968. The registration number of the federation is 5463/197 of 1968-69). ସରକାରଙ୍କଠାରୁ ସ୍ଥାନଟି ମିଳିଗଲା ପରେ ଅର୍ଥାଭାବ ହେତୁ ଗୃହ ନିର୍ମାଣ ହୋଇପାରି ନ ଥିଲା । ସଭ୍ୟମାନେ ନିଜେ ନିଜେ ଅର୍ଥ ଯୋଗାଡ଼ କରି ତା. ୧୬.୪.୧୯୭୭ରେ ପ୍ରଥମେ ବାଉଣ୍ଡରୀ ୱାଲ୍ କରିଥିଲେ ଓ ତତ୍‌ପରେ ଗୋଟିଏ ଘର ନିର୍ମାଣ ହେଲା ।

Indian Section ୮୦ ହଜାର ଟଙ୍କା ଏବଂ ଶ୍ରୀମତୀ ରାଧା ବର୍ଣ୍ଣୟାର ୧ ଲକ୍ଷ ଟଙ୍କା ଦେବାରୁ ମିଟିଂ ହଲ୍ ଏବଂ ସ୍ରାଇନ୍ ରୁମ୍ ନିର୍ମାଣ କରାଗଲା । ମିଟିଂ ହଲ୍‌ଟି ଛୋଟ ଥିଲା । ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଟ୍ଟନାୟକଙ୍କ ଉଦ୍ୟମରେ ଓଡ଼ିଶା ସରକାରଙ୍କ ଅନୁଦାନରେ ବହି ଦୋକାନ, ଗେଷ୍ଟ୍ ରୁମ୍ ଏବଂ ମିଟିଂ ହଲ୍‌ଟିର କଳେବର ବୃଦ୍ଧି ହୋଇଥିଲା । ଉତ୍କଳ ବ୍ରହ୍ମବିଦ୍ୟା ସମିତିର ସଭାପତି ପ୍ରଫେସର ସହଦେବ ପାତ୍ରଙ୍କ ସମୟରେ ବଦାନ୍ୟ ସଭ୍ୟମାନଙ୍କର ଅନୁଦାନରେ ଉପର ହଲ୍‌ଟି ନିର୍ମାଣ କରାଗଲା । ୨୦୨୪ ମସିହାରେ ଉତ୍କଳ ବ୍ରହ୍ମବିଦ୍ୟା ସମିତିର ସଭାପତି ଡ. ଚିତ୍ତରଞ୍ଜନ ଶତପଥୀଙ୍କ ପ୍ରୟାସରେ Indian Section ୮ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ । East Central Office ୧ ଲକ୍ଷ ଟଙ୍କା ଓ ସଭ୍ୟମାନେ ୮ ଲକ୍ଷ ଟଙ୍କା ଦାନ କରିଥିଲେ, ଯେଉଁଥିରେ ବଡ଼ ସୁନ୍ଦର ହଲ୍ ନିର୍ମାଣ ସହିତ ଦୁଇଟି ରୁମ୍ ନିର୍ମାଣ କରାଗଲା । ବର୍ତ୍ତମାନ ଉତ୍କଳ ବ୍ରହ୍ମବିଦ୍ୟା ସମିତିର ସୁନ୍ଦର ସଭାଗୃହ, ସ୍ରାଇନ୍ ରୁମ୍, ଗେଷ୍ଟ୍ ରୁମ୍, ବହି ଦୋକାନ, ଲାଇବ୍ରେରୀ, ରୋଷେଇ ଘର ଏବଂ ସୁନ୍ଦର ବଗିଚାଟିଏ ରହିଅଛି ।

ବ୍ରହ୍ମବିଦ୍ୟାର କାର୍ଯ୍ୟ : ଉତ୍କଳ ବ୍ରହ୍ମବିଦ୍ୟା ସମିତିର କାର୍ଯ୍ୟ ବ୍ରହ୍ମବିଦ୍ୟାର ପ୍ରଚାର ଓ ପ୍ରସାର ସହିତ ନୂଆନୂଆ ଲଜ୍ ସ୍ଥାପନ କରିବା । ଉତ୍କଳ ବ୍ରହ୍ମବିଦ୍ୟା ସମିତି ଅଧୀନରେ ବର୍ତ୍ତମାନ ୨୩ଟି ବ୍ରହ୍ମବିଦ୍ୟା ଲଜ୍ କାର୍ଯ୍ୟ କରୁଛନ୍ତି । ସେଗୁଡ଼ିକ ହେଲା– ୧. ଅଶୋକ ଲଜ୍, ୨. ବଲାଙ୍ଗିର ଲଜ୍, ୩. ବାଲେଶ୍ୱର ଲଜ୍, ୪. ବରହମ୍ପୁର ଲଜ୍, ୫. ଭବାନୀପାଟଣା ଲଜ୍, ୬. ଭୁବନେଶ୍ୱର ଲଜ୍, ୭. ବାରବାଟୀ ଲଜ୍, ୮. କଟକ ଲଜ୍, ୯. ଦେବାପି ଲଜ୍, ୧୦. ଗୋପାଳଜୀଉ ଲଜ୍, ୧୧. ଜଗନ୍ନାଥ ଲଜ୍, ୧୨. ଜଗତସିଂହପୁର ଲଜ୍, ୧୩. କ୍ୟାପିଟାଲ୍ ଲଜ୍, ୧୪. ଲିଙ୍ଗରାଜ ଲଜ୍, ୧୫. ଲକ୍ଷ୍ମୀନାରାୟଣ ଲଜ୍, ୧୬. ମହାନଦୀ ଲଜ୍, ୧୭. ମରୁ ଲଜ୍, ୧୮. ପିଥାଗୋରସ୍ ଲଜ୍, ୧୯. ରାୟଗଡ଼ା ଲଜ୍, ୨୦. ସମ୍ବଲପୁର ଲଜ୍, ୨୧. ସନତ୍ କୁମାର ଲଜ୍, ୨୨. ସିଦ୍ଧାର୍ଥ ଲଜ୍, ୨୩. ଉପାସିକା ଲଜ୍ । ସମୁଦାୟ ସଭ୍ୟ ସଂଖ୍ୟା ୨୦୨୫ ମସିହା ସେପ୍ଟେମ୍ବର ଶେଷ ସୁଦ୍ଧା ୮୧୫ ଥିଲା ।

ବର୍ତ୍ତମାନର ସଭାପତି ଡ. ଚିତ୍ତରଞ୍ଜନ ଶତପଥୀ, ଉପସଭାପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ମହାପାତ୍ର, ସଂପାଦିକା ଶ୍ରୀମତୀ ମିତାଲିନୀ ଚୌଧୁରୀ, କଟକ ଲଜ୍‌ର ସଭାପତି ଡ. ଚିନ୍ମୟୀ ମହାପାତ୍ର ଏବଂ ସଂପାଦକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପତିଙ୍କ ଉଦ୍ୟମରେ କେତେକ ନୂତନ ଲଜ୍ ଗଠିତ ହେବା ସହିତ ପୁରାତନ ନିଷ୍କ୍ରିୟ ଲଜ୍‌ଗୁଡ଼ିକୁ ସକ୍ରିୟ କରାଯାଇଛି । ଆମର ପୂର୍ବସୂରୀଙ୍କଦ୍ୱାରା ଗଠିତ ଆଉ କେତେକ ଲଜ୍ ଯାହାକି ନିଷ୍କ୍ରିୟ ହୋଇଯାଇଛି, ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ରହିଛି । ସମସ୍ତଙ୍କର ମିଳିତ ପ୍ରୟାସରେ ପୁରାତନ ଲଜ୍‌ଗୁଡ଼ିକୁ ସକ୍ରିୟ କରାଯାଇପାରିବ । ବନ୍ଦ ହୋଇ ଯାଇଥିବା ପୁରାତନ ଲଜ୍‌ଗୁଡ଼ିକ ହେଲା– ସାଲେପୁର ଲଜ୍, ଚାର୍ଟର ନଂ ୧୪୩୪, କାଠଯୋଡ଼ି ଲଜ୍ - ଚାର୍ଟର୍ ନଂ ୧୩୮୧, ମହାମୋହନ ଲଜ୍ - ଚାର୍ଟର ନଂ୧୪୦୨, ଲେଡ୍‌ବିଟର୍ ଲଜ୍ - ଚାର୍ଟର ନଂ ୧୪୩୨, ଧାନମଣ୍ଡଳ ଲଜ୍ - ଚାର୍ଟର୍ ନଂ ୧୪୫୬, କୁଂତରା ଲଜ୍ - ଚାର୍ଟର୍ ନଂ ୧୪୫୬ (ବଲାଙ୍ଗିର), ଝାରସୁଗୁଡ଼ା, ସୁନାବେଡ଼ା, ମାଣିକେଶ୍ୱରୀ (ଢେଙ୍କାନାଳ), ବାରିପଦା ଲଜ୍, ଜୟକୃଷ୍ଣ ଲଜ୍ (ଖୋର୍ଦ୍ଧା), ଦେଓଗଡ଼ ଲଜ୍ । ପ୍ରତ୍ୟେକ ଲଜ୍‌ର ସଭ୍ୟମାନେ ନିଜ ନିଜର ଷ୍ଟଡି କ୍ଲାସ୍ କରିବା ସହିତ ପବ୍ଲିକ୍ ଲେକ୍‌ଚର୍‌ର ଆୟୋଜନ କରିଥାନ୍ତି । ବ୍ରହ୍ମବିଦ୍ୟା ସମିତିର ଗୁରୁତ୍ୱପୂର୍ଣ୍ଣ ଦିବସଗୁଡ଼ିକ ମଧ୍ୟ ପାଳନ କରିଥାନ୍ତି ।

ଉତ୍କଳ ବ୍ରହ୍ମବିଦ୍ୟା ସମିତି ଗୌତମ ନଗରଠାରେ ବର୍ଷକୁ ୪ଟି ଗୁରୁତ୍ୱପୂର୍ଣ୍ଣ ଦିବସ ପାଳନ କରାଯାଏ । ସେଗୁଡ଼ିକ ହେଲା— ଅକ୍ଟୋବର ୧ - ଆନି ବେସାନ୍ତଙ୍କ ଜନ୍ମଦିବସ, ନଭେମ୍ବର ୧୭ - ବ୍ରହ୍ମବିଦ୍ୟା ସମିତିର ପ୍ରତିଷ୍ଠା ଦିବସ, ଫେବୃୟାରୀ ୧୭ - ଆଡୟାର୍ ଦିବସ, ମେ ୮ - ଶ୍ୱେତପଦ୍ମ ଦିବସ । ଅନେକ study class ଏବଂ memorial study class, International, National lecture ତଥା ବିଶିଷ୍ଟ ବ୍ରହ୍ମବିଦ୍ୟାବିତ୍‌ମାନଙ୍କଦ୍ୱାରା କରାଯାଏ। ଏତଦ୍‌ବ୍ୟତୀତ ଗୁରୁପୂର୍ଣ୍ଣିମା, ବୁଦ୍ଧ ପୂର୍ଣ୍ଣିମା, ଉତ୍କଳ ବ୍ରହ୍ମବିଦ୍ୟା ସମିତିର ପ୍ରତିଷ୍ଠା ଦିବସ ମଧ୍ୟ ପାଳନ କରାଯାଏ । ସପ୍ତାହକୁ ଥରେ ଭାରତ ସମାଜ ପୂଜା ଓ ଆଧ୍ୟାତ୍ମିକ ଆରୋଗ୍ୟ ପ୍ରାର୍ଥନା ମଧ୍ୟ କରାଯାଏ ।

Theoscience Research Organisation ଗଢ଼ା ଯାଇଛି ଉତ୍କଳ ବ୍ରହ୍ମବିଦ୍ୟା ସମିତିର ପ୍ରଥମ ସଭାପତିଙ୍କ ପ୍ରୟାସରେ । Theoscience ନାମକ

ପତ୍ରିକା ପ୍ରତି ମାସରେ ପ୍ରକାଶିତ ହେଉଥିଲା । ସେ ନିଜେ ତାହାର ସଂପାଦକ ମଧ୍ୟ ଥିଲେ । ଥିଓସାଇନ୍ସ ଉପରେ ଲେକ୍‌ଚର୍ ମଧ୍ୟ ରଖାଯାଏ । ବର୍ତ୍ତମାନ ବର୍ଷକୁ ଥରେ ପତ୍ରିକା ପ୍ରକାଶିତ ହେଉଛି । ଶ୍ରୀଯୁକ୍ତ ଡା. ରାମଚନ୍ଦ୍ର ରଥ, ଶ୍ରୀଯୁକ୍ତ ବିନୋଦ ବିହାରୀ ପଲାଇ ଏହି ସଂସ୍ଥାର ସଭାପତି ଓ ସଂପାଦକ ଭାବରେ କାର୍ଯ୍ୟ କରିଛନ୍ତି । ବର୍ତ୍ତମାନ ଏହାର ସଭାପତି ଇଂ ରାମଚନ୍ଦ୍ର ପଟ୍ଟନାୟକ ଓ ସଂପାଦିକା ଶ୍ରୀମତୀ ପୌର୍ଣ୍ଣମାସୀ ପଟ୍ଟନାୟକ ।

T.O.S : Theosophial Order of Service ବା ବ୍ରହ୍ମବିଦ୍ୟା ସେବା ସଂଘ ଓଡ଼ିଶାରେ ଅନେକ ସେବାକାର୍ଯ୍ୟ କରିଆସୁଛନ୍ତି । ଆବଶ୍ୟକସ୍ଥଳେ ଅନ୍ନ, ବସ୍ତ୍ର, ଅର୍ଥ ଦାନ ସହିତ ରୋଗୀସେବା, ଦରିଦ୍ର ଛାତ୍ରମାନଙ୍କୁ ଶିକ୍ଷାରେ ସହାୟତା, ଦଳିତ, ନିଷ୍ପେସିତ ଅସହାୟମାନଙ୍କୁ ସାହାଯ୍ୟ, ବେରୋଜଗାର ଛାତ୍ରମାନଙ୍କ ପାଇଁ ବିଭିନ୍ନ ପ୍ରକାର ବୈଷୟିକ ପ୍ରଶିକ୍ଷଣ ଦେଇ ରୋଜଗାରକ୍ଷମ କରାଇବା ସହିତ ନିଃସହାୟ ନାରୀମାନଙ୍କୁ ସିଲାଇ ମେସିନ, ବଫେ ପ୍ଲେଟ୍ ମେସିନ୍ ଇତ୍ୟାଦି ଯୋଗାଇ ନିଜେନିଜେ ଅର୍ଥ ଉପାର୍ଜନ କରିବା ପାଇଁ ଉତ୍ସାହିତ କରାଯାଉଛି । ଏତଦ୍‌ବ୍ୟତୀତ ଯେଉଁଠାରେ ପ୍ରାକୃତିକ ବିପର୍ଯ୍ୟୟ ହୁଏ ସେଠାରେ ସହାୟତା କରିବାକୁ ଆଗେଇ ଯାନ୍ତି ଟି.ଓ.ଏସ୍.ର ଭାଇ ଓ ଭଉଣୀମାନେ । ଓଡ଼ିଶା ବ୍ରହ୍ମବିଦ୍ୟା ସେବା ସଂଘ ଅଧୀନରେ ଅନେକଗୁଡ଼ିଏ ଟି.ଓ.ଏସ୍. ଗ୍ରୁପ୍ କାର୍ଯ୍ୟ କରନ୍ତି । ଶ୍ରୀଯୁକ୍ତ ଖଗେଶ୍ୱର ରାଉତରାୟଙ୍କ ପ୍ରୟାସରେ ଅନେକ ଟି.ଓ.ଏସ୍. ଗ୍ରୁପ୍ ଗଠିତ ହୋଇଥିଲା ଓ ସଭ୍ୟମାନେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ ଦରିଦ୍ର, ନିଃସହାୟମାନଙ୍କୁ ସାହାଯ୍ୟ କରୁଥିଲେ । ତାଙ୍କ ପରେ ଶ୍ରୀମତୀ ଅମୀୟ ମହାପାତ୍ର ମଧ୍ୟ ଗରିବ ପିଲାଙ୍କୁ ଶିକ୍ଷା ଦେବା ସହିତ ରୋଗୀମାନଙ୍କର ସେବା କରିବାରେ ଓ ଦରିଦ୍ରମାନଙ୍କୁ ସହାୟତା ଦେବାରେ ତତ୍ପର ଥିଲେ । ବର୍ତ୍ତମାନ ଓଡ଼ିଶା ବ୍ରହ୍ମବିଦ୍ୟା ସେବା ସଂଘର ସଭାପତି ଡ. ଦୀପା ପାଢ଼ୀଙ୍କ କାର୍ଯ୍ୟ ସାରା ପୃଥିବୀରେ ପ୍ରଶଂସନୀୟ । ତାଙ୍କର ନେତୃତ୍ୱରେ ଟି.ଓ.ଏସ୍. Regional Annuual Confernece ରମାଦେବୀ ୟୁନିଭରସିଟି ଓ ଅନ୍ୟ କଲେଜ ପରିସରରେ କରିଆସୁଛି, ଯାହାଦ୍ୱାରା ଅନେକ ଛାତ୍ରଛାତ୍ରୀ ସଭାରେ ଯୋଗ ଦେଇ ବ୍ରହ୍ମବିଦ୍ୟାର ଆଲୋଚ୍ୟ ବିଷୟ ଶୁଣନ୍ତି । ମୁଖ୍ୟ ଅତିଥିଭାବରେ ପୁରୀ ରାଜା, ଓଡ଼ିଶା ରାଜ୍ୟପାଳ,

ଆନ୍ତର୍ଜାତିକ ସଭାପତି ଟିମ୍ ବଏଡ୍, ଲିଲି ବଏଡ୍, ଫିଲିପାଇନ୍ସର ବ୍ରହ୍ମବିଦ୍ୟା ସମିତିର ସଭାପତି ହିକ୍ ହାଉଚିନ୍ ତଥା ଅନ୍ୟ କେତେକ ମହାନ୍ ବ୍ୟକ୍ତି ଯୋଗ ଦେଇଛନ୍ତି । T.O.S. ର Odisha Regional ସଂପାଦକ ଭାବରେ ଇଞ୍ଜିନିୟର୍ ଆର୍.ସି. ପଟ୍ଟନାୟକ କାର୍ଯ୍ୟ କରିଛନ୍ତି । ବର୍ତ୍ତମାନ ଡ. କୃଷ୍ଣପ୍ରସାଦ ପାଢ଼ୀ ସଂପାଦକ ଅଛନ୍ତି ।

Youth Training Class : ଛାତ୍ରଛାତ୍ରୀ ତଥା ଯୁବଗୋଷ୍ଠୀଙ୍କ ପାଇଁ ବ୍ରହ୍ମବିଦ୍ୟାର ଜ୍ଞାନ ଏକାନ୍ତ ଆବଶ୍ୟକ । ନିଜର ଜୀବନକୁ ସରସ ସୁନ୍ଦର କରି ଗଢ଼ିବାରେ ବ୍ରହ୍ମବିଦ୍ୟାର ବିଷୟ ବହୁଭାବରେ ସାହାଯ୍ୟ କରିଥିବାର ପରିଲକ୍ଷିତ । ସେଥିପାଇଁ ଉତ୍କଳ ବ୍ରହ୍ମବିଦ୍ୟା ସମିତିର କର୍ମକର୍ତ୍ତାମାନେ ଅନେକ Youth programme କରିଆସୁଛନ୍ତି । କଟକର ନରାଜ, ଜଗତପୁର, କଟକ ଲଜ୍, ଉତ୍କଳ ଫେଡ଼େରେସନ୍ ହଲ୍‌ରେ ଛାତ୍ରଛାତ୍ରୀମାନଙ୍କ ପାଇଁ ୪/୮ ଦିନ ବ୍ରହ୍ମବିଦ୍ୟା ବିଷୟ ଶିକ୍ଷା ଦିଆଯାଏ । ନିଜକୁ ଜାଣିବା ଏବଂ ନିଜ ଭିତରେ ନିହିତ ଐଶ୍ୱରିକ ଶକ୍ତିକୁ ଉଜ୍ଜୀବିତ କରିବା ଏହାର ଲକ୍ଷ୍ୟ । ଆନ୍ତର୍ଜାତିକ ବକ୍ତା, ଜାତୀୟ ପ୍ରବକ୍ତାମାନେ ଆସି ଶିକ୍ଷା ଦେଇଥାନ୍ତି । ସ୍କୁଲ, କଲେଜ, ୟୁନିଭରସିଟିରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ ବ୍ରହ୍ମବିଦ୍ୟା କ୍ଲାସ୍ କରାଯାଏ ଏବଂ ବ୍ରହ୍ମବିଦ୍ୟା ପୁସ୍ତକ ଲାଇବ୍ରେରୀକୁ ପ୍ରଦାନ କରାଯାଏ । ଛାତ୍ରଛାତ୍ରୀମାନେ ଆଲୋଚନାଚକ୍ର, ବକ୍ତୃତା, ସଂକ୍ଷିପ୍ତ କଥନରେ ମଧ୍ୟ ଭାଗ ନିଅନ୍ତି । ଯେଉଁ ଛାତ୍ରଛାତ୍ରୀମାନେ ଆଡୟାର୍ ଏବଂ ବନାରସର କାର୍ଯ୍ୟକ୍ରମରେ ଯୋଗଦେବାକୁ ଆଗ୍ରହୀ ହେବେ, ସେମାନଙ୍କ ପାଇଁ କିଛି ଆର୍ଥିକ ସାହାଯ୍ୟ ଯୋଗାଇଦେବାର ମଧ୍ୟ ବ୍ୟବସ୍ଥା ରହିଛି ।

Study class : ପ୍ରତି ଲଜ୍, ଫେଡ଼େରେସନ୍‌ରେ ଷ୍ଟଡି କ୍ଲାସ୍ ହେବା ସହିତ ଅନ୍ୟାନ୍ୟ ସ୍ଥାନମାନଙ୍କରେ ମଧ୍ୟ ଥିଓସଫିକାଲ୍ ଷ୍ଟଡ଼ି କ୍ଲାସ୍ କରାଯାଇଥାଏ । ସଭ୍ୟମାନେ ଏକାଧିକ ଦିନ ଧରି ଏକାଠି ଗୋଟିଏ ସ୍ଥାନରେ ରହି ବ୍ରହ୍ମବିଦ୍ୟାର ଆଲୋଚନା, ଅଧ୍ୟୟନ, ମନନ, ଚିନ୍ତନ କରିଥାନ୍ତି । ଉତ୍ତରାଖଣ୍ଡର ଭଓ୍ୱାଲିରେ ମଧ୍ୟ ଅନେକଥର ବହ୍ମବିଦ୍ୟାର ଷ୍ଟଡି କ୍ଲାସ୍ କରାଯାଇଛି ।

National Conferece : ଆସାମ, ବେଙ୍ଗଲ୍, ବିହାର ଓ ଉତ୍କଳ ଫେଡ଼େରେସନ୍ ମିଳିତ ଭାବରେ ବର୍ଷକୁ ଥରେ ବା ଦୁଇଥର ପାଇଁ କନ୍‌ଫରେନ୍ସ

କରୁଥିଲେ । ଯାହାର ନାମ East Zone Conference ରଖାଯାଇଥିଲା । ବର୍ତ୍ତମାନ ଏହାକୁ National Confernce କୁହାଯାଉଛି । ବ୍ରହ୍ମବିଦ୍ୟାର ପ୍ରଚାର ଓ ପ୍ରସାର ଏହାର ଲକ୍ଷ୍ୟ । ପ୍ରଥମେ ଉତ୍କଳ ଫେଡେରେସନ୍‌ରେ କନ୍‌ଫରେନ୍ସ ଆରମ୍ଭ ହୋଇଥିଲା ୧୯୯୭ ମସିହାରେ । ଶ୍ରୀଯୁକ୍ତ ବିନୋଦ ବିହାରୀ ପଲେଇ ସଂଯୋଜକ (Co-ordinator) ଭାବରେ କାର୍ଯ୍ୟ କରିଥିଲେ । ତତ୍‌ପରେ ଆସାମ, ବେଙ୍ଗଲ୍ ଓ ବିହାରରେ କନ୍‌ଫରେନ୍ସ ଅନୁଷ୍ଠିତ ହୋଇଆସୁଛି । ଶ୍ରୀଯୁକ୍ତ ପ୍ରଦୀପ କୁମାର ମହାପାତ୍ର ଏହାର କୋ-ଅଡିନେଟ୍‌ର ଭାବରେ ଅନେକ ବର୍ଷ କାର୍ଯ୍ୟ କରିଛନ୍ତି । ଏ ବର୍ଷ ବିହାର ଫେଡ଼େରେସନ୍‌ର ସମସ୍ତିପୁରଠାରେ ଫେବୃୟାରୀ ୨୮ ତାରିଖ ଓ ମାର୍ଚ୍ଚ ୧ ତାରିଖରେ National Conference ଅନୁଷ୍ଠିତ ହେବାକୁ ଯାଉଛି ।

Annual Conference : ଉତ୍କଳ ବ୍ରହ୍ମବିଦ୍ୟା ସମିତିର ସ୍ୱତନ୍ତ୍ର ଗୃହ ନିର୍ମାଣ ପରେ ଏହାର ବାର୍ଷିକ ଅଧିବେଶନ ପ୍ରତିବର୍ଷ ଫେବୃୟାରୀ ମାସର ଦ୍ୱିତୀୟ ଶନିବାର ଏବଂ ରବିବାର କରାଯାଉଛି । ଏହି ଅଧିବେଶନରେ ଉତ୍କଳ ଫେଡ଼େରେସନ୍ ଅଧୀନରେ ଥିବା ଲଜ୍‌ମାନଙ୍କର ସଭ୍ୟମାନେ ସକ୍ରିୟ ଅଂଶଗ୍ରହଣ କରନ୍ତି । ଦୁଇଦିନ ବ୍ରହ୍ମବିଦ୍ୟା ବିଷୟ ଆଲୋଚନା ସହିତ ସବୁ ଲଜ୍‌ର ସଭ୍ୟମାନଙ୍କ ସହିତ ମିଳନ ହୋଇଥାଏ । ବାସ୍ତବିକ୍ ଭ୍ରାତୃଭାବ ପୂର୍ଣ୍ଣ ପରିବେଶରେ ସ୍ଥାନଟି ମୁଖରିତ ହୋଇଉଠେ । ମୁଖ୍ୟ ଅତିଥିଭାବରେ ଅନ୍ତର୍ଜାତୀୟ ସଭାପତି, ଉପସଭାପତି, ସଂପାଦକ, ଜାତୀୟ ସଭାପତି, ଅନେକ ଜାତୀୟ ପ୍ରବକ୍ତା ଓ ବିଶିଷ୍ଟ ବ୍ୟକ୍ତି ବାର୍ଷିକ ଅଧିବେଶନରେ ଯୋଗଦେଇଛନ୍ତି । ଶ୍ରୀଯୁକ୍ତ ଏନ୍. ଶ୍ରୀରାମ, ଡ. ଜନ୍ କୋଟ୍‌ସ୍, ଶ୍ରୀମତୀ ରାଧା ବର୍ଣ୍ଣିୟର, ଶ୍ରୀଯୁକ୍ତ ଟିମ୍ ବୟଡ୍, ଶ୍ରୀଯୁକ୍ତ ରୋହିତ ମେହେଟ୍ଟା, ଶ୍ରୀ ଦେବୀ ମେହେଟ୍ଟା, ମ୍ୟାରି ଆଣ୍ଡରସନ୍, ପେଡ୍ରୋ ଅଲ୍‌ଭେରା, ଲିଣ୍ଡା ଅଲ୍‌ଭେରା, ସୁରେନ୍ଦ୍ର ନାରାୟଣ, ଏମ୍.ପି. ସିଂଘଲ୍, ମଞ୍ଜୁ ସୁନ୍ଦରମ୍, ସତ୍ୟବୀର ତ୍ୟାଗୀ, ଏନ୍.ସି. ରାମାନୁଜାଚାରୀ, ସି.ଏ. ସିନ୍ଧେ, ବି.ଡି. ତେନ୍ଦୁଲ୍‌କର୍ ଇତ୍ୟାଦି ମହାନ୍ ବ୍ୟକ୍ତିଙ୍କର ଉପସ୍ଥିତି ଓ ଗଭୀର ଜ୍ଞାନ ସଭ୍ୟମାନଙ୍କୁ ପ୍ରେରଣା ଦେଇଛି । ଉତ୍କଳ ବ୍ରହ୍ମବିଦ୍ୟା ସମିତିର କେତେକ ବାର୍ଷିକ ଅଧିବେଶନ କଟକ ଲଜ୍ ଏବଂ ସମ୍ବଲପୁର ଲଜ୍‌ର ଆୟୋଜନ କ୍ରମେ ସେଠାରେ କରାଯାଇଛି ।

**କର୍ମକର୍ତ୍ତା :** ଉତ୍କଳ ବ୍ରହ୍ମବିଦ୍ୟା ସମିତିର ସଭାପତି, ଉପସଭାପତି, ସଂପାଦକ, ଯୁଗ୍ମ ସଂପାଦକ, କୋଷାଧକ୍ଷ ପଦ ରହିଅଛି । ପ୍ରତି ତିନିବର୍ଷରେ ଏହି ପଦବୀ ପାଇଁ ନିର୍ବାଚନ କରାଯାଏ । ଏହି ପଦପଦବୀ କେବଳ ଅନୁଷ୍ଠାନର କାର୍ଯ୍ୟକୁ ସଠିକ୍ ଓ ସୁନ୍ଦର ଭାବରେ ପରିଚାଳିତ କରିବା ପାଇଁ । ଏହି ସମିତିରେ କିଏ ବଡ଼ ବା ଛୋଟ ନୁହେଁ; ସମସ୍ତେ ଛାତ୍ର । ଅନ୍ୟ ଆଧ୍ୟାତ୍ମିକ ଅନୁଷ୍ଠାନ ପରି ଜଣେ ଗାଦିରେ ବସିବାର ପ୍ରଥା ନାହିଁ । ସେଥିପାଇଁ ନିର୍ବାଚନର ନିୟମ ରହିଛି । ପ୍ରତ୍ୟେକ ନିଜ ନିଜର କାମ ନିଃସ୍ୱାର୍ଥପର ଭାବରେ କରିଥାନ୍ତି । କେବଳ ଗୋଟିଏ ଲକ୍ଷ୍ୟ, ବ୍ରହ୍ମବିଦ୍ୟା ଜ୍ଞାନକୁ ନିଜ ଜୀବନରେ ପ୍ରତିଫଳିତ କରି ଅନ୍ୟମାନଙ୍କୁ ସେହି ଦିଗରେ ସାହାଯ୍ୟ କରିବା । ୧୯୬୫ ମସିହାରୁ ଆଜି ପର୍ଯ୍ୟନ୍ତ ସଭାପତି ଭାବରେ କାର୍ଯ୍ୟ କରିଛନ୍ତି ୧. ଡା. ଆର୍.ସି.ରଥ, ୨. ଡା. ଶରତଚନ୍ଦ୍ର ମିଶ୍ର, ୩. ପ୍ରଫେସର ଚିନ୍ତାମଣି ମହାପାତ୍ର, ୪. ଡ. ବନବିହାରୀ ପଣ୍ଡା, ୫. ପ୍ରଫେସର ସହଦେବ ପାତ୍ର, ୬. ଡ. ଚିତ୍ତରଞ୍ଜନ ଶତପଥୀ ।

**ସଂପାଦକ ଭାବରେ** – ୧. ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ଦାସ, ୨. ଶ୍ରୀଯୁକ୍ତ ବିନୋଦ ବିହାରୀ ପଲାଇ, ୩. ଶ୍ରୀଯୁକ୍ତ ଜଗନ୍ନାଥ ପାଢ଼ୀ, ୪. ପ୍ରଫେସର ଦିବ୍ୟକିଶୋର ସିଂ, ୫. ଶ୍ରୀଯୁକ୍ତ ପ୍ରଦୀପ ମହାପାତ୍ର, ୬. ଶ୍ରୀଯୁକ୍ତ ଆଶିଷ କର, ୭. ଶ୍ରୀମତୀ ପୌର୍ଣ୍ଣମାସୀ ପଟ୍ଟନାୟକ, ୮. ଶ୍ରୀମତୀ ମିତାଲିନୀ ଚୌଧୁରୀ ।

**ଫେଡେରେସନ୍ ଲେକ୍ଚରର୍ :** ଫେଡେରେସନ୍ ସ୍ତରରେ ବ୍ରହ୍ମବିଦ୍ୟା ପ୍ରଚାର ପ୍ରସାର କରିବା ପାଇଁ ପ୍ରତି ତିନିବର୍ଷରେ ବକ୍ତାମାନଙ୍କୁ ମନୋନୀତ କରାଯାଏ । ଶ୍ରୀଯୁକ୍ତ ବିନୋଦ ବିହାରୀ ପଲାଇ, ଶ୍ରୀଯୁକ୍ତ ପ୍ରଦୀପ ମହାପାତ୍ର, ଶ୍ରୀଯୁକ୍ତ ଜୟକୃଷ୍ଣ ସାହୁ, ଶ୍ରୀଯୁକ୍ତ ଭବାନୀ ଶଙ୍କର ମହାନ୍ତି, ଶ୍ରୀମତୀ ମିତାଲିନୀ ଚୌଧୁରୀ ଅନେକ ବର୍ଷ ଫେଡେରେସନ୍ ଲେକ୍ଚରର୍ ଭାବରେ କାର୍ଯ୍ୟ କରିଛନ୍ତି । ବର୍ତ୍ତମାନ ଡ. ଚିନ୍ମୟୀ ମହାପାତ୍ର, ଡ. ସୁନନ୍ଦା ମିଶ୍ର, ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପତି, ଶ୍ରୀଯୁକ୍ତ ପ୍ରମୋଦ ଚନ୍ଦ୍ର ମିଶ୍ର ଫେଡ଼େରେସନ୍ ଲେକ୍ଚର୍‌ର ଅଛନ୍ତି ।

**ଉତ୍କଳ ବ୍ରହ୍ମବିଦ୍ୟା ସମିତିର ଗୌରବ :** ପ୍ରଫେସର ଚିନ୍ତାମଣି ମହାପାତ୍ର ଉତ୍କଳର ପ୍ରଥମ ଜାତୀୟ ପ୍ରବକ୍ତା  ଭାବରେ ମନୋନୀତ ହୋଇଥିଲେ । ତତ୍‌ପରେ

ପ୍ରଦୀପ ମହାପାତ୍ର, ଡ. ପାର୍ଥସାରଥି ପ୍ରସାଦ ଷଡ଼ଙ୍ଗୀ ଏବଂ ଶ୍ରୀମତୀ ପୌର୍ଣ୍ଣମାସୀ ପଟ୍ଟନାୟକ ଜାତୀୟ ପ୍ରବକ୍ତା ଭାବେ ମନୋନୀତ ହୋଇଛନ୍ତି । ଶ୍ରୀମତୀ କୁସୁମ୍ ଶତପଥୀ ଆନ୍ତଃର୍ଜାତୀୟ ସଂପାଦିକା ପଦରେ ରହି ଅନେକ କାର୍ଯ୍ୟ କରିଛନ୍ତି । ଡ. ଚିତ୍ତରଞ୍ଜନ ଶତପଥୀ ଅନ୍ତର୍ଜାତୀୟ ଉପସଭାପତି ପଦରେ ଆସୀନ ହୋଇ କାର୍ଯ୍ୟ କରିଛନ୍ତି । ବର୍ତ୍ତମାନ ଡ. ଦୀପା ପାଢ଼ୀ ଅନ୍ତର୍ଜାତୀୟ ବ୍ରହ୍ମବିଦ୍ୟା ସମିତିର ଉପସଭାପତି ଅଛନ୍ତି । ଶ୍ରୀଯୁକ୍ତ ଜୟକୃଷ୍ଣ ସାହୁ ଅନ୍ତର୍ଜାତୀୟ ସଭାପତି ଶ୍ରୀମତୀ ରାଧା ବର୍ଣ୍ଣିୟରଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ଭାବରେ ଆଡୟାରରେ କାର୍ଯ୍ୟ କରିଛନ୍ତି । ଶ୍ରୀଯୁକ୍ତ ପ୍ରଦୀପ କୁମାର ମହାପାତ୍ର Indian section ର ଯୁଗ୍ମ ସମ୍ପାଦକ (Joint secretary), ତତ୍‌ପରେ ସହସମ୍ପାଦକ (Associate secretary) ଭାବରେ କାର୍ଯ୍ୟକରି ବର୍ତ୍ତମାନ Propagation of Theosophy ର ସେକ୍ରେଟାରୀ ଅଛନ୍ତି । Indian section ପ୍ରଦୀପ ମହାପାତ୍ରଙ୍କୁ ତାଙ୍କର ନିଷ୍ଠା ଏବଂ ନିଃସ୍ୱାର୍ଥପର କାର୍ଯ୍ୟ ପାଇଁ ପ୍ରଥମ ରାଧା ବର୍ଣ୍ଣିୟର ଆୱାର୍ଡ ପ୍ରଦାନ କରିଥିଲେ । ପ୍ରଦୀପ ମହାପାତ୍ର ଓ ମିତାଲିନୀ ଚୌଧୁରୀ ଭାରତର ବିଭିନ୍ନ ରାଜ୍ୟ ଓ ସ୍ଥାନ ଆସାମ, ବେଙ୍ଗଲ୍, ବିହାର, ଭୋପାଳ, ଗୋୱାଲିୟର, ଉଜ୍ଜୟିନୀ, ନାଗପୁର, ଅମରାବତୀ, ଆକୋଟ, ପୁନେ ଏବଂ ବମ୍ବେ ଯାଇ ବ୍ରହ୍ମବିଦ୍ୟା କ୍ଲାସ୍ କରିଛନ୍ତି । ଡ. ଚିତ୍ତରଞ୍ଜନ ଶତପଥୀ ଏବଂ ଡ. ଦୀପା ପାଢ଼ୀ ବିଦେଶରେ ମଧ୍ୟ ବ୍ରହ୍ମବିଦ୍ୟା ଆଲୋଚନା କରିଛନ୍ତି ।

ପୁସ୍ତକ : ଉତ୍କଳ ବ୍ରହ୍ମବିଦ୍ୟା ସମିତି ଏବଂ କଟକ ଲଜ୍‌ରେ ଅନେକ ବ୍ରହ୍ମବିଦ୍ୟା ପୁସ୍ତକ ରହିଅଛି । ଓଡ଼ିଆ ଭାଷାରେ ଅନେକ ପୁସ୍ତକ ଲେଖାଯିବା ସହିତ ଅନୁବାଦ ମଧ୍ୟ କରାଯାଇଛି । ସେଗୁଡ଼ିକ ହେଲା–

ଶ୍ରୀମତୀ ଶୈଳବାଳା ମହାପାତ୍ର : ବ୍ରହ୍ମବିଦ୍ୟା, ଆଧ୍ୟାତ୍ମିକ ପୁନର୍ଜାଗରଣ, କର୍ଣ୍ଣେଲ୍ ଅଲ୍‌କଟ୍, ଆମେ ଦୁଃଖ ପାଉ କାହିଁକି ଏବଂ ପୁନର୍ଜନ୍ମ ।

ଶ୍ରୀ ନାରାୟଣ ମହାପାତ୍ର : ଆତ୍ମାର ଘଟ ପରିବର୍ତ୍ତନ, ସତ୍ୟ ଭୌତିକ ଗଳ୍ପ, ଯାତ୍ରା ପଥେ, ସାଧନା ପଥେ, ପ୍ରୟୋଗାତ୍ମକ ଆଧ୍ୟାତ୍ମିକତା, ବ୍ରହ୍ମବିଦ୍ୟା ସାଧକର ଜୀବନ ।

ଡା. ରାମଚନ୍ଦ୍ର ରଥ ଏବଂ ନାରାୟଣ ମହାପାତ୍ରଙ୍କର ଶ୍ରେଷ୍ଠ କୃତି ହେଉଛି 'ବ୍ରହ୍ମବିଦ୍ୟା ବ୍ୟାଖ୍ୟାନ' ପୁସ୍ତକ । ଏହି ପୁସ୍ତକଟି ବ୍ରହ୍ମବିଦ୍ୟାର ସାରତତ୍ତ୍ୱ ଗୁଡ଼ିକରେ

ପରିପୂର୍ଣ୍ଣ । ଏଥିରେ ପ୍ରଶ୍ନ-ଉତ୍ତର ମାଧ୍ୟମରେ ସରଳ, ସୁନ୍ଦର ଭାବରେ ବ୍ରହ୍ମବିଦ୍ୟାର ଗୂଢ଼ତତ୍ତ୍ୱ ବର୍ଣ୍ଣନା କରାଯାଇଛି ।

ଶ୍ରୀଯୁକ୍ତ ଲୋକନାଥ ମହାପାତ୍ର : ପରିପୂରକ ବ୍ରହ୍ମବିଦ୍ୟା, କାମଲୋକ, ଆଲୋକିତ ପଥ, The Theosophical Manuals.

ପ୍ରଫେସର ଚିନ୍ତାମଣି ମହାପାତ୍ର : God, Man, Superman and Faries, ବ୍ରହ୍ମବିଦ୍ୟା ପରିଚୟ, ମ୍ୟାଡାମ୍ ବ୍ଲାଭାଟ୍‌ସ୍କି, ପରଲୋକ, ସ୍ୱର୍ଗଲୋକ ଓ ଚିନ୍ତାଜଗତ, ଷଷ୍ଠ ମୂଳ ଜାତିର ସୁନ୍ଦର ପୃଥିବୀ, ଆଧ୍ୟାତ୍ମିକ ପ୍ରବଚନମାଳା, ମନୁଷ୍ୟର ସପ୍ତଶରୀର, ଋଷି ଦେବାପି ଓ ମରୁ, ମୃତ୍ୟୁପର ଜୀବନ, ସଦ୍‌ଗୁରୁ ଓ ସାଧନା ପଥେ ଏବଂ ଗୁପ୍ତ ବିଦ୍ୟା।

ଡା. ଶରତ ଚନ୍ଦ୍ର ମିଶ୍ର : ଆନିବେସାନ୍ତ, ମ୍ୟାଡାମ୍ ବ୍ଲାଭାଟ୍‌ସ୍କି ବ୍ରହ୍ମବିଦ୍ୟା ଓ କର୍ମବାଦ ।

ଡା. ରାମଚନ୍ଦ୍ର ରଥ : ବ୍ରହ୍ମବିଦ୍ୟା ବ୍ୟାଖ୍ୟାନ, ପ୍ରତ୍ୟଭିଜ୍ଞା ହୃଦୟମ୍, ବ୍ରହ୍ମବିଦ୍ୟା କ'ଣ

ଶ୍ରୀଜଗନ୍ନାଥ ତ୍ରିପାଠୀ : ଏସିଆ ଆଲୋକ ।

ଶ୍ରୀଯୁକ୍ତ ରାମଚନ୍ଦ୍ର ପଟ୍ଟନାୟକ : ନୀରବ ନାଦ, ମଣିଷ ଓ ତାର ଶରୀର, ମାର୍ଗ ଦୀପିକା ।

ଶ୍ରୀମତୀ ଗୌରୀ ଦାସ : ଶ୍ରୀଗୁରୁଚରଣେ

ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପତି : ଉପନିଷଦୀୟ ଦିବ୍ୟଜ୍ଞାନ ।

ଶ୍ରୀ ବନମାଳୀ ମହାପାତ୍ର : ମାନବ ପୁନରୁତ୍ଥାନ

ଅଶୋକ ମହାପାତ୍ର : ମୃତ୍ୟୁପର ଜୀବନର ଜାଣିବା କଥା, ନାନ୍ୟ ପନ୍ଥା ବିଦ୍ୟତେ ଅୟନାୟ, ପୃଥିବୀର ଆଭ୍ୟନ୍ତରୀଣ ଶାସନ, ମହାତ୍ମାଙ୍କ ଚିଠିର ଉହ୍ୟ କଥା, ମୃତ୍ୟୁପର ଜୀବନ ରହସ୍ୟ, ବ୍ରହ୍ମବିଦ୍ୟା ପ୍ରବନ୍ଧମାଳା ।

ଶ୍ରୀମତୀ ମିତାଲିନୀ ଚୌଧୁରୀ : ଧ୍ୟାନ, ଆଧ୍ୟାତ୍ମିକ ବିଜ୍ଞାନ ସାଧନା ଓ ଆତ୍ମାନୁଭୂତି, ଲଜ୍ ମିଟିଂର ଅଦୃଶ୍ୟ ଦିଗ ।

ଶ୍ରୀମତୀ ପୌର୍ଣ୍ଣମାସୀ ପଟ୍ଟନାୟକ : ମୋର ପ୍ରତିଜ୍ଞା, କର୍ମ

ଶ୍ରୀମତୀ ପ୍ରଭାତୀ ନନ୍ଦ - ବେଢ଼ା ଭିତରେ ।

❖❖❖

